ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar




ୄ ରାଜ୍ୟ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ | ୬



ବଦଳିଗଲେଣି ସାମନ୍ଥା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୮ Vol. 22 No-58 29 MAY 2025 THURSDAY, BHUBANESWAR ଗୁରୁବାର, ୨୯ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଖଣି ଲୁଟ୍‌ର ଏସଆଇଟି ତଦନ୍ତ ଆରମ୍ଭ

ସୁନ୍ଦରଗଡ଼, ୨୮।୫ (ଭାସ୍କର ନ୍ୟୁଜ): ବହୁ ଚର୍ଚ୍ଚିତ ସୁନ୍ଦରଗଡ଼ ଖଣି ଲୁଟ୍‌ର ଭିଜିଲାନ୍ସ ଏସଆଇଟି ତଦନ୍ତ ବୁଧବାର ଆରମ୍ଭ ହୋଇଛି। ଏସଆଇଟିର ଏକ ଟିମ୍ ଗୋପାଳପୁର ଫରେଷ୍ଟ ରେଞ୍ଜର ତେଲନଡିହି, ରତନସରା ଓ ଅନ୍ୟ ଅଞ୍ଚଳକୁ ଯାଇ ବିଭିନ୍ନ ଖଣିର କାଗଜପତ୍ର ଯାଞ୍ଚ କରିଛନ୍ତି। ଆଗକୁ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ଏସଆଇଟି ପକ୍ଷରୁ କୁହାଯାଇଛି।

### ମାଲ୍‌ଗାଡ଼ିର ୩୦ ବଗି ଲାଇନ୍‌ଚ୍ୟୁତ

କୋରାପୁଟ, ୨୮।୫ (ଭାସ୍କର ନ୍ୟୁଜ): ଆନ୍ଧ୍ରର ଆରୁକୁ-କୋତଓ୍ୱାଲାସା ମଧ୍ୟରେ ଥିବା ଚିମିଡିପାଲି ଷ୍ଟେସନ ନିକଟରେ ଏକ ମାଲଗାଡ଼ିର ୩୦ରୁ ଊର୍ଦ୍ଧ୍ୱ ବଗି ଲାଇନଚ୍ୟୁତ ହୋଇଛି। ତେବେ ଅଧା ବଗି ସୁଡ଼ଙ୍ଗ ଭିତରେ ରହିଛି। ଫଳରେ ସେହି ରୁଟ୍‌ରେ ଟ୍ରେନ୍ ଚଳାଚଳକୁ ବନ୍ଦ ରଖାଯାଇଛି। କେତେକ ଟ୍ରେନ୍‌ର ଗତିପଥକୁ ମଧ୍ୟ ବଦଳା ଯାଇଥିବା ସୂଚନା ଦିଆଯାଇଛି। ରେଳ ବିଭାଗ ପକ୍ଷରୁ ଜରୁରିକାଳୀନ ଭିତ୍ତିରେ ସେଠାରେ ବଗିଗୁଡ଼ିକୁ ବାହାର କରି ରେଳ ଚଳାଚଳକୁ ସ୍ୱାଭାବିକ କରିବାକୁ ପ୍ରୟାସ ଜାରି ରହିଛି।

## ୭ ବର୍ଷ ପରେ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ପ୍ରକାଶ

# ପୁଞ୍ଜିଲାଲକୁ ଆଜୀବନ



- ମୃତ୍ୟୁପର୍ଯ୍ୟନ୍ତ ଜେଲରେ ରହିବେ ପୁଞ୍ଜିଲାଲ
- ୧ଲକ୍ଷ ୪୦ ହଜାର ଟଙ୍କା ଜରିମାନା ଭରିବାକୁ ନିର୍ଦ୍ଦେଶ
- ୨୦୧୮ ଫେବୃଆରୀ ୨୩ରେ ଘଟିଥିଲା ଅଘଟଣ
- ନିଜକୁ ନିର୍ଦ୍ଦୋଷ ଦର୍ଶାଇଲେ ପୁଞ୍ଜିଲାଲ

ପାଟଣାଗଡ଼/ବଲାଙ୍ଗୀର, ୨୮।୫ (ଭାସ୍କର ନ୍ୟୁଜ): ବହୁ ଚର୍ଚ୍ଚିତ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ପାଟଣାଗଡ଼ ବିସ୍ଫୋରଣ ମାମଲାର ରାୟ ଦୀର୍ଘ ୭ ବର୍ଷ ପରେ ବୁଧବାର ପ୍ରକାଶ ପାଇଛି। ପାଟଣାଗଡ଼ ଏଡିଜେ ବୁଧବାର ମଧ୍ୟାହ୍ନରେ ତାଙ୍କର ରାୟ ପ୍ରଦାନ କରିଛନ୍ତି। ଏହି ମାମଲାରେ ଏକମାତ୍ର ଦୋଷୀ ସାବ୍ୟସ୍ତ ହୋଇଥିବା ପୁଞ୍ଜିଲାଲ ମେହେରଙ୍କୁ ଅଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ଲକ୍ଷ ୪୦ହଜାର ଟଙ୍କାର ଜରିମାନା ଭରିବାକୁ ରାୟରେ ନିର୍ଦ୍ଦେଶ ଦିଆଯାଇଛି। ତେବେ ସେ ମୃତ୍ୟୁପର୍ଯ୍ୟନ୍ତ ଜେଲରେ ରହିବେ ବୋଲି ସରକାରୀ ଓକିଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୁଞ୍ଜିଲାଲ କହିଛନ୍ତି ଯେ ମୁଁ ନିର୍ଦ୍ଦୋଷ। ଭୁଲତଥ୍ୟ ଦିଆଯାଇ ମୋତେ ଫସାଯାଇଛି। ମୋତେ ମିଡିଆ ଟ୍ରାଏଲ କରାଯାଇଛି। ମୋ ଜୀବନକୁ ବରବାଦ କରାଯାଇଛି ବୋଲି ସେ କହିଛନ୍ତି। ରାୟ ପ୍ରକାଶ ପରେ ପୁଞ୍ଜିଲାଲକୁ ବଲାଙ୍ଗୀର ଜେଲକୁ ନିଆଯାଇଛି। ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୨୩ ତାରିଖରେ ନବବିବାହିତ ସୌମ୍ୟ ଶେଖର ଓ ତାଙ୍କ ପତ୍ନୀ ରୀମା ବାହାଘର ଭୋଜିରେ ମିଳିଥିବା ଉପହାର ପାର୍ସଲ ଖୋଲୁଥିବାବେଳେ ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ସୌମ୍ୟଶେଖରଙ୍କ ଜେଜେମାଆଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ସୌମ୍ୟଶେଖର ଓ ରୀମାଙ୍କୁ ବଲାଙ୍ଗୀର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ସୌମ୍ୟଶେଖରଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପତ୍ନୀ ରୀମାଙ୍କୁ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଥିଲା। ସେହିବର୍ଷ ଫେବୃଆରୀ ୨୩ ତାରିଖରେ ପାଟଣାଗଡ଼ ପୋଲିସ ଦଫା ୩୦୨, ୩୦୭ ଏବଂ ଏକ୍ସପ୍ଲୋସିଭ ଆକ୍ଟର ୩ ଓ ୪ରେ ମାମଲା ରୁଜୁ କରିଥିଲା। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ମାର୍ଚ୍ଚ ୨୩ ତାରିଖରେ ଏହି ମାମଲା କ୍ରାଇମବ୍ରାଞ୍ଚ ଏସଆଇଟି ହାତକୁ ଯାଇଥିଲା। ଏହି ଘଟଣାର ଏକମାତ୍ର ଅଭିଯୁକ୍ତ ଭଇଁସା କଲେଜର ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେରକୁ କ୍ରାଇମବ୍ରାଞ୍ଚ ଏପ୍ରିଲ ୨୫ ତାରିଖରେ ଗିରଫ କରିଥିଲା। ସେହିଦିନଠାରୁ ପୁଞ୍ଜିଲାଲ ଜେଲରେ ରହି ଆସୁଛି।

## ୫ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

# ସରକାରୀ ଚାକିରି ପାଇଁ ବଢ଼ିଲା ବୟସସୀମା



- ଯୋରନ୍ଦା ଗାଦି ପାଇଁ ୧୭୧ କୋଟି ଟଙ୍କା ଅନୁମୋଦନ
- ଚକ୍ଷୁ ଚିକିତ୍ସା ସେବାକୁ କ୍ୟାବିନେଟ ମଞ୍ଜୁରି
- ଗଠନ ହେବ ଉଚ୍ଚସ୍ତରୀୟ ଏଆଇ ଟାସ୍କଫୋର୍ସ
- ଜଟାଧାରୀ ମୁହାଣରେ ନିଜସ୍ୱ ଜେଟି ସ୍ଥାପନ ହେବ

ଭୁବନେଶ୍ୱର, ୨୮।୫ (ଭାସ୍କର ନ୍ୟୁଜ): ବୁଧବାର ରାଜ୍ୟ କ୍ୟାବିନେଟ୍‌ରେ ୫ଟି ପ୍ରସ୍ତାବରେ ମୋହର ଲାଗିଛି । ଏହି ୫ଟି ପ୍ରସ୍ତାବ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଛି, ଯାହା ରାଜ୍ୟବାସୀଙ୍କ ହିତସାଧନ ଦିଗରେ ବେଶ୍ ଫଳପ୍ରଦ ହେବ । ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଯୁବବର୍ଗଙ୍କୁ ନିଯୁକ୍ତି ଯୋଗାଇବା ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୋଗିତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୁଧବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇ ୫ ପ୍ରସ୍ତାବ ଉପରେ ସବିଶେଷ ଆଲୋଚନା ପରେ ମୋହର ଲାଗିଥିଲା। ପରେ ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ସରକାରୀ ଚାକିରିରେ ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିଲାଗି ସରକାର ଓଡିଶା ବେସାମରିକ ସେବା (ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ର ସଂଶୋଧନ କରାଯାଇଛି। ସରକାରଙ୍କ ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁଯାୟୀ ସରକାରୀ ପଦପଦବୀ ଓ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସ ସୀମା ପୂର୍ବରୁ ୩୨ ବର୍ଷ ରହିଥିଲା। କ୍ୟାବିନେଟ୍ ନିଷ୍ପତ୍ତି ଦ୍ୱାରା ସରକାରୀ ଚାକିରି ପାଇଁ ପ୍ରସ୍ତୁତି କରି ବୟସମୀମା ପାର ହୋଇଯାଇଥିବା ଆଶାୟୀ ଉପକୃତ ହେବେ । ମୁଖ୍ୟ ସଚିବ ଶ୍ରୀ ଆହୁଜା ଆହୁରି ମଧ୍ୟ କହିଥିଲେ ଯେ, ଆଗାମୀ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ନିମନ୍ତେ ସର୍ବୋଚ୍ଚ ବୟସ ସୀମାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ବହୁ ଅନୁରୋଧ ସରକାରଙ୍କ ନିକଟକୁ ଆସିଥିଲା। ରାଜ୍ୟ ସରକାର କିଛି ସେବା ଓ ପଦବୀ ଯେଉଁଥିରେ ବୟସ ସୀମା ଅଧିକ ଉଲ୍ଲେଖ ରହିଛି କିମ୍ବା ୟୁନିଫର୍ମ ସେବା ଯଥା ପୋଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବା ଆଦି କିମ୍ବା ଯେଉଁ ସେବା ଓ ପଦବୀରେ ଶାରୀରିକ ଦକ୍ଷତା ପରୀକ୍ଷା ରହିଥାଏ, ତାହା ବ୍ୟତୀତ ଅନ୍ୟ ସମସ୍ତ ବିଭିନ୍ନ ମୂଳ ପଦବୀ ଓ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷରୁ ୪୨ ● ପୃଷ୍ଠା ୫ ଦେଖନ୍ତୁ






ନୂଆପଡ଼ା(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳ ନୂଆପଡ଼ାଙ୍କ ଅଭିଯୋଗ ଶୁଣାଣି ଉପଲକ୍ଷେ ବ୍ଲକ ପ୍ରଶାସନ ସିନାପାଲି ତରଫରୁ ଯୋଗେନ୍ଦ୍ର ସେଠିଆ ଯୋଗାଣ ନିରୀକ୍ଷକ ଓ ସମସ୍ତ ପ୍ୟାକ୍ସ ସମ୍ପାଦକଙ୍କ ସହଯୋଗରେ ନିଳଜି ଗ୍ରାମର ପ୍ୟାକ୍ସ ପାଖ ପ୍ରାଥମିକ ବିଦ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।ଏଥିରେ ୨୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ ଉଦଘାଟନ କରିଥିଲେ ।କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲୟୋଦର ଧରୁଆ,ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଗୁରୁପ୍ରସାଦ ଜେନା,ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, କିଶୋର ଚନ୍ଦ୍ର ପଟେଲ, ସମସ୍ତ ପ୍ୟାକ୍ସ ସମ୍ପାଦକ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ, ସରପଂଚ ଲକ୍ଷ୍ମଣ ପ୍ରଧାନ, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ତାରିଖ ଅନୁସାରେ ୨୭ ତାରିଖ ରେ ୨୭ ୟୁନିଟ ରକ୍ତ ସଂଗ୍ରହ କରି କାର୍ଯ୍ୟକ୍ରମକୁ ସ୍ମରଣୀୟ କରାଗଲା । କାର୍ଯ୍ୟକ୍ରମ ଆୟୋଜନରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ସହଯୋଗ କରିଥିଲେ।



# ସାମ୍ନାକୁ ଆସିଲା ଜଳେଶ୍ୱର ମ୍ୟୁନିସିପାଲଟି ୮ନଂ ୱାର୍ଡର ପ୍ରକଳ୍ପ ଦୁର୍ନୀତି



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ମ୍ୟୁନିସିପାଲଟିର ୮ ନଂ ୱାର୍ଡରେ ହୋଇଥିବା ୪ଟି ପ୍ରକଳ୍ପର ଦୁର୍ନୀତି ସାମ୍ନାକୁ ଆସିଛି । ପ୍ରାୟ ୯ଲକ୍ଷ ଟଙ୍କାର ଟେଣ୍ଡର ଫିକ୍ସି ସଂପର୍କରେ ଜଳେଶ୍ୱର ସଚେତନ ନାଗରିକ ଓ କାଉନସିଲର ମାନଙ୍କ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଘଟଣାରୁ ପ୍ରକାଶ ମ୍ୟୁନିସିପାଲଟିରେ ୮ନଂ ୱାର୍ଡ ଫଂଗୁଘଣ୍ଟା ଠାରେ ୪ଟି ପ୍ରକଳ୍ପରେ ମୋଟ ପ୍ରାୟ ୭ଲକ୍ଷ୨୪ହଜାର ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଗତ ୨୯-୧-୨୫ରିଖ ପତ୍ରସଂଖ୍ୟା ୨୬୫ ଅନୁଯାୟୀ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ୬୨ଟି ପ୍ରକଳ୍ପରେ ଟେଣ୍ଡର ଆହ୍ୱାନ କରାଯାଇଛି । ବିଭିନ୍ନ ୱାର୍ଡରେ ନୂତନ ରାସ୍ତା, ରାସ୍ତା ମରାମତି, ଡ୍ରେନେଜ୍ ଆଦି କାର୍ଯ୍ୟଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥିମଧ୍ୟରୁ ୮ନଂ ୱାର୍ଡର ୟୁକ୍ତିୟୁପି ସ୍କୁଲ-ବ୍ରଜମୋହନ ଗିରିଙ୍କ ଘର ପର୍ଯ୍ୟନ୍ତ ରାସ୍ତା ମରାମତି ଲାଗି ୧ଲକ୍ଷ ୯୮ହଜାର, ମଧୁସ୍ମିତା ରାମ ଘର-ସୁଚିସ୍ମିତା ଘର ପର୍ଯ୍ୟନ୍ତ ରାସ୍ତା ମରାମତି ଲାଗି ୧ଲକ୍ଷ ୯୦ହଜାର, ଶାନ୍ତି ବାର-ରବିନ୍ଦ୍ର ସାହୁ ଘର ପର୍ଯ୍ୟନ୍ତ ରାସ୍ତାମରାମତି ଲାଗି ୧ଲକ୍ଷ ୫୦ହଜାର ଓ ବ୍ରଜମୋହନ ଗିରି ଘର-ମୁନା ସାହୁ ଘର ପର୍ଯ୍ୟନ୍ତ ରାସ୍ତା ମରାମତି ଲାଗି ୧ଲକ୍ଷ ୮୫ହଜାର ଟଙ୍କା ବ୍ୟୟବରାଦ କରାଯାଇଥିଲା । ମାତ୍ର ଗୋଟିଏ କାମକୁ ଛାଡି ଏ ସମସ୍ତ କାର୍ଯ୍ୟର ବିଲ ମଧ୍ୟ ଉଠାଣ ସରିଛି । ହେଲେ କୌଣସି ସ୍ଥାନରେ କାର୍ଯ୍ୟ ହୋଇନଥିବା ବିଜେପି ନେତା ଫାଲଗୁନୀ ପାଣିଗ୍ରାହୀ, କାଉନସିଲର ଶିବନାରାୟଣ ମହାପାତ୍ର, ଚନ୍ଦନ କୁମାର ଦାସ, ଦୁର୍ଗାଶଙ୍କର ଭୂୟାଁ, ବିବେକାନନ୍ଦ ଆଚାର୍ଯ୍ୟ, ଦେବବ୍ରତ ପାଣିଗ୍ରାହୀ, ଗୌତମ ଘୋଷ, ଅଜୟ ଦାସ, ରାଜୀବ ଘୋଷ, ଦେବଦୁଲାଲ କୟାଳ, ନିତ୍ୟାନନ୍ଦ ଦତ୍ତ, ସୁଶାନ୍ତ କୟାଳ, ରଂଜନ କୁମାର ପାଳ ପ୍ରମୁଖ ଅଭିଯୋଗ କରିଛନ୍ତି । ଆଜି ପୂର୍ବାହ୍ନରେ ସେମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଫିସରେ ଖୋଳ, ଘଣ୍ଟା ବଜାଇ ଅଭିନବ ଉପାୟରେ ପ୍ରତିବାଦ କରିବା ସହିତ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ଓ ଅଧ୍ୟକ୍ଷ ଯକ୍ଷୀ ସୁଶିଲ ମୁର୍ମୁଙ୍କୁ ଫୁଲମାଳ ପିନ୍ଧାଇ ଚେୟାରରେ ଧାରଣାରେ ବସିଥିଲେ । ଏ ସଂପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ୩ଟି ପ୍ରକଳ୍ପର ବିଲ ପେମେଣ୍ଟ ହୋଇଥିବା ବେଳେ ଗୋଟିକର ବିଲ ପେଁଠ ହୋଇନଥିବା ଓ ଘଟଣାସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରିବେ ବୋଲି କହିଛନ୍ତି । ଆନ୍ଦୋଳନକାରୀମାନେ ଅଧ୍ୟକ୍ଷ ଯକ୍ଷୀ ସୁଶିଳ ମୁର୍ମୁଙ୍କୁ ଘଟଣାସ୍ଥଳକୁ ନେଇଯାଇ ସ୍ଥାନୀୟ ଅଧିବାସୀଙ୍କ ମତାମତ ଲୋଡିଥିଲେ । ଗତ ଜାନୁଆରୀ ମାସ ଠାରୁ କୌଣସି ରାସ୍ତା ମରାମତି ହୋଇନଥିବା ଗ୍ରାମବାସୀ ଜୟନ୍ତୀ ରଣା, ଅରୁଣ କୁମାର ଦାସ ପ୍ରମୁଖ କହିଥିଲେ । ଏ ସଂପର୍କରେ ଠିକାଦାରଙ୍କୁ ପଚାରିବାରୁ ଟେଣ୍ଡର ଆହ୍ୱାନ ପୂର୍ବରୁ ସେ କାର୍ଯ୍ୟ ଶେଷ କରିଥିବା ସ୍ୱୀକାର କରିଛନ୍ତି । ଫଳରେ ଟେଣ୍ଡର ଫିକ୍ସିଂ କଥା ଘଟଣା ସାମ୍ନାକୁ ଆସିଛି । ଏ ସଂପର୍କରେ ପୌରପାଳ ପ୍ରତୀପ ପ୍ରଧାନଙ୍କୁ ପଚାରିବାରୁ ଏ ସଂପର୍କରେ ସେ ଜାଣିନଥିବା କହିଛନ୍ତି । ସୂଚନାଯୋଗ୍ୟ ଟେଣ୍ଡର ଆହ୍ୱାନ ପୂର୍ବରୁ କାର୍ଯ୍ୟ ସମାପ୍ତ କରିଥିବା ଟେଣ୍ଡ ଫିକ୍ସିର ସୂଚନା ସଂପର୍କରେ ଗ୍ରାମବାସୀମାନେ ଓ ବୁଦ୍ଧିଜୀବୀମାନେ କହିଛନ୍ତି ।

# ପାଳନ ହେଲାନି ବାର୍ଷିକ ଉତ୍ସବ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ

ଗୋପ(ଭାସ୍କର ନ୍ୟୁଜ୍): ଗୋପ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୋପ କଲେଜରେ ଦିନକୁ ଦିନ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାରେ ଲାଗିଛି । ଇଚ୍ଛାଶକ୍ତି ଅଭାବ ସାଙ୍ଗକୁ ଯେନତେନ ଉପାୟରେ ଅଧ୍ୟାପକ ଅଧ୍ୟାପିକାମାନେ ପାଠ ପଢାଇ ପରୀକ୍ଷା କାର୍ଯ୍ୟ ଶେଷ କରିଦେଇ ବାହାବା ନେଉଥିବା ବେଳେ ଆଶାନୁରୂପ ଭାବେ ଛାତ୍ରଛାତ୍ରୀ ମାନେ କୃତକାର୍ଯ୍ୟ ହେଉନଥିବା ଜଣାପଡିଛି । ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ପ୍ରତି ବର୍ଷ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛତ୍ରୀମାନଙ୍କୁ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଏ । ଗୋପ ବ୍ଲକର ପ୍ରାୟ ସବୁ କଲେଜରେ ଏହି ବାର୍ଷିକ ଉତ୍ସବ ପାଳିତ ହୋଇଥିଲେ ମଧ୍ୟ ଗୋପ କଲେଜରେ ତାହାର ବ୍ୟତିକ୍ରମ ଘଟିଛି । କ୍ରୀଡ଼ା ଉତ୍ସବ କରାଗଲା । ଛତ୍ରଛାତ୍ରୀମାନେ ଭାଗ ନେଇ କୃତିତ୍ୱ ପ୍ରର୍ଦଶନ କଲେ । ମାତ୍ର ସାର୍ଟିଫିକେଟ କିମ୍ବା ପୁରସ୍କାର ମିଳିଲାନି । । ସାସ୍କୃତିକ ପ୍ରତିଯୋଗିତା କରାଗଲା । ଛାତ୍ରଛାତ୍ରୀମାନେ ଭାଗନେଲେ । ହେଲେ ସାର୍ଟିଫକେଟ ମିଳିଲାନି । ଛାତ୍ରଛତ୍ରୀଙ୍କୁ କୁହାଗଲା ବାର୍ଷିକ ଉତ୍ସବରେ ମିଳିବ । ହେଲେ ମିଳିଲାନି। କ୍ରୀଡା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ପାଇଁ କଲେଜ ପାଣ୍ଠିରୁ ହଜାର ହଜାର ଟଙ୍କା ଖର୍ଚ୍ଚ ହେଲା । ପିଲାଙ୍କ ଠାରୁ ଆଦାୟ ଅର୍ଥ ଯଦି ପିଲାଙ୍କ କାମରେ ନଲାଗିଲା ତେବେ ଟଙ୍କା ଆଦାୟ ହେଉଛି କାହିଁକି । ଏହା ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ ପାଇଁ ଅଧକ୍ଷ ଓ ଅଧ୍ୟାପକମାନଙ୍କ ବେଖାତିର ମନୋଭାବ ନୁହେଁ କି । ଅଧ୍ୟାପକଙ୍କ ମନଇଛା କାର୍ଯ୍ୟ ପାଇଁ ଚଳିତ ବର୍ଷ ଉତ୍ସବ ହୋଇ ପାରିଲାନି। କେତେକ ଛାତ୍ରଛତ୍ରୀ ନିଜର ନାମ ଗୋପନ ରଖି କହିଛନ୍ତି ଯଦି ଶ୍ରେଷ୍ଠ କୃତି ଛାତ୍ରଛତ୍ରୀମାନଙ୍କୁ ସାର୍ଟିଫିକେଟ୍ ଓ ପ୍ରାଇଜ ମିଳିବନି ତେବେ ପ୍ରତିଯୋଗିତା କରିବାର ପ୍ରହସନ କାହିଁକି ହୋଇଛି । ଆମେ ଆଉ ପ୍ରତିଯୋଗିତାରେ ଭାଗ ନେବୁ ନାହିଁ । ୨ ବର୍ଷରେ ଥରେ ମାଗାଜିନ୍ ବାହାରିଲା । ତାହା ପୁଣି ଏପ୍ରିଲ ମାସ ଶେଷରେ । ତରବରିଆ ଭାବେ ପିଲାଙ୍କୁ କିଛି ବାଣ୍ଟିଦେଲେ । ସେଥିରେ ପିଲାଙ୍କ ଲେଖା କମ କିନ୍ତୁ ଅଧ୍ୟାପକ ଅଧ୍ୟାପିକାଙ୍କ ଲେଖା ବେଶି । ହେଲେ ଏଠି ପ୍ରଶ୍ନ ଉଠୁଛି +୨ ଏବଂ +୩ ନାମ ଲେଖା ସମୟରେ ପିଲାମାନଙ୍କ ଠାରୁ ନାମ ଲେଖା ଫିସ ସମେତ ଲାବୋଟ୍ରାରୀ ଫିସ୍, ଟିଉସନ ଫିସ, ସାଇକେଲ ଷ୍ଟାଣ୍ଡ ପାଇଁ ଫିସ୍, ଏନପୂଜା ଫିସ୍, ଡ୍ରାମାଟିକ୍ ଫଣ୍ଡ ପାଇଂ ଫିସ୍, ମାଗାଜିନ ଫିସ୍, ସ୍କୋଟ୍ସ୍ବ ଫିସ୍, କ୍ୟାଲେଣ୍ଡର ଫିସ୍, ରେଡକ୍ରସ ଫିସ୍, ଆଦି ନିଆଯାଉଥିଲେ ମଧ୍ୟ କଣ ପାଇଁ ବାର୍ଷିକ ଉତ୍ସବ କରାଗଲାନି ? ପିଲାମାନଙ୍କୁ ସେମାନଙ୍କର କୃତୀ ପ୍ରମାଣପତ୍ର ନଦେବା ପଛରେ ରହସ୍ୟ କଣ ଥାଇପାରେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ହେଲେ ଗୋପ କଲେଜରେ ଅଧ୍ୟୟନ ଏବଂ ପରିଚାଳନା ପାଇଁ ଜଣେ ଦକ୍ଷ ଅଧକ୍ଷ ନିଯୁକ୍ତି ଦାବି ହୋଇଛି । କଲେଜ ସଭାପତି ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ଓ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

# ବାଳକର ଉପସ୍ଥିତ ବୁଦ୍ଧିଯୋଗୁଁ ବଞ୍ଚିଗଲେ ବୃଦ୍ଧ



ଜଳେଶ୍ୱର (ଭାସ୍କର ନ୍ୟୁଜ): ଆସନ୍ନ ମୃତ୍ୟୁରୁ ରକ୍ଷା ପାଇଥିବା ମଣିଷର ପୁନର୍ଜନ୍ମ ହୋଇଥାଏ ବୋଲି କୁହାଯାଏ। ଆଉ ତାକୁ ରକ୍ଷା କରିଥିବା ମଣିଷଟା ଦେବଦୂତ ପାଲଟିଯାଏ । ଏପରି ଏକ ଘଟଣା ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକ ଧାନସିମୁଳିଆ ଗାଁରେ । ସମୟ ପ୍ରାୟ ୮.୩୦ । ପ୍ରତିଦିନ ପରି ଆଜି ମଧ୍ୟ ହେମନ୍ତ ଜେନା (୭୦) ଗାଁର ଥିବା ୨ଏକରରୁ ଉର୍ଦ୍ଧ୍ୱ ପରିମିତ ପଶ୍ଚିମପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗୋଡ ଖସିଯିବାକୁ ସେ ପାଣି ଭିତରେ ବୁଡିଯାଇଥିଲେ । ସେହି ସମୟରେ ପୋଖରୀ ହୁଡା ଦେଇ ଗ୍ରାମର ତପନ ଜେନାଙ୍କ ପୁଅ ରାଜେଶ ଜେନା (୧୪) ଗଲାବେଳେ ପୋଖରୀ ମଧ୍ୟରେ ଜଣେ କେହି ବୁଡି ଯାଉଥିବା ଦେଖିବାକୁ ପାଇଥିଲେ । ପୋଖରୀଟି ନିର୍ଜନ ସ୍ଥାନରେ ଥିବାରୁ ସେଠାରେ ଅନ୍ୟକେହି ନ ଥିବାର ଦେଖି ତତ୍କ୍ଷଣାତ୍ ପୋଖରୀକୁ ଡେଇଁପଡି ବୃଦ୍ଧକୁ କୂଳକୁ ଟାଣି ଆଣିଥିଲେ । ଜୋର୍‌ରେ ଚିତ୍କାର କରି ଡାକ ପକାଇଥିବାରୁ ଗାଁ ଲୋକେ ମଧ୍ୟ ରୁଣ୍ଡ ହୋଇଯାଇଥିଲେ । ତୁରନ୍ତ ତାଙ୍କୁ ଡାକ୍ତରଖାନା ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିବାରୁ ବୃଦ୍ଧଜଣକ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିଲେ। ଗ୍ରାମବାସୀ ତପନକୁ ପ୍ରଶଂସା କରିବା ସହିତ ହେମନ୍ତଙ୍କ ଲାଗି ସେ ଦେବଦୂତ ପାଲଟିଛନ୍ତି ବୋଲି କୁହାକୁହି ହେଉଛନ୍ତି ।

# ଜିଲ୍ଲାସ୍ତରୀୟ ରବି ଧାନମଣ୍ଡି ଉଦ୍‌ଘାଟିତ



ଧାମନଗର(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲାସ୍ତରୀୟ ରବି ଧାନମଣ୍ଡି ଧାମନଗର ସେବା ସମବାୟ ସମିତି ପରିସରରେ ବୁଧବାର ଉଦଘାଟନ ସହ ଧାନକ୍ରୟର ଶୁଭାରମ୍ଭ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା କରାଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ କୁମାର ରାଉତ ରାୟ, ଜିଲ୍ଲା କୃଷୀ ଅଧିକାରୀ ଦ୍ୱିଜବର ସେଠୀ, ପିଡି ସରୋଜ କୁମାର ଦତ୍ତ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଜିଲ୍ଲା ଡେପୁଟି ରେଜିଷ୍ଟର ପ୍ରଚିତା ଜେନା, ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ବ୍ଲକ ସାଂସଦ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ଏନଏସି ପ୍ରତିନିଧି ସରୋଜ ମହାପାତ୍ର,ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ, ବିଡ଼ିଓ ବନ ବିହାରୀ ଦିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବ ସେଥିପ୍ରତି ବିଶେଷ ଯତ୍ନବାନ ହେବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ବୃନ୍ଦ ନିଜନିଜ ବିଭାଗ ମଧ୍ୟରେ ସୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ ବର୍ତ୍ତମାନ ଯୁବ ପିଢି ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ସେମାନଙ୍କୁ ସରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏବେ ଜିଲ୍ଲାର ବିଭିନ୍ନ ବ୍ଲକରେ ରବି ଧାନକିଣା ଆରମ୍ଭ ହେବ। ପାଖାପାଖି ୪୦ ହଜାର କୁଇଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ରଖାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ରାଉତ ରାୟ ସୂଚନା ଦେଇଥିଲେ । ବ୍ଲକ କୃଷି ଅଧିକାରିଣୀ ନମିତା ପଣ୍ଡା କାର୍ଯ୍ୟକ୍ରମ ସଭାକୁ ସଞ୍ଚାଳନା କରିଥିଲେ । ଏଥିରେ ବିଭିନ୍ନ ବ୍ଲକରୁ ଚାଷୀମାନେ ଯୋଗ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଶ୍ରୀଗୁଣ୍ଡିଚାରେ ଉଦ୍‌ଘାଟନ ନେଇ ଅନିଶ୍ଚିତତା



ଭାପୁର (ଭାସ୍କର ନ୍ୟୁଜ): ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଆସନ୍ତା ଶ୍ରୀଗୁଣ୍ଡିଚା ଦିନ ଉଦ୍ଘାଟନ କରିବା ପାଇଁ ଖଣ୍ଡପଡ଼ା ବିଧାୟକ ଇଞ୍ଜିନିୟର ଦୁଷ୍ମନ୍ତ କୁମାର ସ୍ୱାଇଁ ଗତ ୬ ମାସ ତଳେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରେ ଘୋଷଣା କରିବା ସହିତ ଶୀଘ୍ର କାମ ଶେଷ କରିବା ପାଇଁ ବିଭାଗୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେବଳ ସେତିକି ନୁହେଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ନୂତନ କୋଠାଘରକୁ ଉଦ୍‌ଘାଟନ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ନୂତନ କୋଠାଘରର କାର୍ଯ୍ୟ ସମାପ୍ତ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଅର୍ଥାତ୍ କାର୍ଯ୍ୟ ଧିମା ଗତିରେ ଆଗେଇ ଚାଲିଥିବାରୁ ଶ୍ରୀଗୁଣ୍ଡିଚାକୁ ସମାପ୍ତ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉଲ୍ଲେଖଯୋଗ୍ୟ, ପୋଲିସ ହାଉସିଂ କର୍ପୋରେସନ ଏହାର ନିର୍ମାଣ କାର୍ଯ୍ୟ ନେଇଥିବାବେଳେ ଗୁଣ୍ଡିଚା ଆଉ ଅଳ୍ପ ଦିନ ରହିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ର ଫିନିସିଂ କାର୍ଯ୍ୟ ଏବଂ ଭିତ୍ତିଭୂମି ଏ ପର୍ଯ୍ୟନ୍ତ ଆଗେଇପାରି ନାହିଁ । ଏହି ଖୁବ୍ କମ୍ ଦିନ ମଧ୍ୟରେ କାର୍ଯ୍ୟ ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି । ପ୍ରତିଶ୍ରୁତି ଦେବାର ୬ ମାସ ବିତିଗଲା କିନ୍ତୁ, ବିଧାୟକଙ୍କ ନିର୍ଦ୍ଦେଶକୁ ପ୍ରଶାସନ ପ୍ରତ୍ୟାଖ୍ୟାନ କରୁଥିବାରୁ ଭାପୁର ଅଞ୍ଚଳବାସୀଙ୍କ ପାଇଁ ବିଧାୟକଙ୍କ ଲଲିପପ୍ ଧରେଇବା କେତେଦୂର ଯୁକ୍ତିଯୁକ୍ତ ତାହା ବୁଦ୍ଧିଜୀବି ମହଲରେ ଆଲୋଚ୍ୟର ବିଷୟ ହୋଇଛି ।

# ସରକାରୀ କାର୍ଯ୍ୟାଳୟରେ ଚୌକି ଖାଲି, ଚାଲିଛି ଏସି ଓ ଫ୍ୟାନ୍



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ସକାଳୁଆ ଅଫିସ ଗୁଡିକରେ ଅଧିକାରୀ ନଥାଇ ଚାଲିଛି ଏସି ଓ ଫ୍ୟାନ । ଖରାଦିନେ ପ୍ରବଳ ଗରମରୁ ତ୍ରାହି ପାଇବାକୁ ଟିକିଏ ଏସି ପବନ ପାଇବାକୁ ହେଲେ ଲୋକେ ବିଦ୍ୟୁତ ଦେୟକୁ ନେଇ ଚିନ୍ତାରେ ପଡି ଯାଉଥିବା ବେଳେ ମାଲକାନଗିରି ଜିଲ୍ଲା ସଦରରେ ସରକାରୀ କାର୍ଯ୍ୟଳୟରେ କିନ୍ତୁ ଖାଲି ଖାଲିରେ ଚାଲିଛି ଏସି ଓ ଫ୍ୟାନ୍ । ସୂଚନା ଅନୁଯାୟୀ ମାଲକାନଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ବର୍ତ୍ତମାନ ସକାଳୁଆ ଅଫିସ ହୋଇଥିବା ବେଳେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ କାର୍ଯ୍ୟ ସମୟ ରହିଛି ଓ ତେବେ ପ୍ରାୟ ଦିନ ୧.୨୦ଟା ସମୟରେ ମାଲକାନଗିରି କାର୍ଯ୍ୟାଳୟରେ ଦୁଇ ଦୁଇଟି ଏସି ଚାଲୁ ରହିଥିବା ସହ ଫ୍ୟାନ ମଧ ଚାଲୁ ରହିଥିବା ବେଳେ କାହାର ଦେଖାନଥିଲା ଓ ପ୍ରାୟ ୨୦ମିନିଟ ପର୍ଯ୍ୟନ୍ତ ଅପେକ୍ଷା ପରେ ମଧ କୌଣସି ଅଧିକାରୀଙ୍କ ଦେଖା ଦର୍ଶନ ମିଳିନଥିଲା ଓ ତେବେ କିଭଳି ଭାବେ ସରକାରୀ ସମ୍ପତ୍ତିର ଦୁରୂପଯୋଗ ହେଉଛି ତାହା ଏଥିରୁ ଜଣାପଡ଼ିଛି ।

# ଧାନ ବିହନ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଗରଦପୁର(ଭାସ୍କର ନ୍ୟୁଜ): ପାଟକୁରା ଫାର୍ମର୍ସ ପ୍ରଡୁସର୍ସ କମ୍ପାନୀ ପକ୍ଷରୁ ସରକାରୀ ଅନୁବନ୍ଧିତ ଆଉଟଲେଟ୍ ଗରଦପୁର ଗୋବରା ଛକ ଠାରେ ଶୁଭାରମ୍ଭ ହୋଇଯାଇଛି। ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଆଲୋକ କୁମାର ସେଠୀ ଫିତା କାଟି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ବ୍ଲକ୍ ଅଧକ୍ଷ ଅଭୟ ମହାରାଜ,କୃଷି ଅଧିକାରୀ ଡ଼. ଗୌତମ ଦାସ, ବ୍ଲକ କୃଷିଅଧିକାରୀ ଅନିରୁଦ୍ଧ ମହାନ୍ତି,ଆତ୍ମା ଅଧକ୍ଷ ବାସୁଦେବ ବେହେରା, ଆଲୋକ ମାହାଳୀ ପ୍ରମୁଖ ଯୋଗଦେଇ ଏହି କମ୍ପାନୀ କୃଷି ଏବଂ କୃଷକଙ୍କ ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ମତପୋଷଣ କରିଥିଲେ। ଚଳିତ ବର୍ଷ ଧାନ



ବିହନ ସରକାରୀ ଦରରେ କୋଡ଼ିଏ କେଜି ବିହନକୁ ମାତ୍ର ଟ. ୮୨୫ ଟଙ୍କାରେ ସବସିଡି ଦରରେ ଉପଲବ୍ଧ କରୁଛି। ଶାରଳା,୧୦୬୧, ପୂଜା ଓ କଳା ଚମ୍ପା କିସମ ର ବିହନ ବର୍ତ୍ତମାନ ଉପଲବ୍ଧ ଅଛି। ଚାଷୀମାନଙ୍କ ଆବଶ୍ୟକତା ଅନୁସାରେ ସୁଲଭ ମୂଲ୍ୟରେ ବିହନ ଯୋଗାଇ ଦେବାକୁ କମ୍ପାନୀ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବୋର୍ଡର ସମସ୍ତ ସଭ୍ୟ ଓ ଶତାଧିକ ଚାଷୀମାନେ ଉପସ୍ଥିତ ଥିବା ବେଳେ କିଛି ଚାଷୀ ଭାଇମାନଙ୍କୁ ବିଭିନ୍ନ କିସମର ଧାନ ବିହନ ବଣ୍ଟନ କରାଯାଇଥିଲା।

# ଅବୁଝମାଡ଼ ଅପରେସନର ସତ୍ୟତା ବଖାଣିଲେ ମାଓନେତା

ମାଲକାନଗିରି(ଭାସ୍କର ନ୍ୟୁଜ): ଗତ କିଛିଦିନ ପୂର୍ବେ ଛତିଶଗଡର ଅବୁଝମାଡ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳିବିନିମୟରେ କୁଖ୍ୟାତ ମାଓ ନେତା ନମ୍ବାଲା କେଶବ ରାଓ ସମେତ ୨୭ମାଓବାଦୀ ନିହତ ହୋଇଥିବା ନେଇ ପୋଲିସ ପକ୍ଷରୁ କୁହାଯାଉଥିବା ବେଳେ ଆଜି ଏନେଇ ମାଓ ସଙ୍ଗଠନ ଏକ ପ୍ରେସ ବିବୃତି ଜାରି କରି ୨୭ ବଦଳରେ ୨୮ ଜଣ ମାଓବାଦୀ ନିହତ ହୋଇଥିବା କୁହାଯାଇଛି । ସୂଚନା ଅନୁଯାୟୀ ଛତିଶଗଡର ନାରାୟଣପୁର ଅବୁଝମାଡ ଏନକାଉଣ୍ଟର ରେ ୨୭ ମାଓବାଦୀ ନୁହେଁ ବରଂ ବାସବରାଜୁଙ୍କ ସହ ମୋଟ ୨୮ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ନେଇ ସ୍ୱୀକାର କରିଛି ମାଓ ସଂଗଠନ । ପୋଲିସ ୨୭ଜଣ ନକ୍ସଲଙ୍କ ମୃତ ଦେହକୁ ଠାବ କରିଥିବା ବେଳେ ଜଣେ ମାଓବାଦୀଙ୍କ ମୃତ ଦେହ ନକ୍ସଲମାନେ ସାଙ୍ଗରେ ନେଇ ଯାଇଛନ୍ତି ବୋଲି ମାଓ ସଙ୍ଗଠନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏହା ସହ ନିହତ ୨୮ ଜଣ ନକ୍ସଲ ନାମ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜାରି କରିଛନ୍ତି ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ମୁଖପାତ୍ର ବିକଳ୍ପ ପ୍ରେସ୍ ନୋଟରେ ଏନ୍‌କାଉଣ୍ଟରକୁ ନିନ୍ଦା କରିବା ସହ ମେ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ବଡ ଧରଣର ଗୁଳିବିନିମୟକୁ ନେଇ ଅନେକ ଖୁଲାସା କରିଛନ୍ତି । ତାଙ୍କ ଦ୍ୱାରା ଜାରି ଏହି ପ୍ରେସ ବିବୃତିରେ ଉଲ୍ଲେଖ ରହିଛି ଯେ, ଘଟଣା ଦିନ ପୋଲିସ ଦଳ ପହଞ୍ଚିବା ସୂଚନା ପାଇବା ପରେ ଖସି ଚାଲିଯିବାକୁ ମାଓବାଦୀମାନେ ଅନେକ ଚେଷ୍ଟା କରିଥିଲେ। ତେବେ ଏଥିରେ ମାଓବାଦୀ ମାନେ ସଫଳ ହୋଇ ନଥିଲେ। ୧୯ ତାରିଖ ସକାଳ ଠାରୁ ପାଞ୍ଚ ଥର ଅଳ୍ପ ସମୟ ପାଇଁ ଗୁଳି ବିନିମୟ ହୋଇଥିଲା। କିନ୍ତୁ କୌଣସି କ୍ଷୟକ୍ଷତି ହୋଇ ନଥିଲା । ମେ ୨୦ ରାତିରେ ହଜାର ହଜାର ଜବାନ ନକ୍ସଲଙ୍କୁ ଚାରିପଟୁ ଘେରି ଯାଇଥିଲେ ଏବଂ ୨୧ ମେ'ରେ ହୋଇଥିବା ଅପରେସନରେ ସମସ୍ତେ ନିହତ ହୋଇଥିଲେ। ନିହତ ମାଓବାଦୀମାନେ ଜୀବନ ବଞ୍ଚାଇବା ପାଇଁ ଅନେକ ପ୍ରୟାସ କରିଥିଲେ ମଧ ସେଥିରେ ସଫଳ ହୋଇନଥିଲେ । ତେବେ ଏନେଇ ମାଓବାଦୀ ମାନେ ପ୍ରେସ ବିବୃତି ଜାରି ପରେ ମାଓ ସଙ୍ଗଠନର ପ୍ରକୃତ ସ୍ଥିତି ବିଷୟରେ ଅନୁମାନ କରିହେଉଛି। ଏହାରି ମଧ୍ୟରେ ଛତିଶଗଡ ପୋଲିସ ପକ୍ଷରୁ ମାଓବାଦୀଙ୍କୁ ଶେଷ ସୁଯୋଗ ଦିଆଯାଇଛି। ଜୀବନ ବଞ୍ଚାଇବା ପାଇଁ ପୋଲିସ ଆଇଜି ସୁନ୍ଦର ରାଜ ପି ମାଓବାଦୀଙ୍କୁ ବାର୍ତ୍ତା ଦେଇଛନ୍ତି ଯେ ଆତ୍ମସମର୍ପଣ କର ନଚେତ ମର । ଏହା ମାଓ ସଙ୍ଗଠନ ପାଇଁ ଶେଷ ସୁଯୋଗ ବୋଲି ଆଇଜି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଭୁଶୁଡ଼ି ପଡିଥିବା ମାଓ ସଙ୍ଗଠନ ପକ୍ଷରୁ ଆଉ ଏକ ପ୍ରେସ୍ ବିବୃତି ଜାରି କରି ଅସ୍ତ୍ର ବିରତି ପାଇଁ ଅନୁରୋଧ କରାଯାଇଛି । ଗତ ଏକ ମାସ ମଧ୍ୟରେ ମାଓବାଦୀ ମାନେ ପ୍ରାୟ ୪ ଥରରୁ ଅଧିକ ଥର ଏହି ଅସ୍ତ୍ର ବିରତି ପାଇଁ ଅନୁରୋଧ କରିଥିବା ବେଳେ ମାଓ ସଙ୍ଗଠନ ଶେଷ ନିଃଶ୍ୱାସ ନେଉଥିବା ଅନୁମାନ କରାଯାଉଛି।

# ଯାଦବ ମହାସଭା ପକ୍ଷରୁ ସହାୟତା ପ୍ରଦାନ



ଫୁଲନଖରା(ଭାସ୍କର ନ୍ୟୁଜ୍): ବୟାଳିଶମୌଜା ଯାଦବ ମହାସଭାର ପ୍ରତିଷ୍ଠାତା ତଥା ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ୪୨ ମୌଜା ଯାଦବ ମହାସଭା ପକ୍ଷରୁ ଝାରକଟା ନିବାସୀ ଶିବ ବେହେରାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶିବଙ୍କର ଏକ ଦୁର୍ଘଟଣା ହେତୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମେଡ଼ିକାଲରେ ଡାହାଣ ଗୋଡ ଆଣ୍ଠୁ ତଳକୁ କଟାଯାଇଛି। ସେ ଥିଲେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ଘରେ ତାଙ୍କ ଉପରେ ନିର୍ଭରଶୀଳ ବୃଦ୍ଧା ମାତା, ସହଧର୍ମିଣୀ ଓ ତିନି ନାବାଳିକା କନ୍ୟା । ସେ ଅତି ଗରିବ ପରିବାର । ୪୨ମୌଜା ଯାଦବ ମହାସଭା ପକ୍ଷରୁ ଶିବଙ୍କ ପରିବାରକୁ ଦଶ ହଜାର ଟଙ୍କା ଆର୍ଥିକ ସହାୟତା ତାଙ୍କ ସହଧର୍ମିଣୀଙ୍କ ହସ୍ତରେ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୪୨ ମୌଜା ଯାଦବ ମହାସଭା ସଭାପତି ବରିଷ୍ଠ ସାମ୍ବାଦିକ ବୁଲେଇ ବେହେରା, ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଟୁଟନ୍ ବେହେରା, ଆଶିଷ ବେହେରା, କଦମପଡ଼ା (ଖରିପଡ଼ିଆ) ଅଧିକାରୀ ପ୍ରଶାନ୍ତ ପଲେଇ,ନବୀନ ପଲେଇ ଓ ସ୍ୱପ୍ନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅସହାୟ ପରିବାରକୁ ସହାୟତା ପ୍ରଦାନ କରିବାକୁ ଯାଦବ ମହାସଭା ପକ୍ଷରୁ ଅନୁରୋଧ କରାଯାଇଛି ।

# ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ପରାକ୍ରମ ଶୋଭାଯାତ୍ରା



ଟାଙ୍ଗୀ, (ଭାସ୍କର ନ୍ୟୁଜ) : କୁହୁଡ଼ି ଗ୍ରାମରେ ଥିବା ଅଗ୍ରଣୀ ଘରୋଇ ଶିକ୍ଷା ଅନୁଷ୍ଠାନରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ । ପାକିସ୍ତାନର ଆତଙ୍କବାଦୀ ଆଡ୍ଡା ଗୁଡ଼ିକୁ ଭାରତୀୟ ସେନାବାହିନୀ ଧ୍ୱଂସକରି 'ଅପରେସନ ସିନ୍ଦୂର' ରେ ସଫଳତା ହାସଲ କରିଥିବାରୁ ସେମାନଙ୍କ ମନୋବଳ ବଢାଇବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତ୍ରିରଙ୍ଗା ଶୋଭାଯାତ୍ରାରେ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ସାଧାରଣ ଜନତା ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଏହି ଅବସରରେ ଚିଲିକା ପୂର୍ବ ସେନାନୀ ସଂଘର ସଦସ୍ୟମାନଙ୍କୁ ଅତିଥିଭାବେ ନିମନ୍ତ୍ରଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ବେବର୍ତ୍ତା, ପ୍ରଧାନ ଆଚାର୍ଯ୍ୟ ପବିତ୍ର କୁମାର ପ୍ରଧାନ ଓ ଚିଲିକା ପୂର୍ବ ସେନାନୀ ସଂଘର ସଭାପତି ଶ୍ରୀବତ୍ସ ବୈରିଗଞ୍ଜନ୍, ଉପସଭାପତି ଜି. ରାଜୁ, ବାୟୁସେନାର ବିଜୟ କୁମାର ସାମନ୍ତରାୟ, ଭୁବନେଶ୍ୱର ପାଇକରାୟ, ଜଳଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦାସ, ଯୋଗୀ ବିଶ୍ୱାଳ, ଜି. କାଳିଆ ପ୍ରମୁଖ ଏହି ନଗର ପରିକ୍ରମାରେ ସାମିଲ ହୋଇଥିଲେ।

# ଗଞ୍ଜେଇ ସହ ୨ ବାଇକ ଜବତ, ୩ ଗିରଫ



ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସକୁ ମିଳିଛି ଏକ ବଡ ସଫଳତା। କିଛି ଗଞ୍ଜେଇ ମାଫିଆ ବେଆଇନ ଭାବେ ବାହାର ରାଜ୍ୟକୁ ଚୋରା ଚାଲାଣ ପାଇଁ ଚିତ୍ରକୋଣ୍ଡା ଛକ ନିକଟସ୍ଥ ନୂଆଗୁଡା ଗ୍ରାମ ନିକଟରେ ୬୦ଟି ବଡ ଜରି ବସ୍ତାରେ ଗଚ୍ଛିତ ରଖିଥିବା ଏକ ଟନ୍ ଏକ କ୍ୱିଣ୍ଟାଲ ୯୦ କିଲୋ ଗଞ୍ଜେଇ ସହ ସେଠାରେ ଥିବା ଦୁଇଟି ବାଇକକୁ ପୋଲିସ ଜବତ କରିବା ସହିତ ଘଟଣା ସ୍ଥଳରୁ ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି ।ତେବେ ଏହି ଘଟଣାରେ ଗିରଫ ବ୍ୟକ୍ତିମାନେ ହେଲେ ନୀଳାକାମ୍ବେରୁ ଗ୍ରାମର କାମରାଜ ପ୍ରଧାନଙ୍କ ପୁଅ ସୁଶୀଲ କୁମାର ପ୍ରଧାନ, ହରିୟାଣା ରାଜ୍ୟ, ରେଓ୍ୱାଡି ଜିଲ୍ଲା ଅନ୍ତର୍ଗତ ମୁଣ୍ଡି ଗ୍ରାମର ସ୍ୱର୍ଗତ ହେମନ୍ତ କୁମାରଙ୍କ ପୁଅ ସନ୍ଦୀପ କୁମାର ଏବଂ ଅନ୍ୟ ଜଣେ ଉକ୍ତ ହରିୟାଣା ରାଜ୍ୟର ସ୍ୱର୍ଗତ ମହେନ୍ଦ୍ର ସିଂ ସୋନୀଙ୍କ ପୁଅ ହରିଶ ସୋନୀ ବୋଲି ଜଣାପଡିଛି। ଏମାନଙ୍କ ନିକଟରୁ ୨ ଟି ବାଇକ ଓଡି-୩୦-ଏଫ-୪୦୦୮ ଏବଂ ହେଚଆର -୩୬-ଏକିଉ-୮୪୨୩ ନମ୍ବର ଥିବା ଦୁଇଟି ବାଇକକୁ ପୋଲିସ ଜବତ କରିଛି। ଏ ନେଇ ପୋଲିସ ପକ୍ଷରୁ ଥାନାରେ କେସ ନମ୍ବର-୧୫୩/୨୦୨୫ ଦଫା ୨୦(ବି)(ସି)/ ୨୫/୨୭ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରି ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ବ୍ୟକ୍ତିଙ୍କୁ ପୋଲିସ ଆଜି ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସଆଇ ଅଜିତ ସିଂ ବରିହା କହିଛନ୍ତି। ତେବେ ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ମଙ୍ଗଳବାର ବଡିଭୋରୁ ନୂଆଗୁଡା ଜଙ୍ଗଲରେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ଥିବା ନେଇ ଏକ ବିଶେଷ ସୂତ୍ରରୁ ପୋଲିସକୁ ସୂଚନା ମିଳିଥିଲା। ସଙ୍ଗେ ସଙ୍ଗେ ଏସ ଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଦୁଇଟି ବାଇକ ସହ କିଛି ଲୋକ ସେଠାରେ ଥିବା ଗଞ୍ଜେଇ ପାଖରେ ଛିଡା ହୋଇଥିବା ପୋଲିସ ଦେଖିବାକୁ ପାଇଥିଲେ। ସେଠାରେ ଥିବା ଲୋକେ ପୋଲିସକୁ ଦେଖି ସେଠାରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ କିନ୍ତୁ ସେମାନଙ୍କ ମଧ୍ୟରୁ ପୋଲିସ ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ ।ମାଜିଷ୍ଟ୍ରେଟ ଭାବେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭତ୍ରାଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇ ଜବତ କରାଯାଇଥିଲା। ଜବତ ହୋଇଥିବା ଗଞ୍ଜେଇ ମୋଟ ଏକ ଟନଏକ କ୍ୱିଣ୍ଟାଲ ୯୦ କିଲୋ ବୋଲି ପୋଲିସ ପକ୍ଷରୁ ଜଣା ପଡିଛି। ଏହି ଗଞ୍ଜେଇ ମାଲକାନଗିରି ଜିଲ୍ଲା ଯୋଡ଼ାଆମ୍ବ ଥାନା ଅନ୍ତର୍ଗତ ପଣସପୁଟ ଗ୍ରାମର ଗୁରୁଖିଲଙ୍କ ଠାରୁ ଅଣାଯାଇଥିବା ପଚରା ଉଚୁରା ସମୟରେ ଗିରଫ ଅଭିଯୁକ୍ତମାନେ ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଚାଲିଛି ।ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସଆଇ ଶ୍ରୀ ବରିହା ସୂଚନା ଦେଇଛନ୍ତି।



କଟକ (ଭାସ୍କର ନ୍ୟୁଜ୍): ପ୍ରଖ୍ୟାତ ଆଇନଜୀବୀ ପ୍ରଶାନ୍ତ ପଣ୍ଡା ଜଣେ ଅମାୟିକ ସମର୍ପିତ ସାମାଜିକ କର୍ମୀ ଓ ସମାଜସେବୀ ଥିଲେ। ସେ ସର୍ବଭାରତୀୟ ସ୍ତରରେ ଉପଭୋକ୍ତା ଆନ୍ଦୋଳନକୁ ସାଲିସହୀନ ଭାବେ ପରିଚାଳନା କରିଥିଲେ। ପରିବହନ ଆଇନ ବିଶାରଦ ଭାବେ ହାଇକୋର୍ଟଙ୍କ ବିଭିନ୍ନ କମିଟିର ସଦସ୍ୟ ହୋଇ ସେ ରାଜ୍ୟ ପରିବହନ ସେବା ଓ ଦ୍ୱୈତ ନଗରର ଗମନାଗମନ ବ୍ୟବସ୍ଥାରେ ସୁଧାର ଆଣିଥିଲେ। ତାଙ୍କ ଆକସ୍ମିକ ବିୟୋଗ ଜନସ୍ୱାର୍ଥ ସୁରକ୍ଷା ଦିଗରେ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ମେୟର ସୁବାସ ସିଂ, ଭୃଗୁ ବକ୍ସିପାତ୍ର, ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଶେଷରେ ପ୍ରଜ୍ଞା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଅଧିକାରୀମାନେ ସମସ୍ତ ଯୋଜନା ସଂପର୍କରେ ଜାଣନ୍ତୁ: ରାଜ୍ୟପାଳ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମାଜର ଗରିବ ଓ ଦୁର୍ବଳ ବର୍ଗର ଲୋକମାନଙ୍କୁ ସହାୟତା କରିବା ପାଇଁ ଅଧିକାରୀମାନେ ସମସ୍ତ ଉନ୍ନୟନ ଓ କଲ୍ୟାଣକାରୀ ଯୋଜନା ସଂପର୍କରେ ଭଲ ଭାବରେ ଜାଣନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ବୁଧବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେସନରେ ତାଲିମ ନେଉଥିବା ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଓ ସହକାରୀ ଶ୍ରମ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ରାଜ୍ୟପାଳ କହିଥିଲେ ଯେ ଅଧିକାରୀମାନେ କେବଳ ସେମାନଙ୍କ ବିଭାଗ ସହ ଜଡ଼ିତ ଯୋଜନା ମଧ୍ୟରେ ନିଜକୁ ସୀମିତ ରଖିବା ଉଚିତ୍ ନୁହେଁ। ସମସ୍ତ ଯୋଜନା ସଂପର୍କରେ ବିଶଦଭାବେ ଜାଣିଥିଲେ ଜନ ସାଧାରଣଙ୍କୁ ଅବଗତ କରାଯାଇ ପାରିବ ଏବଂ ସେମାନେ ଏହା ଦ୍ୱାରା ବିଶେଷଭାବେ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ରହିଛି, ଯାହା ଶ୍ରମିକ, ମହିଳା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଆଦି ସମସ୍ତ ବର୍ଗ ପାଇଁ ଉଦ୍ଦିଷ୍ଟ। ଏ ସବୁ ଯୋଜନା କିପରି ହିତାଧିକାରୀଙ୍କ ପାଖରେ ପହଞ୍ଚିବ ଏବଂ ସେମାନେ କିପରି ଏହାର ସୁଫଳ ପାଇପାରିବେ ତାହାର ଉପଯୁକ୍ତ ତଦାରଖ କରିବାକୁ ରାଜ୍ୟପାଳ ଅଧିକାରୀମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ୬୩ ଜଣ ସହକାରୀ ଶ୍ରମ ଅଧିକାରୀ ଏବଂ ୨୭ ଜଣ ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଯୋଗଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


















“ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।”

-ସ୍ୱାମୀ ବିବେକାନନ୍ଦ



“ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।”

-ମଧୁସୂଦନ ରାଓ



## ଭାରତରେ ମୌସୁମୀର ପହିଲି ପରଶ

# ବିଭିନ୍ନ ରାଜ୍ୟରେ ବର୍ଷା ବିପ୍ଳାତ

ଭାରତରେ କୃଷି ଓ କୃଷକଙ୍କ ପାଇଁ ଜୀବନରେଖା କୁହାଯାଇଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ କେରଳରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଏବେ ଗୋଟିଏ ପରେ ଗୋଟିଏ ରାଜ୍ୟକୁ ଅଗ୍ରସର ହେଉଛି। ମୌସୁମୀର ଆଗମନ ଯୋଗୁଁ ଆମ ଦେଶର ଅନେକ ରାଜ୍ୟରେ ଏବେ ପ୍ରବଳ ବର୍ଷା ଲାଗି ରହି ଜନଜୀବନକୁ ପ୍ରଭାବିତ କରିଛି। କେଉଁଠି ମୌସୁମୀ ବର୍ଷା ପ୍ରଳୟ ରଚିଥିବା ବେଳେ ଅନ୍ୟ କେଉଁଠି ପ୍ରାକ୍ ମୌସୁମୀ ବର୍ଷାଜନିତ କାଳବୈଶାଖୀ କିମ୍ବା ଅନ୍ୟ କେଉଁ ରାଜ୍ୟରେ ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ବର୍ଷାର ପ୍ରକୋପ ଦେଖିବାକୁ ମିଳିଛି। ଏହା ଫଳରେ ଦୀର୍ଘଦିନ ଧରି ଲାଗି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଅସହ୍ୟ ତାତି ଓ ଗୁଳୁଗୁଳିରୁ ଲୋକଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି। ଭାରତର ଦକ୍ଷିଣ-ପଶ୍ଚିମ କୋଣରେ ଅବସ୍ଥିତ କେରଳରେ ଜୁନ୍ ପହିଲା ବେଳକୁ ମୌସୁମୀ ବାୟୁ ପ୍ରବେଶ କରିବାର ଦୀର୍ଘବର୍ଷ ଧରି ପରମ୍ପରା ରହି ଆସିଛି। ମାତ୍ର ଏଥର ସେଥିରେ ସାମାନ୍ୟ ବ୍ୟତିକ୍ରମ ଘଟି ଏହା ଆଠଦିନ ପୂର୍ବରୁ କେରଳ ଛୁଇଁଛି ଏବଂ ପରେ ପରେ ଆଗକୁ ଅଗ୍ରସର ହୋଇ ତାମିଲନାଡୁ, କର୍ଣ୍ଣାଟକ, ଗୋଆ, ମହାରାଷ୍ଟ୍ର ଓ ମିଜୋରାମ୍‌ରେ ମଧ୍ୟ ପ୍ରବେଶ କରିସାରିଛି। ଠିକ୍ ଏହି ସମୟରେ ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବ ଆମ ଓଡ଼ିଶାର ଅନେକ ଅଞ୍ଚଳରେ ଏବେ ବର୍ଷା ଲାଗି ରହି ଉତ୍ତାପ ହ୍ରାସ ପାଇଛି। ଏହି ଲଘୁଚାପ ମୌସୁମୀକୁ ଖୁବ୍‌ଶୀଘ୍ର ଓଡ଼ିଶାକୁ ଟାଣି ଆଣିବାର ସମ୍ଭାବନା ଦେଖାଦେଇଛି। ଏଭଳି କ୍ଷେତ୍ରରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ଜୁନ୍ ୧୦ ତାରିଖ ବେଳକୁ ପ୍ରବେଶ କରିବାର ଯେଉଁ ପରମ୍ପରା ଥିଲା, ସେଥିରେ ବ୍ୟତିକ୍ରମ ଘଟି ଗୁରୁବାର ୨୯ ତାରିଖ ସୁଦ୍ଧା ଏହା ଓଡ଼ିଶା ଛୁଇଁବାକୁ ଯାଉଛି। ପାଣିପାଗ କେନ୍ଦ୍ରର ପ୍ରାକ୍ ସୂଚନା ଅନୁଯାୟୀ ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ଏବଂ ସଅଳ ମୌସୁମୀ ବାୟୁ ପ୍ରବେଶ ଯୋଗୁଁ ସାରା ରାଜ୍ୟରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି। ସେପଟେ ମୌସୁମୀ ବାୟୁ ସୋମବାର ଦେଶର ଅର୍ଥନୈତିକ ରାଜଧାନୀ ମୁମ୍ବାଇରେ ପ୍ରବେଶ କରିଛି, ଯାହା ବିଗତ ୭୫ବର୍ଷ ଭିତରେ ସବୁଠାରୁ ସଅଳ। ଧାର୍ଯ୍ୟ ପରମ୍ପରା ଅନୁଯାୟୀ ସାଧାରଣତଃ ଜୁନ୍ ୧୧ ତାରିଖ ବେଳକୁ ଏହା ମୁମ୍ବାଇ ଛୁଇଁଥାଏ, ମାତ୍ର ଏ ବର୍ଷ ୧୬ଦିନ ପୂର୍ବରୁ ମୁମ୍ବାଇରେ ପ୍ରବେଶ କରିଛି। ମୌସୁମୀ ବାୟୁ ପ୍ରବେଶ କରିବା ପରେ ମୁମ୍ବାଇ ସମେତ ସମଗ୍ର ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଏକରକମ ତାଣ୍ଡବ ରଚାଇଥିବା ବେଳେ ଜନଜୀବନ ଭୀଷଣ ଭାବରେ ପ୍ରଭାବିତ ହୋଇଥିବା ଖବର ମିଳିଛି। କେବଳ ମୁମ୍ବାଇ ମହାନଗରୀରେ ମୌସୁମୀର ପ୍ରଥମ ଦିନରେ ବର୍ଷା ୧୦୭ ବର୍ଷର ରେକର୍ଡ ଭାଙ୍ଗି ଦେଇଛି। ଏଥିଯୋଗୁଁ ଅଣ୍ଡର ଗ୍ରାଉଣ୍ଡ ମେଟ୍ରୋ ଷ୍ଟେସନ୍‌ରେ ପାଣି ପଶିଯିବା ସଙ୍ଗେ ସଙ୍ଗେ ଲୋକାଲ୍ ଟ୍ରେନ୍ ଓ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି। ଅଳ୍ପଦିନ ପୂର୍ବେ ଜାତୀୟ ରାଜଧାନୀ ଦିଲ୍ଲୀ ଓ ବୈଷୟିକ ନଗରୀ ବେଙ୍ଗାଲୁରୁରେ ମଧ୍ୟ ପ୍ରାକ୍ ମୌସୁମୀ ବର୍ଷା ବିଶେଷ କ୍ଷୟକ୍ଷତି ଘଟାଇଥିଲା। ଏହାରି ଭିତରେ ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ମଙ୍ଗଳବାର ରଖିଥିବା ମତାମତ ବିଶେଷ ଉତ୍ସାହଜନକ ମନେହେଉଛି। ଚଳିତବର୍ଷ ଏଲ୍.ନିନୋ ପ୍ରଭାବ ନଥିବାରୁ ଦେଶରେ ଖୁବ୍ ଭଲ ବର୍ଷା ହେବାର ସମ୍ଭାବନା ରହିଛି ଏବଂ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକ ଠାରୁ ଅଧିକ ବର୍ଷିବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ଏଥର ମୌସୁମୀ ଋତୁରେ ପ୍ରାୟ ୧୦୬ ପ୍ରତିଶତ ବର୍ଷା ହେବ ବୋଲି ତାଙ୍କର ଆକଳନ ଯଦି ନିର୍ଭୁଲ୍ ହୁଏ, ତେବେ ଖରିଫ ଚାଷ କ୍ଷେତ୍ରରେ ଚଳିତବର୍ଷ ରେକର୍ଡ ଉତ୍ପାଦନ ହେବାର ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହେବ।

# ଆଧୁନିକ ଭାରତରେ ଜାତିପ୍ରଥା



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ମାନବ ଏକ ଜାତି ବୋଲି ଆମେ ସଦା ସର୍ବଦା ବ୍ୟକ୍ତ କରି ଆସିଛେ। ଏହା ଆଦର୍ଶର କଣ୍ଠସ୍ୱର ବୋଲି ଜଣାଯାଏ। ସମଗ୍ର ଜୀବ ଜଗତରେ ମାନବ ଜାତି ଏକ ଶ୍ରେଷ୍ଠ ଜାତି ରୂପେ ସଂସାରର ଭଲ ମନ୍ଦ ସଙ୍ଗେ ଜଡିତ ହୋଇ ଅହରହ ତା’ ଗତିପଥରେ ଚାଲିଛି। ସଂସ୍ପର୍ଶ ଭେଦରୁ ଜାତି ସୃଷ୍ଟି। ସାରା ପୃଥିବୀରେ ମୁସଲମାନ ଓ ଖ୍ରୀଷ୍ଟିଆନ୍‌ଙ୍କ ମଧ୍ୟରେ ଜାତିର ବିଭେଦ ସୀମିତ। କିନ୍ତୁ ଆମ ଭାରତ ବର୍ଷରେ ଜାତିଭେଦର ସୀମା କ୍ଷୁଦ୍ର ନୁହେଁ। ଏହା କାଶ୍ମୀର ଠାରୁ କୁମାରିକା ଯାଏଁ ଦୀର୍ଘତର। ପ୍ରାଚୀନ ଭାରତ ବର୍ଷରେ ଆର୍ଯ୍ୟ ପଣ୍ଡିତ ମନୁ ଯେତେବେଳେ ମାନବର ସ୍ଥିତିରେ ଜାତିଭେଦର ସଂଜ୍ଞା ନିରୂପଣ କଲେ ସେତେବେଳେ ସେ ମନୁଷ୍ୟକୁ କର୍ମମୟ ସ୍ଥିତିରେ ଅନୁଧ୍ୟାନ କରିବା ଲକ୍ଷ୍ୟରେ ଭେଦ ସୃଷ୍ଟି କରିଥିଲେ। କର୍ମର ସ୍ୱରୂପ ବିବିଧ। ଏକା ମଣିଷ ବିବିଧତାକୁ ଆପଣେଇ କେତେ ଦିନ ମଧ୍ୟରେ କର୍ମ ସମ୍ପାଦନ କରିପାରିଥା’ନ୍ତା। ପ୍ରାଚୀନ ଭାରତ ସେଇ ଚିନ୍ତାଧାରା ମଧ୍ୟରେ ଜାତିଭେଦର ଅବଧାରଣା ମୁଣ୍ଡ ଟେକିଲା। ପ୍ରଥମେ ମଣିଷ ଥିଲା ବୃହତ୍ତର ମାନବ ଜାତିର ଅଳଙ୍କାର। ବୈଦିକ ଯୁଗର ଦୀର୍ଘ ବର୍ଷ ପରେ ଚର୍ତୁବର୍ଣ୍ଣର ଚିନ୍ତାଧାରା ଜନ୍ମ ନେଲା। ଏହାକୁ ସାଧାରଣ ଚାରି ଜାତି ବୋଲି କୁହନ୍ତି। ଏହି ଚାରି ଜାତି ମଧ୍ୟରେ ବ୍ରାହ୍ମଣ ପୂଜକ ଭାବରେ, କ୍ଷତ୍ରିୟ ଯୋଦ୍ଧା ଭାବରେ, ବୈଶ୍ୟ ବେପାରୀ ତଥା ବଣିକ ଭାବରେ ଏବଂ ସର୍ବଶେଷରେ ଶୁଦ୍ର ସେହି ତିନି ଜାତିର ସେବା ଉଦ୍ଦେଶ୍ୟରେ ନିଜର କାର୍ଯ୍ୟ ସମ୍ପାଦନା କଲେ। ପରେ ଏ ସବୁ ବଂଶାନୁକ୍ରମିକ ବୋଲି ସାବ୍ୟସ୍ତ ହୋଇ ସମାଜର ସମୁଚ୍ଚ ଶ୍ରେଣୀଦ୍ୱାରା ସ୍ୱୀକୃତ ହୋଇଗଲା ଯେ ଏହିଭଳି ଜାତିପ୍ରଥା ସର୍ବତ୍ର କାର୍ଯ୍ୟ କରିବା ଫଳରେ ଗଣଜୀବନ ପରସ୍ପର ପ୍ରତି ବଶୀଭୂତ ହୋଇ ରହି ପାରିବେ।

ପୂର୍ବେ ଆମର ଏଇ ଭାରତବର୍ଷ ବହୁବାର ମୋଗଲ ଏବଂ ତୁର୍କ ଆକ୍ରମଣକାରୀଙ୍କ ଦ୍ୱାରା ପରାଜିତ ଏବଂ ଭୂଲୁଣ୍ଠିତ ହୋଇ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ପଡି ରହି ଏକତାହୀନ ଦୁର୍ବଳ ପ୍ରାୟ ଅବସ୍ଥାରେ ଥିଲା। ଏହି ସୁଯୋଗର ବଶବର୍ତ୍ତୀ ହୋଇ ମୋଗଲମାନେ ଏବଂ ପରେ ଇଂରେଜମାନେ ଏହାକୁ ଦଖଲ କରିବା ପାଇଁ ହାତ ଛଡା କରିନଥିଲେ। ଭାରତବାସୀଙ୍କ ମଧ୍ୟରେ ଐକ୍ୟବଦ୍ଧତା ନଥିବାରୁ ଇଂରେଜ ଶାସକ ଦୀର୍ଘ ସମୟ ଧରି ଏଠାରେ ତା’ର ଶାସନ ଗାଦି ଜମାଇ ଥିଲା। ୧୯୪୭ ମସିହ ଅଗଷ୍ଟ ୧୫ ତାରିଖରେ ଏ ଦେଶରୁ ଚିର ବିଦାୟ ନେଲେ ସତ କିନ୍ତୁ ସେମାନେ କୂଟଚକ୍ରାନ୍ତ କରି ଏ ଦେଶକୁ ଦୁଇ ଖଣ୍ଡ କରି ଛାଡିଗଲେ। ସେମାନେ ଉଭୟ ହିନ୍ଦୁ ଏବଂ ମୁସଲମାନଙ୍କ ମନ ମଧ୍ୟରେ ଯେଉଁ ସାମ୍ପ୍ରଦାୟିକ ବିଦ୍ୱେଷ ଭାବର ବୀଜ ବୁଣି ଦେଇ ଗଲେ ତନ୍ମଧ୍ୟରୁ ଜାତ ହେଲା ଯେଉଁ ଭୟଙ୍କର ରକ୍ତାକ୍ତ ସଂଘର୍ଷ ତା’ର ଫଳସ୍ୱରୂପ ଆଜି ଉଭା ହୋଇଛି ଭାରତ ଓ ପାକିସ୍ତାନ। ଏହି ଦୁଇ ରାଷ୍ଟ୍ର ମଧ୍ୟରେ ପାକିସ୍ତାନ ସମ୍ପୂର୍ଣ୍ଣ ନିଜକୁ ମୁସଲମାନ ରାଷ୍ଟ୍ର ରୂପେ ବିଶ୍ୱ ମାନଚିତ୍ରରେ ପରିଚିତ କରି ଆସୁଥିବା ବେଳେ ଭାରତ ନିଜକୁ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବେ ବିଶ୍ୱରେ ନିଜକୁ ପ୍ରତିଷ୍ଠିତ କରିଛି। ଅଦ୍ୟାବଧି ପାକିସ୍ତାନ ନିଜର ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଥିବା ବେଳେ ଭାରତ ତା’ର ମୁହଁତୋଡ ଜବାବ ଦେଇ ଚାଲିଛି। ଏହି ଜାତିପ୍ରଥାର ପ୍ରଭାବ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ତା’ର କାୟା ଅଧିକ ପରିମାଣରେ ବିସ୍ତାର କରିପାରିଛି। ଏହି ଜାତିଆଣ ପ୍ରଥା ରାଜନୀତିକ ଦଳମାନଙ୍କ ପାଇଁ ସେମାନଙ୍କର ଭୋଟବ୍ୟାଙ୍କ ସାଜିଥିବାରୁ ସେମାନେ ଏହି ଜାତି ପ୍ରଥାକୁ ନେଇ ସେମାନଙ୍କର ଖେଳ ଖେଳି ଚାଲିଛନ୍ତି। ଆଜି ସଭ୍ୟତାର ରଥଚକ ତଳେ ଜାତି ଲଗାତାର ଘୂରି ଚାଲିଛି କହିବା ବାହୁଲ୍ୟ ମାତ୍ର। ଏହାକୁ ପରମ୍ପରାଗତ ବୋଲି ବୁଝିବା ଅପେକ୍ଷା ସୁବିଧାବାଦୀ ଲୋକଙ୍କ ପାଇଁ ଏଥରରୁ ଆରଥରକୁ ନୂଆ ଅସ୍ତ୍ର ଭାବେ କାମ କରୁଛି ବୋଲି କହିବା ଭଲ। ଆଜି ଜାତି ତା’ର କଠୋର ଏବଂ କୋହଳ ରଙ୍ଗ ମଧ୍ୟରେ ଏମିତି ଏକ ସ୍ତରରେ କଲ୍ୟାଣମୟ ଭଦ୍ର ସମାଜକୁ ସୃଷ୍ଟି କରି ଚାଲୁଛି ଯାହାର ନିରାପତ୍ତାର ପକ୍ଷ ମୋଟେ ନାହିଁ କହିଲେ ଚଳେ। ଜାତି ଆଜି ନିର୍ବାଚନ ରାଜନୀତି ମଧ୍ୟରେ ଭାରତବର୍ଷରେ ମଧ୍ୟବିତ୍ତ ଶ୍ରେଣୀଙ୍କର ଶକ୍ତିର ଉତ୍ସ ବୋଲି ବୁଝିବାକୁ ପଡିବ। ୧୯୯୦ ମସିହାରେ ମଣ୍ଡଳ କମିଶନ ଅନ୍ୟାନ୍ୟ ପଛୁଆବର୍ଗର ପ୍ରାର୍ଥୀଙ୍କ ନିମନ୍ତେ ୨୭ ପ୍ରତିଶତ ନିଯୁକ୍ତ ସଂରକ୍ଷଣ ସୁପାରିଶ କରିଥିଲା। ପୂର୍ବରୁ ସଂରକ୍ଷିତ ହୋଇଥିବା ହରିଜନ ଶ୍ରେଣୀ ନିମନ୍ତେ ୧୫ ପ୍ରତିଶତ ଏବଂ ଆଦିବାସୀ ଶ୍ରେଣୀ ନିମନ୍ତେ ୭.୫ ପ୍ରତିଶତ ସମୁଦାୟ ୨୨.୫ ପ୍ରତିଶତ ସହ ମିଶାଇ ଏହା ସୁପାରିଶ କରାହେଲା। ଏହାଦ୍ୱାରା ଦେଶରେ ପ୍ରବଳ ପ୍ରତିବାଦ ଓ ବିକ୍ଷୋଭ ସୃଷ୍ଟି ହୋଇଥିଲା। ୨୦୦୭ ରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନୀ ରଣକ୍ଷେତ୍ରରେ ବହୁଜନ ସମାଜବାଦୀ ପାର୍ଟିର ନେତ୍ରୀ ମାୟାବତୀ ନିଜର ଦଳିତ ଜାତିର କାର୍ଡ ଖେଳି ଉଚ୍ଚବର୍ଗର ବ୍ରାହ୍ମଣ ଏବଂ ଲଘୁ ସମ୍ପ୍ରଦାୟର ମୁସଲମାନ କାର୍ଡକୁ ଢାଲ କରି ବିପୁଳ ଭୋଟରେ ବିଜୟିନୀ ହୋଇ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ। କେବଳ ଦଳିତ ପ୍ରବକ୍ତା ଚିନ୍ତାଧାରା ନେଇ ଯଦି ଲଢିଥାନ୍ତେ ତେବେ ଜୟଯୁକ୍ତ ହୋଇନଥାନ୍ତେ। ଭାରତର ଅଧିକାଂଶ ସ୍ଥାନରେ ଜମିମାଲିକ ଏବଂ ଭୂମିହୀନ ଶ୍ରମିକଙ୍କ ମଧ୍ୟରେ ଯେଉଁ ବାଦବିସମ୍ବାଦ ଲାଗି ରହିଛି ତାହା ଶ୍ରେଣୀସଂଘର୍ଷରେ ପରିଣତ ହେଉଛି। ଆଜି ଭୋଟ ବ୍ୟାଙ୍କର ଏକ ବିରାଟ ଅଂଶୀଦାର ଭାବେ ଦଳିତ ତଥା ପଛୁଆ ବର୍ଗ ଜାତି ରାଜନୀତିରେ ପ୍ରବେଶ କଲାଣି। ଜାତିଆଣବାଦ ଗଣତନ୍ତ୍ରକୁ ଏକ ଛଳନାର ବାଜୁ ପିନ୍ଧାଇ ଆମ ନୈତିକତାକୁ ଅନ୍ଧ ରାଇଜରେ ଘୂରାଇ ଘୂରାଇ କଚାଡି ଦେଉଛି। ଯାହା ଦେଖାଗଲାଣି, ଦେଶରୁ କ୍ରମେ ଜାତିପ୍ରଥା ବଦଳରେ ଜାତିଆଣବାଦ ଏଠି ସାମାନ୍ୟ ଶକ୍ତିରୁ ଶକ୍ତିଶାଳୀ ହେବାରେ ଲାଗିଛି। ଜାତିଆଣ ବାଦ ସାଙ୍ଗକୁ ଧର୍ମକୁ ସାମ୍ପ୍ରଦାୟିକତା ଠାରୁ ଉର୍ଦ୍ଧ୍ୱରେ ରଖାଯିବା ଉଚିତ।

ମାନବବାଦ ହିଁ ଶ୍ରେଷ୍ଠ ଧାର୍ମିକତା। ମାନବବାଦର ବିରୋଧୀ କେବେହେଲେ ଧାର୍ମିକତା ହୋଇନପାରେ। ଏହି ନିକଟରେ ପହେଲଗାମ୍‌ରେ ଯେପରି ଆତଙ୍କବାଦୀ ଗୋଷ୍ଠୀ ଧର୍ମ ଓ ଜାତିକୁ ନେଇ ଯେପରି ନରସଂହାର କଲେ ଯଦି ତାଙ୍କ ପାଖରେ ମାନବିକତା ତଥା ମାନବବାଦର ସାମାନ୍ୟ ଜ୍ଞାନ ଥାନ୍ତା ତେବେ ସେମାନେ ଏଭଳି ବର୍ବରିଚିତ କାର୍ଯ୍ୟ କରିବାକୁ ଶହେଥର ଚିନ୍ତା କରିଥାନ୍ତେ। ଆମ ଦେଶରେ ଜାତିର ପ୍ରଭାବ ପାଶ୍ଚାତ୍ୟର ପ୍ରଭାବରେ ଆହୁରି ନଷ୍ଟ ବିନିଷ୍ଟ ହୋଇଯାଇଛି। ଆଜି ଜାତି ପ୍ରଥା ସ୍ୱାର୍ଥସର୍ବସ୍ୱ ହୋଇ ଦେଶଟାକୁ ପ୍ରଭାବିତ କରି ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ।

# ଗୁରୁ ଓ ସଦ୍‌ଗୁରୁ

ଦେବଦତ୍ତ ବିଶ୍ୱାଳ
ଚହଟା, କଟକ
ମୋ : ୯୮୬୧୯୪୪୫୯୪

ଭଗବତ ତତ୍ତ୍ୱ ଜାଣି ନଥିବା ବ୍ୟକ୍ତିକୁ ଭଗବାନ ସହଜରେ ପ୍ରତୀୟମାନ ହୋଇ ନଥାନ୍ତି। ଆପଣା ସୃଷ୍ଟିର ଏହି ଅଜ୍ଞତା ଦୂର କରିବା ପାଇଁ ଭଗବାନ ଗୁରୁ ରୂପରେ ଆବିର୍ଭୂତ ହୁଅନ୍ତି। ସୃଷ୍ଟିକର୍ତ୍ତା ଈଶ୍ୱର ବ୍ରହ୍ମା ରୂପରେ ସୃଷ୍ଟି କରନ୍ତି, ବିଷ୍ଣୁ ରୂପରେ ପାଳନ କରନ୍ତି ଏବଂ ରୁଦ୍ର ରୂପରେ ସଂହାର କରନ୍ତି। ଏହି ତିନି ରୂପର ସମ୍ମିଳିତ ଶକ୍ତି ହିଁ ଗୁରୁ। ଅଜ୍ଞାନ ନେତ୍ରରେ ଜ୍ଞାନର ଅଂଜନ ଦେଇ ସେ ଜଣାଇ ଦିଅନ୍ତି ଜୀବନର ସାର୍ଥକତା କ’ଣ?

ପ୍ରସିଦ୍ଧ ‘ସ୍କନ୍ଦ ପୁରାଣ’ ଅନୁଯାୟୀ ‘ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବୋ ମହେଶ୍ୱର ଗୁରୁସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ’। ଅର୍ଥାତ୍ ଗୁରୁ ହେଲେ ସ୍ୱୟଂ ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କ ଅବତାର। ପୁଣି ସେ ହେଉଛନ୍ତି ଚରମ ସତ୍ତା ପରମ ବ୍ରହ୍ମଙ୍କ ପରିପ୍ରକାଶ। ଗୁରୁ ନିଜର ଶିଷ୍ୟ ବା ଅନୁଗାମୀମାନଙ୍କୁ ଭଗବତ୍ ସତ୍ତାର ନିକଟବର୍ତ୍ତୀ କରାଇଥାନ୍ତି। ଗୁରୁ ଅଜ୍ଞାନତା ରୂପୀ ଅନ୍ଧକାର ମଧ୍ୟରୁ ଆତ୍ମମାନଙ୍କୁ ଉଦ୍ଧାର କରିଥାନ୍ତି। ରାମକୃଷ୍ଣ ପରମହଂସ କହୁଥିଲେ, ପ୍ରକୃତ ଗୁରୁ ପୂର୍ଣ୍ଣ ପ୍ରସ୍ଫୁଟିତ ସୁଗନ୍ଧିତ ପୁଷ୍ପ ପରି ଯାହା ନିକଟକୁ ଆପେ ଆପେ ଆକର୍ଷିତ ହୋଇଥାନ୍ତି ମଧୁମକ୍ଷିକା ଦଳ। ପୁଣି ସେ ହେଉଛନ୍ତି ମିଷ୍ଟାନ୍ନ ପରି ଯେଉଁ ଆଡ଼କୁ ଆକୃଷ୍ଟ ହୋଇଥାନ୍ତି ପିପୀଲକ ପିପୀଲିକା। ଗୁରୁଙ୍କ ମହକ ବା ଜ୍ଞାନ ଦ୍ୱାରା ସମସ୍ତେ ଆକର୍ଷିତ ହୁଅନ୍ତି। ଯିଏ ଉପାର୍ଜନ ନିମନ୍ତେ ଶିଷ୍ୟ ଖୋଜିବୁଲେ ବା ଲୋଭ ଦେଖାଇ ଅନ୍ୟକୁ ଦୀକ୍ଷିତ କରାଏ ସେ ଗୁରୁ ନୁହେଁ। ପୁଣି ଗୁରୁ ଯେ ଜଣେ ମଣିଷ ହେବ ତାହା ମନେ କରିବା ସୁଦ୍ଧା ଭ୍ରମାତ୍ମକ। ଦତ୍ତାତ୍ରେୟ ମାଟି, ପାଣି, ପବନ ଆଦିଙ୍କୁ ଗୁରୁ ଭାବେ ଗ୍ରହଣ କରିଥିଲେ। ଅର୍ଥାତ୍ ଯେଉଁ ଠାରୁ ଶିକ୍ଷା ମିଳେ ତାହା ମଧ୍ୟ ଗୁରୁ। ପୁସ୍ତକରୁ ବି ଗୁରୁ କୁହାଯାଇପାରେ। ସମସ୍ତ ମହତ୍ ବାଣୀ ଉପନିଷଦ, ଗୀତା, ରାମାୟଣ, ମହାଭାରତ ମଧ୍ୟରେ ଗଚ୍ଛିତ। ବିଶିଷ୍ଟ ଗୁରୁମାନେ ଏସବୁକୁ ବୋଧଗମ୍ୟ ଭାଷାରେ ଅନୁବାଦ କରିଛନ୍ତି। ଏସବୁ ପଢ଼ି ମଧ୍ୟ ଗୁରୁବାଣୀ ଅନୁଭବ କରାଯାଇପାରେ।

ଗୁରୁ, ଶାସ୍ତ୍ର ମାର୍ଗ ଦେଖାଇ ସଂକାମୋଚନ କରିଦିଅନ୍ତି ଏବଂ ଜୀବନର ପରମଗତି ପାଇଁ ପଦପ୍ରଦର୍ଶନ କରିଥାଆନ୍ତି। ସାଧନା ଓ ଅନୁଭୂତିର ଆଲୋକବର୍ତ୍ତିକା ଧରି ଶିଷ୍ୟକୁ ଚାଲିବାକୁ ହେବ। ତେବେ ଯାଇ ଗୁରୁ ଗ୍ରହଣ କରିବାର ସୁଫଳ ଆପେ ଆପେ ହାତ ପାହାନ୍ତାରେ ପହଞ୍ଚି ପାରିବ।

# ନିଜ ସୁରକ୍ଷା ନିଜ ହାତେ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୪୩୭୬୪୨୯୪୭

ମଣିଷ ସବୁବେଳେ ନିଜ ସୁରକ୍ଷା ପ୍ରତି ସଚେତନ। ସଭ୍ୟତାର ଆରମ୍ଭରୁ ଆଜି ପର୍ଯ୍ୟନ୍ତ, ଆମେ ଏହି ବିଷୟକୁ କେବେ ହାଲୁକା ଭାବରେ ନେଇ ନାହୁଁ। ଯେତେବେଳେ ମଣିଷ ଅଜ୍ଞ ଥିଲା, ସେତେବେଳେ ମଧ୍ୟ ପଥରରେ ତିଆରି ଅସ୍ତ୍ର ବ୍ୟବହାର କରୁଥିଲା। ଆଜି ପରମାଣୁ ଯୁଗରେ ସମସ୍ତେ ନିଜକୁ ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି। ଏହି ସୁରକ୍ଷା କାହାଠାରୁ ଏବଂ କାହିଁକି ତାହା ବୁଝିବା ଆବଶ୍ୟକ। ଏହି ସୁରକ୍ଷା କୌଣସି ପଶୁ କିମ୍ବା ଦୈବିକ, ପାସବିକ ଶକ୍ତିଠାରୁ ନୁହେଁ, ବରଂ ଅନ୍ୟ ମଣିଷଠାରୁ। ଏହାର ଅନେକ କାରଣ ହୋଇପାରେ। ଯେପରିକି ଅର୍ଥନୈତିକ, ରାଜନୈତିକ କିମ୍ବା ସାମାଜିକ। ଗାନ୍ଧୀଙ୍କଠାରୁ ନେଲସନ ମାଣ୍ଡେଲାଙ୍କ ପର୍ଯ୍ୟନ୍ତ, ଅହିଂସାର ଅନେକ ପୁରୋହିତ ଏବଂ ଅନ୍ୟାନ୍ୟ ମହାନ ବ୍ୟକ୍ତି ଆମକୁ ମାର୍ଗଦର୍ଶନ କରିଆସୁଛନ୍ତି ଯେ ଯାହା ବି ହେଉ, ଆମକୁ ଅହିଂସା ଅନୁସରଣ କରିବାକୁ ପଡିବ। ଏପରି ମହାନ ବ୍ୟକ୍ତିମାନେ ବିଶ୍ୱାସ କରୁଥିଲେ ଯେ ଆମର ପ୍ରତିବାଦ ମଧ୍ୟ ଅହିଂସା ନୀତି ଅଧୀନରେ ହେବା ଉଚିତ। କିନ୍ତୁ ଆଜିର ଯୁଗରେ ଏହା ସମ୍ଭବ କି? ଜାତୀୟ ସ୍ତରରେ, ସରକାର ଆମର ସୁରକ୍ଷା ପାଇଁ କାମ କରୁଛନ୍ତି, କିନ୍ତୁ ବ୍ୟକ୍ତିଗତ ସ୍ତରରେ, ଆମେ ଏଥିପ୍ରତି ଧ୍ୟାନ ଦେଉନାହୁଁ। ଦେଶର ନାଗରିକମାନେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥାନ୍ତି। ଯଦି ଆତ୍ମରକ୍ଷାର କିଛି ପଦ୍ଧତି ଅବଲମ୍ବନ କରାଯାଏ, ତେବେ ଆମେ ଆମର ଇଚ୍ଛାଶକ୍ତି ସହିତ ଏହି ଆକ୍ରମଣରୁ ନିଜକୁ ରକ୍ଷା କରିପାରିବ। ଅତି କମ୍‌ରେ ସେମାନଙ୍କୁ ସାମ୍ନା କରିପାରିବା। ଆତଙ୍କବାଦୀମାନେ କେବଳ ବାହାରେ ନୁହଁନ୍ତି, ଆମ ଚାରିପାଖରେ ଅଛନ୍ତି ଯେଉଁମାନେ ମହିଳା ଏବଂ ପିଲାମାନଙ୍କୁ ସେମାନଙ୍କର ଆତଙ୍କର ଶିକାର କରନ୍ତି। ଅଧିକାଂଶ ଘରେ ଆତଙ୍କର ଛାୟା ଧୀରେ ଧୀରେ ବ୍ୟାପିବାରେ ଲାଗିଛି। ବାହ୍ୟ ବିପଦରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଏବଂ ରହସ୍ୟମୟ ଅପରାଧ ପର୍ଯ୍ୟନ୍ତ, ଅପରାଧର ଏକ ଜାଲ କାମ କରୁଥିବା ପରି ମନେ ହେଉଛି। ସେଗୁଡ଼ିକୁ କାଟିବା ଆବଶ୍ୟକ।

ଆମେ ସାମରିକ ଶିକ୍ଷାକୁ ସମର୍ଥନ କରୁଥିବା ରାଷ୍ଟ୍ରଗୁଡ଼ିକର ପ୍ରଶଂସା କରିବାକୁ ଚାହୁଁନାହୁଁ। କିନ୍ତୁ ଯଦି ଶିକ୍ଷାରେ ଆତ୍ମରକ୍ଷା ତାଲିମ ଦିଆଯାଏ, ତେବେ ଜଣେ ବ୍ୟକ୍ତି ଦୁର୍ଘଟଣାର ଶିକାର ହେବାରୁ ବହୁ ପରିମାଣରେ ରକ୍ଷା ପାଇବ। ଆତ୍ମରକ୍ଷା ପାଇଁ ଅନେକ ପଦ୍ଧତି ଅଛି, ଯାହାକୁ ଶିଖି ଜଣେ ବ୍ୟକ୍ତି କିଛି ପରିମାଣରେ ନିଜକୁ ରକ୍ଷା କରିପାରିବ। ଯୁଦ୍ଧ କଳା ହେଉଛି ଜୁଡୋ, କରାଟେ ଏବଂ ଅନ୍ୟାନ୍ୟ ଖେଳ ଯେପରି ବକ୍ସିଂ ଏବଂ କୁସ୍ତି ଇତ୍ୟାଦି। ଯଦି ଆମର ବ୍ୟବସ୍ଥା ଏହା ଯୋଗାଇ ପାରୁନାହିଁ, ତେବେ ବ୍ୟକ୍ତିଗତ ସ୍ତରରେ ପିଲାମାନଙ୍କୁ ଆତ୍ମରକ୍ଷା ପାଇଁ ତାଲିମ ଦେବା ଉଚିତ। ଯେପରି ପହଁରା ଶିଖିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଜରୁରୀ, ସେହିପରି ସୁରକ୍ଷା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ, ଯାହାକୁ ଗ୍ରହଣ କରି ଆମେ ଜୀବନ ଏବଂ ଅସ୍ତିତ୍ୱ ବଜାୟ ରଖିପାରିବା। କେତେ ଖୁସିର ମୁହୂର୍ତ୍ତ ହେବ ଯେତେବେଳେ ଆମ ଦେଶର କୌଣସି ଝିଅ ଘରୋଇ ହିଂସାର ଶିକାର ହେବେନାହିଁ, କାରଣ ସେ ଜାଣିବ ଯେ କିପରି ନିଜକୁ ସୁରକ୍ଷା ଦେବ। ସେହି ମୁହୂର୍ତ୍ତ କେତେ ସାହସୀ ହେବ ଯେତେବେଳେ କେହି ଆମ ଉପରେ ଗୁଳି ଚଳାଇବାକୁ ଚେଷ୍ଟା କରିବ ଏବଂ ଆମେ ତା’ ଆଡ଼କୁ ବନ୍ଧୁକ ରଖିବୁ। ଏହି ସମସ୍ତ ଜିନିଷ ପାଇଁ, ସାହସ ସହିତ, ସୁସ୍ଥ ମନ ମଧ୍ୟ ଆବଶ୍ୟକ। ଆତ୍ମରକ୍ଷା କୌଶଳ ଶିଖିବା ଆଜି ଆମ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିଗ। ନିଜକୁ ସୁରକ୍ଷା ଦେବା ପାଇଁ ପ୍ରୟାସ କରିବାକୁ ପଡିବ, ଯେପରି ଆମର ପୂର୍ବପୁରୁଷମାନେ ଜଙ୍ଗଲ ଏବଂ ଅନ୍ୟାନ୍ୟ ଅସୁରକ୍ଷିତ ସ୍ଥାନରେ ରହି ସେମାନେ ବନ୍ୟ ପ୍ରାଣୀ ଏବଂ ମଣିଷ ମଧ୍ୟରେ ଥିବା ଶତ୍ରୁତାକୁ ଦୂର କରିପାରିଲେ ଏବଂ ଆମର ଯୁଗର ଉଦୟ ହେଲା। ଆମକୁ ସମାନ ସାହସ ଏବଂ ଶକ୍ତି ସଂଗ୍ରହ କରିବାକୁ ପଡିବ। ଆମେ ହିଂସାତ୍ମକ ନୁହେଁ କିନ୍ତୁ ଆମକୁ ଘରୋଇ ଏବଂ ବାହ୍ୟ ଆତଙ୍କରୁ ନିଜକୁ ସୁରକ୍ଷା କରିବାକୁ ପଡିବ। ଏହା ସେତେବେଳେ ସମ୍ଭବ ଯେତେବେଳେ ସରକାର, ପିତାମାତା ଏବଂ ଶିକ୍ଷକମାନେ ପିଲାମାନଙ୍କର ଏହି ପ୍ରକାରର ଶିକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦେବେ। ନିଶ୍ଚିତ ଭାବରେ ପାଠପଢ଼ା ଆବଶ୍ୟକ, କିନ୍ତୁ ସେହି ସମୟରେ ଜୀବନ ଏବଂ ବଞ୍ଚିବା କୌଶଳ ଶିଖିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଅଣଦେଖା କରିବା ଠିକ୍ ନୁହେଁ। ଏପରି କାର୍ଯ୍ୟକଳାପ ଆମର ଲକ୍ଷ୍ୟ ହେବା ଉଚିତ ଯାହା ଦ୍ୱାରା ଆଗାମୀ ବର୍ଷଗୁଡ଼ିକରେ ଆମର ପିଢ଼ି ଆତ୍ମବିଶ୍ୱାସ ଏବଂ ଆତ୍ମରକ୍ଷା କୌଶଳରେ ସଜ୍ଜିତ ଏବଂ ସିଦ୍ଧ ହେବେ, ଯାହା ଫଳରେ ଭବିଷ୍ୟତରେ ଆମକୁ ବନ୍ଧୁକ ଚଳାଇବାକୁ ପଡ଼ିବ ନାହିଁ କିମ୍ବା ଆମ ସାମ୍ନାରେ ଥିବା କୌଣସି ଅବାଧ ବ୍ୟକ୍ତି ଆମକୁ ହତ୍ୟା କରିବାକୁ ସାହସ କରିବେ ନାହିଁ। ନିକଟ ଅତୀତର ଘଟଣା ପ୍ରମାଣ କରେ ଯେ ଆମକୁ ସତର୍କ ରହି ଆତ୍ମବିଶ୍ୱାସ ଏବଂ ଆତ୍ମରକ୍ଷା କୌଶଳରେ ସଜ୍ଜିତ ଏବଂ ସିଦ୍ଧ ହେବାକୁ ପଡିବ। ସମଗ୍ର ବିଶ୍ୱ ଆତଙ୍କରେ ପୀଡିତ, ମାନବତା ଏବେ ସମସ୍ୟାରେ ଛିଡ଼ା ହୋଇଛି, କିଛି ସ୍ୱାର୍ଥପର ତତ୍ତ୍ୱ ସେମାନଙ୍କର ସ୍ୱାର୍ଥ ଯୋଗୁଁ ମାନବତାକୁ ବିପଦରେ ପକାଇଛନ୍ତି, ତେଣୁ ଏପରି ଏକ ଯୁଗରେ, ଅତି କମ୍‌ରେ ନିଜକୁ ରକ୍ଷା କରିବା ଉଚିତ ଏବଂ ଏହା ସେତେବେଳେ ସମ୍ଭବ ଯେତେବେଳେ ଆମେ ଆମର ପିଲାମାନଙ୍କୁ ଏବଂ ନିଜକୁ ମାନସିକ, ବୌଦ୍ଧିକ ଏବଂ ଶାରୀରିକ ଭାବରେ ଶକ୍ତିଶାଳୀ କରିବା।

# ଭାରତର ବନ୍ଧୁତା ବନାମ ତୁର୍କୀର ଶତ୍ରୁତା



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡ଼ା, ପୁରୀ
ମୋ: ୯୭୭୮୧୭୭୫୦୧

ବିପଦ ସମୟରେ ସାହାଯ୍ୟ କରିଥିଲା ଭାରତ କିନ୍ତୁ ବିଶ୍ୱାସରେ ବିଷ ଦେଲା ତୁର୍କୀ, ମିତ୍ର ବଦଳରେ ସାଜିଲା ଶତ୍ରୁ। ସାହାଯ୍ୟକୁ ଭୁଲିଯାଇ ତୁର୍କୀ ଯେଉଁ ବିଶ୍ୱାସଘାତକତା କଲା ତାହା ୧୪୦ କୋଟି ଭାରତୀୟଙ୍କ ହୃଦୟକୁ ଆଘାତ ଦେଇଛି। ବିପଦ ବେଳର ବନ୍ଧୁକୁ ଭୁଲିଗଲା ତୁର୍କୀ। ୨୦୨୩ ଫେବୃଆରୀ ୬ ତାରିଖରେ ତୁର୍କୀରେ ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା। ଯେଉଁଥିରେ ୫୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ତୁର୍କୀର ଏଭଳି ଅବସ୍ଥା ଦେଖି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଭାରତର ୧୪୦ କୋଟି ଲୋକ ତୁର୍କୀ ଭୂମିକମ୍ପ ପୀଡ଼ିତଙ୍କ ସହ ଅଛନ୍ତି। ଆଉ ଏହାପରେ ପ୍ରଧାନମନ୍ତ୍ରୀ ତୁରନ୍ତ ସହାୟତାର ହାତ ବଢାଇଥିଲେ। ତୁର୍କୀକୁ ସହାୟତା ପାଇଁ ଭାରତ ଆରମ୍ଭ କରିଥିଲା ଅପରେସନ୍ ଦୋସ୍ତ। ଯାହା ମାଧ୍ୟମରେ ତୁର୍କୀକୁ ମେଡିକାଲ ସହାୟତା ଦେଇଥିଲା ଭାରତ। ଏହି ଅପରେସନ ମାଧ୍ୟମରେ ୨ଟି ଏନ୍‌ଡିଆର୍‌ଏଫ ଟିମ୍ ତୁର୍କୀକୁ ପଠାଯାଇଥିଲା ଯେଉଁଥିରେ ଗୋଟିଏ ଡଗ୍ ସ୍କ୍ୱାର୍ଡ ବି ସାମିଲ ଥିଲା। ଭାରତୀୟ ରେସ୍କ୍ୟୁ ଟିମ୍ ବିଲ୍ଡିଂ ତଳେ ଚାପି ହୋଇ ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଅପରେସନ ଦୋସ୍ତ ମାଧ୍ୟମରେ ଭାରତ ୬ଟି ବିମାନରେ ଜରୁରୀ ସାମଗ୍ରୀ, ୩୦ ବେଡ୍ ବିଶିଷ୍ଟ ମୋବାଇଲ୍ ହସ୍ପିଟାଲ, ମେଡିକାଲ ସାମଗ୍ରୀ ପଠାଇଥିଲା। ତୁର୍କୀରେ ଭାରତର ଏହି ଅପରେସନ ୧୦ ଦିନ ଯାଏଁ ଚାଲିଥିଲା। ତୁର୍କୀକୁ ପିପିଟ୍ କିଟ୍, ରୋଗ ପ୍ରତିରୋଧକ ଟୀକା, ଭେଣ୍ଟିଲେଟର୍ ଇତ୍ୟାଦି ସାମଗ୍ରୀ ପଠାଇ ବନ୍ଧୁ ପଣିଆ ଦେଖାଇଥିଲା ଭାରତ। ଖାଲି ସେତିକି ନୁହେଁ ଭାରତ ସରକାର ଆର୍ଥିକ ସହାୟତା ମଧ୍ୟ ଦେଇଥିଲେ। ଭାରତ ୧୦୦ ମିଲିୟନ୍ ଡଲାରର ଆର୍ଥିକ ସାହାଯ୍ୟ ଦେଇଥିଲା। ତୁର୍କୀର ରାଷ୍ଟ୍ରଦୂତ ଫିରତ୍ ସୁନେଲ ଭାରତକୁ ପ୍ରଶଂସା କରି “ପ୍ରକୃତ ବନ୍ଧୁ”ର ଆଖ୍ୟା ଦେଇଥିଲେ।

୧୯୯୯ ମସିହା ଅଗଷ୍ଟ ମାସରେ ତୁର୍କୀ ଆଉ ଏକ ପ୍ରକୃତିର ତାଣ୍ଡବକୁ ସାମ୍ନା କରିଥିଲା। ମରମରା ସମୁଦ୍ରରେ ୬.୨ ତିବ୍ରତାର ଭୂକମ୍ପରେ ଥରି ଉଠିଥିଲା ଇସ୍ତାନବୁଲ। ଯେଉଁଥିରେ ୧୭,୦୦୦ ଲୋକଙ୍କର ଜୀବନ ମଧ୍ୟ ଯାଇଥିଲା। ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ବେସାହାରା ହୋଇଯାଇଥିଲେ। ସେ ସମୟରେ ମଧ୍ୟ ଭାରତ ତୁର୍କୀ ସହ ଛିଡ଼ା ହୋଇଥିଲା। ଭାରତ ସରକାର ଏନଡିଆରଏଫ ଟିମ୍ ସହିତ ଔଷଧ, ଖାଦ୍ୟ, ପାଣି, ରିଲିଫ୍ ସାମଗ୍ରୀ ପଠାଇଥିଲେ। ତୁର୍କୀକୁ ଏବେ ନୁହେଁ ବରଂ ସ୍ୱାଧୀନତା ପୂର୍ବରୁ ଭାରତ ସାହାଯ୍ୟ କରିଆସିଛି। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ, ତୁର୍କୀ (ସେତେବେଳର ଅଟୋମାନ ସାମ୍ରାଜ୍ୟ) ବ୍ରିଟିଶ ଏବଂ ଅନ୍ୟାନ୍ୟ ସହଯୋଗୀ ଦେଶମାନଙ୍କ ସହିତ ଲଢୁଥିଲା। ସେତେବେଳେ ଭାରତ ଏକ ବ୍ରିଟିଶ ଉପନିବେଶ ଥିଲା, କିନ୍ତୁ ପ୍ରଥମ ବିଶ୍ୱଯୁଦ୍ଧ ପରେ ତୁର୍କୀକୁ ବିଭାଜିତ କରିବା ପାଇଁ ବ୍ରିଟିଶ ଶାସନର ନିଷ୍ପତ୍ତିର ପ୍ରତିବାଦ କରି ଭାରତୀୟ ମୁସଲମାନମାନେ ୧୯୧୯-୧୯୨୨ ମଧ୍ୟରେ ଖିଲାଫତ ଆନ୍ଦୋଳନ ଆରମ୍ଭ କରିଥିଲେ। ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ। ସମସ୍ତେ ମିଶି ତୁର୍କୀକୁ କ୍ଷତି ପହଞ୍ଚାଉଥିବା ବ୍ରିଟିଶ ସରକାରଙ୍କ ନୀତିକୁ ବିରୋଧ କରିଥିଲେ। ୧୯୨୦ ରେ ତୁର୍କୀର ସ୍ୱାଧୀନତା ସଂଗ୍ରାମ ଏବଂ ତୁର୍କୀ ସାଧାରଣତନ୍ତ୍ର ଗଠନକୁ ଭାରତ ସମର୍ଥନ ଦେଇଆସିଥିଲା। ୧୯୪୭ ରେ ଭାରତକୁ ଏକ ସ୍ୱାଧୀନରାଷ୍ଟ୍ର ଭାବେ ତୁର୍କୀ ସ୍ୱୀକୃତି ପ୍ରଦାନ କରିବାସହ ଉଭୟ ରାଷ୍ଟ୍ର ମଧ୍ୟରେ କୂଟନୈତିକ ସମ୍ବନ୍ଧ ସ୍ଥାପନ ହୋଇଥିଲା।

ପହେଲଗାମ୍ ଆକ୍ରମଣର ଜବାବରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଆଉ ପାକିସ୍ତାନ ଓ ପିଓକେରେ ଥିବା ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଦେଇଥିଲା। ଯେଉଁଥିରେ ପାଖାପାଖି ୧୦୦ ଆତଙ୍କୀ ନିପାତ ହୋଇଥିଲେ। ଆତଙ୍କୀଙ୍କ ମୃତ୍ୟୁରେ ପାକିସ୍ତାନ ସରକାରଙ୍କୁ ତ ଦୁଃଖ ଲାଗିଥିଲା ତା ସହ ତୁର୍କୀକୁ ବି ଗଭୀର ଆଘାତ ଲାଗିଥିଲା। କାରଣ ପାକିସ୍ତାନ ଭାରତ ଉପରେ ଯେଉଁ ଡ୍ରୋନ ଆକ୍ରମଣ କରିଥିଲା ତାହା ତୁର୍କୀର ଥିଲା। ଭାରତ-ପାକିସ୍ତାନ ଭିତରେ ଚାଲିଥିବା ଯୁଦ୍ଧରେ ତୁର୍କୀ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ ଦେଇଥିଲା। ପାକିସ୍ତାନ ପଟୁ ପାଖାପାଖି ୩୦୦ରୁ ୪୦୦ ଡ୍ରୋନ ଆକ୍ରମଣର ପ୍ରୟାସ କରାଯାଇଥିଲା ସେହି ସବୁ ଡ୍ରୋନ ତୁର୍କୀ ପାକିସ୍ତାନକୁ ଦେଇଥିଲା। କେବଳ ଡ୍ରୋନ ଯୋଗାଣ ନୁହେଁ, ତୁର୍କୀର ସାମରିକ ଅଧିକାରୀ ଏବଂ ବିଶେଷଜ୍ଞମାନେ ମଧ୍ୟ ପାକିସ୍ତାନ ସେନାକୁ ପ୍ରଶିକ୍ଷଣ ଦେଇଥିଲେ। ଭାରତ ଉପରେ କିଭଳି ବିଭିନ୍ନ ସ୍ତରରେ ଆକ୍ରମଣ କରାଯାଇପାରିବ ସେଥିନେଇ ସେମାନେ ରଣନୀତି ପ୍ରସ୍ତୁତ କରିଥିଲେ। ଯେଉଁ ତୁର୍କୀକୁ ସବୁ ବିପଦ ସମୟରେ ଭାରତ ସହଯୋଗର ହାତ ବଢ଼ାଇଥିଲା ସେହି ତୁର୍କୀ ଏବେ ବଡ଼ ଶତ୍ରୁ ପାଲଟି ଯାଇଛି। ପାକିସ୍ତାନ ସହ ଲଢ଼େଇ ବେଳେ ଶତ୍ରୁ ଦେଶକୁ ସାହାଯ୍ୟ କରି ଦେଶବାସୀଙ୍କ ଆକ୍ରୋଶରେ ଶିକାର ହୋଇଛି ତୁର୍କୀ। ଭାରତ-ପାକିସ୍ତାନ ଉତ୍ତେଜନା ବେଳେ ଶତ୍ରୁକୁ ଅସ୍ତ୍ରଶସ୍ତ୍ର ଏବଂ ସାଜ ସରଞ୍ଜାମ ଯୋଗାଇ ଦେଇ, ଅନ୍ତର୍ଘାତୀ କାର୍ଯ୍ୟ କରିଥିବା ରାଷ୍ଟ୍ର ବିରୋଧରେ ଆରମ୍ଭ ହୋଇଛି ବୟକଟ୍ ଅଭିଯାନ। ଏ ଅଭିଯାନ କେବେଳ କୁଟନୈତିକ କି ରାଜନୈତିକ ସ୍ତରରେ ନୁହେଁ, ବରଂ ବାଣିଜ୍ୟଠୁ ଆରମ୍ଭ କରି ପ୍ରତ୍ୟେକ ଭାରତୀୟଙ୍କ ପର୍ଯ୍ୟନ୍ତ ସାଧାରଣ ସ୍ତରରେ ପହଞ୍ଚିଛି। ଶତ୍ରୁଦେଶକୁ ସହାୟତା, ଆଉ ଅସମୟରେ ସାହାଯ୍ୟ ପାଇ ଭୁଲି ଯାଇଥିବା ତୁର୍କୀକୁ ଭାରତର କଡ଼ା ଜବାବ। କୁଟନୀତିରୁ ରାଜନୀତି, ବାଣିଜ୍ୟରୁ ପର୍ଯ୍ୟଟନ, ଏବେ ତୁର୍କୀ ସହ ସବୁ ସମ୍ପର୍କ ଛିନ୍ନ ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି ଦେଶବାସୀ। ଏହା ସେହି ତୁର୍କୀ ଯେଉଁଠାରେ ଭୂମିକମ୍ପ ପରେ ସାହାଯ୍ୟ ପ୍ରଦାନ କରିବାରେ ଭାରତ ପ୍ରଥମ ଦେଶମାନଙ୍କ ମଧ୍ୟରେ ସାମିଲ ଥିଲା। କିନ୍ତୁ ଏହି ତୁର୍କୀ ହିଁ ପ୍ରଥମେ ଭାରତର ରକ୍ତ ବୁହାଇବା ପାଇଁ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ପଠାଇଥିଲା। ଅପରେସନ୍ ସିନ୍ଦୂର ବିରୋଧରେ ପାକିସ୍ତାନକୁ ସମର୍ଥନ କରି ଭାରତ ସହ ବନ୍ଧୁତାର ଡୋରକୁ ଛିଣ୍ଡାଇ ଦେଇଛି ତୁର୍କୀ।

ପାକିସ୍ତାନକୁ ସମର୍ଥନ କରିବା ତୁର୍କୀକୁ ମହଙ୍ଗା ପଡୁଛି। ଭାରତ ସରକାର ତୁର୍କୀ ସହ ଗୋଟିଏ ପରେ ଗୋଟିଏ ବୁଝାମଣା ରଦ୍ଦ କରୁଛନ୍ତି। ଗୁରୁବାର କେନ୍ଦ୍ର ସରକାର ତୁର୍କୀର ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସର୍ଭିସେସ୍ ପ୍ରଭାଇଡର କମ୍ପାନି ଉରକ୍ଷରଭସ ଇଙ୍ଗସବସ୍ପସକ୍ଟଭର ସିକ୍ୟୁରିଟି କ୍ଲିୟରାନ୍ସକୁ ତତ୍କାଳ ପ୍ରସ୍ତାବରେ ରଦ୍ଦ କରି ଦେଇଛନ୍ତି। ଫଳ ବ୍ୟବସାୟୀମାନେ ତୁର୍କୀ ସେଓ ସହିତ ଅନ୍ୟାନ୍ୟ ଫଳ ଏବଂ ଡ୍ରାଏ ଫୁଡ୍ସ ବିକ୍ରି ନକରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମିତି ଫଳ ଗୋଦାମ ମାଲିକମାନେ ମଧ୍ୟ ତୁର୍କୀରୁ ଫଳ ନମଗାଇବାକୁ ଘୋଷଣା କରିଛନ୍ତି। ଲୋକମାନେ ମଧ୍ୟ ବଜାରରୁ ତୁର୍କୀ ସେଓ କି ଡ୍ରାଏ ଫୁଡ୍ସ କିଣୁ ନାହାନ୍ତି। ଭାରତ ବିପକ୍ଷରେ ପାକିସ୍ତାନକୁ ସହଯୋଗ କରିଥିବାରୁ ତୁର୍କୀ ବିରୋଧରେ ଭାରତରେ ଜନସ୍ରୋତ ସୃଷ୍ଟି ହୋଇଛି। ସେଥିପାଇଁ ତୁର୍କୀ ବ୍ରାଣ୍ଡେଡ୍ ସମସ୍ତ ସାମଗ୍ରୀ ନକିଣିବାକୁ ଲୋକମାନେ କହୁଛନ୍ତି। ତୁର୍କୀ ସାମଗ୍ରୀ ଭାରତୀୟ ବଜାରରେ ବର୍ଜନ କରାଯାଉଛି। ଭାରତର ଶତ୍ରୁ ଦେଶ ସହ ହାତ ମିଶାଇ ଏବେ ତା’ର ପରିଣାମ ଭୋଗୁଛି ତୁର୍କୀ। ତୁର୍କୀକୁ ଭାରତ ତରଫରୁ ଜୋରଦାର ଆର୍ଥିକ ଝଟ୍‌କା ଲାଗିଛି। FWICE (ଫେଡେରେସନ୍ ଅଫ୍ ୱେଷ୍ଟର୍ଣ୍ଣ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍) ଏକ ପ୍ରେସ୍ ରିଲିଜ୍ ଜାରି କରିଛି। ଏଥିରେ ଭାରତୀୟ ଚଳଚ୍ଚିତ୍ର ଗୋଷ୍ଠୀ ପକ୍ଷରୁ ଭବିଷ୍ୟତରେ ତୁର୍କୀରେ କୌଣସି ଚଳଚ୍ଚିତ୍ର ସୁଟିଂ ନକରିବାକୁ ନିବେଦନ କରାଯାଇଛି। ଭାରତରୁ ଆଲୁମିନିୟମ, ଅଟୋମୋବାଇଲ ସରଞ୍ଜାମ, ବିମାନ ଉପକରଣ, ଟେଲିକମ୍ ଉପକରଣ ଏବଂ ଇଲେକ୍‌ଟ୍ରିକ୍ ସରଞ୍ଜାମ ଭଳି ବହୁ ସାମଗ୍ରୀ ତୁର୍କୀକୁ ରପ୍ତାନି ହୋଇଥାଏ। ସେହିଭଳି ପ୍ରତିବର୍ଷ ଲକ୍ଷ ଲକ୍ଷ ଭାରତୀୟ ତୁର୍କୀକୁ ପର୍ଯ୍ୟଟନ ପାଇଁ ଯାଇଥାଆନ୍ତି। ତାହା ଏବେ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଭାରତର ବ୍ୟବସାୟୀ ସମୂହ ଓ ସରକାର ତୁର୍କୀ ବିରୋଧରେ ଅର୍ଥନୈତିକ ବାସନ୍ଦ ନୀତି ଆପଣାଇଛନ୍ତି। ଭାରତରେ ତୁର୍କୀ ପ୍ରାୟ ୮୮ ନିୟୁତ ଡଲାର ବିନିଯୋଗ କରିଥିବାବେଳେ ଏହା ବାଧାପ୍ରାପ୍ତ ହେବାକୁ ଯାଉଛି। ମହାକାଶ ଓ ପ୍ରତିରକ୍ଷା କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସହଯୋଗ ବାଧାପ୍ରାପ୍ତ ହେବାକୁ ଯାଉଛି। ତୁର୍କୀକୁ ହାତରେ ନମାରି ଭାତରେ ମାରିବାକୁ ଚେଷ୍ଟା କରୁଛି ଭାରତ। ତୁର୍କୀ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେବା ବଦଳରେ ଆତଙ୍କବାଦ ଦମନ ପାଇଁ ପରାମର୍ଶ ଦେଉ ବୋଲି ଭାରତ କହିଛି।

ସଙ୍କଟ ସମୟରେ ଭାରତର ସଦିଚ୍ଛା, ସାହାଯ୍ୟ ଏବଂ ମାନବୀୟ ତଥା କୂଟନୈତିକ ସମର୍ଥନରୁ ଲାଭ ପାଇଥିବା ତୁର୍କୀ ସବୁକିଛି ଭୁଲି ପାଲଟିଯାଇଛି ଶତ୍ରୁ। ଏହା କେବଳ ଭାରତର ସାର୍ବଭୌମତ୍ୱ ଏବଂ ଜାତୀୟ ସ୍ୱାର୍ଥକୁ ଆଘାତ କରି ନାହିଁ ବରଂ ସିଧାସଳଖ ୧୪୦ କୋଟି ଭାରତୀୟଙ୍କ ଭାବନାକୁ ଅପମାନିତ କରିଛି। ଊନବିଂଶ ଶତାବ୍ଦୀରୁ ତୁର୍କୀ ସହିତ ରହିଆସିଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କରେ ଏବେ ଭଟ୍ଟା ପଡିଯାଇଛି। ଯାହାକୁ ସାହାଯ୍ୟ କରିବ ସେ ପଛରୁ ଛୁରୀ ମାରିବ ଏହା କରି ଦେଖାଇଛି ତୁର୍କୀ। ଜୀବନରେ ବନ୍ଧୁତାର ସମ୍ପର୍କ ବିଶ୍ୱାସ ଆଧାରରେ ହୋଇଥାଏ। କିନ୍ତୁ ବେଳେବେଳେ ବିଶ୍ୱାସ ଡୋରିରେ ବନ୍ଧା ବନ୍ଧୁତା ଛିଡିଯାଏ ବିଶ୍ୱାସଘାତକତା ଯୋଗୁଁ। ପ୍ରକୃତ ବନ୍ଧୁତା ହେଉଛି ପ୍ରେମ, ବିଶ୍ୱାସ ଏବଂ ଅସୀମ ସମର୍ଥନର ଏକ ମହାଦ୍ରୁମ। ଏହାକୁ ନମାରି ବଞ୍ଚାଇ ରଖିବାକୁ ହେବ।



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ବେଆଇନ ଆଇରନ ଚୋରା ଚାଲାଣ ବେଳେ କରଞ୍ଜିଆ ପୋଲିସ ଏବଂ ମାଇନିଂ ବିଭାଗର ମିଳିତ ଭାବେ ବୁଧବାର ଦିନ ବଡ଼ ଧରଣର ଚଢ଼ାଉ କରିଛନ୍ତି। କରଞ୍ଜିଆ ଥାନା ଅନ୍ତର୍ଗତ ବାଟଟାଇସିରା ଗ୍ରାମରେ ଚଢ଼ାଉ ବେଳେ ଗୋଟିଏ ଆଇରନ ଭର୍ତ୍ତି ୧୨ଚକିଆ ଟ୍ରକ ସହିତ ଗୋଟିଏ ଜେସିବି ଏବଂ ବାଇକ ଜବତ ହୋଇଛି। ତେବେ ଘଟଣା ସ୍ଥଳରୁ ମାଫିଆମାନେ ଚମ୍ପଟ ମାରିଥିବା ଖବର ମିଳିଛି। ଘଟଣାସ୍ଥଳରୁ ତିନିଟି ଗାଡି ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି ବିଭାଗ। ଗତ କିଛିଦିନ ପୂର୍ବରୁ ମଧ୍ୟ ଏକ ଟ୍ରକକୁ କରଞ୍ଜିଆ ପୋଲିସ ଜବତ କରିଥିଲା। ତେବେ ଉକ୍ତ ଅଞ୍ଚଳରେ ବହୁଦିନରୁ ବେଆଇନ ଭାବେ ଏପରି ଚୋରା ଆଇରନ ଚୋରାରେ ଚାଲାଣ ହେଉଥିବା ବେଳେ ବର୍ତ୍ତମାନ ଆକ୍ସନ ମୋଡ଼ରେ ପୋଲିସ ଏବଂ ମାଇନିଂ ବିଭାଗ। ଯାହାଫଳରେ ଗତ କିଛିଦିନ ମଧ୍ୟରେ ଦୁଇଦୁଇଟି ସଫଳତା ପାଇଛି ବିଭାଗ। ଏଇ ଚଢ଼ାଉରେ କରଞ୍ଜିଆ ପୋଲିସର ଦୁଇଟି ଟିମ ଏବଂ ମାଇନିଂର ଦୁଇଟି ଟିମ ସାମିଲ ଥିଲେ।



### ଶିକ୍ଷମନ୍ତ୍ରୀଙ୍କ ପାରାଦୀପ ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ ସମୀକ୍ଷା ବୈଠକ

# ବିକଶିତ ପାରାଦୀପ ଗଠନ ପାଇଁ ଆହ୍ୱାନ





ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ ପାରାଦୀପର ସ୍ୱତନ୍ତ୍ର ପରିଦର୍ଶନ ଗୃହ (ସ୍ପେସିଆଲ ସର୍କିଟ ହାଉସ)ରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟ ଶିକ୍ଷ, ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଜିଲ୍ଲା ପ୍ରଶାସନ ତଥା ଜନ ପ୍ରତିନିଧିମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ସହ ବିଭାଗୀୟ ଅଧିକାରୀମାନଙ୍କ ଆନ୍ତରିକ ଉଦ୍ୟମ ରହିଲେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚିପାରିବ। ଏହି ବୈଠକରେ ମନ୍ତ୍ରୀ ସ୍ୱାଇଁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଗତି ତଥା କାର୍ଯ୍ୟକାରିତା ବିଷୟରେ ସମୀକ୍ଷା କରିଥିଲେ। ସରକାରଙ୍କ ଦ୍ୱାରା ଦିଆଯାଇଥିବା ଟାର୍ଗେଟ କେତେ ପୂରଣ ହେଲା ଏବଂ କେତେ ବାକି ରହିଲା ତା'ର ବିସ୍ତୃତ ବିବରଣୀ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ପଚାରି ବୁଝିଥିଲେ। ଆଗାମୀ ଦିନରେ ଆଉ କ'ଣ କରାଗଲେ ସରକାରଙ୍କ ଯୋଜନା ଆହୁରି ସଠିକ୍ ଭାବେ ଲୋକମାନଙ୍କ ପାଖେ ପହଞ୍ଚିପାରିବ ତା'ର ପୁଙ୍ଖାନୁପୁଙ୍ଖ ଆଲୋଚନା ଅଧିକାରୀମାନଙ୍କ ସହ କରାଯାଇଥିଲା। ଏହି ବୈଠକରେ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହ ନିଜନିଜ ବିଭାଗର କାର୍ଯ୍ୟକାରିତା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଭବାନୀଶଙ୍କର ଉଦଗାତା, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅଧ୍ୟକ୍ଷ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଏବଂ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡିଶା' ଏବଂ ୨୦୪୭ ସୁଦ୍ଧା 'ବିକଶିତ ଓଡ଼ିଶା'ର ଲକ୍ଷ୍ୟକୁ ପୂରଣ କରିବା ନିମନ୍ତେ ପାରାଦ୍ୱୀପ ବିଧାନସଭା କ୍ଷେତ୍ରର ଯୋଗଦାନକୁ ସୁନିଶ୍ଚିତ କରିବାକୁ ହେବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଏଥିପାଇଁ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସୁସମନ୍ୱୟ ରକ୍ଷା କରି 'ବିକଶିତ ପାରାଦ୍ୱୀପ' ଗଠନ ପାଇଁ ଆଗେଇ ଆସିବାକୁ ମନ୍ତ୍ରୀ ସ୍ୱାଇଁ ଆହ୍ୱାନ ଦେଇଥିଲେ। ସେହିପରି ପାରାଦୀପର ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଜୁ ମେମୋରିଆଲ ହସ୍ପିଟାଲରେ ରୋଗୀ କଲ୍ୟାଣ ସମିତି ପକ୍ଷରୁ ଆୟୋଜିତ ଏକ ବୈଠକରେ ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ପାରିଷଦ ତଥା ରୋଗୀ କଲ୍ୟାଣ ସମିତିର ସଦସ୍ୟ ସୁବ୍ରତ ପ୍ରଧାନ, ପ୍ରତାପ ଚନ୍ଦ୍ର ନାୟକଙ୍କ ସମେତ ରୋଗୀ କଲ୍ୟାଣ ସମିତିର ସମସ୍ତ ସଦସ୍ୟ, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂ ଏବଂ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ବସନ୍ତ କୁମାର ରାଉତଙ୍କ ସମେତ ସମସ୍ତ ଡାକ୍ତର ମାନେ ଉପସ୍ଥିତ ଥିଲେ। ଡାକ୍ତରଖାନାର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯିବା ସହ ଏହାର ଉନ୍ନତିକରଣ ଏବଂ ସଠିକ୍ ପରିଚାଳନା ଦିଗରେ ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରିଛନ୍ତି ଶିକ୍ଷମନ୍ତ୍ରୀ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତିଭୂମିର ବିକାଶ, ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳର ବନ୍ଦୋବସ୍ତ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିବା ସହିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିଷ୍ଠା, ପ୍ରତିବଦ୍ଧତା ଏବଂ ସମର୍ପଣ ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ। ଏତଦ୍‌ବ୍ୟତୀତ ଅଠରବାଙ୍କି ସ୍ଥିତ ଆହାର କେନ୍ଦ୍ରରେ ମନ୍ତ୍ରୀ ସ୍ୱାଇଁ ପହଞ୍ଚି ଖାଦ୍ୟର ମାନ ପରଖିବା ସହିତ ନିଜେ ଭୋଜନ କରିଥିଲେ। ତେବେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟବ୍ୟସ୍ତ ସତ୍ତ୍ୱେ ସପ୍ତାହରେ ଦୁଇଦିନ ନିଜ ନିର୍ବାଚନ ମଣ୍ଡଳୀରେ ବୁଲି ବିଭିନ୍ନ ସମସ୍ୟା ସମାଧାନ ଦିଗରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ପ୍ରଚେଷ୍ଟାକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି। କିନ୍ତୁ ପାରାଦୀପରେ ନିର୍ଦ୍ଦିଷ୍ଟ କିଛି ଅସାମାଜିକ ନେତୃତ୍ୱ ମନ୍ତ୍ରୀଙ୍କ ନାମରେ ମିଥ୍ୟା ଅପପ୍ରଚାରକୁ ସର୍ବ ସାଧାରଣରେ ନିନ୍ଦା କରାଯିବା ସହ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ଉଠୁଛି।

## ସାମ୍ବାଦିକଙ୍କୁ ଆକ୍ରମଣ ନେଇ ଦୃଢ ନିନ୍ଦା

ଆସିକା, (ଭାସ୍କର ନ୍ୟୁଜ୍): ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକ ଉପରେ ବାରମ୍ବାର ଆକ୍ରମଣ, ଜୀବନରେ ମାରିବାକୁ ଧମକ ଦେବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ପାରିଲକ୍ଷିତ ହେଉଛି। ଗଣତନ୍ତ୍ର ରାଷ୍ଟ୍ରରେ ଏହା ଏକ ନିନ୍ଦନୀୟ ଘଟଣା ଅଟେ। ଗତ କିଛିଦିନତଳେ ବରଗଡ଼ ଜିଲ୍ଲାର କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଜନପ୍ରତିନିଧି ଦୁଃବ୍ୟବହାର କରିଥିଲେ। ଚଳିତ ମାସରେ କେନ୍ଦୁଝର ଜିଲ୍ଲାର ସୁକିନ୍ଦାରେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଅପହରଣ କରି ମାଡ଼ ମାରି ଅଚେତ ଅବସ୍ଥାରେ ଛାଡ଼ିଦେବା, ଅଳ୍ପଦିନ ତଳେ ବଲାଙ୍ଗୀରରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଠିକାଦାର ଜଣଙ୍କ କଙ୍ଗାରୁ କୋର୍ଟରେ ଦଣ୍ଡଦେବା ଘଟଣା ଚତୁର୍ଥ ସ୍ତମ୍ଭ ପ୍ରତି ଘୋର ଅପମାନ ହେବା ସହ ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ଏହାକୁ ଆସିକା ଜୋର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ଆସିକାର ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ନାଥ ସାହୁ, ସାମ୍ବାଦିକ ଅନିଲ ପାଣିଗ୍ରାହୀ, ଗଙ୍ଗାଧର ଶତପଥି, ରୁଦ୍ର ନାରାୟଣ ପଣ୍ଡା, ସାମ୍ବାଦିକ ଯୋଗେନ୍ଦ୍ରନାଥ ପ୍ରଧାନ, ହୃଦୟକ୍ଷନନ୍ଦ ଜେନା, ରତ୍ନାକର ସାହୁ, ଅଜିତ ଦାଶ, ହରିହର ପାଢ଼ୀ, ସନ୍ତୋଷ ମିଶ୍ର, କ୍ଷୀରୋଦ ଚନ୍ଦ୍ର ବେହେରା, ଶିବରାମ ସିଅ, କମଳେନ୍ଦୁ ହୋତା, ଶିଶିର ମହାନ୍ତି, ଜଗନ୍ନାଥ ସାହୁ, ପ୍ରଶାନ୍ତ କୁମାର ମୁନି, ସନ୍ତୋଷ କୁମାର ମୁନି, ରତ୍ନାକର ସିୟ, ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ସାମ୍ବାଦିକମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ପାଇଁ ଦାବି କରିଛନ୍ତି।

## ଦୁର୍ଘଟଣାରେ ଡିପ୍ଲୋମା ଛାତ୍ରଙ୍କ ମୃତ୍ୟୁ

ବାଣପୁର, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ବେରୁଆଁବାଡ଼ି ଗ୍ରାମର ଜଣେ ଯୁବକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ମାନଗୋବିନ୍ଦ ସ୍ୱାଇଁଙ୍କ ପୁତ୍ର ଅରୁଣ ସ୍ୱାଇଁ (୨୨)। ନାଚୁଣୀ ପୋଲିସ ସୂଚନା ମୁତାବକ ଅରୁଣ ଖୋର୍ଦ୍ଧା ସ୍ଥିତ ଏକ କଲେଜରେ ଡିପ୍ଲୋମା ପାଠ ପଢୁଥିବା ବେଳେ ଆଜି ସକାଳେ ପରୀକ୍ଷା ଦେବାପାଇଁ ଏକ ବାଇକରେ ଖୋର୍ଦ୍ଧା ଅଭିମୁଖେ ବାହାରିଥିଲେ। ତେବେ ନାଚୁଣୀ ଥାନା ଅନ୍ତର୍ଗତ ଦେଓଗାଁ ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ଅରୁଣ ଏକ ଗଛରେ ବାଇକକୁ ପିଟିଦେଇଥିଲେ। ଫଳରେ ଅରୁଣ ରାସ୍ତାରେ ଛିଟିକିପଡ଼ିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଦ୍ୱାରା ବାଣପୁର ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଅରୁଣଙ୍କ ମାତାଙ୍କ ଅଭିଯୋଗକ୍ରମେ ଏ ନେଇ ନାଚୁଣୀ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ଗମ୍ଭାରୀମୁଣ୍ଡା ବିଟ ହାଉସ ଅଧିକାରୀ କେଶବ ବେହେରା ସୂଚନା ଦେଇଛନ୍ତି।

## ବୋଲେରୋ ସହ ସାଢେ ତିନି କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ୍



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ପୋଲିସ ଦ୍ୱାରା ଏକ ବୁଲେରୋ ସହ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରାଯାଇଥିବା ଜଣାପଡିଛି। ଏହି ଘଟଣା ମଙ୍ଗଳବାର ରାତିରେ ଘଟିଥିବା ବେଳେ ବୁଧବାର ପଦାକୁ ଆସିଛି। ପୋଲିସ ରାତିରେ ପେଟ୍ରୋଲିଂ କରୁଥିବା ସମୟରେ ସନ୍ଦିଗ୍ଧ ଅବସ୍ଥାରେ ଏକ ବୋଲେରୋ ଗାଡିର ପିଛା କରି ଓଡ଼ିଆପେଣ୍ଠ ନିକଟରେ ଅଟକାଇଥିଲା। ଫଳରେ ଗାଡ଼ି ଭିତରେ ବସିଥିବା ଦୁର୍ବୃତ୍ତ ପୋଲିସକୁ ଦେଖି ଚମ୍ପଟ ମାରିଥିବା ବେଳେ ପୋଲିସର ସନ୍ଦେହ ବଢିଥିଲା। ଏନେଇ ଲକ୍ଷ୍ମୀପୁର ପୋଲିସ ବୋଲେରୋକୁ ଜବତ କରୁଥିବା ଦେଖିବାକୁ ମିଳିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଲକ୍ଷ୍ମୀପୁର ତହସିଲଦାର ନୈବେଦ୍ୟ ଭୋଇଙ୍କ ଅନୁପସ୍ଥିତିରେ ସମସ୍ତ ଗଞ୍ଜେଇକୁ ଓଜନ କରାଯାଇଥିବା ବେଳେ ୩ କ୍ୱିଣ୍ଟାଲ ୭୯ କେଜି ବାହାରିଥିଲା। ଘଟଣାରେ ଲକ୍ଷ୍ମୀପୁର ପୋଲିସ କାହାରିକୁ ଗିରଫ କରିନଥିବା ବେଳେ ତଦନ୍ତ ଜାରି ରଖିଛି। ଉକ୍ତ ବୋଲେରୋ ମାଲିକଙ୍କ ଘର କୋରାପୁଟ ଜିଲାରେ ବୋଲି ଜଣା ପଡ଼ିଥିବା ବେଳେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ସଭିଙ୍କୁ ଅତି ଶୀଘ୍ର ଗିରଫ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛି।

## ରାସ୍ତା କାମ ଅଧାପନ୍ତରିଆ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ



ଚଣ୍ଡିଖୋଲ, (ଓଡ଼ିଶା ଭାସ୍କର): ଗ୍ରାମାଞ୍ଚଳର ଗମନାଗମନ ପାଇଁ ରାଜ୍ୟ ସରକାର ଲକ୍ଷଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ଜନପ୍ରତିନିଧି ଓ ଠିକାଦାରଙ୍କ ଦୁର୍ନୀତିଖୋର୍ ମନବୃତ୍ତି ପାଇଁ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ସୂଚନା ଆନୁସାରେ ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମର ୫ନମ୍ବର ୱାର୍ଡରେ ଜାନୁସାହି ଠାରୁ ଆରଡି ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟି ଅଧାପନ୍ତରିଆ କାର୍ଯ୍ୟ ହୋଇଥିବାରୁ ବର୍ଷା ହେବା ଯୋଗୁଁ ରାସ୍ତାଟି ବୁଡ଼ିଯାଇଛି। ଫଳରେ ସେହି ରାସ୍ତା ଦେଇ ସାହି ଲୋକମାନେ ଯିବାଆସିବା କରିବାକୁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସ୍ଥାନୀୟ ଠିକାଦାର ଜଣକ ଅଧାକାମ କରି ନିଜର କାର୍ଯ୍ୟ ସାରିଦେଇଥିବାବେଳେ ସାହିର ଲୋକମାନେ ସେହି ରାସ୍ତା ଦେଇ ଯିବାଆସିବା କରିବା ଫଳରେ ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହେବା ସହିତ ଥଣ୍ଡା ଜ୍ୱରରେ ପୀଡିତ ହେଉଛନ୍ତି। ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ବଡଚଣା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି ହେଉଛି।

## 'ସରକାରୀ ଅଫିସରେ କର୍ମଚାରୀଙ୍କ ମନମାନି ବଢୁଛି'

ସୋରଡ଼ା, (ଭାସ୍କର ନ୍ୟୁଜ୍): ଅଞ୍ଚଳର ଅଧିକାଂଶ ସରକାରୀ କାର୍ଯ୍ୟାଳୟ ଏବେ ସମ୍ପୂର୍ଣ୍ଣ ଭାବେ ଦେବାଳିଆ ଅବସ୍ଥାରେ ଚାଲିଛି। କାହିଁକି ନା ସରକରୀ ବାବୁମାନେ ନିଜ ମନମାନିରେ କାର୍ଯ୍ୟାଳୟଗୁଡକୁ ଚଳାଉଛନ୍ତି। ସରକରଙ୍କ ନିୟମ ଅନୁଯାଇ ଏବେ ସକାଳୁଆ ଅଫିସ ହୋଇଛି। ବହୁ ଦୂରଦୂରାନ୍ତରୁ ଲୋକେ ଅଞ୍ଚଳର ଅଧିକ ଗ୍ରୀଷ୍ମ ପ୍ରବାହ ପାଇଁ ସକାଳ ଅଫିସ ସମୟ ପୂର୍ବରୁ ପହଞ୍ଚି ଯାଉଛନ୍ତି, କିନ୍ତୁ ବାବୁମାନଙ୍କର ପ୍ରାୟତଃ ଦେଖା ମିଳୁନାହି। ଏବେ କାର୍ଯ୍ୟଳୟ ଖୋଲିବା ସମୟ ସକଳ ସାତଟା ହୋଇଥିବା ବେଳେ ଖୋଲା ହେଉଛି ଦିନ ଆଠଘଣ୍ଟା ତିରିଶି ମିନଟ ପରେ। ଏହିପରି ଦୃଶ୍ୟ ଦେଖିବାକୁ ମିଳୁଛି ସୋରଡରେ। ଏନଏସି ଓ ବ୍ଲକ ଅଞ୍ଚଳର ଅଧିକାଂଶ କାର୍ଯ୍ୟାଳୟରେ ସୋରଡ଼ା ଅଞ୍ଚଳର ଅଧିକାଂଶ ବିଭାଗର ସରକାରୀ କାର୍ଯ୍ୟାଳୟଗୁଡିକରେ ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ଆଧିକାରୀ ମାନେ ଜାଣିଶୁଣି ବାୟୋ ମାଟ୍ରିକ ମେସିନ ଲଗାଉନାହାନ୍ତି। ଏହାର କାରଣ ଉକ୍ତ ମେସିନ ଲାଗିଲେ ବିଭାଗୀୟ ଆଧିକାରୀ, କର୍ମଚାରୀ ମାନଙ୍କ ଠିକ ସମୟରେ ଆସିବା, ଠିକ ସମୟରେ ଅଫିସରୁ ଜୀବା ଧରା ପଡିଯିବ। ଭୟରେ ଉକ୍ତ ମେସିନକୁ ବ୍ୟବହାର କରାଯାଉ ନାହିଁ। ତାହାରି ଫଳରେ ସକାଳ ଅଫିସରେ କାମ ଢିଲା ହେଉଛି ଓ କେତେକ ଅଫିସରେ ନିମ୍ନମାନର କମ୍ପ୍ୟୁଟର ଲଗାଇ ଅଚଳାବସ୍ଥା ସୃଷ୍ଟି କରୁଛନ୍ତି। ଲିଙ୍କ ଅଚଳ ଦର୍ଶାଇ ଲୋକମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଅଧିକ ପଚାରିଲେ ବିରକ୍ତି ଭାବ ପ୍ରକାଶ କରୁଛନ୍ତି ଓ କର୍ମଚାରୀମାନଙ୍କ ମନମାନି ବଢୁଛି। କୌଣସି ବିଭାଗର ଆଧିକାରୀ ଠିକ ସମୟରେ ନ ଆସିବା ଯୋଗୁଁ ଅନ୍ୟ କର୍ମଚାରୀମାନେ ମଧ ଠିକ ସମୟରେ କାର୍ଯ୍ୟଳୟକୁ ଆସୁନାହାନ୍ତି। ଯାହାରି ଫଳରେ ଲୋକେ ଘଣ୍ଟାଘଣ୍ଟା ଅପେକ୍ଷା କରି ବିରକ୍ତି ଭାବ ପ୍ରକାଶ କରୁଛନ୍ତି। ଆମ ପ୍ରତିନିଧି ଏପରି ଅବ୍ୟବସ୍ଥା ସମ୍ପର୍କରେ ସୋରଡ଼ା ତହସିଲ ଅଫିସ, ସରକାରୀ ଡାକ୍ତର ଖାନ।, ସବରେଜିଷ୍ଟ୍ରି ଅଫିସ ଓ ଅନ୍ୟାନ୍ୟ ଅଫିସ ଗୁଡିକର ଆଧିକାରୀମାନଙ୍କୁ ବାୟୋମେଟ୍ରିକ ମେସିନ ଲଗାଯାଉ ନଥିବା ଓ ସକାଳ କାମ ଢିଲା ହଉଥିବା ଓ କର୍ମଚାରୀମାନଙ୍କୁ ପଚାରିବାରୁ କୌଣସି ସନ୍ତୁଷ୍ଟ ଜନକ ଉତ୍ତର ମିଳିପାରି ନଥିଲା। ଏଣୁ ସୋରଡା ଅଞ୍ଚଳର ସମସ୍ତ ସରକାରୀ ଅଫିସ ଗୁଡିକରେ ବାୟୋମେଟ୍ରିକ ମେସିନ ଲଗାଇବା ପାଇଁ ସୋରଡା ପ୍ରେସ କ୍ଲବ ଆଡଭାଇଜର ଆରାପାଲି ସାରଥି ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।

## ସୁନା ଦୋକାନରୁ ଚୋରି

ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧୀନ କମାରିଆ ବଜାରରେ ଥିବା ଏକ ସୁନା ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୁନା ଦୋକାନୀ ନୂଆନନ୍ଦ ଗ୍ରାମର ମାୟାଧର ସାହୁଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ବୁଧବାର ଭଦ୍ରକ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତକରି ଫେରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ମାୟାଧର ଦୀର୍ଘ ୮ ବର୍ଷଧରି କମାରିଆ ବଜାରରେ ସୁନା ଦୋକାନ କରିଥିଲେ। ସେ ପ୍ରତିଦିନ ଦୋକାନ ବନ୍ଦ କରି ଘରକୁ ଯାଇ ପୁଣି ସକାଳୁ ଆସି ଦୋକାନ ଖୋଲନ୍ତି। ମାତ୍ର ବୁଧବାରଦିନ ସକାଳୁ ଆସି ଦେଖିଲେ ଯେ, ତାଙ୍କ ଦୋକାନର ଗ୍ରିଲ୍ ଭାଙ୍ଗି ତାଲା କାଟି ଦୁର୍ବୃତ୍ତମାନେ ଦୋକାନ ଭିତରକୁ ପଶି ୮ହଳ ସୁନା ଶଙ୍ଖା ନେଇଯାଇଥିବା ଜାଣିବାକୁ ପାଇଥିଲେ। ଯାହାର ମୂଲ୍ୟ ୧ଲକ୍ଷରୁଅଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ମାୟାଧର ଥାନାରେ ଜଣାଇଥିଲେ।

## ମହିଳାଙ୍କୁ ଯୌତୁକ ନିର୍ଯ୍ୟାତନା ଓ ହତ୍ୟା ଉଦ୍ୟମ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯ୍ୟାତନା ଦେଇ ମାଡ଼ମାରି ହତ୍ୟା ଉଦ୍ୟମ କରିଥିବା ମହିଳାଜଣକ ନିମାପଡ଼ା ଥାନାରେ ଗତ ୨୫ ତାରିଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ବଉଳପଦା ଗ୍ରାମରେ ପୂଜାଲିନ୍ ମଲ୍ଲିକ (୨୩) ୨୦୨୨ ମସିହାରେ ପପୁ ମଲ୍ଲିକଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷ ଦାବି ମୁତାବକ ଆସବାବ ପତ୍ର ପୂଜାଲିନ୍‌ଙ୍କ ପରିବାର ଦେଇଥିଲେ। ଷୋଳମଙ୍ଗଳା ବାସି ଠାରୁ ପୂଜାଲିନ୍‌ଙ୍କ ବିବାହିତ ନଣନ୍ଦ, ଶାଶୁ ଓ ସ୍ୱାମୀ ବିଭିନ୍ନପ୍ରକାର ଯୌତୁକ ନିର୍ଯ୍ୟାତନା ଦେଇ ଖାଇବାକୁ ନଦେଇ ମାଡ଼ମାରି ଆସୁଥିଲେ। ଶ୍ୱଶୁର ମଧ ଏହି ଯୌତୁକ ନିର୍ଯ୍ୟାତନାରେ ସାମିଲ ହୋଇଥିଲେ। ପ୍ରତ୍ୟେକଦିନ କୌଣସି କାରଣ ନଥାଇ ପୂଜାଲିନଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ନଣନ୍ଦ ମାଡ଼ ମାରିଆସୁଥିଲେ। ଅସଭ୍ୟଭାଷାରେ ଗାଳିଗୁଲଜ କରୁଥିଲେ। ନିର୍ଯ୍ୟାତନା ସହି ପୂଜାଲିନ୍ ରହିଥିବା ବେଳେ ତାଙ୍କ ଔରସ୍ୟରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଇଥିଲା। ପୂଜାଲିନଙ୍କ ଶାଶୁ, ଯାଆ ମାଡ଼ମାରନ୍ତି। ପୂଜାଲିନଙ୍କ ଯାଆ ଅନେକ ସମୟରେ ଅସଭ୍ୟ ଗାଳିଗୁଲଜ କରନ୍ତି। ଏକବର୍ଷ ହେବ ପୂଜାଲିନ୍ ତାଙ୍କ ସ୍ୱାମୀଙ୍କ ସହିତ ଭୁବନେଶ୍ୱର ବରମୁଣ୍ଡା ରୁଚିକା ମାର୍କେଟ୍‌ରେ ଘରଭଡ଼ା ନେଇ ରହିଆସୁଥିଲେ। ଏହା ପୂର୍ବରୁ ଗତ ୨୧ ତାରିଖରେ ମଧ ପୂଜାଲିନ୍‌ଙ୍କୁ ମାଡ଼ ମରାଯାଇଥିଲା। ଗତ ୨୪ ତାରିଖ ଦିନ ରାତ୍ରରେ ଜବରଦସ୍ତ ପୂଜାଲିନଙ୍କ ସ୍ୱାମୀ ବିଷ ପିଆଇବା ପାଇଁ ଉଦ୍ୟମ କରିଥିଲେ। ସ୍ୱାମୀ ସେଠାରେ ପୂଜାଲିନଙ୍କୁ ଛାଡ଼ି ପଳାଇ ଆସିଥିଲେ। ଏ ସମ୍ପର୍କରେ ପୂଜାଲିନ୍ ନିମାପଡ଼ା ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି।

## ଚୋରା କ୍ରୋମାଇଟ ବୋଝେଇ ହାଇୱା ଓ ଜେସିବି ଜବତ୍









କାଳିଆପାଣି, (ଭାସ୍କର ନ୍ୟୁଜ୍): କାଳିଆପାଣି ଅଞ୍ଚଳ ଭୀମଟାଙ୍ଗର ଖଣିରୁ ମଙ୍ଗଳବାର ଦିନ ରାତିରେ ଏକ କ୍ରୋମାଇଟ ବୋଝେଇ ହାଇୱା ଓ ଗୋଟିଏ ଲୋଡ଼ିଂ ମେସିନ ଜେସିବି ଜବଦ ହୋଇଛି। ଘଟଣାରୁ ପ୍ରକାଶ ଯେ ବନ୍ଦ ହୋଇ ପଡ଼ିଥିବା ଭୀମଟାଙ୍ଗର ୯ନଂ ଖଣିରେ କ୍ରୋମାଇଟ ଚୋରି ହେଉଥିବାର ଖବର ପାଇ ସୁକିନ୍ଦା ବନବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଥିଲା। ଦୁର୍ଭାଗ୍ୟର ବିଷୟ ଯେ ବୋଝେଇ ହୋଇ ରହିଥିବା ହାଇୱା ଓ ବୋଝେଇ ମେସିନ ଜେସିବି ଟିକୁ ବନ ବିଭାଗର ସୁରକ୍ଷା କର୍ମଚାରୀମାନେ ଜବଦ କଲେଫ ହେଲେ ଦୁଇଟିଯାକଗାଡିର ଡ୍ରାଇଭର ଘଟଣାସ୍ଥଳରୁ ଖସିଯିବାକୁ ସମର୍ଥ ହୋଇଥିଲେ। ଫରେଷ୍ଟର ରାମ ତିରିଆଙ୍କ ନେତୃତ୍ୱରେ ପ୍ରାୟ କୋଡିଏ ଜଣ ବନବିଭାଗ କର୍ମଚାରୀ ଗାଡି ଦୁଇଟିକୁ ଜବଦ କରିବାରେ ସମର୍ଥ ହୋଇଥିଲେ। ବନବିଭାଗ ପକ୍ଷରୁ ଦୁଇଟିଯାକ ଗାଡିକୁ ଜବଦ କରାଯାଇ ମାମଲା ରୁଜୁ କରି ଗାଡି ଦୁଇଟିକୁ ସୁକିନ୍ଦା ବନବିଭାଗ କାର୍ଯ୍ୟାଳୟ ନିକଟକୁ ନିଆଯାଇଥିଲା। ସୁକିନ୍ଦା ବନାଞ୍ଚଳର ରାଁଷୋଳ ସେକ୍ସନ ଅଫିସ ଠାରୁ ମାତ୍ର ଦୁଇଶହ ମିଟର ଦୂରରେ ଥିବା ଖଣିରୁ କେବଳ ଦୁଇଟି ଗାଡିକୁ ଜବଦ କରାଯାଇ ପାରିଲା। ମାତ୍ର କୋଡିଏ ଜଣରୁ ଉର୍ଦ୍ଧ୍ୱ ଶସସ୍ତ୍ର ବନବିଭାଗ କର୍ମଚାରୀ ଚାରିପଟୁ ଘେରି ରହିଥିବା ହାଇବା ଗାଡି ଓ ଜେସିବି ମେସିନର ଡ୍ରାଇଭର ମାନେ ସେଠାରୁ ଖସି ପଳାଇଲେ ନା ଖସେଇ ଦିଆଗଲା ତାହା ପ୍ରଶ୍ନବାଚି ସୃଷ୍ଟି ହେଇଛି ? ସୂଚନାଥାଉକି ଗତ ୧୫ ତାରିଖରେ ବିଭିନ୍ନ ଖବରକାଗଜରେ ଉକ୍ତ ସ୍ଥାନରୁ କ୍ରୋମାଇଟ ଚୋରି ହେଉଥିବାର ଖବର ପ୍ରକାଶ ହୋଇଥିଲା। ମାଇନିଂ ବିଭାଗ ଖାଲି ତଦନ୍ତ କାମ ସାରିଦେଇଥିବା ବେଳେ ୨ ସପ୍ତାହ ପରେ ବୁଧବାର ସେହିସ୍ଥାନରୁ କ୍ରୋମାଇଟ ବୋଝେଇ ହୋଇ ଏକ ହାଇୱା ସହିତ ଜେସିବିକୁ ଧରିବା ପାଇଁ ନିଶ୍ଚୟ ବନବିଭାଗ ପ୍ରଶଂସାଯୋଗ୍ୟ। ବାରମ୍ବାର ଚୋରି ହେଉଥିବା ଖଣିର ଅପର ପାର୍ଶ୍ୱଟିକୁ ବେଦାନ୍ତ ଫେକର କମ୍ପାନୀ ତାରବାଡ଼ ଦେଇ ଆବଦ୍ଧ କରିରଖିଛି। ଖଣିଜବିଭାଗ ପକ୍ଷରୁ ଗୋଟିଏ ଖଣିକୁ ଦୁଇଭାଗ କରି ଗୋଟିଏ ଭାଗ ବେଦାନ୍ତ ଫେକର କମ୍ପାନୀକୁ ଲିଜ ଦେଇଛି ତେବେ ଅନ୍ୟ ଭାଗଟିକୁ ମୁକୁଳା ଛାଡ଼ିଛି କାହିଁକି ? ଜାଣିବୁଝି ଏସବୁ ଖଣିଜ ବିଭାଗ ପକ୍ଷରୁ ହୋଇନି ତ ? ବହୁମୂଲ୍ୟବାନ କ୍ରୋମାଇଟ ପଥରର ଚୋରା କାରବାର ପାଇଁ ଏହା ଏକ ଗଳାବାଟ ନୁହେଁ ତ ? ନଚେତ ହାଇବା ବୋଝେଇ ଗାଡ଼ିରେ ଅତି କମରେ ୪୦ଟନ କ୍ରୋମାଇଟ ପଥର ଲୋଡ଼ ହୋଇଥିଲା ଯାହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷରୁ ଅଧିକ ବୋଲି ଜଣାପଡିଛି। ବହୁ ସମୟରେ ଏହି ସ୍ଥାନରୁ କ୍ରୋମାଇଟ ଚୋରି ହେଉଥିଲେ ମଧ୍ୟ ମାଇନିଙ୍ଗ ବିଭାଗ ଚୋରି ରୋକିବାରେ ସମ୍ପୂର୍ଣ୍ଣ ଭାବେ ଅସମର୍ଥ ହୋଇପଡିଛି। ଅପରପକ୍ଷେ ଓଡିଶା ଖଣି ନିଗମ ଅଧିନରେ ବନ୍ଦ ଖଣି ଥିବାବେଳେ ଖଣି ନିଗମ ପକ୍ଷରୁ ସୁରକ୍ଷାକର୍ମୀ ମୁତୟନ କରାଯାଉ ନଥିବା ଜଣାପଡିଛି।

## ବିଜେଇମ ସ୍କୁଲ ଫି ବୃଦ୍ଧି ମାମଲା

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କଲା ସ୍କୁଲ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଗତ ୨୩ ତାରିଖରୁ ମାନ୍ୟବର ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଆସିବା ପରେ ଗତକାଲି ରାତିରେ ମେଲ ଯୋଗେ ବିଧିବଦ୍ଧ ଭାବେ ସ୍କୁଲ ଜଣାଇ ଦିଆଯାଇଥିଲା ବୋଲି ସ୍କୁଲ ସଂଘର ସଭାପତି ରଞ୍ଜନକୁମାର ଦାସ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ବୁଧବାର ସ୍କୁଲ ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟା ଜେନା ଚଳିତବର୍ଷ ୨୮ ତାରିଖରୁ ବିଜେଇମ ସ୍କୁଲରେ ଫି ୧୦% ନିଆଯିବ ବୋଲି ନୋଟିସ ଜାରି କରିଛନ୍ତି। କିନ୍ତୁ ମାନ୍ୟବର ହାଇକୋର୍ଟ ୨୮ ତାରିଖରୁ ୧୦% ନେବା ପାଇଁ କୋଉଠାରେ ଉଲ୍ଲେଖ କରିନାହାନ୍ତି। ମାନ୍ୟବର ହାଇକୋର୍ଟ କହିଛନ୍ତି ତଦନ୍ତ ନ ସରିବା ପର୍ଯ୍ୟନ୍ତ ସ୍କୁଲ ଯଦି ସ୍କୁଲ ଫି ଆଦାୟ କରିବ ତା'ହେଲେ ୧୦%ରୁ ଅଧିକା ଆଦାୟ କରିପାରିବ ନାହିଁ। ବୁଧବାର ବିଜେଇମ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ସ୍କୁଲ ଅଧ୍ୟକ୍ଷାଙ୍କୁ ଏକ ଚିଠି ଲେଖାଯାଇଛି। ଚଳିତବର୍ଷ ୨୦୨୫-୨୦୨୬ ଶିକ୍ଷାବର୍ଷ ଆରମ୍ଭରୁ ୧୦%ଫି ବୃଦ୍ଧି କରିବାପାଇଁ ଅନୁରୋଧ କରାଯାଇଛି ବୋଲି ସଭାପତି ରଞ୍ଜନ କୁମାର ଦାସ ଜଣାଇଛନ୍ତି। ଗତକାଲି ନିର୍ଦ୍ଦେଶକ, ଗଣଶିକ୍ଷା ବିଭାଗକୁ ପ୍ରାୟ ୨୦ ଜଣିଆ କୋରକମିଟି ଭେଟିଥିଲେ। ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ ଅନୁସାରେ ୧୫ ଏପ୍ରିଲର ଅଭିଯୋଗ ଉପରେ ଦିଆଯାଇଥିବା ଅଭିଯୋଗ ଛଅ ସପ୍ତାହ ଭିତରେ ତଦନ୍ତ ସରିବା ପାଇଁ ଆଲୋଚନା କରିଥିଲେ। ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସଂଘ ସହ ମିଳିତ ବୈଠକ କରି ରିପୋର୍ଟ ଦେବାକୁ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି ବୋଲି ଜଣାପଡ଼ିଛି। ଶେଷରେ ସତ୍ୟ ଧର୍ମର ବିଜୟ ହେଲା ବୋଲି କହିଲେ ସ୍କୁଲ ସଂଘର ସଭାପତି ରଂଜନ କୁମାର ଦାସ। ଅଭିଭାବକ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ଆନ୍ତରିକ ଅଭିନନ୍ଦନ ଜଣେଇଛନ୍ତି ଦାସ। ଅଭିଭାବକମାନଙ୍କ ସହଯୋଗ ଓ ପରିଶ୍ରମ ବଳରେ ସତ୍ୟକୁ ସାମନା କରିପାରିଛେ ବୋଲି କହିଛନ୍ତି ସଭାପତି ଦାସ। ୭୦ଦିନ ଅହରହ ଲଢ଼େଇ ପରେ ଆଜି ସଫଳତା ମିଳିଛି। ଆଗକୁ ବହୁତ କିଛି ପରିବର୍ତ୍ତନ ହେବାର ଅଛି କହିଛନ୍ତି ସ୍କୁଲ ସଂଘର ସଭାପତି ଦାସ। ବିଶେଷ କରି ଆସନ୍ତା କାଲି ମେଲ ଯୋଗେ ସ୍କୁଲକୁ ଜଣାଇବା ପରେ ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିଥିବାରୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ସ୍କୁଲ ଅଭିଭାବକ ସଂଘ।

## ଦୋକାନ ପୋଡି ଘଟଣାରେ
## ଯୁବକଙ୍କୁ କୋର୍ଟଚାଲାଣ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମରେ ଏକ ଦୋକାନ ପୋଡି ଘଟଣାରେ ସାଲେପୁର ଥାନା ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି। ଜିଗ୍ନିପୁର ଗ୍ରାମର ଗନ୍ଧର୍ବ ସ୍ୱାଇଁଙ୍କ ପୁତ୍ର ଚନ୍ଦ୍ରମଣି ସ୍ୱାଇଁ ସ୍ଥାନୀୟ ଗ୍ରାମରେ ଥିବା ଆଖଣ୍ଡଳମଣି ମନ୍ଦିର ନିକଟରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସ୍ଥାନରେ ଏକ ଦୋକାନ ଖୋଲି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ଗତ ମାର୍ଚ୍ଚ ୧ତାରିଖ ରାତ୍ରର ବିଳମ୍ବିତ ପ୍ରହରରେ କେତେକ ଦୁର୍ବୃତ୍ତ ତାଙ୍କ ଦୋକାନଘରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଦୋକାନ ଗୃହଟି ସମ୍ପୂର୍ଣ୍ଣ ଜଳି ଯିବା ସହ ୬୫ ହଜାର ଉର୍ଦ୍ଧ ଟଙ୍କାର ସମ୍ପତି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ଏସମ୍ପର୍କରେ ସମ୍ପୃକ୍ତ ଦୋକାନୀ ଚନ୍ଦ୍ରମଣୀ ଗତ ମାର୍ଚ୍ଚ ୨ତାରିଖ ଦିନ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ସାଲେପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସାଲେପୁର ଥାନା ପୋଲିସ ଜିଗ୍ନିପୁର ଗ୍ରାମପଂଚାୟତର ଜଣେ ପ୍ରାକ୍ତନ ସରପଂଚଙ୍କ ପୁତ୍ର ମାନସ ରଞ୍ଜନ ସ୍ୱାଇଁ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ କରିକୋର୍ଟ ଚାଲାଣ କରିଥିବାର ଜଣାପଡିଛି।

### 'ଓଡ଼ିଶା ଭାସ୍କର'ରେ ଖବର ପ୍ରକାଶ ପରେ ଅବକାରୀ ବିଭାଗର ଚଢ଼ଉ

## ଗିରଫ ହେଲା ଧଳା ଜହର ବ୍ୟବସାୟୀ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଂଚଳରେ ଧଳା ଜହର ବ୍ୟାପକ କାରବାର ଖବର 'ଓଡ଼ିଶା ଭାସ୍କର'ରେ ଗତ ୨୨ ତାରିଖରେ ପ୍ରକାଶ ପାଇବା ପରେ ଅବକାରୀ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଅବକାରୀ ବିଭାଗ ଚଢ଼ଉ କରି ଜଣେ ଧଳା ଜହର ବ୍ୟବସାୟୀକୁ ଗିରଫ କରିଥିବା ବେଳେ ତା'ଠାରୁ ୮ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେରୋଇନ୍ ଜବତ କରି କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ପରେ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ଅଂଚଳରେ ବ୍ୟାପକ ଧଳା ଜହର କାରବାର ହେଉଥିବା ଖବର ଗତ ୨୨ତାରିଖରେ ପ୍ରକାଶ ପାଇଥିଲା। ଅବକାରୀ ବିଭାଗ ପକ୍ଷରୁ ଧଳା ଜହର ବ୍ୟବସାୟୀକୁ ଧରିବା ପାଇଁ ଜାଲ ବିଛା ଯାଇଥିବା ବେଳେ ଏହି ଜାଲରେ ଜଣେ ଯୁବକ ଧଳା ଜହର ବିକ୍ରି କରୁଥିବା ସମୟରେ ଧରା ପଡ଼ିଛି। ପୁରୀ ଜିଲ୍ଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନାଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପାଟପୁର ତ୍ରିନାଥ ମଣ୍ଡପ ନିକଟରେ ଚଢ଼ଉ କରି ବିପ୍ଳବ ନାୟକ (୩୫) ଜଣେ ଯୁବକକୁ ଧରିବା ସହ ତା' ଠାରୁ ୮୦ ଗ୍ରାମ୍ ଓଜନର ଧଳା ଜହର ଜବତ କରିଛନ୍ତି। ଅବକାରୀ ବିଭାଗ ଅଧିକାରୀ ଇଣ୍ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତ ବିପ୍ଳବକୁ କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି। ଦୀର୍ଘଦିନ ହେବ ବିପ୍ଳବ ଧଳାଜହର ବ୍ୟବସାୟ କରି ଅପରାଧୀକ ସାମ୍ରାଜ୍ୟ ବିସ୍ତାର କରିଚାଲିଥିଲା। ଏହି ଚଢ଼ଉରେ ଅବକାରୀ ବିଭାଗ ଅଧିକାରୀ ନାରାୟଣ ବେହେରା, ଏଏସ୍ଆଇ ସନ୍ତୋଷ କୁମାର ମହାରଣା, କର୍ମଚାରୀ ତପନ ପ୍ରଧାନ, ସେକ୍ ଓ୍ୱାରିସ୍, ସବିତା ସାହୁ ପ୍ରମୁଖ ସାମିଲ ଥିଲେ।

## କଶପୁରା ପାଇକସିଦା ଆରଡି ରାସ୍ତାରେ ଜମିଛି ପାଣି



ଜଳେଶ୍ବର, (ଭାସ୍କର ନ୍ୟୁଜ୍): ଜଳେଶ୍ବର ବ୍ଲକ ଅନ୍ତର୍ଗତ ପାଇକସିଦା ଗ୍ରାମ ପଞ୍ଚାୟତ ସ୍ଥିତ କେଶପୁରା ଠାରୁ ପାଇକସିଦା ଯାଇଥିବା ଆରଡି ରୋଡରେ କେଶପୁରା ଗାଁ ଭିତରେ ରାସ୍ତା ନିର୍ମାଣ ହେବା ଠାରୁ ପାଣି ଜମି ରହୁଛି। ଏପରିକି ଭାରି ବର୍ଷା ହେଲେ ଯାତାୟତାରେ ବାଧା ସୃଷ୍ଟି ହେଉଛି। ଏଭଳି ପାଣି ଜମି ରହିଲେ ବିଭିନ୍ନ ରୋଗ ହେବା ସହ ଡେଙ୍ଗୁ ମାଡିବାର ଆଶଙ୍କା ଅଛି। ଜନସାଧାରଣ ବାରମ୍ବାର ବିଭାଗକୁ ଜଣେଇଲେ ମଧ ତାହାର ପ୍ରତିକାର ହେଉନାହିଁ। ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ସଠିକ ତଦାରଖ ହୋଇ ନଥିବା ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଲୋକଙ୍କ ଘରବାଡ଼ିରୁ ରାସ୍ତା ଗଭୀର ହୋଇ ଯୋଗୁଁ ଖରାଦିନରେ ମଧ ପାଣି ଜମି ରହୁଥିବା ଲୋକେ କହୁଛନ୍ତି। ସାମାନ୍ୟ ବର୍ଷା ପରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଜନସାଧାରଣଙ୍କ ଯିବା ଆସିବାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏହାର ପ୍ରତିକାର ସହିତ ତୁରନ୍ତ ପଦକ୍ଷେପ ନେବା ପାଇଁ ପାଇକସିଦା ଗ୍ରାମ ପଞ୍ଚାୟତର ଯୁବ ସମାଜସେବୀ ଗୌତମ ପାତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଛନ୍ତି।



ଭାପୁର, (ଭାସ୍କର ନ୍ୟୁଜ) : ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଆସନ୍ତା ଶ୍ରୀ ଗୁଣ୍ଡିଚା ଦିନ ଉଦ୍ଘାଟନ କରିବା ପାଇଁ ଖଣ୍ଡପଡ଼ା ବିଧାୟକ ଇଞ୍ଜିନିୟର ଦୁଷ୍ମନ୍ତ କୁମାର ସ୍ୱାଇଁ ଗତ ୬ ମାସ ତଳେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରେ ଘୋଷଣା କରିବା ସହିତ ଶୀଘ୍ର କାମ ଶେଷ କରିବା ପାଇଁ ବିଭାଗୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେବଳ ସେତିକି ନୁହେଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ନୂତନ କୋଠାଘରକୁ ଉଦ୍ଘାଟନ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ନୂତନ କୋଠାଘରର କାର୍ଯ୍ୟ ସମାପ୍ତ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଅର୍ଥାତ୍, କାର୍ଯ୍ୟ ଧିମା ଗତିରେ ଆଗେଇ ଚାଲିଥିବାରୁ ଶ୍ରୀ ଗୁଣ୍ଡିଚାକୁ ସମାପ୍ତ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉଲ୍ଲେଖଯୋଗ୍ୟ, ପୋଲିସ ହାଉସିଂ କର୍ପୋରେସନ ଏହାର ନିର୍ମାଣ କାର୍ଯ୍ୟ ନେଇଥିବାବେଳେ ଗୁଣ୍ଡିଚା ଆଉ ଅଳ୍ପ ଦିନ ରହିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଫିନିସିଂ କାର୍ଯ୍ୟ ଏବଂ ଭିତ୍ତିଭୂମି ଏ ପର୍ଯ୍ୟନ୍ତ ଆଗେଇପାରି ନାହିଁ । ଏହି ଖୁବ୍ କମ୍ ଦିନ ମଧ୍ୟରେ କାର୍ଯ୍ୟ ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ପ୍ରତିଶ୍ରୁତି ଦେବାର ୬ ମାସ ବିତିଗଲା। କିନ୍ତୁ, ବିଧାୟକଙ୍କ ନିର୍ଦ୍ଦେଶକୁ ପ୍ରଶାସନ ପ୍ରତ୍ୟାଖ୍ୟାନ କରୁଥିବାରୁ ଭାପୁର ଅଞ୍ଚଳବାସୀଙ୍କ ପାଇଁ ବିଧାୟକଙ୍କ ଲଲିପପ୍ ଧରେଇବା କେତେଦୂର ଯୁକ୍ତିଯୁକ୍ତ ତାହା ବୁଦ୍ଧିଜୀବୀ ମହଲରେ ଆଲୋଚ୍ୟର ବିଷୟ ହୋଇଛି ।



# ୬ଟି କଣ୍ଟେନରରୁ ୨୪୯ ଗୋରୁ ଉଦ୍ଧାର, ୨୨ ଗିରଫ

କୋରାପୁଟ, (ଭାସ୍କର ନ୍ୟୁଜ) : କଣ୍ଟେନରରେ ବେଧଡ଼କ ଚାଲିଥିଲା ଗୋରୁ ଚାଲାଣ । ସେଥିରେ ରୋକ ଲଗାଇଛି କୋରାପୁଟ ଟାଉନ ଥାନା ପୋଲିସ । ଗତ ଦୁଇ ଦିନ ମଧ୍ୟରେ ୬ଟି କଣ୍ଟେନରରୁ ୨୪୯ ଗୋରୁ ଉଦ୍ଧାର ହୋଇଛି । ଚାଲାଣରେ ସଂପୃକ୍ତ ୨୨ଜଣଙ୍କୁ ଗିରଫ କରାଯାଇଛି । ବିଶେଷ ସୂତ୍ରରୁ ଖବର ପାଇ କୋରାପୁଟ ଟାଉନ ଥାନା ପୋଲିସ ଭୋର ସମୟରେ ମାଉସୀମା ମନ୍ଦିର ଛକ ନିକଟରେ ଗୋରୁ ଭର୍ତ୍ତି ହୋଇଥିବା ୨ଟି କଣ୍ଟେନରକୁ ଅଟକାଇ ଯାଞ୍ଚ କରିଥିଲା । ଗାଡିରୁ ୩୯ଗୋରୁ ଉଦ୍ଧାର ହୋଇଥିଲା ବେଳେ ସେଥିରୁ ୪ଗୋରୁଙ୍କ ମୃତ୍ୟୁ ହୋଇଯାଇଥିଲା । ବେଆଇନ ଭାବେ ଚାଲାଣ କରୁଥିବାରୁ ପୋଲିସ ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଛି । ସେହିପିର ପୁଣି ସେହି ସ୍ଥାନରେ



ଟାଉନ ଥାନା ପୋଲିସ ୪ଟି କଣ୍ଟେନରକୁ ଯାଞ୍ଚ କରି ୨୧୦ ଗୋରୁଙ୍କୁ ଉଦ୍ଧାର କରିବା ସହ ୧୭ଜଣଙ୍କୁ ଗିରଫ କରିଛି । ଏନେଇ ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି । ମୋଟ ୨୪୯ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା ବେଳେ ସେଥିରୁ ୫ଗୋରୁଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବଳକା ୨୪୪ଗୋରୁଙ୍କୁ ଜୟପୁର ବ୍ଲକ ଗଡପଦର ପଞ୍ଚାୟତ ଅନ୍ତର୍ଗତ ପାଲିଗୁଡା ଗୋଶାଳାକୁ ଅଣାଯାଇଥିଲା । ହିନ୍ଦୁ ସମାଜ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୋଶାଳରେ ରଖାଯାଇଛି। କୋରାପୁଟ ଏସପିଙ୍କ ନେତୃତ୍ୱରେ ଟିମ୍ ଗଠନ କରି ଏହି ଚଢଉ କରାଯାଇଥିଲା। ଗୋରୁ ବୋଝେଇ କଣ୍ଟେନର ଗୁଡିକ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକରୁ ପଡୋଶୀ ଆନ୍ଧ୍ର ମାନାପୁରମ ଅଞ୍ଚଳକୁ ଯାଉଥିଲା ବୋଲି ଗିରଫ ଡ୍ରାଇଭର ପ୍ରକାଶ କରିଛନ୍ତି ।

# ପୋଖରୀର ଭ୍ରମ ସୃଷ୍ଟି କରୁଛି ରାସ୍ତା, ମରାମତି ପାଇଁ ଦାବି

ଡ଼ାବୁଗାଁ, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକ ଦେଇ ଯାଇଥିବା ଭାରତମାଳା ପ୍ରକଳ୍ପର ଡ଼ାଇଭରସନ ରାସ୍ତା ବିପଦ ସଙ୍କୁଳ ରହିଛି। ଡ଼ାବୁଗାଁ ବ୍ଲକ ଛେଳି ବେଡ଼ା ନିକଟରେ ଭାରତ ମାଳା ପ୍ରକଳ୍ପର ରାସ୍ତା କାର୍ଯ୍ୟ ଜାରି ରହିଥିବା ବେଳେ ଡ଼ାବୁଗାଁ - ବୋରିଗାଁକୁ ସଂଯୋଗ କରୁଛି ଏକ ଓଭର ବ୍ରିଜ। ଉକ୍ତ ଓଭର ବ୍ରିଜ କାର୍ଯ୍ୟ ଜାରି ରହିଥିବାରୁ ଛେଳି ବେଡ଼ା ଦେଇ ଏକ ଡ଼ାଇଭରସନ ରାସ୍ତା କରାଯାଇଛି। ତେବେ ରାସ୍ତା ଉପରେ ମେଟାଲ ମୋରମ୍ ତଥା ବାଲି ପଡି ନ ଥିବାରୁ ରାସ୍ତା କାଦୁଅ ପରିପୂର୍ଣ୍ଣ ହୋଇ ରହିଛି। ଏପରିକି ଏହି ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇ ବହୁ ସ୍ଥାନରେ ପାଣି ଜମି ରହିଛି। ପାଣି ଜମି ରହିଥିବାରୁ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ରାସ୍ତାର ୨୦ ଫୁଟ ତଳେ ଭାରତମାଳା ରାସ୍ତା ଥିବାରୁ ଡାଇଭରସନ



ରାସ୍ତା ବିପଦ ପୂର୍ଣ୍ଣ ରହିଛି। ଏହି ଡ଼ାଇଭରସନ ରାସ୍ତା ଉପରେ ବୋରିଗାଁ, ଘୋଡ଼ାଖୁଣ୍ଟା, ନନ୍ଦପୁରା ଗ୍ରାମ ପଞ୍ଚାୟତ ସହ ପଡୋଶୀ କୋଷାଗୁମୁଡ଼ା ବ୍ଲକ ଓ ଛତିଶଗଡ ଲୋକେ ନିର୍ଭର କରୁଛନ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ଲକ୍ଷ୍ମୀ ବସ, ଭାରି ଯାନ, ଚାରି ଚକିଆ ଯାନ ସହ ଦୁଇ ଚକିଆ ଯାନ ଯାତାୟାତ କରୁଛି। ଗତ କିଛି ଦିନ ହେଲା ଡ଼ାବୁଗାଁ ବ୍ଲକରେ କାଳ ବୈଶାଖୀ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଲୋକେ ଅସ୍ତ ବ୍ୟସ୍ତ ରହିଛନ୍ତି। ଭାରତମାଳାର ଏହି ଡାଇଭରସନ ରାସ୍ତା ଦେଇ ଲୋକେ ଯାତାୟାତ କରିବାକୁ ଭୟଭୀତ ଅଛନ୍ତି। କେଉଁ ମୁହୂର୍ତ୍ତରେ ମଧ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ସବୁ ଠାରୁ ଆଶ୍ଚର୍ଯ୍ୟ ବିଷୟ ଏହି କାଦୁଅ ପଚ ପଚ ବାଇପାସ ରାସ୍ତା ଦେଇ ବ୍ଲକର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ସହ ଜନ ପ୍ରତିନିଧି ଯାତାୟାତ କରୁଥିଲେ ସୁଦ୍ଧା ସମସ୍ତେ ନୀରବ ଦ୍ରଷ୍ଟା ସାଜିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବାଇପାସ ରାସ୍ତାକୁ ଯାତାୟାତ ଉପଯୁକ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସେମିଳିଗୁଡାରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର




କୋରାପୁଟ, (ଭାସ୍କର ନ୍ୟୁଜ) : ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କୋରାପୁଟ ବେଣୁଧର ଶବରଙ୍କ ଅଧ୍ୟକ୍ଷତାରେ ୩୮ ଅଭିଯୋଗର ଶୁଣାଣି ହୋଇଥିଲା । ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟଜଳ, ମୋବାଇଲ ଟାୱାର, ଜମିଜମା ଓ ଭତ୍ତା ବଣ୍ଟନ ସହ ପଂଚାୟତର ବିଭିନ୍ନ ଉନ୍ନୟନ ସମ୍ପର୍କିତ ସମସ୍ୟା ରହିଥିଲା । ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, କୋରାପୁଟ ସିଡିଏମ୍ଓ ବରଦାକାନ୍ତ ମିଶ୍ର, ଏଏସ୍‌ପି ମନୋଜ କୁମାର ପୁଜାରି, ସେମିଳିଗୁଡା ବିଡଓ ଯସ୍ମୀନ ପ୍ରଦାନ, ସେମିଳିଗୁଡା ତହସିଲଦାର ଦେବବ୍ରତ କରାତି, ସୁନାବେଡା ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକ ଏବଂ ଜିଲ୍ଲା ଓ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଅଭିଯୋଗ ଗୁଡିକର ଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସିଡିଓ/ଇଓ ଶବର ବ୍ଲକ ପରିସରରେ ୬ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଏବଂ ୧୮ ଜଣଙ୍କୁ ନୂତନ ଭାବେ ପେନସନ ପ୍ରଦାନ କରିଥିଲେ ।

# ମନ୍ଦିର ପ୍ରତିଷ୍ଠା ଓ ମଣ୍ଡେଇ ଉଦ୍‌ଯାପିତ

ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କପେନା ପଞ୍ଚାୟତ ସଦରରେ ମା' କଙ୍କାଲୁଣୀମାତା ମା' ଠାକୁରାଣୀ ସନା ଦେଇ ମାତା ମା' ଜଲନି ମାତା ବାଉଡି ମାତା ଏବଂ ମା' ପେଣ୍ଡ୍ରାଣୀଙ୍କ ମନ୍ଦିର ୩ଦିନ ଧରି ଚାଲୁଥିବା ମନ୍ଦିର ପ୍ରତିଷ୍ଠା ଏବଂ ମଣ୍ଡେଇ ଆଜି ଉଦ୍‌ଯାପିତ ହୋଇଯାଇଛି। ୨୪ ତାରିଖ ଶନିବାର ଦିନ ସମସ୍ତ ଗ୍ରାମର ମା' ଭଉଣୀ ମାନେ ମିଶି ଏକ ବିରାଟ ଶୋଭାଯାତ୍ରାରେ ମୁଣ୍ଡରେ କଳସ ବହି ଗାଁରୁ ମନ୍ଦିରକୁ ନେଇ ଯାଇ ଥିଲେ। ଏବଂ ସକାଳ ୭ଘଣ୍ଟିକା ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ବ୍ରାହ୍ମଧୂନି ସ୍ଥାପନ ଅଖଣ୍ଡବତୀ ଦୀପ ପ୍ରଜ୍ୱଳନ ଅହୋରାତ୍ର ନାମ ଭଜନ ସଂକିର୍ତ୍ତନ ଉଜାଗର ଅନୁଷ୍ଠିତ ହୋଇଥିଲା। ୨୫ ତାରିଖ ରବିବାର ଦିନ ପ୍ରାତଃ ବ୍ରାହ୍ମମୁହୂର୍ତ୍ତ ବାଲ୍ୟ ଭୋଗ ଅର୍ପଣ କରାଯାଇ ସେବନ କରାଗଲା ତାପରେ ଅଲେଖ ମହିମା ଧର୍ମାବଲମ୍ବି





ପ୍ରକାଶ ଦାସ ବାବା ଅଲେଖ ମହିମା ବ୍ରହ୍ମଯଜ୍ଞ କରିବା ସହିତ ଆଠ ଭଜନରେ ମହିମା ଧର୍ମର ସମସ୍ତ ଭକ୍ତ ଝୁମି ଯାଇଥିଲେ। ଶେଷରେ ୨୬ ତାରିଖ ସୋମବାର ଦିନରେ ମା' କଙ୍କାଲୁଣୀ, ମା' ଠାକୁରାଣୀ ସନାଦେଇ, ମା' ଜଲନି ମାତା, ମା' ବାଉଡି ମାତା ଏବଂ ମା' ପେଣ୍ଡ୍ରାଣୀଙ୍କ ମଣ୍ଡେଇ ଅନୁଷ୍ଠିତ ହୋଇଯାଇଥିଲା। ଏବଂ ରୀତିନୀତି ଅନୁସାରେ ମନ୍ଦିର ପୂଜାରୀ ପ୍ରର୍ଲାଦ ପୂଜାରୀ, ଜଗବନ୍ଧୁ ପୂଜାରୀ, ସନାଧର ପୂଜାରୀ, କମୁଲୁ ପୂଜାରୀ, ପୂଜା କରିଥିଲେ। ସେହିପରି ମାଙ୍କ ପ୍ରତିକ ଭାବେ ଲାଟି ପାଲିଙ୍କି ବିମାନ ଆଦି ସାମିଲ ହୋଇଥିଲା। ଏବଂ ମାଙ୍କ ଶକ୍ତି ମଧ ଦେଖିବାକୁ ମିଳିଥିଲା। ସେହିପରି ଯାତ୍ରା କମିଟି ତରଫରୁ ଲୋକମାନଙ୍କ ମନୋରଞ୍ଜନ ନିମନ୍ତେ ପ୍ରତ୍ୟେକ ଦିନ ଆଦିବାସୀ ନାଟକ ସବୁର ଆୟୋଜନ କରାଯାଇଥିଲା। ମନ୍ଦିରରେ ହଜାର ହଜାର ଭକ୍ତ ଏବଂ ସାଧୁସନ୍ଥଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗ୍ରାମର ପୂଜାରୀ ସମେତ ଗାଉଁଟିଆ, ଚଲାଣ, ଗାଣ୍ଡା, ତଥା ଜନସାଧାରଣ ତିନିଦିନ ଧରି ଚାଲୁଥିବା ଏହି ମନ୍ଦିର ପ୍ରତିଷ୍ଠା ଓ ମଣ୍ଡେଇ ଯାତ୍ରାରେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହିତ ଯାତ୍ରାକୁ ସମାପିତ କରିଥିଲେ। ଶେଷ ଦିନରେ ମନ୍ଦିର ପ୍ରାଙ୍ଗଣରେ ଉଠା ଦୋକାନି ମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ଆଖ ପାଖ ଅଞ୍ଚଳର ଜନସାଧାରଣ ମା'ଙ୍କ ଯାତ୍ରା ଦେଖିବା ସହ କିଣାବିକାର ମଧ ମଜା ଉଠାଇଥିଲେ।

## ଜୀବନ ନେଉଛି ୩୨୬ ଜାତୀୟ ରାଜପଥ



କାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଦେଇ ରାଞ୍ଚି - ବିଜୟୱାଡା ୩୨୬ ନଂ ଜାତୀୟ ରାଜପଥର ଏମଭି ୭୯ରୁ ମୋଟୁ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ସମ୍ପୂର୍ଣ୍ଣ ରାସ୍ତା ଉପରୁ ପିଚୁ ଉଠିଯାଇ ନଷ୍ଟ ହେବା ସହ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ବାରମ୍ବାର ଗୁହାରି ସତ୍ତ୍ୱେ ମଧ ସମ୍ପୃକ୍ତ ବିଭାଗ ରାସ୍ତା ମରାମତି ଦିଗରେ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଥିବା ବେଳେ ବର୍ତ୍ତମାନ ରକ୍ଷଣା ବେକ୍ଷଣ ଅଭାବ ଯୋଗୁ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି । ଏହାକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ମଧ ବୃଦ୍ଧି ପାଇବାରେ ବାରେ ଲାଗିଛି। ରାସ୍ତାରେ ଯାତାୟାତ କରିବା ବିପଦଜନକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ରାସ୍ତା ଖରାପ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ମଧ ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଏବଂ ଜାନ ବାହାନ ଚଳାଚଳ ହେଉଥିବା ବେଳେ ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଜନସାଧାରଣଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏହାସହ ଏହି ରାସ୍ତା ଦେଇ ଏମ୍‌ଭି ୭୯ରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଅଟୋରିକ୍ସା ମଟରସାଇକେଲ, କାର, ବସ୍ ଯୋଗେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଉଥିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତାଖରାପ ଯୋଗୁଁ ଦୁର୍ଘଟଣା ଘଟୁଥିବା ମଧ ଦେଖିବାକୁ ମିଳିଛି। ଗତ ଦିନରେ ଖାଲଖମା ଭରା ଏହି ରାସ୍ତାରେ ପଡି ଅନେକ ଲୋକଙ୍କ ପ୍ରାଣ ହାନି ହୋଇଥିବା ନଜିର ରହିଛି। ଏହି ରାସ୍ତାରେ ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ବଢି ବଢି ଯାଉଥିବାରୁ ଏହି ରାସ୍ତାର ମରାମତି ଦିନ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମାଓବାଦୀ ଲୁଟି ନେଲେ ବିସ୍ଫୋରକ ଗାଡି

ଲକ୍ଷ୍ମୀପଦା, (ଭାସ୍କର ନ୍ୟୁଜ୍) : ଦୀର୍ଘ ଦିନର ନିରବତା ପରେ ପୁଣିଥରେ ମାଓବାଦୀ ସକ୍ରିୟ ହୋଇଥିବା ସୂଚନା ମିଳୁଛି। ରାଉରକେଲାରୁ ଏକ ଗାଡି ଯୋଗେ ବିସ୍ଫୋରକ ସାମଗ୍ରୀ କେ ବଲାଙ୍ଗ ଥାନା ଅଧିନସ୍ଥ ବାଙ୍କ ପଥର କୁଆରୀକୁ ଯାଉଥିବା ବେଳେ କୌଣସି ସୂତ୍ରରୁ ମାଓବାଦୀ ମାନେ ଖବର ପାଇ ୩୦/୪୦ ମାଓବାଦୀ ମୁହଁରେ ଗାମୁଛା ଓ ମୁଖା ପିନ୍ଧି ବାଟରେ ଗାଡିକୁ ଅଟକ ରଖି ବିସ୍ଫୋରକ ସହିତ ଗାଡି ଚାଳକଙ୍କୁ ଅପହରଣ କରି ନେଇ ଯାଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଲଙ୍ଗଳକଟା ଜଙ୍ଗଲରେ ଛାଡ଼ି ଦେଇ ଚାଲିଗଲେ। ଚାଳକ ଚାଲି ଚାଲି ଆସି କେ ବଲାଙ୍ଗ ଥାନାରେ କହିଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ଆଇଜି ଅପରେସନ ଡ. ଦୀପକ କୁମାର ଥାନାକୁ ଗସ୍ତ କରି ଘଟଣା ସମ୍ପର୍କରେ ପଚାରି ବୁଝିବା ସହିତ ଅପରେସନକୁ ଜୋରଦାର କରିଥିବା ସୂଚନା ମିଳିଛି।

## ଅସରାଏ ବର୍ଷାରେ ବେହାଲ ନୂତନ ବସଷ୍ଟାଣ୍ଡ ରାସ୍ତା ; ହନ୍ତସନ୍ତ ହେଉଛନ୍ତି ଲୋକ

ଉମରକୋଟ, (ଭାସ୍କର ନ୍ୟୁଜ୍) : କାଳ ବୈଶାଖୀର ଅସରାଏ ବର୍ଷା ହେଲେ ବେହାଲ ହୋଇଯାଏ ରାସ୍ତାର ଅବସ୍ଥା। ଯେକୌଣସି ଗାଡି ନେଇ ଚାଳକ ଏହି ରାସ୍ତାରେ ଯିବାକୁ ଡରନ୍ତି। ଖାଲରେ ଚକ ଅଟକିଗଲେ ଗାଡି ଠେଲି ବାହାର କରିବା ପାଇଁ ଲୋକ ଖୋଜା ପଡନ୍ତି। ଏ ହେଉଛି ଉମରକୋଟ ସହରରେ ଥିବା ନୂତନ ବସଷ୍ଟାଣ୍ଡ ସମ୍ମୁଖରେ ରାସ୍ତାର ଅବସ୍ଥା। ରାସ୍ତାର ମରାମତି ଅଭାବରୁ ଅସରାଏ ବର୍ଷା ହେଲେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଯାଏ। ପାଣି ଜମି ରହେ ରାସ୍ତା ଉପରେ। ଏହି ସମସ୍ୟା ଆଜିର ନୁହେଁ। ଅନେକ ସମୟରେ ଗାଡିଗୁଡ଼ିକ ଏହି ରାସ୍ତାରେ ଫଶି ଯାଉଛି। ଲୋକେ ଏହି ରାସ୍ତା ସମସ୍ୟା ସଂପର୍କରେ ଅଭିଯୋଗ କରିଛନ୍ତି । ହେଲେ କୌଣସି ସୁବିଧା କରାଯାଉ ନାହିଁ। ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ସମସ୍ତେ ଜାଣନ୍ତି କିନ୍ତୁ କୌଣସି ମରାମତି କାମ କରାଯାଇ ନାହିଁ। ଏଥିପାଇଁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହରର ଏହି ମୁଖ୍ୟ



ରାସ୍ତାର ଦୁରାବସ୍ଥାରେ କେବେ ଉଚିତ୍ ପଦକ୍ଷେପ ନେଇ କାମ ତ୍ୱରାନ୍ୱିତ ହେବ ଓ କେବେ ସୁଧାର ଆସିବ ଦେଖିବାକୁ ବାକି ରହିଲା।

## ମାତିଛି ବସନ୍ତ ରୋଗ: ଦୁଇଶହରୁ ଉର୍ଦ୍ଧ୍ୱ ଛେଳି ଆକ୍ରାନ୍ତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଦାବାଙ୍କ ଗ୍ରାମରେ ଏକ ମାସ ହେଲାଣି ବସନ୍ତ ରୋଗ ମାଡ଼ି ଚାଲିଛି। ସାହିର ଜଗନ୍ନାଥ ମାଝୀ, ରୁଷିମାଥ ମାଝୀ, ପ୍ରଦୀପ ମାଝୀ, ରାଇମନୀ ମାଝୀ, ରାଇମନୀ ମାଝୀ (ବି) ବିଶ୍ୱନାଥ ମାଝୀ ଆଦି ବହୁ ଲୋକଙ୍କ ୨ଶହରୁ ଉର୍ଦ୍ଧ୍ୱ ଖାସି, ମାଇ ଛେଳି ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଫଳରେ ଛେଳି ପାଳନ କରୁଥିବା ମାଲିକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ସ୍ଥାନୀୟ ପଶୁ ଡାକ୍ତରଙ୍କୁ ଦେଖାଇ ଔଷଧ ପତ୍ର ଦିଆଯାଉଥିଲେ ହେଁ ରୋଗ ଭଲ ହେଉନଥିବାରୁ ଲୋକେ ଚିନ୍ତାଗ୍ରସ୍ତ ହୋଇଛନ୍ତି। ଛେଳିଙ୍କ ମୁହଁରେ ଏହି ରୋଗ ମାଡୁଥିବାରୁ ଘାସ ଖାଇ ପାରୁନାହାନ୍ତି। ତୁରନ୍ତ ଜିଲ୍ଲା ପଶୁ ବିଭାଗ ପକ୍ଷରୁ ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚି ଚିକିତ୍ସା ଆରମ୍ଭ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରେସ କାଉନସିଲ ଅଫ ଇଣ୍ଡିଆ କିମ୍ବା ଭାରତୀୟ ପ୍ରେସ ପରିଷଦ ନାମ ବ୍ୟବହାରକୁ ବାରଣ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ପ୍ରେସ କାଉନସିଲ ହେଉଛି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଏକ ବୈଧାନିକ ଅଙ୍ଗ। ଯାହାକି ପ୍ରେସ କାଉନସିଲ ଆକ୍ଟ ୧୯୭୮ ଅନୁଯାୟୀ ଗଠିତ। ଏହାର ଦୁଇଟି ମୁଖ୍ୟ ଉଦେଶ୍ୟ ହେଉଛି ପ୍ରେସର ସ୍ୱାଧୀନତାକୁ ସୁରକ୍ଷିତ କରିବା ଓ ଭାରତର ସମ୍ବାଦ ପତ୍ର ଓ ସମ୍ବାଦ ପତ୍ରମାନଙ୍କର ମାନଦଣ୍ଡକୁ ରକ୍ଷା କରିବା। ନୂଆଦିଲ୍ଲୀ ସ୍ଥିତ ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ, ଲୋଦୀ ରୋଡ଼ ଠାରେ ପ୍ରେସ କାଉନସିଲର ସଚିବାଳୟ କାର୍ଯ୍ୟ କରୁଥିବା ବେଳେ ଏହାର କୌଣସି ରାଜ୍ୟ ଶାଖା ନାହିଁ। କିମ୍ବା ଏହି ନାମରେ ନାମିତ ପ୍ରାଧିକୃତ ଅଙ୍ଗ କୌଣସି ସ୍ଥାନରେ କାର୍ଯ୍ୟ କରେ ନାହିଁ। ମାତ୍ର ସମ୍ପ୍ରତି ଏହି ପ୍ରେସ କାଉନସିଲ ଶବ୍ଦଟି ଅନ୍ୟ ପ୍ରେସ ସଂଘଠନ ମାନଙ୍କ ଦ୍ୱାରା ବ୍ୟବହାର ହେବାର ମନ୍ତ୍ରଣାଳୟ ଦ୍ୱାରା ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଯଦ୍ଦ୍ୱାରା ଏହା ଯେ, ପ୍ରେସ କାଉନସିଲ ଅଫ ଇଣ୍ଡିଆର ଅସ୍ତିତ୍ୱ ଓ ମର୍ଯ୍ୟାଦା କ୍ଷତି କରୁଛି ତାହା ନୁହେଁ ବରଂ ଏହାର ବୈଶ୍ୟଷ୍ଟପୂର୍ଣ୍ଣ ନାମ ଓ ଅଦ୍ୱିତ୍ୟ ଶକ୍ତି ଉପରେ ପ୍ରଭାବ ପକାଉଛି। ଏଣୁ ବିଧି ମାମଲା ବିଭାଗ ସ୍ୱଷ୍ଟ ମତ ଦେଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ଏହି ଶବ୍ଦକୁ ବ୍ୟବହାର କରିବା ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ, ଯାହାକି ଚିହ୍ନ ଓ ନାମର ଅନୁଚିତ ବ୍ୟବହାର ନିବାରଣ ନିୟମ ୧୯୫୦ ଅନୁସାରେ ଅବୈଧ ଅଟେ। ଏହି ପରିପ୍ରେକ୍ଷୀରେ କୌଣସି ସ୍ଥାନୀୟ ସଂସ୍ଥା କିମ୍ବା ସଂଘଠନ ମାନଙ୍କ ପ୍ରତି ପ୍ରେସ କାଉନସିଲ କିମ୍ବା ଏହାର ହିନ୍ଦୀ ଅନୁବାଦ ଭାରତୀୟ ପ୍ରେସ ପରିଷଦ ନାମରେ ନିବନ୍ଧନ ବା ବ୍ୟବହାରକୁ ସର୍ବଦା ବାରଣ କରାଯାଉଛି। ଏହାର ଉଲଂଘନ ବିଧି ବ୍ୟବସ୍ଥା ଅନୁଯାୟୀ ଉଲଂଘନ କାରି ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ, ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି।

## ଧାନ ମଣ୍ଡଳ- ହରିଦାସପୁର୍ ରେଲୱେ କାର୍ଯ୍ୟରେ ଚୋରା ମାଟି ମୋରମ୍ ଯୋଗାଣ ଅଭିଯୋଗ

# ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ; କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ

ବଡ଼ଚଣା, (ଭାସ୍କର ନ୍ୟୁଜ୍) : ବଡ଼ଚଣା ଏବଂ ଧର୍ମଶାଳା ଅଞ୍ଚଳରେ ଥିବା ସିମା ନିର୍ଦ୍ଧାରଣ ଅନୁଯାୟୀ ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ଼ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲ୍ଲାର ଧାନ ମଣ୍ଡଳ ଠାରୁ ହରିଦାସପୁର ପର୍ଯ୍ୟନ୍ତ ନିର୍ମାଣ ଚାଲି ଥିବା ଛୋଟ ଲୁପ ଲାଇନ କାର୍ଯ୍ୟରେ ବ୍ୟାପକ ଭାବେ ଚୋରା ମାଟି ଓ ମୋରମ ସପ୍ଲାଏ ହେଉଥିବା ଦେଖାଯାଇଛି। ଯେକୌଣସି ସରକାରୀ ନିର୍ମାଣ କାର୍ଯ୍ୟରେ ବିନା ଟ୍ରାଞ୍ଜିଟ୍ ପାସ୍‌ରେ (ଟିପିରେ) ମାଟି ଓ ମୋରମ ପରି ଲଘୁ ଖଣିଜ ଦ୍ରବ୍ୟ ବ୍ୟବହାରକୁ ବାରଣ କରାଯାଇଥିବା ବେଳେ ଏଠାରେ ଚାଲିଥିବା ରେଳ ଲାଇନ ନିର୍ମାଣରେ ଦୈନିକ ଶହ ଶହ ଟ୍ରିପ୍ ଚୋରା ମାଟି ଓ ମୋରମ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। କେତେକ ମାଫିଆ ପ୍ରତ୍ୟେକ ରାତିରେ ସରକାରୀ ଅନାବାଦୀ, ଗୋଚର ଓ ଜଙ୍ଗଲ କିଶମ ଜମିରୁ ବଡବଡ ମେସିନ ଲଗାଇ ସମ୍ପୂର୍ଣ୍ଣ ବେଆଇନ ଭାବେ ମାଟି ଓ ମୋରମ ଖନନ କରି ଶତାଧିକ ବଡ଼ ହାଇୱା ଟ୍ରକ ଯୋଗେ ଲୁଟ କରି ନିର୍ମାଣଧୀନ ରେଳ ଲାଇନ କାର୍ଯ୍ୟକୁ ପରିବହନ କରୁଛନ୍ତି। ଏହି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାର ଓ ରେଳବାଇ ଅଧିକାରୀ କୌଣସି ଯାଞ୍ଚ ନକରି ଏହି ଚୋରା ମୋରମ ଓ ମାଟିକୁ ନିର୍ମାଣ କାର୍ଯ୍ୟରେ ଲଗାଉ ଥିବା ଦେଖାଯାଉଛି । ଏହି ଲଘୁ ଖଣିଜ ଚୋରି ଯୋଗୁଁ ରାଜ୍ୟ ସରକାର ଦୈନିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉ ଥିଲା ବେଳେ ମାଫିଆମାନେ ମାଲା ମାଲ୍ ହେଉଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଗୋଟିଏ ଟ୍ରକ ମାଟି ଓ ମୋରମକୁ ମାଫିଆମାନେ ୫ ରୁ ୭ ହଜାର ଟଙ୍କାରେ ବିକ୍ରି କରୁଥିବା ବେଳେ ଦିନକୁ ଦୁଇରୁ ତିନିଶହ ଟ୍ରିପ ରେଳ ଲାଇନ ନିର୍ମାଣ କାମକୁ ଚାଲାଣ କରୁଛନ୍ତି। ଏହି ହିସାବରେ ସରକାର ଦୈନିକ ତିନି ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ରାଜସ୍ୱ ହରାଉଥିବା ଆକଳନ କରାଯାଉଛି। ଦୀର୍ଘଦିନ ହେବ ଖୁଲମ୍ ଖୋଲାରେ ଏହି ଚୋରା କାରବାର ଚାଲିଥିଲା ବେଳେ ଦୁଇଜଣ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧି ଓ ତାଙ୍କ ଦ୍ୱାରା ନିଯୁକ୍ତ ଚୋରମାନେ ହାତ ବାରିଶି ସାଜିଥିବା କିଛି ନିଜକୁ ବୋଲାଉଥିବା ଗୁଣ୍ଡା ଓ ଦାଦା ମାନେ ଏହି କାର୍ଯ୍ୟରେ ଲିପ୍ତ ଥିବା ଆଲୋଚନା ହେଉଛି। ଧର୍ମଶାଳା ତହସିଲ ଅଞ୍ଚଳର ପାଖର, ମାଣ୍ଡିଆ ଓ ବଡଚଣା ସିମା ଅଧିନସ୍ତ ଖୋସାଲିପୁର ନିକଟସ୍ତ କେତେକ ନିଷିଦ୍ଧ ସ୍ଥାନରୁ ଏହି ମାଟି ଓ ମୋରମ ରାତି ଅଧିଆ ଖୋଳା ଯାଇ ଟ୍ରକ ଯୋଗେ ବଡଚଣା ଥାନା ତଥା ଧାନ ମଣ୍ଡଳ ଫାଣ୍ଡି ଅଧିନରେ ଚାଲିଥିବା ଉକ୍ତ ରେଳ ଲୁପ ଲାଇନର ନିର୍ମାଣ ସ୍ଥାନକୁ ଚୋରା ଚାଲାଣ ହେଉଛି। ଜାଣିଶୁଣି ପ୍ରଶାସନର ନଜର ପଡୁନି ଅଥବା ମୋଟା ଅଙ୍କର ପଣି ଦିଆଯାଇଥିବା ଖବରରୁ ଯାହା ଜଣାପଡୁଛି। ଆବଶ୍ୟକ ସ୍ଥଳେ କୌଣସି ଘରୋଇ ଲୋକଙ୍କ ଦରକାର ପଡିଲେ ତାଙ୍କର ଗାଡ଼ି ଅଟକାଇ ଜବତ କରି ଜୋରିମାନା ସହ ମାମଲାରେ ଛନ୍ଦି ଦିଆଯାଉଛି । ମୋରମ ଓ ମାଟି ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଏହି ଲୁଟ ପାଟ ବନ୍ଦ କରିବାକୁ ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ୍) ଓ ଧର୍ମଶାଳା ଓ ଦର୍ପଣ ତହସିଲଦାରଙ୍କ ସହ ବଡଚଣା ଓ ଧର୍ମଶାଳା ଥାନା ପୋଲିସ ନିକଟରେ ବାରମ୍ବାର ଫେରାଦ୍ ହେଉଥିଲେ ମଧ ସବୁ ଜାଣି ସବୁ ଦେଖି ସଂପୃକ୍ତ ଅଧିକାରୀମାନେ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ଏହି ଚୋରା କାରବାର ଯୋଗୁ ବ୍ୟାପକ ସରକାରୀ ରାଜସ୍ୱ ଆତ୍ମସାତ ହେବା ସହିତ ପରିବେଶ ଧ୍ୱଂସ ହେଉଥିଲେ ମଧ ସଂପୃକ୍ତ ବିଭାଗୀୟ ପ୍ରଶାସନ ଅଧିକାରୀ ମାନେ କାହିଁକି ଘୋର କୁମ୍ଭ ନିଦ୍ରାରେ ଶୋଇଛନ୍ତି ତାହା ସାଧାରଣରେ ପ୍ରଶ୍ନ ହୋଇଛି ।

# ବେଆଇନ ହୋଡିଂ ଉପରେ ପୌରପାଳିକାର କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସହରରେ ବେଆଇନ ହୋଡିଂ ଉପରେ ଗତକାଲି ଠାରୁ ଯାଂଚ କରାଯାଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଲାବଣ୍ୟଛକ ଠାରେ ସରକାରୀ ଜାଗାରେ ଦୋକାନ ଘର କରି ଏହା ଉପରେ ବେଆଇନ ହୋଡିଂ ନିର୍ମାଣ ହେଉଥିବା ନେଇ ଆଜି ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ନିର୍ବାହୀ ଅଧିକାରୀ ଇଂ ଲଳିତ କୁମାର ନାୟକ ଏକ ଟିମ ଗଠନ କରି ଘଟଣାସ୍ଥଳକୁ ଯାଇ ଯାଂଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଟିମ ଯାଂଚ ପରେ ସରକାରୀ ଜମିରେ ଦୋକାନ ଘର କରି ଏହା ଉପରେ ହୋଡିଂ ନିର୍ମାଣ ହେଉଥିବା ନେଇ ରିପୋର୍ଟ ପ୍ରଦାନ କରିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ



ବେଆଇନ ହୋଡିଂ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯିବ। ସହରର ଅନ୍ୟ ଯେଉଁ ସ୍ଥାନରେ ବେଆଇନ ହୋଡିଂ ହୋଇଛି ଏହାର ଯାଂଚ ଚାଲିଛି। ଯେଉଁମାନେ ଅନୁମତି ନ ନେଇ କରିଥିବେ ସେ ଗୁଡିକୁ ଭଙ୍ଗାଯିବ। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଦିନକୁ ଦିନ ବେଆଇନ ହୋଡିଂ ଦିନକୁ ଦିନ ବଢିବାରେ ଲାଗିଛି। ବିନା ଅନୁମତିରେ ହୋଡିଂ ଲାଗିଥିଲେ ମଧ ପୌର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ସହର ମଧ୍ୟରେ ରାସ୍ତାକଡରେ ବଡ ବଡ ଅଟ୍ଟାଳିକା ଉପରେ କେତେକ ସଂସ୍ଥା ନିଜର ବ୍ୟବସାୟର ପ୍ରଚାର ପ୍ରସାର ପାଇଁ ହୋଡିଂ ଲଗାଇଛନ୍ତି । ହୋଡିଂ ଲଗାଇବା ପୂର୍ବରୁ ସଂପୃକ୍ତ ସଂସ୍ଥା ପୌରସଂସ୍ଥାରୁ ଅନୁମତି ନେଇ ନିର୍ମାଣ କରିବା କଥା। ମାତ୍ର ସଂପୃକ୍ତ ବ୍ୟବସାୟିକ ସଂସ୍ଥା ବିନା ଅନୁମତିରେ ହୋଡିଂ ଲଗାଉଛନ୍ତି। ପୌରପାଳିକା ସହର ମଧ୍ୟରେ ମାଳ ମାଳ ହୋଡିଂ ଏବଂ ବ୍ୟାନର ଉପରେ ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି। ପୌରପାଳିକାର କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ହାତ କରି ସଂପୃକ୍ତ ସଂସ୍ଥା ହୋଡିଂ ଏବଂ ବ୍ୟାନର ଲଗାଉଥିବା ଅଭିଯୋଗ ହୋଇଆସୁଛି। ହୋଡିଂ ଯୋଗୁଁ ସହରର ସୌନ୍ଦର୍ଯ୍ୟହାନୀ ସହ ଦୁର୍ଘଟଣାର ମଧ ସମ୍ଭାବନା ରହିଛି। ବେଆଇନ ହୋଡିଂରୁ ପୌରପାଳିକାର ବ୍ୟାପକ ରାଜସ୍ୱହାନୀ ହେଉଥିବାବେଳେ ପୌରପାଳିକା କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଥିବା ଅଭିଯୋଗ ହେଉଛି। ହୋଡିଂ ବାବଦରେ ପୌରପାଳିକାର ଯେତିକି ରାଜସ୍ୱ ଆସୁଥିଲା ଗତ ୩ ବର୍ଷ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଏ ଦିଗରେ ପଦକ୍ଷେପ ନେଇ ଅନୁମତି ନ ନେଇ ହୋଡିଂ ଲଗାଇଥିବା ସଂସ୍ଥା ଏବଂ ଏହାକୁ ପ୍ରୋତ୍ସାହନ ଯୋଗାଉଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବ ହୋଇଛି।



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମପଞ୍ଚାୟତ ସେଣ୍ଡକାପ ଗ୍ରାମରେ ଥିବା ଶିବ ଦୁର୍ଗା ମନ୍ଦିରରେ ଶ୍ରୀ ଶ୍ରୀ ବ୍ରହ୍ମେଶ୍ୱର ମହେଶଙ୍କର ଶିବ ବିବାହ ଉତ୍ସବ (ଶୀତଳଷଷ୍ଠୀ) ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତ୍ତି କ୍ରମେ ଚଳିତ ମାସ ୩୦ ତାରିଖ ଠାରୁ ଜୁନ ମାସ ୧ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବାକୁ ଥିବାବେଳେ କୋଇଲିବୁଡ, ବାରାନୁଗମନ,ଶୁଭବିବାହ,ପ୍ରୀତି ଭୋଜନ ଆଦି କାର୍ଯ୍ୟକ୍ରମ ମାନ ରହିଥିବା ଜଣାପଡ଼ିଛି । ଏହି ଉତ୍ସବକୁ ସରସ ସୁନ୍ଦର ଆକର୍ଷଣ କରିବା ପାଇଁ କମିଟି ତରଫରୁ ସମସ୍ତ ଆୟୋଜନ କରାଯାଉଛି । ଶିବ ଦୁର୍ଗା କମିଟିର ମୁଖ୍ୟ ଉପଦେଷ୍ଟା ରସାନନ୍ଦ ଘଣା,ପୂଜକ ପ୍ରସନ୍ନ କୁମାର ମହାପାତ୍ର,ସଦସ୍ୟ ଭୀମସେନ ନାଏକ,ପବନା ନାଏକ,ବସନ୍ତ ନାଏକ,ଶଶିଭୂଷଣ ମହାନ୍ତ, ନୁଟା ନାଏକ,ଯଦୁମଣି ନାଏକ,ଇନ୍ଦ୍ର ନାଏକ,କୀର୍ତ୍ତନ ନାଏକ, ଦୁଃଶାସନ ନାଏକ, ବାଙ୍କୁ ନାଏକ,ଦେବ ପାତ୍ର,ବିଭିଷଣ ନାଏକ ରଶ୍ମିନାଥ ମହାନ୍ତ, ସାଇବ ନାଏକ ପ୍ରମୁଖ ଏହି ପ୍ରସ୍ତୁତି ବୈଠକରେ ଯୋଗଦେଇ ନିଜର ମତାମତ ପ୍ରଦାନ କରିବା ସହ ଉତ୍ସବକୁ କିପରି ଆଡମ୍ବର ସହକାରେ ପାଳନ କରାଯିବ ଆଲୋଚନା କରାଯିବା ସହ ଉକ୍ତ ଉତ୍ସବରେ ଭକ୍ତଗଣ ଯୋଗ ଦେଇ ବ୍ରହ୍ମାଣ୍ଡ ସୃଷ୍ଟି କର୍ତ୍ତା ବାବାଙ୍କ କୃପା ଲାଭ କରିବାକୁ ଶିବ ଦୁର୍ଗା ମନ୍ଦିର କମିଟି ଓ ଗ୍ରାମବାସୀ ତରଫରୁ ନିବେଦନ କରିଛନ୍ତି ।



# କାର୍ଯ୍ୟାଦେଶ ପରେ ବି ଟଙ୍କା ନପାଇ ଅନ୍ତ୍ୟୋଦୟ ହିତାଧିକାରୀ ହତାଶ

ବଡ଼ଚଣା, (ଭାସ୍କର ନ୍ୟୁଜ) :ବଡ଼ଚଣା ବ୍ଲକରେ ଥିବା ୪୩ଟି ପଞ୍ଚାୟତରେ ଅନ୍ତ୍ୟୋଦୟ ଯୋଜନାରେ କାର୍ଯ୍ୟାଦେଶ ମିଳିଥିବା ଅଦ୍ୟାବଧି ଏକମାସରୁ ଉର୍ଦ୍ଧ ହେବ ହିତାଧିକାରୀଙ୍କୁ ପ୍ରାପ୍ୟ ଟଙ୍କା ମିଳୁ ନଥିବାରୁ ଘର ନିର୍ମାଣ କାର୍ଯ୍ୟରେ ଡେରି ହେଉଥିବା ଜଣାପଡିଛି । ବହୁ ହିତାଧିକାରୀ ଘର ଭାଙ୍ଗି ସେହି ଜାଗାରେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାରୁ ରହିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବର୍ତ୍ତମାନ ଲଘୁଚାପ ଜନିତ ଦୈନିକ ବର୍ଷା ଓ ଘନଘନ କାଳ ବୈଶାଖୀ ଦାଉ ସାଧୁଛି, ଅନ୍ୟପଟେ ଅଳ୍ପଦିନ ମଧ୍ୟରେ ବର୍ଷା ଋତୁର ଆଗମନ ହେବାକୁ ଯାଉଛି । ହିତାଧିକାରୀଙ୍କ ମୁଣ୍ଡରେ ମାରୁଛି ଚଡ଼କ ଏପଟେ ଅର୍ଥ ସାଜିଛି ବାଧକ । ସୁଚନା ମୁତାବକ ଏ ବ୍ଲକରେ ଥିବା ୪୩ ଟି ପଞ୍ଚାୟତରେ ମୋଟ ୪୦୦ ହିତାଧିକାରୀଙ୍କ ଅନ୍ତୋଦୟ ଯୋଜନାରେ ନୂତନ ଗୃହ ନିର୍ମାଣ ପାଇଁ ବହୁ ପ୍ରଚାର ପ୍ରସାରରେ ଲୋକଙ୍କୁ ଡାକି ସଭା ମାଧ୍ୟମରେ ଜନପ୍ରତିନିଧି ଓ ପ୍ରଶାସନ ଅଧିକାରୀ ମିଶି ସରକାରଙ୍କର ଗୁଣଗାନ କରି ବ୍ଲକ ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ସରକାରଙ୍କ ନିୟମ ଅନୁସାରେ ଅନ୍ତୋଦୟ କାର୍ଯ୍ୟାଦେଶ ଦିଆଯାଇଛି । କାର୍ଯ୍ୟାଦେଶ ପାଇବା ପରେ ବହୁ ହିତାଧିକାରୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ବି ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଆବଶ୍ୟକ ଟଙ୍କା ମିଳିନଥିବା ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି । ପୂର୍ବରୁ ନିୟମାନୁସାରେ ମୋ କୁଡ଼ିଆ, ବିଜୁ ପକ୍କାଘର ହେଉ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ସହିତ ସେମାନଙ୍କ ବ୍ୟାଙ୍କ ଜମା ଖାତାକୁ ପ୍ରଥମ କିସ୍ତି ଅନୁଯାୟୀ ୪୦ ହଜାର ଟଙ୍କା ଯାଉଥିଲା । ଏବଂ ପରବର୍ତ୍ତୀ ଅବସ୍ଥାରେ ଦାୟିତ୍ୱରେ ଥିବା କାର୍ଯ୍ୟରତ ଅଧିକାରୀ ତଦନ୍ତ କରି ବିଲ୍ ଦେବାପରେ ପୁଣି ବ୍ୟାଙ୍କ ଖାତାକୁ ଟଙ୍କା ପଠା ଯାଉଥିଲା । ତେବେ ଅନ୍ତୋଦୟ ଯୋଜନାରେ ଏପରି କରାନଯିବାରୁ ହିତାଧିକାରୀମାନେ ଗୃହ ନିର୍ମାଣ କରିବାରେ ଅସୁବିଧା ସୃଷ୍ଟି ହେଉଛି । କେତେକ ହିତାଧିକାରୀ ଘର ଅଧାରୁ ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ଘର ନିର୍ମାଣ କରିଥିଲେ ମଧ୍ୟ ସେମାନଙ୍କୁ ଟଙ୍କା ମିଳିବାରେ କାହିଁକି ଅସୁବିଧା ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଏହି ବିଷୟରେ ବଡ଼ଚଣା ବିଡ଼ିଓ ପ୍ରଶ୍ନୋତ୍ତର କହିଲେ କି ଆମେ କାର୍ଯ୍ୟାଦେଶ ଦେଇଛୁ ଏହା ବାବଦକୁ ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଶୀଘ୍ର ଆସିବ ଏବଂ ସମୟ ସୀମା ନ କହିବାରୁ ବର୍ତ୍ତମାନ ସୁଦ୍ଧା ଏକ ମାସରୁ ଉର୍ଦ୍ଧ ବିତିଗଲାଣି ଟଙ୍କା ପ୍ରଥମ କିସ୍ତି ବ୍ୟାଙ୍କ ଖାତାକୁ ନ ଆସିଥିବାରୁ ତାହା ହିତାଧିକାରୀଙ୍କ ମନରେ କାର୍ଯ୍ୟାଦେଶ ଦେଲେ ଟଙ୍କା ମିଳିବ କେବେ ପ୍ରଶ୍ନ ଉଙ୍କି ମାରୁଛି ।

# ମଦ ଦୋକାନ ଖୋଲାଯିବା ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ମ୍ୟୁନିସିପାଲଟିର ୫ନଂ ଓ ୯ନଂ ୱାର୍ଡରେ ଦେଶୀମଦ ଦୋକାନ ଖୋଲାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାକୁ ବିରୋଧ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ଜଳେଶ୍ୱର ଶାଖା ପକ୍ଷରୁ ଆଜି ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ନିକଟରେ ଗତ ୨୫ତାରିଖରେ ଚିଠିନଂ ୧୬୬୫ରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦେଶୀମଦ ଦୋକାନ ଖୋଲାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଜଳେଶ୍ୱର ମ୍ୟୁନିସିପାଲଟିର ୫ନଂ ଓ ୯ନଂ ୱାର୍ଡରେ ମଧ୍ୟ ଦେଶୀମଦ ଦୋକାନ ଖୋଲାଯିବ ବୋଲି ଜଣାଯାଇଛି । ଏହାକୁ ବିରୋଧ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ଜଳେଶ୍ୱର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଗୌରାଙ୍ଗଚରଣ ଘୋଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ରାଜ୍ୟକୁ ନିଶାମୁକ୍ତ କରିବାଲାଗି ନିର୍ବାଚନ ଇସ୍ତାହାରରେ ଘୋଷଣ କରାଯାଇଥିବା ବେଳେ ରାଜସ୍ୱ ବୃଦ୍ଧି ଆଳରେ ଦେଶୀମଦ ଦୋକାନ ଖୋଲିବା ଓ ନିଶାନିବାରଣ ସଚେତନତା କାର୍ଯ୍ୟକ୍ରମ ଏକ ଦୋମୁହାଁ ନୀତିବୋଲି ମୋନାର ଜଳେଶ୍ୱର ସଭାପତି ଅଶୋକ ଜେନା, ସଂପାଦକ ପ୍ରଦୀପ ସିଂହ, ରବିନ୍ଦ୍ର ସେନାପତି, ନିରୋଜ ବେହେରା, ଗଣେଶ ଗିରି, ରାଜୀବ ପାତ୍ର ପ୍ରମୁଖ ବହୁବ୍ୟକ୍ତି କହିଛନ୍ତି ।

# କୋମାରେ ଅଲଣାହାଟ ସରକାରୀ ହୋମିଓପ୍ୟାଥିକ୍ ଚିକିତ୍ସାଳୟ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍ ) : ନିଜସ୍ୱ ଚିକିତ୍ସାଳୟ ଗୃହ ନାହିଁ, ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଚାଲୁଛି ଅଲଣାହାଟ ସରକାରୀ ହୋମିଓପାଥିକ ଚିକିତ୍ସାଳୟ । ବାହାରୁ ଦେଖିଲେ ସାଧାରଣ ରୋଗୀଟିଏ ଚିକିତ୍ସାଳୟକୁ ଚିହ୍ନଟ କରିବା କଷ୍ଟକର ହୋଇପଡ଼ିବ । ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀ ତଦନ୍ତ ଲାଗି ଯାଇଥିଲେ । ଚିକିତ୍ସା ଅଧିକାରୀ ଉପରିସ୍ଥ ହାକିମଙ୍କୁ ଧରି ବାଲିଆ ଚିକିତ୍ସାଳୟରେ ଦୁଇଦିନ ଡିଉଟି ଲାଗି ସୁବନ୍ଦୋବସ୍ତ କରି ନିଜ ସ୍ୱାର୍ଥର ସଠିକ ସୁରକ୍ଷା ବ୍ୟବସ୍ଥା କରିଦେଲେ । ବାକି ଦିନ ଗୁଡ଼ିକ ଇଚ୍ଛାହେଲେ ଆସିବେ ମନଇଚ୍ଛା ଚିକିତ୍ସାଳୟ ଖୋଲିବେ ନହେଲେ ବନ୍ଦ ରଖିବେ ।ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୁଇଜଣ ରିଜର୍ଭ ଚିକିତ୍ସା ଅଧିକାରୀ ଥାଉ ଥାଉ କେଉଁ ପରିସ୍ଥିତିରେ ଅଲଣାହାଟ ଚିକିତ୍ସା ଅଧିକାରୀ ଙ୍କ ବାଲିଆ ଚିକିତ୍ସାଳୟ ଡିଉଟି ଲାଗି ଆଦେଶ ଦେଲେ ତାହା ସାଧାରଣରେ ପ୍ରଶ୍ନବାଚୀ । ଆୟୁଷ ନିର୍ଦ୍ଦେଶକ ଗତ ୧୩ ତାରିଖ ରେ ଦୁଇଜଣ ଉପନିର୍ଦ୍ଦେଶକଙ୍କୁ ସମଗ୍ର ରାଜ୍ୟରେ ଆୟୁଷ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମୀକ୍ଷା ତଥା ପରିଦର୍ଶନରେ ଦାୟିତ୍ୱ ନ୍ୟସ୍ତ କରିଥିଲେ ମଧ୍ୟ ଜଗତସିଂହପୁର ଜିଲ୍ଲାରେ ଏ ପ୍ରକାର ଚିକିତ୍ସାଳୟଗୁଡିକ ପକ୍ଷାଘାତର ଶିକାର ହେବା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ସୃଷ୍ଟି କରିଛି । ଆୟୁଷ ନିର୍ଦ୍ଦେଶକ ତୁରନ୍ତ ତଦନ୍ତ ଲାଗି ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି ।



# ୧୨୦ଟି ଅଭିଯୋଗ ଶୁଣାଣି



ନିଆଳି, (ଭାସ୍କର ନ୍ୟୁଜ): ନିଆଳି ପଞ୍ଚାୟତ ସମିତି ଆରଏମସି କକ୍ଷରେ ଆଜି ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିଂ ଦେ, କଟକ ଗ୍ରାମାଞ୍ଚଳ ଆରକି ଅଧିକ୍ଷକ ପ୍ରତୀକ ସିଂ ଉପସ୍ଥିତ ରହିଥିବା ବେଳେ ୧୨୦ଟି ଅଭିଯୋଗର ଶୁଣାଣି କରିଥିଲେ । ବ୍ୟକ୍ତିଗତ ଭାବେ ୮୭ଟି ଓ ୧୪ଟି ସାମୁହିକ ଅଭିଯୋଗ ରହିଥିବା ବେଳେ ୧୯ଟି ଅଭିଯୋଗର ସମାଧାନ ଶୁଣାଣି ସ୍ଥଳେ ହିଁ ହୋଇଥିଲା ବିଶେଷ କରି ପାନଚାଷୀଙ୍କ କ୍ଷତିପୂରଣ ଜଳ ଓ ପରିମଳ ବ୍ୟବସ୍ଥା ରାସନ ଓ ରାଜସ୍ୱ ବିଭାଗର ଉପରେ ଅଧିକ ଅଭିଯୋଗ ଆସିଥିଲା । ଏହି ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଅନେକ ଲୋକ ଅଭିଯୋଗ ନକରି ଫେରିଥିବା ଦେଖିବାକୁ ପାଇଥିଲେ । ଉପଜିଲ୍ଲାପାଳ ଶିବ ଟାପୋ, ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦାସ, ନିଆଳୀ ତହସିଲଦାର ତାରିଣୀ ରଞ୍ଜନ ରାଏ, ସଦର ଏସ୍‌ଡିପିଓ କିରଣ ହେମରମ, ନିଆଳୀ ବିଡ଼ିଓ ଧର୍ମରଞ୍ଜନ ପଣ୍ଡା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଡ଼ା. ଝକ. ରାଉତ ଓ ନିଆଳୀ ପଞ୍ଚାୟତ ସମିତି ଅଧକ୍ଷ ଉମେଶଚନ୍ଦ୍ର ବେହେରା । ସରକାରୀ ନିର୍ବାହୀ ଯନ୍ତ୍ରୀ ରମାରତନ ଭୂୟାଁ ଉପସ୍ଥିତ ରହିଥିଲେ । ଏହି ଶିବିରରେ ଜଳ ଓ ପରିମଳ, ଡ୍ରେନେଜ ବିଭାଗ, ଜିଲ୍ଲା ଖଣିବିଭାଗ, ବିଦ୍ୟୁତ ବିଭାଗ, ଉଦ୍ୟାନ ବିଭାଗ କୃଷି ବିଭାଗ, ଓ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ଅନେକ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ସୁପାରିଶରେ ବଦଳି ହୋଇଥିବା ଶିକ୍ଷକଙ୍କ ଡେପୁଟେସନ ବାତିଲ କେବେ ?

କେନ୍ଦୁଝର(ଭାସ୍କର ନ୍ୟୁଜ୍) :କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରୁ ହାଟଡିହି, ଆନନ୍ଦପୁର,ଘଷିପୁରା ବ୍ଲକକୁ ଚାପ ଓ ସୁପାରିଶରେ ବହୁ ଶିକ୍ଷକଙ୍କୁ ଡେପୁଟେସନ କରାଯାଇଛି । ଏହି ୩ଟି ବ୍ଲକରେ ଛାତ୍ର ଅନୁପାତରେ ଶିକ୍ଷକ ସଂଖ୍ୟା ଅଧିକ ରହିଛି । ଏବେ ସରକାର ବିଧାୟକ ଏବଂ ସାଂସଦଙ୍କ ସୁପାରିଶରେ ୧୫ଜଣ ଲୋଖାଁଏ ଶିକ୍ଷକ ଜିଲ୍ଲା ଭିତରେ ବଦଳି ହୋଇ ପାରିବେ ବୋଲି ନିର୍ଦ୍ଦେଶନାମା ପ୍ରକାଶ କରିଛନ୍ତି । ସରକାରଙ୍କ ଏହି ଚିଠି ପରେ ଏହି ୩ଟି ବ୍ଲକକୁ ବଦଳି ପାଇଁ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ବିଧାୟକ ଏବଂ ସାଂସଦଙ୍କ ଘର ଆଗରେ ଡେରା ପକାଇଛନ୍ତି । ସାଂସଦ ଅନନ୍ତ ନାୟକଙ୍କ ନିକଟରେ ଅଦ୍ୟାବଧି ୨୮୦ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ବ୍ଲକ-ବ୍ଲକ ମଧ୍ୟରେ ଏବଂ ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ବଦଳି ପାଇଁ ଆବେଦନ କରିଛନ୍ତି । ତେବେ ଏତେ ସଂଖ୍ୟକ ଶିକ୍ଷକ ବଦଳି ପାଇଁ ଆବେଦନ କରିଥିବାରୁ ସାଂସଦଙ୍କ କାର୍ଯ୍ୟାଳୟ କାହାର ନାଁ ସୁପାରିଶ କରିବେ ଏବଂ କାହା ନାଁ କାଟିବେ ତାହାକୁ ନେଇ ଦ୍ୱନ୍ଦରେ ପଡିଛି । ବ୍ଲକ ଗୁଡିକରେ ଛାତ୍ର ଅନୁପାତରେ ଅଧିକ ଶିକ୍ଷକ ଥିବାବେଳେ ପୁଣି ଲବି କରି ବଦଳି ହେଲେ ଅନ୍ୟ ବ୍ଲକର ବିଦ୍ୟାଳୟ ଗୁଡିକରେ ପାଠପଢା ବାଧାପ୍ରାପ୍ତ ହେବ । ଏହି ୩ଟି ବ୍ଲକରୁ ବହୁ ଶିକ୍ଷକ ଜିଲ୍ଲା ସାରା ଚାକିରୀ କରିଛନ୍ତି । ସେମାନେ ନିଜ ନିଜ ବ୍ଲକକୁ ଯିବା ପାଇଁ ଲବି କରୁଛନ୍ତି । ଯାହାକି ବିଧାୟକଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି । ଗତ ୩ ବର୍ଷ ହେବ ଅନେକ ଶିକ୍ଷକ ଲବି କରି ନିଜ ପସନ୍ଦର ବ୍ଲକକୁ ସପ୍ତାହକୁ ୩ ଦିନିଆ ବା ୬ ଦିନିଆ ଡେପୁଟେସନରେ ଯାଇ ବର୍ତ୍ତମାନ ମଧ୍ୟ କାମ କରୁଛନ୍ତି । ଏମାନଙ୍କର ହିସାବ ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗ ନିକଟରେ ନାହିଁ । ବିଧାୟକ ଏବଂ ସାଂସଦଙ୍କ ସୁପାରିଶରେ ଏହି ୩ ଟି ବ୍ଲକକୁ ଶିକ୍ଷକମାନଙ୍କୁ ବଦଳି କଲେ ବହୁ ଅସଂଗତି ସୃଷ୍ଟି ହେବ । ବିଧାୟକ ଏବଂ ସାଂସଦଙ୍କ ସୁପାରିଶକୁ ଉପଯୁକ୍ତ ଭାବେ ତର୍ଜମା ନ କଲେ ଅସଂଗତି ବଢି ବଢି ଚାଲିବ । ପୂର୍ବରୁ ନୀତିନିୟମ ଉଲ୍ଲଘଂନ ହୋଇ ବହୁ ସଂଖ୍ୟାରେ ଶିକ୍ଷକଙ୍କୁ ଡେପୁଟେସନ କରାଯାଇଛି । ବିଶେଷ କରି ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଆବଶ୍ୟକସ୍ଥଳେ ଡେପୁଟେସନ ଆଦେଶ କରିବାର ନିୟମ ଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀମାନେ ଏହାକୁ ନମାନି ବହୁ ଶିକ୍ଷକଙ୍କୁ ଡେପୁଟେସନ ଆଦେଶ କରିଛନ୍ତି । ଛାତ୍ର ଅନୁପାତରେ ଶିକ୍ଷକ ନିଯୁକ୍ତି ଏବଂ ବଦଳି କରିବାର ନିୟମ ଥିବାବେଳେ ଏହାର ଅନୁପାଳନ ହେଉନାହିଁ । ଫଳରେ ଅସଂଗତି ଦେଖାନେଇ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ କମ ଶିକ୍ଷକ ଏବଂ କମ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଅଧିକ ଶିକ୍ଷକ ରହିଛନ୍ତି । ଜିଲ୍ଲା ଶିକ୍ଷା ବିଭାଗ ଏହାର ନିୟମିତ ସମୀକ୍ଷା କରୁନଥିବାରୁ ଛାତ୍ର ଅନୁପାତରେ ଶିକ୍ଷକ ରହୁନାହାଁନ୍ତି । କେଉଁ ବିଦ୍ୟାଳୟରେ ଛାତ୍ର ଅନୁପାତରେ କମ ଶିକ୍ଷକ ତ କେଉଁ ବିଦ୍ୟାଳୟରେ ଅଧିକ ଶିକ୍ଷକ ରହିଛନ୍ତି । ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଗତ ୩ବର୍ଷ ମଧ୍ୟରେ ଅନ୍ୟ ବ୍ଲକରୁ ହାଟଡିହି ବ୍ଲକକୁ ସର୍ବାଧିକ ୫୦ଜଣ ପ୍ରାଥମିକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଡେପୁଟେସନ କରାଯାଇଛି । ଏହି ଡେପୁଟେସନ ମଧ୍ୟରୁ ଅଧିକାଂଶ ଆଦେଶ ଜିଲ୍ଲାପାଳଙ୍କ ଅନୁମୋଦନ ନିଆନଯାଇ କରାଯାଇଛି । ନିକଟରେ ପାଟଣା ବ୍ଲକ ବଣମହୁଲଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଜିତେନ୍ଦ୍ର ଆଚାର୍ଯ୍ୟଙ୍କୁ ହାଟଡିହି ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଡି. କନକପାକୁ ଅର୍ଡର କରାଯାଇଛି । ପାଟଣା ବ୍ଲକ କଣ୍ଟିଆପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ପ୍ରଣତିଲତା ରାଉତଙ୍କୁ ଡେପୁଟେସନ କରାଯାଇ ହାଟଡିହି ବ୍ଲକର ମନୋହରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଆଦେଶ କରାଯାଇଛି । ଝୁମ୍ପୁରା ବ୍ଲକରେ ୪ଜଣ ଶିକ୍ଷକଙ୍କ ଡେପୁଟେସନ ଅନ୍ୟ ବ୍ଲକକୁ କରାଯାଇଛି । ୨୦୨୪ ମସିହା ଅକ୍ଟୋବର ମାସରେ ୧୦୭୬ ଜଣ ଶିକ୍ଷକଙ୍କ ନିଯୁକ୍ତ ହେଲା ପରେ ମଧ୍ୟ ପୂର୍ବରୁ ଡେପୁଟେସନ ହୋଇଥିବା ଶିକ୍ଷକମାନଙ୍କ ଡେପୁଟେସନ ବାତିଲ କରାଯାଇ ମୂଳ ବିଦ୍ୟାଳୟକୁ ଫେରାଗଲା ନାହିଁ । ଫଳରେ କମ ପିଲା ଥିବା କେତେକ ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ବଢିଗଲେ ତ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା କମିଗଲେ । ଏହି ଅସଂଗତି ଆଜି ପର୍ଯ୍ୟନ୍ତ ରହିଥିବାରୁ ପାଠ ପଢା ସୂଚାରୁ ରୂପେ ସମ୍ପାଦନା ହୋଇ ପାରୁନାହିଁ । କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ଭଙ୍ଗସାହି ପ୍ରାଥମିକ ବିଦ୍ୟାଳୟରେ ୨୦ଜଣ ଛାତ୍ରଛାତ୍ରୀ ୩ଜଣ ଶିକ୍ଷକ ଅଛନ୍ତି । ପୂର୍ବରୁ ଡେପୁଟେସନ ଥିବା ଶିକ୍ଷକଙ୍କ ଡେପୁଟେସନ ବାତିଲ କରାଯାଉନାହିଁ । ସେହିପରି ସୁଲେଇଖମାର ସ୍କୁଲରେ ୩୫ଜଣ ଛାତ୍ରଛାତ୍ରୀରେ ୩ଜଣ ଶିକ୍ଷକ ଅଛନ୍ତି । ବୈଦରାଜସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୧୩୫ଜଣ ଛାତ୍ରଛାତ୍ରୀ ଥିବାବେଳେ ସେଠାରେ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି । ସ୍କୁଲ ପରିଚାଳନା କମିଟି ଶିକ୍ଷକ ନିଯୁକ୍ତି ନେଇ ବାରମ୍ବାର ଦାବି କରୁଥିଲେ ହେଁ ନୂତନ ଶିକ୍ଷକ ନିଯୁକ୍ତି କରାଯାଉନାହିଁ । ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଘଟଗାଁ ବ୍ଲକ ଗଦାଧରପୁର କ୍ଲଷ୍ଟର ରଙ୍ଗାମାଟିଆ ପ୍ରାଥମିକ ବିଦ୍ୟାଳୟରେ ୩୧ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଜଣେ ଶିକ୍ଷକ ଅଛନ୍ତି । ବାଂଶପାଳ ବ୍ଲକ ଲୁହାକଳା କ୍ଲଷ୍ଟର ରାକମ ପ୍ରାଥମିକ ବିଦ୍ୟାଳୟରେ ୫୭ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଜଣେ ଶିକ୍ଷକ ଅଛନ୍ତି । ସଦର ବ୍ଲକରେ ମୋଟ ୨୬ଟି ବିଦ୍ୟାଳୟ ଏବଂ ବାଂଶପାଳ ବ୍ଲକରେ ୧୪ଟି ବିଦ୍ୟାଳୟ ଏକକ ଶିକ୍ଷକରେ ଚାଲିଛି । ସେହିପରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମା ଅନୁସାରେ କେତେକ ଶିକ୍ଷକଙ୍କୁ ଜିଲ୍ଲା ବାହାରକୁ ୩ ବର୍ଷ ପାଇଁ ଡେପୁଟେସନରେ କରାଯାଇଥିବାବେଳେ ସମୟ ଅତିକ୍ରାନ୍ତ ପରେ ମଧ୍ୟ ସେମାନଙ୍କ ଡେପୁଟେସନ ବାତିଲ କରାଯାଉନାହିଁ । ବିଧାୟକ ଏବଂ ସାଂସଦଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଡେପୁଟେସନରେ ଯାଇଥିବା ଶିକ୍ଷକଙ୍କ ଆଦେଶ ପ୍ରଥମେ ବାତିଲ କରାଯିବା ଉଚିତ । ଏହାପରେ ବିଭିନ୍ନ ବ୍ଲକର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକର ଛାତ୍ର ଶିକ୍ଷକ ଅନୁପାତକୁ ଆଖି ଆଗରେ ରଖି ଏବଂ ଏକକ ଶିକ୍ଷକ ଥିବା ବିଦ୍ୟାଳୟ ଗୁଡିକୁ ପ୍ରାଧାନ୍ୟ ଦେଇ ସୁପାରିଶ କାର୍ଯ୍ୟକାରୀ କରିବାକୁ ଶିକ୍ଷକ ମହଲରେ ଦାବି ହୋଇଛି ।

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମ୍ୟାଟ୍ରିକ୍‌ରେ ଏ୧ ଗ୍ରେଡ଼ର ଛାତ୍ର/ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, (ଭାସ୍କର) : ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜଳେଶ୍ୱର ବ୍ଲକର ଏ୧ ଛାତ୍ର/ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଇଓ ଜଗବଂଧୁ ଜେନାଙ୍କ ଅଧ୍ୟକ୍ଷତା କରି ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ମୁଖ୍ୟ ଅତିଥିଭାବେ ଭାବେ ବିଡିଓ ଗୌରାଙ୍ଗ ଚରଣ ଘୋଷ ଯୋଗଦେଇ ଛାତ୍ରଛାତ୍ରୀମାନେ ନିଜକୁ ସଂଯମତା ଅବଲମ୍ବନ କରି ଗୁରୁଜନ ମାନଙ୍କ ଆଶିର୍ବାଦ ଗ୍ରହଣ କଲେ ଜୀବନରେ ସଫଳତା ପାଇପାରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଆର୍‌ସିସି ସୁଶାନ୍ତ ଜେନା, ଏବିଇଓ ଜ୍ୟୋତ୍ସ୍ନା ପ୍ରଧାନ, ଓଷ୍ଟା ସଭାପତି ସୁକୁମାର ମିଶ୍ର, ଡ. ଅଜିତ୍ କୁମାର ମହାନ୍ତି, ହରମୋହନ ମହାନ୍ତ, ସୁବ୍ରତ ସେନାପତି, ଗଜେନ୍ଦ୍ର ଦଳେଇ, ଅର୍ଜୁନ ଜେନା, ଛାତ୍ର ଜ୍ୟୋତିରାଦିତ୍ୟ ପତି, ଅମ୍ରିତା ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଏ୧ରେ କୃତିତ୍ୱ ହାସଲ କରିଥିବା ୩୬ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ଅଜିତ୍ କୁମାର ମହାନ୍ତିଙ୍କ ପରାମର୍ଶ ଅନୁସାରେ ଜଳେଶ୍ୱରରେ ଏକ ବିଜ୍ଞାନ ଭବନ ନିର୍ମାଣ କରାଯିବାକୁ ବିଡିଓ ପ୍ରତିଶୃତି ଦେଇଥିଲେ ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି




ଯୋଡା, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ସଭାଗୃହ ଠାରେ ମଙ୍ଗଳବାର ଏକ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟତଃ ଯୋଡ଼ା ବ୍ଲକର ୧୯ଟି ପଂଚାୟତ ଏବଂ ଯୋଡ଼ା ବଡ଼ବିଲ ପୌରପାଳିକାରୁ ଅନେକ ଲୋକ, ଜନ ପ୍ରତିନିଧି ଆସି ନିଜ ତଥା ନିଜ ଅଞ୍ଚଳର ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଅଭିଯୋଗ କରିଥିଲେ । ମୋଟ ୮୭ଟି ଅଭିଯୋଗ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଶୁଣିଥିବା ବେଳେ ସମସ୍ୟା ଗୁଡିକର ତୁରନ୍ତ ସମାଧାନର ପ୍ରତିଶ୍ରୁତି ଦେଇ ଜିଲ୍ଲାର ବିଭିନ୍ନ ବିଭାଗର ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଖଣି ଅଞ୍ଚଳରେ ଜନସାଧାରଣଙ୍କ ଅନେକ ସମସ୍ୟା ମଧ୍ୟରେ ମୁଖ୍ୟତଃ ରାସ୍ତା, ଧୂଳି, ଧୂଆଁ, ନିଯୁକ୍ତି, ଜମି ପଟ୍ଟା, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ଉଜ୍ଜ୍ୱଳ ଆଲୋକିକରଣ, ଟ୍ରାଫିକ ସମସ୍ୟା ନେଇ ଅଭିଯୋଗ ମାନ ଆସିଥିଲା । ବିଶେଷ ଭାବରେ ଏଥିରେ ଯୋଡ଼ା ଠାରୁ ବାଂଶପାଣି ରାସ୍ତାର ନିର୍ମାଣ, କଳାପାହାଡ଼ ଠାରୁ ଠାକୁରାଣୀ ରାସ୍ତାର ନିର୍ମାଣ ନେଇ ଅଭିଯୋଗ ହୋଇଥିଲା । ଏହି ଅବସରରେ ଭିନ୍ନକ୍ଷମଙ୍କୁ ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କ ଦ୍ୱାରା ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା । କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଆରକ୍ଷି ଅଧିକ୍ଷକ ନୀତିନ କୁଶଲକର ଡାଗଡୁ, ଜିଲ୍ଲା ବନବିଭାଗ ଅଧିକାରୀ ଏଚ.ଡି. ଧନରାଜ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହି ଅଧିକାରୀ କୁମାର ନାଗ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର କୁମାର ପୃଷ୍ଟୀ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ବ୍ଲକ ଅଧକ୍ଷ କବିନ୍ଦ୍ର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାନିଷ ବେହେରା ତହସିଲଦାର ପ୍ରକାଶ ପଣ୍ଡା, ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ, ବଡ଼ବିଲ ରେଞ୍ଜର ସଂଜୀବ କୁମାର ରାଉତ, ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ବଡ଼ବିଲ ଥାନା ଅଧିକାରୀ, ଯୋଡ଼ା ଥାନା ଆଇଆଇସି, ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଓ ବଡ଼ବିଲ ଏଆର୍‌ଟିଓଙ୍କ ସହିତ ଅନ୍ୟ ସମସ୍ତ ବିଭାଗର ଆଞ୍ଚଳିକ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ୪ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ମାଫିଆ କୋର୍ଟଚାଲାଣ



ଆସିକା(ଭାସ୍କର ନ୍ୟୁଜ): ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ସ୍ପେସିଆଲ ଡ୍ରାଇଭର ନେତୃତ୍ୱରେ କାଳକଷ୍ଟେପୁର, ପାକଲାପଲ୍ଲୀ, କଇଁଫୁଲିଆ ଛକ ନିକଟରେ ପାଟ୍ରୋଲିଂ କରାଯାଉଛି । ସୋମବାର ଆସିକା ଥାନା ଅଧିକାରୀ କୁଳମଣି ସେଠିଙ୍କ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ମିଶି ପାଟ୍ରୋଲିଂ କରୁଥିବା ବେଳେ ପିକ୍‌ଅପ୍ ଗାଡ଼ି ଦ୍ରୁତ ଗତିରେ ଯାଉଥିବା ବେଳେ ଉକ୍ତ ଗାଡ଼ିକୁ ପୋଲିସ ଅଟକାଇଥିଲେ । ଯେତେବେଳେ ଗାଡ଼ିକୁ ଯାଞ୍ଚ କରାଗଲା ସେଥିରେ ବସ୍ତା ବସ୍ତା ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ଉକ୍ତ ଗାଡ଼ିରେ ପି.ମୋହନ ନାମକ ବ୍ୟକ୍ତିକୁ ଜେରା ବେଳେ ପୋଲିସ ସେଥିରେ ୪ କୁଇଣ୍ଟାଲ ୧୭ କେଜି ଗଞ୍ଜେଇକୁ ଜବତ କରିବା ସହ ମୋହନକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଏନେଇ ଆସିକା ଥାନା କେଶ ନମ୍ବର ୩୪୭/୨୫ ମାମଲା ରୁଜୁ କରାଯାଇଛି । ଆସିକା ଚଳିତ ମାସରେ ଆସିକା ପୋଲିସକୁ ସଫଳତା ପରେ ସଫଳତା ମିଳିବାକୁ ଲାଗିଛି । ମେ ମାସ ଆରମ୍ଭରୁ ଆସିକା ପୋଲିସ ହାତରେ ୨୪ରୁ ଉର୍ଦ୍ଧ ମାଉଜର ଜବତ ହେବା ସହ ୩୦ରୁ ଉର୍ଦ୍ଧ୍ୱ ଅପରାଧ ତତ୍ତ୍ୱ ମାନଙ୍କୁ ଗିରଫ କରିଥିଲା । ପୋଲିସ ପକ୍ଷରୁ ଜବତ ଗଞ୍ଜେଇ କନ୍ଧମାଳ ଜିଲ୍ଲାରୁ ବ୍ରହ୍ମପୁରକୁ ଚାଲାଣ ହେଉଥିଲା ବୋଲି କୁହାଯାଇଛି । ଜେରା ବେଳେ ଅଭିଯୁକ୍ତ କହିଛି ବ୍ରହ୍ମପୁରରୁ ମୁମ୍ବାଇ, ଚେନ୍ନାଇ ଓ ସୁରତକୁ ଏହି ଗଞ୍ଜେଇ ଚାଲାଣ ହେବାର ଥିଲା ବୋଲି ପ୍ରକାଶ କରିଛି । ଆସିକା ଅଞ୍ଚଳରେ ଅବକାରୀ ବିଭାଗର କାର୍ଯ୍ୟ ପୋଲିସ କରୁଛି ।

## ରାଶିଫଳ

ଗୁରୁବାର, ୨୯ ମଇ ୨୦୨୫



**ମେଷ:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ । ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ । କାର୍ଯ୍ୟ ସହିତ କଠିନ ପରିଶ୍ରମ ପରେ ଭଲ ଫଳାଫଳ ହାସଲ ହେବ ।



**ବୃଷ:** ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ । ପାରିବାରିକ ଜୀବନ ଖୁସି ହେବ । ଘରୋଇ ଜୀବନରେ ସୁଖ ମିଳିବ । ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ । ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ । ଅଧ୍ୟୟନରେ ଅସୁବିଧା ହେବ ।



**ମିଥୁନ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ । ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ । ତୁମେ ଚାକିରିରେ ଭଲ ଫଳାଫଳ ପାଇବ ।




**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ । ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ଘର ଜୀବନ ଖୁସି ହେବ । ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ ।



**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଖର୍ଚ୍ଚ ହ୍ରାସ ପାଇବ । ଘର ଜୀବନ ସ୍ନେହପୂର୍ଣ୍ଣ ହେବ । ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ ।



**କନ୍ୟା:** ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର । ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ ।




**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ତୁମର ଖାଦ୍ୟର ଯତ୍ନ ନିଅ । କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ । ଆୟ ବୃଦ୍ଧି ପାଇବ ।



**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ । ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ । ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ । ଭାଗ୍ୟ ଉପରେ ନିର୍ଭର କର ନାହିଁ ।




**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ । ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ ।



**ମକର:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ । ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ, ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ । କାର୍ଯ୍ୟରେ ସଫଳତା ମିଳିବ । ଘରୋଇ ଜୀବନରେ ସମସ୍ୟା ହୋଇପାରେ । ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ ।



**ମୀନ:** ଆୟ ସ୍ୱାଭାବିକ ହେବ । ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ । ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ । ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ । ପ୍ରେମ ଜୀବନ ଶକ୍ତିଶାଳୀ ହେବ ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଉପ ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସହଯୋଗ କରିଥିଲେ। ଶିବିରରେ ସମୁଦାୟ ୨୭ଟି ଅଭିଯୋଗ ପଞ୍ଜିକରଣ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ୨୧ ଟି ଓ ସାମୂହିକ ୬ ଟି ଅଭିଯୋଗ ଆସିଥିଲା। ୧୨ ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ସହାୟତା ପ୍ରଦାନ କରାଯାଇଥିବା ବେଳେ ତିନି ଜଣ ହିତାଧିକାରୀଙ୍କୁ ନୂତନ ଭାବେ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବଘିଆପଡା ସରପଞ୍ଚ ଅନୁଜା ଦୀପ, ପଂଚାୟତ ନିର୍ବାହୀ ଅଧିକାରୀ ସହଯୋଗ କରିଥିଲେ।

# ଭୁଶୁଡ଼ିଥିବା ଟନେଲର ସ୍ଥିତି ଅନୁଧ୍ୟାନ କଲେ ପିସିସି ସଭାପତି



ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅଡ଼େନିଗଡ଼ ରେଲ ଟନେଲ ଭୁଶୁଡିବା ଘଟଣାର ସ୍ଥାନ ପରିଦର୍ଶନ କଲେ ପି ସି ସି ସଭାପତି ଭକ୍ତ ଚରଣ ଦାସ। ସେ ଠିକା ସଂସ୍ଥାର ବହୁତ ତ୍ରୁଟିପୂର୍ଣ୍ଣ କାମକୁ ପରିଲକ୍ଷିତ କରିଥିଲେ, ଯାହାକି ଟନେଲ ଭିତରକୁ ଯିବ ଆସିବା ସମୟରେ ରେଜିଷ୍ଟରରେ ସମସ୍ତଙ୍କ ନାମ ଲିଖିତ ଥାଏ କିନ୍ତୁ ରେଜିଷ୍ଟର ରେ ସେ ସବୁ ଦେଖିବାକୁ ମିଳିନଥିଲା। ପୂର୍ବତଟ ରେଳ ବିଭାଗର ଖୋର୍ଦ୍ଧା -ବଲାଙ୍ଗୀର ରେଳ ପ୍ରକଳ୍ପର ନିର୍ମାଣାଧିନ ୪ନଂ ଟନେଲ ଭୁଶୁଡିବା ଘଟଣା । ଏହି ଟନେଲ ପୂର୍ବ ତଟ ରେଳ ବିଭାଗର ଦୀର୍ଘତମ ହୋଇଥିବା ବେଳେ ୪୧୮୫ମିଟର ଲମ୍ବ ରହିଛି । ନିର୍ମାଣାଧିନ ଟନେଲ ଗତ ମାସ ୬ତାରିଖରେ ବ୍ୟାକଥ୍ରୋ ହୋଇଥିବା ବେଳେ ଠିକା ସଂସ୍ଥା ଏହି ଟନେଲ କାର୍ଯ୍ୟ ଚାଲୁ ଚାଲୁରଖିଛି । ଗତ କାଲି ଯାହା ବଡ଼ ଘଟଣା ସାମ୍ନା କୁ ଆସିଛି ଟନେଲ ଭୁଶୁଡି ଅବରୋଧ ହୋଇଛି । ଏହି ଟନେଲ ବୌଦ୍ଧ ଜିଲ୍ଲା ଆଡ଼େଣିଗଡ଼ ନିକଟସ୍ଥ କଖାରୁ ଫାଳ ଠାରେ ଭୁଶୁଡି ୩୦ମିଟରର ଏକ ଗର୍ତ୍ତ ସୃଷ୍ଟି କରିଛି ।ଫଳରେ କିଛି ଶ୍ରମିକ ଫସି ରହିଥିବା ସନ୍ଦେହ ହେଉଥିବାବେଳେ ଟନେଲ ଭିତରକୁ ଠିକା କମ୍ପାନୀ ଅନ୍ୟକୁ ପ୍ରବେଶ କରିବାକୁ ବାରଣ କରୁଛି । ଘଟଣା ସାମ୍ନାକୁ ଆସିବା ପରେ ଓଡ୍ରାଫ ଟିମ, ବୌଦ୍ଧ ଜିଲ୍ଲା ପ୍ରଶାସନ, ଅପାତକାଳୀନ ଟିମ ପହଞ୍ଚି ତଦନ୍ତ କରୁଥିବା ସହିତ ଭୁଶୁଡିଥିବା ସ୍ଥାନରୁ ଭିତରେ ୫୦ଫୁଟ ଦୂରତା ପାଣି ଥିବାରୁ ସଂପୂର୍ଣ୍ଣ ଘଟଣା ସ୍ପଷ୍ଟ ହୋଇନଥିବା ଓଡ୍ରାଫ ଟିମ ସୂଚନା ଦେଇଛି । ସେପଟେ ଟନେଲ ଭୁଶୁଡ଼ିବା ଘଟଣାରେ ଘଟଣା ସ୍ଥଳରେ ପହଞ୍ଚିଛି କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ରାଜଗାଙ୍ଗପୁର ବିଧାୟକ ରାଜନ୍ ଏକ୍କା ଓ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜାଙ୍କୁ ନେଇ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବାବେଳେ ମାଟି ଅତଡା ଖସି ଥିବା ସ୍ଥାନକୁ ଯାଇ ସେଠିକାର ସ୍ଥିତି ମଧ୍ୟ ଅନୁଧ୍ୟାନ କରିଛି ଟିମ୍ । ଏଥିସହିତ ଠିକା ସଂସ୍ଥାର ଅଧିକାରୀଙ୍କ ସହିତ ଘଟଣା ନେଇ ଆଲୋଚନା କରିଥିବା ବେଳେ ଶ୍ରମିକଙ୍କ ପ୍ରବେଶ ଏବଂ ପ୍ରସ୍ଥାନ ନେଇ ଯେଉଁ ରେଜିଷ୍ଟର ରହିଛି ତାକୁ କଂଗ୍ରେସ ଟିମ୍ ଯାଞ୍ଚ କରିଥିବା ବେଳେ କେବଳ ପ୍ରବେଶର ସମୟ ଏବଂ ନାମ ଥିଲେ ମଧ୍ୟ ଶ୍ରମିକଙ୍କ ବାହାରକୁ ବାହାରିବା ନେଇ କୌଣସି ସମୟ ଲେଖା ଯାଇନଥିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପିସିସି ସଭାପତି । ତେବେ ମାଟି ଅତଡା ଖସି ଥିବା ସ୍ଥାନରୁ ମାଟି ନ କାଢିବା ପର୍ଯ୍ୟନ୍ତ ଏବଂ ରେଜିଷ୍ଟରରେ ପ୍ରସ୍ଥାନ ନେଇ କୌଣସି ତଥ୍ୟ ନଥିବା ବେଳେ ପ୍ରଶାସନ ଏବଂ ରେଳ ବିଭାଗ ଯେଉଁ କ୍ଲିନ୍ ଚିଟ୍ ଦେଇଛି ତାକୁ କଂଗ୍ରେସ ଗ୍ରହଣ କରିବ ନାହିଁ ବୋଲି କହିଛନ୍ତି ବରିଷ୍ଠ କଂଗ୍ରେସ ନେତା। ତେବେ ଘଟଣା ଘଟିବାର ଦୀର୍ଘ ୧୨ ଘଣ୍ଟା ପରେ ଘଟଣା ସ୍ଥଳକୁ ପ୍ରଶାସନ ପହଞ୍ଚିବାକୁ ନେଇ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକା ସଂସ୍ଥା ପ୍ରଶାସନକୁ ଜଣାଇ ଥିଲା ନା ନାହିଁ ଏବଂ ପ୍ରଶାସନ ସବୁ ଜାଣି ଶୁଣି ଚୁପ୍ ରହିଥିଲା କି ବୋଲି ପ୍ରଶ୍ନ କରିଛନ୍ତି କଂଗ୍ରେସ ନେତା। ତେବେ ଏଠାରେ ଜିଲ୍ଲା ପ୍ରଶାସନ ଏବଂ ଠିକା ସଂସ୍ଥାଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି ଏବଂ ଏମାନେ ବହୁତ୍ ଜିନିଷ ଲୁଚାଇ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ତେବେ ରେଳମନ୍ତ୍ରୀଙ୍କ ସମୟରେ ରେଳ ବିଭାଗରେ ବହୁ ଘଟଣା ଦୁର୍ଘଟଣା ଘଟିଥିବା ବେଳେ ତୁରନ୍ତ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।

# ମେଧାବୀ ଛାତ୍ରୀ ସମ୍ବର୍ଦ୍ଧିତ



ଉମରକୋଟ(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଖାତିଗୁଡା ସିବିଏସସି ଦଶମ ଶ୍ରେଣୀ ପରୀକ୍ଷାରେ ନବରଙ୍ଗପୁର ଜିଲ୍ଲାର ରାଇଘର ଓ ଉମରକୋଟ ବ୍ଲକର ୯୦% ରୁ ଊର୍ଦ୍ଧ୍ୱ ମାର୍କ ରଖି ପାସ ହେଇଥିବା ଛାତ୍ରୀଙ୍କୁ ଓଡିଶା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉମରକୋଟ ଭାଲୁଗୁଡ଼ା ସ୍ଥିତ ବାସଭବନରେ ମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହ ଅଭିଭାବକଙ୍କ ସହ ଆଗାମୀ ଭବିଷ୍ୟତ ବିଷୟରେ ଆଲୋଚନା କରିବା ସହ, ଆବଶ୍ୟକ କ୍ଷେତ୍ରରେ ସାହାଯ୍ୟ କରିବେ ବୋଲି କଥା ଦେଇଥିଲେ। ସୂଚନା ଅନୁସାରେ ଚଳିତ ବର୍ଷ ଦଶମ ଶ୍ରେଣୀ ରେ ପିଏମଶ୍ରୀ ବିଦ୍ୟାଳୟ ଭଲ ନମ୍ବର ରଖି ପାସ କରିଥିବା ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ନବରଙ୍ଗପୁରରେ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିବା ବେଳେ ରାଇଘର ବ୍ଲକ କୋଦୁଭାଟା ଗ୍ରାମର ବିଷ୍ଣୁପ୍ରିୟ ଗଣ୍ଡ ୯୫.୨% ଉମରକୋଟ ବ୍ଲକ ସିଲାଟି ଗ୍ରାମର ସରସ୍ୱତୀ ସରକାର ୯୩.୬%, ଅନ୍ୱେଷ ପ୍ରଜ୍ଞା କରକରା ୯୧.୨୦%, ରାଇଘର ବ୍ଲକ ନାକଟିସିମଲା ଗ୍ରାମର ରେଣୁପ୍ରିୟ ଗଣ୍ଡ, ୯୧% ଝରିଗା ବ୍ଲକ ପୂର୍ଲା ଗ୍ରାମର ପ୍ରଜ୍ଞା ପରିମିତି ଗିରି ୯୦.୨୦% ରଖିଥିଲେ। ତେଣୁକରି ମନ୍ତ୍ରୀ ସେମାନଙ୍କୁ ନିଜ ବାସ ଭାବନକୁ ଡାକି ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀଙ୍କୁ ପାଖରୁ ସମ୍ବର୍ଦ୍ଧିତ ହେଇ ଛାତ୍ରୀମାନେ ବହୁତ ଖୁସି ହେବା ସହ ଆଗାମୀ ଦିନରେ ଜିଲ୍ଲା ତଥା ରାଜ୍ୟର ନାମ ରଖିବା ପାଇଁ ଆହୁରି ଅଧିକ କଷ୍ଟ କରିବେ ବୋଲି କହିଛନ୍ତି। ଉପସ୍ଥିତ ଅଭିଭାବକ ମନ୍ତ୍ରୀଙ୍କ ଏଭଳି ପ୍ରେରଣାଦାୟକ ବ୍ୟବହାର ନିଶ୍ଚିତ ଭାବେ ଛାତ୍ରଛାତ୍ରୀଙ୍କ ମନୋବଳ ବଢ଼େଇବ ବୋଲି କହିବା ସହ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିଜେପିରେ ଯୋଗଦେଲେ ଚିକଲପଦର ସମିତି ସଭ୍ୟ

ଉମରକୋଟ (ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଲୋକଙ୍କୁ ଆକୃଷ୍ଟ ହେଇ ଝରିଗାଁ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ଆସୁଥିବା ଉମରକୋଟ ବ୍ଲକର ଚିକଲପଦର ଗ୍ରାମ ପଂଚାୟତର ସମିତି ସଭ୍ୟ ସନତ ହାଲଦାର ବିଜେଡ଼ି ଛାଡି ବିଜେପିରେ ଯୋଗଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ଲାସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକ ବୈଠକ କରି ବିଧାୟକ ନରସିଂହ ଭତରା ସମିତି ସଭ୍ୟଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣେଇବା ସହ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।ଏହି ମିଶ୍ରଣ ପର୍ବରେ ଅନ୍ୟ ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସମିରନ ରାୟ, ପଞ୍ଚାନନ ବାବଲୀ, ଶ୍ୟାମଲାଲ ବିଶ୍ୱାସ, ସୁଜନ ଭୋକ୍ତ, ବୋଲରମ ଗଣ୍ଡ, ମଣ୍ଡଳ ସଭାପତି ଉତମ ହରିଜନ, ସନୁ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ସହ ସ୍କୁଟି ଜବତ, ୨ ଗିରଫ



ବାଲିମେଳା (ଭାସ୍କର ନ୍ୟୁଜ୍): ବାହାର ରାଜ୍ୟକୁ ବେଆଇନ ଭାବେ ଏକ ସ୍କୁଟି ଯୋଗେ ଦୁଇ ଜଣ ଯୁବକ ୩୦ କିଲୋ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ପୋଲିସ ହାତରେ ଧରାପଡିଛନ୍ତି। ଘଟଣାସ୍ଥଳରୁ ସେମାନଙ୍କ ନିକଟରେ ଥିବା ଏକ ସ୍କୁଟି ଗାଡି ନମ୍ବର-ଓଡି -୩୦-ଇ-୮୫୮୦ ସମେତ ଦୁଇଟି ଜରି ବସ୍ତାରେ ଥିବା ମୋଟ ୩୦କିଲୋ ଗଞ୍ଜେଇକୁ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି ପୋଲିସ। ତେବେ ଗିରଫ ହୋଇଥିବା ଯୁବକ ଦୁଇଜଣ ହେଲେ ବାଲିମେଳା ସହରର ଅମନ ଖିଲ ଓ ଅନ୍ୟ ଜଣେ ବାଲିମେଳା ଦୈନିକ ବଜାରରେ ରହୁଥିବା ମନୋରଞ୍ଜନ ମାହୋଲଦାରଙ୍କ ପୁଅ ରାଜୀବ ମାହୋଲଦାର ବୋଲି ଜଣାପଡିଛି। ତେବେ ଓର୍କେଲ ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଏହି ଦୁଇ ଜଣ ଯୁବକ ମାଲକାନଗିରି ଜିଲ୍ଲା ଯୋଡ଼ାଆମ୍ବ ଥାନା ଅଧିନସ୍ଥ ପଣସପୁଟ ଗ୍ରାମରେ ରହୁଥିବା ଗୁରୁ ଖିଲ ନାମକ ବ୍ୟକ୍ତିଙ୍କ ଠାରୁ ଏକ ସ୍କୁଟିରେ ଦୁଇଟି ଜରି ବସ୍ତାରେ ଗଞ୍ଜେଇ ଆଣି ଗତ ୨୬ ତାରିଖ ସୋମବାର ସକାଳୁ ବାଲିମେଳା ସହର ଦେଇ ପାଖ ରାଜ୍ୟ ଛତିଶଗଡର ଜଗଦଲପୁରରେ ଥିବା ଜଣେ ହରିୟାଣା ରାଜ୍ୟର ଲୋକଙ୍କୁ ଦେବା ପାଇଁ ସ୍କୁଟିଟିକୁ ଦ୍ରୁତଗତିରେ ଚଳାଇ ଯାଉଥିବାବେଳେ ବାଲିମେଳା ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ ରାସ୍ତାରେ ସ୍କୁଟିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣା ସ୍ଥଳରେ ଦୁଇଜଣ ଆହତ ହୋଇଥିବା ନେଇ କିଛି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ଏସ ଆଇ ହରପ୍ରିୟା ଶବରଙ୍କ ନେତୃତ୍ୱରେ ପୋଲିସର ଏକ ଟିମ ଘଟଣା ସ୍ଥଳରେ ପହଁଞ୍ଚି ଦୁର୍ଘଟଣାରେ ଆହତ ହୋଇଥିବା ଦୁଇଜଣ ଯୁବକଙ୍କୁ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେମାନଙ୍କର ଚିକିତ୍ସା କରାଇଥିଲେ। ସେମାନଙ୍କ ଠାରୁ ଜବତ ହୋଇଥିବା ସ୍କୁଟିରେ ଦୁଇଟି ଜରି ବସ୍ତାରେ ଥିବା ଗଞ୍ଜେଇକୁ ଜବତ କରିବା ସହିତ ଦୁଇଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ କେସ ନମ୍ବର - ୧୫୨/୨୦୨୫ ଦଫା ୨୦(ବି)(ସି)/୨୫/୨୭ ଏନଡିପିଏସରେ ଏକ ମାମଲା ରୁଜୁ କରିବା ସହ ଉଭୟଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାର ତଦନ୍ତ ଏସ ଆଇ ମନୋହର ସାହୁ ଜାରି ରଖିଥିବା ଦାଇତ୍ୱରେ ଥିବା ଥାନା ଅଧିକାରୀ ଏସ ଆଇ ଅଜିତ ସିଂ ବରିହା କହିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା(ଭାସ୍କର ନ୍ୟୁଜ): ସିନାପାଲି ବ୍ଲକ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଗୁରୁ ପ୍ରସାଦ ଜେନା,ବ୍ଲକ୍ ଅଧକ୍ଷା ମାଧୁରୀ ମାଝୀ, ବିଡ଼ିଓ କାର୍ମୀ ଓରାମ , ତହସିଲଦାର ଉପାଞ୍ଜଳୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟୀ କଲେକ୍ଟର ଶେଖ୍ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ନୂଆପଡାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସାମିଲ ହୋଇଥିଲେ । ଉକ୍ତ ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ତଥା ଗ୍ରାମ ଗୁଡିକରୁ ୪୮ ଟି ବ୍ୟକ୍ତିଗତ ଓ ୧୨ ଟି ସାମୂହିକ ମୋଟ ୬୦ ଗୋଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା। ପରେ ପରେ ଅତିରିକ୍ତ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ରାଣୀମୁଣ୍ଡା ଗ୍ରାମ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ନିମିତ୍ତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଜନଶୁଣାଣି ଶିବିର ଉପଲକ୍ଷେ ନୀଲଜି ଗ୍ରାମ ସ୍କୁଲରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଠାରେ ୨୭ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ସେହିପରି ରାଣୀମୁଣ୍ଡା ଗ୍ରାମ ପଞ୍ଚାୟତରେ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ମଧ୍ୟ ୧୮୮ ଟି ବଡ଼ ଏବଂ ୨୩ ଟି ଛୋଟ ମୋଟ ୨୧୧ଟି ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା କରାଯାଇଥିଲା ।




# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ନେଇ ଦାବିପତ୍ର



ମାଲକାନଗିରି(ଭାସ୍କରା ନ୍ୟୁଜ୍): ସାମ୍ବାଦିକଙ୍କ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ନିମନ୍ତେ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ହୋଇ ନଥିବାରୁ ରାଜ୍ୟରେ ଦିନକୁ ଦିନ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ଘଟଣା ବୃଦ୍ଧି ପାଇ ଚାଲିଛି। ସାମ୍ବାଦିକ ଆକ୍ରମଣକାରୀ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ତୁରନ୍ତ କରିବା ଦାବି ନେଇ ଆଜି ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୂଚନା ଥାଉକି ଗତ କିଛି ଦିନ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ସମ୍ବାଦ ସଂଗ୍ରହ ଓ ପରିବେଷଣ ସମୟରେ ଆକ୍ରୋଶମୂଳକ ଭାବେ ଆକ୍ରମଣ ଘଟଣା କ୍ରମାଗତ ଭାବେ ବଢି ଚାଲିଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ କୁଲଥପାଲ୍ଲିର ଜଣେ ବରିଷ୍ଠ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଗୋଡ଼ ହାତ ବାନ୍ଧି ଗୋଇଠା ମାଡ଼ ଦେଇ ବର୍ବରୋଚିତ ଆକ୍ରମଣ ଓ ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ଏହି ଘଟଣା କୁ ରାଜ୍ୟର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଘୋର ପ୍ରତିବାଦ ସହ ନିନ୍ଦା କରି ଆନ୍ଦୋଳନ କରିଥିଲେ। ଏହି ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଥାଇ ମଧ୍ୟ ଦୀର୍ଘ ୩ଦିନପରେ ବିଳମ୍ବରେ ପୋଲିସ ଗିରଫ କରିଛି। କେବଳ ଗିରଫ କରିଦେଲେ ହେବ ନାହିଁ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ରହିଛି। ଏପରି ଘଟଣା ଆଗାମୀ ଦିନରେ ଯେପରି ପୁଣି ନଘଟିବ ସେଥିପ୍ରତି ସରକାର ଦୃଷ୍ଟି ଦେବା ସହିତ ରାଜ୍ୟରେ 'ସାମ୍ବାଦିକ ସୁରକ୍ଷା ଆଇନ' ତୁରନ୍ତ ପ୍ରଣୟନ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଏହି ଅବସରରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ରଙ୍କ ସମେତ ବି. ଶ୍ରୀନିବାସ ପାତ୍ର, ରତ୍ନାକର ଦାଶ, ନୃସିହ ଚରଣ ମହାନ୍ତି, ଗୌରୀଶଙ୍କର ପଣ୍ଡା, ଦିଲ୍ଲୀପ ପଟନାୟକ, ମନୋଜ ସାହା, ରାହୁଲ ଗୋଲରୀ, ଏମ. ଚନ୍ଦ୍ର ରାଓ, ମିରନାଲ ମଣ୍ଡଳ, ବିଜୟ ମଣ୍ଡଳ ପ୍ରମୁଖ ସାମ୍ବାଦିକ ମାନେ ଉପସ୍ଥିତ ରହିଥିଲେ ।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର

ନୂଆପଡ଼ା (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ରାଣୀମୁଣ୍ଡା ଗ୍ରାମ ପଞ୍ଚାୟତରେ ଆଜି ଭାରପ୍ରାପ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ , ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ କାର୍ମୀ ଓରାମ, ଅତିରିକ୍ତ ତହସିଲଦାର, ସ୍ଥାନୀୟ ସରପଞ୍ଚ ଦେବବ୍ରତ ସୁପକାର, ଏ ସି ଏଫ୍ଏମ୍ ଏମ୍ ସାଲିହା ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ। ଶ୍ରୀ ଧରୁଆ ସଭା ପରିଚାଳନା କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା , ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ପୁଷ୍ପ ରଞ୍ଜନ ସାହୁ , ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନାୟକ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ସୀତାରାମ ମେହେର ପ୍ରମୁଖ ଯୋଗଦେଇ ଶ୍ରମିକ କୃଷକ ତଥା ମହିଳା ଏବଂ ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ସମଲେଶ୍ୱରୀ ହାଇସ୍କୁଲକୁ ନିଜସ୍ୱ ଜମି ପଟ୍ଟା ୧.୪୪୦ ଏକର ଅତିରିକ୍ତ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଶେଷରେ ସରପଂଚ ଶ୍ରୀ ସୁପକାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍ସ୍ତରୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ମହିଳା ତଥା ଜନ ସାଧାରଣ ଯୋଗ ଦେଇଥିଲେ । ପୂର୍ବରୁ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଓ ସମସ୍ତ ଅତିଥି ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଓ ମାଟି ପାତ୍ରରେ ଜଳଦାନ କରିଥିଲେ। ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ ସମାରୋହରେ ଅତିଥିମାନେ ନବଜାତକ ଶିଶୁ କନ୍ୟା ଆରାଧ୍ୟା ହେର୍ଣ୍ଣାକୁ କୋଳରେ ଧରି ତା' ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।ସେମାନଙ୍କ ପିତାମାତାଙ୍କୁ ଉପହାର ପ୍ରଦାନ କରି ସେମାନଙ୍କ ଦ୍ୱାରା ନୂତନ ବୃକ୍ଷରୋପଣ କରାଇଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ତିନି ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ। ଆଜିର ଏହି ନିଆରା କାର୍ଯ୍ୟକ୍ରମ ପାଇଁ ରାଣୀମୁଣ୍ଡା ଗାଁ ଆନନ୍ଦ ମୁଖର ହୋଇଉଠିଥିଲା । ଏହାକୁ ସିନାପାଲି ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ସିନାପାଲି ସିଡିପିଓ ଝରଣା ଶତପଥୀ, ସ୍ଥାନୀୟ ସରପଞ୍ଚ, ବନ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ।

## ଦୁର୍ଘଟଣାରେ ୨ ମୃତ, ୭ ଗୁରୁତର

ବୌଦ୍ଧ(ଭାସ୍କର ନ୍ୟୁଜ): ବଘିଆପଡା - ଶଗଡା ରାସ୍ତାର ଆମ୍ବଝରୀ ଗ୍ରାମ ପଞ୍ଚାୟତ ଗୌଡିସର ଗ୍ରାମ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବୌଦ୍ଧ ଡାକ୍ତରଖାନାରେ ଦୁଇଜଣଙ୍କ ମୃତ୍ୟୁ ହୋଇଯାଇଛି। ଅନ୍ୟ ୭ ଜଣ ଗୁରୁତର ଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଟିକରପଡା ଗ୍ରାମ ପଞ୍ଚାୟତ ଚରିଆ ପାଲି ଗ୍ରାମର ଗଜେନ୍ଦ୍ର ମଲ୍ଲିକ ଡିଲେଜୁ ଗ୍ରାମର ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗ ଦେଇ ପରିବାର ସହ ନିଜ ଘରକୁ ଫେରୁଥିବା ସମୟରେ ବିପରିତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହ ଗୌଡିସର ଗ୍ରାମ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଗଜେନ୍ଦ୍ର ମଲ୍ଲିକ, ତାଙ୍କ ପତ୍ନୀ ଓ ତିନି ଶିଶୁ କନ୍ୟା ଗୁରୁତର ଆହତ ହୋଇଥିଲେ। ସେହିପରି ଅନ୍ୟ ବାଇକ ଆରୋହୀ ଗୋଛାପଡା ଗ୍ରାମର ସଂଜୀବ ବାଘ, ଯଶୋବନ୍ତ ବାଘ, ଗୋବିନ୍ଦ ଝାଙ୍କର ଓ ଅନ୍ୟ ଜଣେ ମଧ୍ୟ ଗୁରୁତର ଆହତ ହୋଇଥିଲେ । ଦୁଇଟି ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ବୌଦ୍ଧ ଡାକ୍ତରଖାନା ଅଣା ଯାଇଥିଲା । ଡାକ୍ତର ପରୀକ୍ଷା କରି ଗଜେନ୍ଦ୍ର ମଲ୍ଲିକ ଓ ତାଙ୍କ ୮ ବର୍ଷର ଝିଅ ଲିପସା ଝାଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ବୌଦ୍ଧ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି।

# ଜନଅଭିଯୋଗ ଶୁଣାଣି ଶିବିର



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଲଇକେରା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଆଇ ଏ ଏସ୍ ପ୍ରବେଶନ ପ୍ରଜ୍ଞାନନ୍ଦ ଗିରି, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା , ପଞ୍ଚାୟତ ସମିତି ଅଧକ୍ଷ ସଞ୍ଜିତ ନାୟକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସଞ୍ଜୀବ ପଟେଲ, ଡେପୁଟି କଲେକ୍ଟର ଉମାକାନ୍ତ ପ୍ରଧାନ,ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତହସିଲଦାରଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୦ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୨ଟି ସାମୂହିକ ଓ ୧୮ଟି ବ୍ୟକ୍ତିଗତ। ଲଇକେରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା, ବାରଗଡ଼ ଗ୍ରାମକୁ ରାଜସ୍ୱ ଗ୍ରାମ ଭାବରେ ମାନ୍ୟତା ଦେବା , କୋଲାବିରା ବ୍ଲକ ଅନ୍ତର୍ଗତ ପରମାଣପୁର ଗ୍ରାମରେ ଗଭୀର ନଳକୂପ ଖନନ, ଦୁର୍ଘଟଣା ଜନିତ ସମସ୍ୟା ଦୂରୀଭୂତ ପାଇଁ ଲଇକେରା କଲେଜଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ଆବଶ୍ୟକ ସ୍ଥଳେ ସ୍ପିଡ ବ୍ରେକର ନିର୍ମାଣ, ହାତିଆନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର ସକାଶେ ପ୍ରଶାସନିକ ପଦକ୍ଷେପ ଗ୍ରହଣ, ଖୁନ୍ତାମାଳ ଗ୍ରାମ ବସ୍ତିରେ ଥିବା ଗଳି ରାସ୍ତାରେ ପାଣି ନିଷ୍କାସନ ପାଇଁ ଉପୁଜୁଥିବା ସମସ୍ୟା ସମାଧାନ, ବିନା ସରଜମିନ ତଦନ୍ତରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଶ୍ମଶାନ-ଭୂମି ଜମିରୁ ପଟ୍ଟା ପ୍ରଦାନ, ଭାତଲଇଡ଼ା ସେବା ସମବାୟ ସମିତିକୁ ଜମି ପ୍ରଦାନ, ବାରଗାଡ଼ ଗ୍ରାମରେ ଶାଳ ଓ ସାହାଜ ଗଛ କାଟିନିଆଯାଇଥିବା କାର୍ଯ୍ୟରେ ସମ୍ପୃକ୍ତ ଫରେଷ୍ଟଗାର୍ଡ଼ ଓ ସମ୍ପୃକ୍ତ ଦୋଷୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, କୁଲେମୁରା ମୌଜା ବିଭାଜନ ଜନିତ ସାଲ୍ଲେହବ୍ରିକ୍ରା ଓ ଖଏରଡିହି ମୌଜା ଗଠନକୁ ନେଇ ଉପୁଜୁଥିବା ସୀମା ବିବାଦର ସମାଧାନ, କୁଲେମୁରା ବସଷ୍ଟାଣ୍ଡ ଛକ ସମ୍ମୁଖସ୍ଥ ସରକାରୀ ଜମିରେ ଜୋରଜବରଦସ୍ତ ଭାବେ ବ୍ୟକ୍ତିଗତ ଘର ନିର୍ମାଣ, ମୁଦ୍ରାଜୋର ଅଞ୍ଚଳରେ ବଜ୍ରପାତ ସକାଶେ ଟ୍ରାନ୍ସଫର୍ମର ଅଚଳ ଜନିତ ଅସୁବିଧାର ସମାଧାନ ସମ୍ପର୍କିତ ସାମୂହିକ ଅଭିଯୋଗ ସମେତ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଶିବିରରେ ଚିକିତ୍ସା ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୫ହଜାର ଟଙ୍କା ପ୍ରଦାନ ସହ ଓଡ଼ିଶା ହ୍ୱିଲ ଚେୟାର କ୍ରିକେଟ ଦଳ ସଦସ୍ୟ ବାବୁଛିପିଡିହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଙ୍କି ଗ୍ରାମର ଶଙ୍କର ବୁଦୁଲାଙ୍କୁ ହ୍ୱିଲ ଚେୟାର ସହ କ୍ରିକେଟ କିଟ୍ ପ୍ରଦାନ କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ମନରେଗା କାର୍ଯ୍ୟରେ ଦୁର୍ନୀତି

# ଶ୍ରମିକ ପରିବର୍ତ୍ତେ ମେସିନ କରୁଛି କାର୍ଯ୍ୟ



କାଳିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକର ଗତ କିଛିମାସ ହେଲା ମନରେଗା ଯୋଜନାରେ କାଳିମେଳା ବ୍ଲକରେ ବନ ବିଭାଗ, ଉଦ୍ୟାନ ବିଭାଗ, ଜଳ ବିଭାଜିକା ବିଭାଗ, ଆଇଟିଡିଏ ଓ ଗ୍ରାମ ପଞ୍ଚାୟତ ପକ୍ଷରୁ ଚାଲିଥିବା ନିର୍ମାଣ କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ କାଳିମେଳା ବ୍ଲକ ଚର୍ଚ୍ଚାରେ ରହିଆସିଛି । ଶ୍ରମିକମାନଙ୍କୁ କର୍ମ ନିଯୁକ୍ତି ଯୋଗାଇବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ସମସ୍ତ ନୀତି ନିୟମକୁ ଉଲ୍ଲଙ୍ଘନ କରି ଶ୍ରମିକମାନଙ୍କୁ ନିୟୋଜିତ କରା ନଯାଇ ମେସିନ ସହାୟତାରେ ଏବଂ ସ୍ଥାନୀୟ ଶ୍ରମିକ ପରିବର୍ତ୍ତେ ନବରଙ୍ଗପୁର ଜିଲ୍ଲାର ଶ୍ରମିକମାନଙ୍କ ଦ୍ୱାରା ରାସ୍ତା ଘାଟ, ଟ୍ରେଞ୍ଚ, ଫିଲଡ ଚ୍ୟାନେଲ, ଷ୍ଟୋନ ବାଇଣ୍ଡିଂ ଓ ପୋଖରୀ ଆଦିର ଉନ୍ନତିକରଣ ଏବଂ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି ।ଏନେଇ ଗ୍ରାମ ପଞ୍ଚାୟତର ଏଡିଇଓ (ଆକାଉଣ୍ଟାଣ୍ଟ କମ ଡାଟା ଏଣ୍ଟ୍ରି ଅପରେଟର) ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ, ବ୍ଲକ ଉନ୍ନୟନ ଅଧିକାରୀ, ଜିଲା ପରିଷଦର ଉନ୍ନୟନ ଓ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଛି । ଏନେଇ ଖବର କାଗଜରେ ମଧ୍ୟ ନିୟମିତ ଭାବେ ପ୍ରମାଣ ସହିତ ଖବର ପ୍ରକାଶିତ ହୋଇ ଆସୁଛି । ମାତ୍ର ବିଡମ୍ବନାର ବିଷୟ ଏହା ଯେ, ଏଥିରେ କୋଣସି ସୁଧାର ଆସିବା ପରିବର୍ତ୍ତେ ପୂର୍ବପରି ମେସିନ ସାହାଯ୍ୟରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଫଳରେ କାମଧନ୍ଦା ଅଭାବରୁ ହାତ ବାନ୍ଧି ବସିଥିବା ଶ୍ରମିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏଭଳି ଅନିୟମିତତାରେ ଗ୍ରାମ ପଞ୍ଚାୟତର ଏଡିଇଓ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ଥିବା ସାଧାରଣରେ ଅଭିଯୋଗ ହେଉଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ଦୋଷ ଦୁର୍ବଳତାକୁ ଲୁଚାଇବା ନିମନ୍ତେ ମନରେଗା ଯୋଜନାରେ ସ୍ୱଚ୍ଛତା ଆଣିବାକୁ ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ବା ଏନଏମଏମଏସ(ନ୍ୟାସନାଲ ମୋବାଇଲ ମନିଟରିଂ ସିଷ୍ଟମ)ରେ ମଧ୍ୟ ଜାଲିଆତି ପୂର୍ବକ ତଥ୍ୟ ଅପଲୋଡିଂ କରାଯାଉଛି । ଏପରିକି ଗୋଟିଏ ଦିନରେ ଉଠାଯାଇଥିବା ଫଟୋକୁ ଭିନ୍ନ ଦିନରେ ଏକାଧିକବାର ଏନଏମଏମଏସରେ ଅପଲୋଡ କରାଯାଉ ଥିବା ଏବଂ ମୋବାଇଲରେ ଉଠାଯାଇଥିବା ବହୁ ପୁରୁଣା ଫଟୋ ଅପଲୋଡ଼ କରାଯାଉଥିବା ଦେଖିବାକୁ ମିଳୁଛି । ଏହିଭଳି ଫଟୋକୁ ଅପଲୋଡ କରି ପ୍ରଶାସନକୁ ଭ୍ରମିତ କରିବାକୁ ଉଦ୍ୟମ କରାଯାଇଛି । ବିଧି ବ୍ୟବସ୍ଥା ଅନୁଯାୟୀ ମନରେଗା ଯୋଜନାରେ ହେଉଥିବା ସମସ୍ତ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା (କାମ କରୁଥିବା ଅବସ୍ଥାରେ)ଶ୍ରମିକ ମାନଙ୍କର ଫଟୋ ଅପଲୋଡ ହେବା କଥା। ମାତ୍ର ଏଠାରେ ଏହାର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇ ଶ୍ରମିକମାନଙ୍କୁ ନିୟୋଜିତ କରାନଯାଇ ମେସିନ ସାହାଯ୍ୟରେ ନିର୍ମାଣ କାର୍ଯ୍ୟ କରାଯିବା ସହ ଜାଲିଆତି ପୂର୍ବକ ଫଟୋ ଅପଲୋଡ ହେଉଛି ।ତେବେ ସେ ଯାହା ହେଉନା କାହିଁକି ଏହି ବ୍ଲକରେ ବିଭିନ୍ନ ବିଭାଗ ଦ୍ୱାରା ଚାଲିଥିବା ମନରେଗା କାର୍ଯ୍ୟର ଜିଲ୍ଲା ପରିଷଦର ଉନ୍ନୟନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ମାଲକାନଗିରି ଜିଲାପାଳ ଓ ଭିଜିଲାନ୍ସ ବିଭାଗ ଏ ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଜର୍ଜ ହାଇସ୍କୁଲରେ ହେଉନି ଗୁଣାତ୍ମକ ଶିକ୍ଷାଦାନ

ବରଗଡ଼ (ଭାସ୍କର ନ୍ୟୁଜ୍): ୪ ମେ ୨୦୨୫ ସମାଜ ଖବର କାଗଜରେ ପ୍ରକାଶିତ ହୋଇଛି ବରଗଡ଼ ଜିଲ୍ଲାର ସବୁଠୁ ପୁରାତନ ଓ ପ୍ରତିଷ୍ଠିତ ଜର୍ଜ ହାଇସ୍କୁଲରୁ ଜଣେ ହେଲେ ଛାତ୍ର ଏ-୧ ରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି। ଏବର୍ଷ ଏହି ବିଦ୍ୟାଳୟରେ ୧୫୪ ଜଣ ଛାତ୍ର ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଦେଇଥିଲେ। ଏ-୧ କଥା କିଏ ପଛରେ ଏ-୨ ମଧ୍ୟ କେହି ପାଇନାହାନ୍ତି। ବି-୧ ମାତ୍ର ଜଣେ ଓ ବି-୨କେବଳ ୭ଜଣ ବାକି ସବୁ ସି, ଓ ଇରେ ପାସ କଲାବେଳେ ୮ଜଣ ଫେଲ୍ ହୋଇଛନ୍ତି। ଏଠାରେ ଗୁଣାତ୍ମକ ପରୀକ୍ଷା ଫଳର ଅଭାବ ଏକ ସ୍ପର୍ଶକାରତ ସମସ୍ୟା। ଏଠାରେ ବର୍ତ୍ତମାନ ଏକ ଓ.ଇ.ଏସ୍ କ୍ୟାଡ଼ରର ପ୍ରଧାନ ଶିକ୍ଷକ ଅଛନ୍ତି। ପ୍ରଧାନ ଶିକ୍ଷକଙ୍କର ସ୍ୱତନ୍ତ୍ର କାର୍ଯ୍ୟାପନ୍ଥା, ପରିଶ୍ରମ, ଶିକ୍ଷକ ତଥା ଛାତ୍ରମନଙ୍କର କାର୍ଯ୍ୟର ସମୀକ୍ଷା ଉପରେ ବିଦ୍ୟାଳୟର ଉନ୍ନତି ନିର୍ଭର କରେ। ଦ୍ୱିତୀୟତଃ ଏହି ବିଦ୍ୟାଳୟର ବିଶିଷ୍ଟତମ ସହକାରୀ ଶିକ୍ଷକଙ୍କୁ ଦ୍ୱିତୀୟ ପ୍ରଧାନଶିକ୍ଷକ ଆଖ୍ୟା ଦିଆଯାଇଥାଏ। ତାଙ୍କର ସମୟାନୁବର୍ତ୍ତୀତା, କାର୍ଯ୍ୟଶୈଳୀ, ଚିନ୍ତାଧାରା, ପରିଶ୍ରମ, ଆଗ୍ରହକୁ ଅନ୍ୟାନ୍ୟ ସମସ୍ତ ଶିକ୍ଷକ ଅନୁକରଣ କରନ୍ତି। ୨୦୨୨ ପୂର୍ବରୁ ଏଠାରେ ଆଦର୍ଶ ତଥା ବିଦ୍ୟାଳୟ ପ୍ରତି ଅଶେଷ ସମର୍ପଣ ଭାବ ଥିବାପରି ବରିଷ୍ଠ ଶିକ୍ଷକମାନେ ଥିଲେ। ବିଦ୍ୟାଳୟରେ ପ୍ରତିବର୍ଷ କେମିତି ଗୁଣାତ୍ମକ ପାଠପଢା ହେବ ସେମାନେ ପ୍ରଧାନ ଶିକ୍ଷକଙ୍କ ସହ ପରାମର୍ଶ କରି କାର୍ଯ୍ୟପନ୍ଥା ସ୍ଥିର କରୁଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଯଥା ଲକ୍ଷ୍ମଣ ଭୋଇ, ବର୍ତ୍ତମାନ ଡି.ଇ.ଓ ସମ୍ବଲପୁର, ସୁନନ୍ଦା ପଣ୍ଡା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାକାନ୍ତ ବଢେଇ, ଅମୃତା ସାହୁ ଏ ସମସ୍ତଙ୍କ ସମୟରେ ବିଦ୍ୟାଳୟରେ ନାନାଦି କାର୍ଯ୍ୟକ୍ରମ ସତ୍ତ୍ୱେ ଗୁଣାତ୍ମକ ପରୀକ୍ଷା ଫଳା ଫଳ ବିଦ୍ୟାଳୟ ଦେଇପାରିଥିଲା। ଏହାର ଏକମାତ୍ର କାରଣ ଥିଲା ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ଶିକ୍ଷକ ମାନଙ୍କର ଆଗ୍ରହ ଓ ଆତ୍ମସମୀକ୍ଷା। ବର୍ତ୍ତମାନ ଯାହା ଏଠାରେ ପରିଲକ୍ଷିତ ହେଉ ନାହିଁ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟଯେ ଏଠାରେ ଘରୋଇ ବିଦ୍ୟାଳୟ ସବୁ ଦିନକୁ ଦିନ କାୟା ବିସ୍ତାର କରି ଚାଲିଛି। ତେଣୁ ବିଦ୍ୟାଳୟର ଅଭିଭାବକ ମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାର ସମୟ ଆସିଛି। ପୂର୍ବତନ ଡ଼ିଇଓ ଶ୍ରୀଯୁକ୍ତ ପ୍ରକାଶ କୁମାର ଯୋଶୀଙ୍କ ପରି ବର୍ତ୍ତମାନର ଡ଼ିଇଓ. ଏ ବିଦ୍ୟାଳୟପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖି ପ୍ରଧାନଶିକ୍ଷକ ତଥା ସହକାରୀ ଶିକ୍ଷକ ମାନଙ୍କର କାର୍ଯ୍ୟକୁ ତଦାରଖ କଲେ ନିଶ୍ଚୟ ସୁଫଳ ମିଳିବ ବୋଲି ପୂରାତନ ଛାତ୍ର ଓ ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିରରେ ସେବାପୂଜା ନେଇ 'ସ୍ୱତ୍ୱଲିପି' ପ୍ରସ୍ତୁତ କରାଯିବା ଭଳି ଶ୍ରୀମନ୍ଦିରରେ ବ୍ୟବହୃତ ସ୍ୱତନ୍ତ୍ର ଶବ୍ଦ ଓ ବାକ୍ୟର 'ସ୍ୱତ୍ତାଧିକାର'(ପାଟେଣ୍ଟ) ପ୍ରସ୍ତୁତ ହେବ । ଏନେଇ ଗଜପତିଙ୍କ ଅଧ୍ୟକ୍ଷତାରେ ବସିଥିବା ଶ୍ରୀମନ୍ଦିର ପ୍ରଶାସନର ଉଚ୍ଚସ୍ତରୀୟ ରେ ନିଷ୍ପତ୍ତି ହୋଇଛି । ସୋମବାର ବସିଥିବା ଉଚ୍ଚସ୍ତର ବୈଠକରେ ନିଷ୍ପତ୍ତି କରାଯାଇଛି। କମିଟି ବୈଠକରେ ଏନେଇ ସୁପାରିସ ସହ ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଇଛି । ଏନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ସେ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଯେତେବି ଶବ୍ଦାବଳି ରହିଛି ଯେପରି ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥ ଧାମ, ମହାପ୍ରସାଦ, ପୁରୁଷୋତ୍ତମ ଧାମ, ଶ୍ରୀମନ୍ଦିରର ଲୋଗୋ ପ୍ରଭୃତିକୁ 'ପାଟେଣ୍ଟ' କରିବାକୁ ସରକାରଙ୍କ ନିକଟରେ ଆବେଦନ କରାଯିବ । ଏହାଦ୍ୱାରା ଶ୍ରୀମନ୍ଦିରରେ ବ୍ୟବହୃତ ମୂଳ ତଥା ସ୍ୱତନ୍ତ୍ର ଶବ୍ଦଗୁଡ଼ିକ ସୁରକ୍ଷିତ ରହିବ ।ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି,ପୂଜା ପାର୍ବଣ ସହ ଚାଲିଚଳଣୀ, ଉତ୍ସବ, ବାସନ, ଆସବାବପତ୍ର,ପୋଷାକ, ପୁଷ୍ପ ଅଳଙ୍କାର, ରତ୍ନ ଅଳଙ୍କାର, ବିଭିନ୍ନ ଦେଉଳର ନାମକରଣ ପ୍ରଭୃତିର ସ୍ୱତନ୍ତ୍ରତା ରହିଛି । ଶ୍ରୀମନ୍ଦିର ପରମ୍ପରା, ସଂସ୍କୃତି ଓ ଐତିହ୍ୟକୁ ଏହା ଋଦ୍ଧିମନ୍ତ କରିଆସୁଛି । ତତ୍କାଳୀନ ପରିସ୍ଥିତିରେ ଶ୍ରୀମନ୍ଦିର ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଅପଭ୍ରଂଶ କରି ଅନେକ ଧାର୍ମିକ ସଂଗଠନ ନିଜ ରୂପ ଦେବାକୁ ଚେଷ୍ଟା କରୁଛନ୍ତି ।

## ଚାଷୀଙ୍କୁ କେନ୍ଦ୍ର ସରକାରଙ୍କ ବଡ଼ ଉପହାର

# ୧୪ ଖରିଫ ଫସଲର ଏମ୍ଏସ୍ପି ବୃଦ୍ଧି

ନୂଆଦିଲ୍ଲୀ,୨୮।୫: ବୁଧବାର କେନ୍ଦ୍ର ସରକାର ଚାଷୀଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ଧାନ, କପା, ସୋୟାବିନ ଓ ମଟର ସମେତ ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍ଏସ୍ପିରେ ବୃଦ୍ଧି କରାଯାଇଛି। ବୁଧବାର କେନ୍ଦ୍ର ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ଏହି ପ୍ରସ୍ତାବକୁ ମଞ୍ଜୁରି ଦେଇଛି। ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ନେଇ ସୂଚନାଦେଇ କହିଛନ୍ତି ଯେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ୬୯ ଟଙ୍କା ବୃଦ୍ଧି କରାଯାଇଛି। ଅର୍ଥାତ୍ କେନ୍ଦ୍ର ସରକାର ଦେଉଥିବା ୨୩ଶହ ଟଙ୍କା ସହ ବର୍ତ୍ତମାନର ଧାନମୂଲ୍ୟ ୨୩୬୯ ଟଙ୍କା ରହିବ। ସେହିପରି ଗ୍ରେଡ୍-ଏ ଧାନର କ୍ୱିଣ୍ଟାଲ ପିଛା ମିଳିବ ୨୩୮୯ ଟଙ୍କା। ୨୦୨୫-୨୬ ବର୍ଷ ପାଇଁ ଏହି ଏମ୍ଏସ୍ପି ବୃଦ୍ଧି କରାଯାଇଛି। ଧାନ ସହିତ ହରଡ଼, ମୁଗ, ବାଜରା, ଜଓ୍ୱାର, କପା, ସୂର୍ଯ୍ୟମୁଖୀ, ରାଶି, ବାଦାମ, ସୋୟାବିନ ଆଦି ତୈଳବୀଜ ଜାତୀୟ ଫସଲର ଏମ୍ଏସ୍ପି ବୃଦ୍ଧି କରାଯାଇଛି। ଶ୍ରୀ ବୈଷ୍ଣବ କହିଛନ୍ତି, ଚାଷୀଙ୍କ ହିତପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଅନ୍ୟପକ୍ଷରେ ଜଓ୍ୱାର କ୍ୱିଣ୍ଟାଲ ପିଛା ଏମଏସ୍ପି ୩୨୮ଟଙ୍କା ବୃଦ୍ଧି ପାଇ ୩୭୪୯ ଟଙ୍କାରେ



| ଫସଲର ନାମ | କେତେ ବଢ଼ିଲା (ଟଙ୍କାରେ) |
|---|---|
| ଧାନ | ୬୯ |
| ବାଦାମ | ୪୮୦ |
| ଜଓ୍ୱାର | ୩୨୮ |
| ବାଜରା | ୧୫୦ |
| ମାଣ୍ଡିଆ | ୫୯୬ |
| ସୂର୍ଯ୍ୟମୁଖୀ | ୪୪୧ |
| ହରଡ଼ | ୪୫୦ |
| ମୁଗ | ୮୬ |
| ସୋୟାବିନ | ୪୩୬ |
| ରାଶି | ୫୭୯ |
| ମକା | ୧୭୫ |

ପହଞ୍ଚିଥିବାବେଳେ ବାଜରା କ୍ୱିଣ୍ଟାଲ ପିଛା ୧୫୦ଟଙ୍କା ବୃଦ୍ଧି କରାଯାଇ ୨୭୭୫ଟଙ୍କାରେ ପହଞ୍ଚିଛି। ରାଶିର ଏମଏସପି କ୍ୱିଣ୍ଟାଲ ପିଛା ୫୯୭ଟଙ୍କା ବୃଦ୍ଧି ହୋଇ ୪୮୮୬ ଟଙ୍କାରେ ପହଞ୍ଚିଛି। ସେହିପରି ହରଡ ଡାଲିର ଏମଏସପି କ୍ୱିଣ୍ଟାଲ ପିଛା ୪୫୦ ବଢି ୮ ହଜାର ଟଙ୍କା ହୋଇଥିବାବେଳେ ମୁଗଡାଲି କ୍ୱିଣ୍ଟାଲ ପିଛା ଏମଏସପି ୮୬ଟଙ୍କା ବୃଦ୍ଧି କରାଯାଇଛି। ମକା କ୍ୱିଣ୍ଟାଲ ପିଛା ଏମଏସପି ୧୭୫ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ସୂର୍ଯ୍ୟମୁଖୀ ୪୪୧ଟଙ୍କା, ସୋୟାବିନ ୪୩୬ଟଙ୍କା, ରାଶି ୫୭୯ଟଙ୍କା କ୍ୱିଣ୍ଟାଲ ପିଛା ବୃଦ୍ଧି କରାଯାଇଛି। ଏହି ନୂଆ ଏମଏସପି ପାଇଁ ସରକାର ଅଧିକ ୨ଲକ୍ଷ ୭ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ, ଯାହାକି ଗତବର୍ଷ ତୁଳନାରେ ୭ହଜାର କୋଟି ଅଧିକ। ପ୍ରତ୍ୟେକ ଫସଲ ପାଇଁ ଖର୍ଚ୍ଚ ସହିତ ୫୦ ପ୍ରତିଶତ ହିସାବରେ ନିଆଯାଇଥିବା ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଚାଷୀଙ୍କ ପାଇଁ ସୁଧ ଛାଡ଼ ବଜାୟ ରଖିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଅତିରିକ୍ତ ୧୫ହଜାର ୬୪୨ କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି କିଷାନ କ୍ରେଡିଟକାର୍ଡ ଉପରେ ୪ ପ୍ରତିଶତ ସୁଧରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ।

## ପାଣିପାଗ ବିଭାଗର ସୂଚନା

# ଓଡ଼ିଶା ଛୁଇଁଲା ମୌସୁମୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଶେଷରେ ପାଣିପାଗ ବିଭାଗର ପୂର୍ବାନୁମାନ ସତରେ ପରିଣତ ହୋଇଛି। ବୁଧବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଛି। ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳକୁ ମୌସୁମୀ ପ୍ରବେଶ କରିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଗ ଅନୁକୂଳ ଥିବାରୁ ଓଡ଼ିଶାକୁ ମୌସୁମୀ ଶୀଘ୍ର ପ୍ରବେଶ କରିଛି। ଗତ ୨୪ ତାରିଖରେ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁଥିଲା। ତେବେ ଗତବର୍ଷ ଜୁନ୍ ୮ ତାରିଖରେ ମୌସୁମୀ ଓଡ଼ିଶା ଛୁଇଁଥିବାବେଳେ ଚଳିତବର୍ଷ ବହୁ ପୂର୍ବରୁ ଏହା ଓଡ଼ିଶା ଛୁଇଁଥିବାରୁ ଚାଷୀମାନେ ବେଶ୍ ସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ ଗୁରୁବାର ସୁଦ୍ଧା ଓଡ଼ିଶାକୁ ମୌସୁମୀର ଆଗମନ ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ସୂଚନା ଦେଇଥିଲେ। ଏବେ ସାରା ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଲାଗି ରହିଛି। ଅନ୍ୟପକ୍ଷରେ ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବ। ଏହାର ପ୍ରଭାବରେ ପ୍ରବଳ ବର୍ଷା ଲାଗି ରହିବ। ଏପରିକି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହେବ ବୋଲି ସୂଚନା ମିଳିଛି। ଗତ କିଛିଦିନ ହେବ ସାରା ରାଜ୍ୟରେ ମେଘୁଆପାଗ ଜାରି ରହିବା ସହ ଅଳ୍ପବହୁତ ବର୍ଷା ଲାଗି ରହିଛି। ତେବେ ପାଗ ଅନୁକୂଳ ଥିବାରୁ ମୌସୁମୀ ଶୀଘ୍ର ପ୍ରବେଶ କରିଛି।

## ରାଜଧାନୀରେ ମାଡ଼ିଲା କରୋନା

# ଆଉ ୫ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ସାରା ଦେଶରେ ବର୍ତ୍ତମାନ ସୁଦ୍ଧା ୧୧ଶହରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଲେଣି। କରୋନାର ଦୁଇଟି ନୂଆ ଭାରିଆଣ୍ଟକୁ ନେଇ ଦେଶବ୍ୟାପୀ ଚିନ୍ତା ପ୍ରକଟ କରାଯାଉଥିବାବେଳେ ଏଥିରେ ମୋଟ ୭ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମଧ୍ୟ ଦିଆଯାଇଛି। ତେବେ ଓଡ଼ିଶାରେ କରୋନା ସଂକ୍ରମଣ ମାଡ଼ିବା ଆରମ୍ଭ କରିଛି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଏହା କାୟା ମେଲାଇବା ରାଜଧାନୀବାସୀଙ୍କୁ ଆତଙ୍କିତ କରି ପକାଇଛି। ବୁଧବାର ଏକସମୟରେ ରାଜଧାନୀ ଭୁବନେଶ୍ୱରରୁ ୫ଜଣ ଆକ୍ରାନ୍ତ ଚିହ୍ନଟ ହେବାପରେ ଚିନ୍ତା ବଢିଯାଇଛି। ଭୁବନେଶ୍ୱରରୁ ୪ଜଣ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଆଣ୍ଟିଜେନ ପରୀକ୍ଷାରୁ ଏହି ସମସ୍ତେ କରୋନା ପଜିଟିଭ ହୋଇଥିବା ସୂଚନା ଦିଆଯାଇଛି। ତେବେ ଏସବୁ ଭିତରେ ଭୟଭୀତ ନ ହେବାପାଇଁ ପରାମର୍ଶ ଦେଇଛନ୍ତି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର। ସେ କହିଛନ୍ତି, ରାଜ୍ୟରେ କୋଭିଡ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। କୋଭିଡର ଅସ୍ୱାଭାବିକ ସ୍ଥିତି ନଥିବାରୁ ବ୍ୟସ୍ତ ଓ ବିବ୍ରତ କିମ୍ବା ଭୟଭୀତ ହେବାର କୌଣସି କାରଣ ନାହିଁ। କୋଭିଡ ରିପୋର୍ଟ ଆସିଲେ ଆରଟିପିସିଆର କରାଯିବ ବୋଲି ସେ କହିଛନ୍ତି। ଡାକ୍ତର ମିଶ୍ର ଆହୁରି କହିଛନ୍ତି ଯେ ରାଜ୍ୟରେ କୋଭିଡକୁ ନେଇ ଉଦବେଗଜନକ ସ୍ଥିତି ସୃଷ୍ଟି ହୋଇନାହିଁ। ଆବଶ୍ୟକ ହେଲେ ଜିନମ ସିକ୍ୱେନ୍ସି କରାଯିବ। ତେବେ ପ୍ରଥମ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ଭଲ ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ନେଇ ବର୍ତ୍ତମାନସୁଦ୍ଧା କୌଣସି ଗାଇଡଲାଇନ ଜାରି କରାଯାଇନାହିଁ । ୨୦୨୨ ଗାଇଡଲାଇନ ଅନୁଯାୟୀ ହସ୍ପିଟାଲଗୁଡ଼ିକରେ କାର୍ଯ୍ୟ ଚାଲୁଛି। ନୂଆ ଚିହ୍ନଟ ହୋଇଥିବା ୫ ଆକ୍ରାନ୍ତଙ୍କୁ ଅବଜରଭେସନରେ ରଖାଯାଇଛି। ତେବେ ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହିଥିବାବେଳେ ଯଦି ତାଙ୍କ ପରିବାରରେ କୌଣସି ଲୋକଙ୍କର ଲକ୍ଷଣ ରହିଥାଏ ତେବେ ତୁରନ୍ତ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଅଧିକାରୀମାନେ ଜନସାଧାରଣଙ୍କୁ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେବା ନିମନ୍ତେ ସେ କହିଛନ୍ତି। ଏଥିସହ କୋଭିଡ-୧୯ ପୂର୍ବ ପ୍ରୋଟକଲ ଅନୁସରଣ କରିବାକୁ କୁହାଯାଇଛି। ଯଦିଓ ରାଜ୍ୟରେ ମାମଲା ସଂଖ୍ୟା କମ୍ ରହିଛି, ତଥାପି ଯେପରି ଅଧିକ ନ ବ୍ୟାପେ ସେଥିନେଇ ସ୍ଥିତି ଉପରେ କଡ଼ା ନଜର ରଖାଯାଇଥିବା ଡାକ୍ତର ମିଶ୍ର କହିଛନ୍ତି।

GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER, MANIYARI WATER RESOURCES DIVISION, MUNGELI, DISTT.-MUNGELI (C.G.)
e-PROCUREMENT TENDER NOTICE
eProcurement Portal: https://eproc.cgstate.gov.in

NIT No.: 02/SAC/2025-26, Gr.No. 01 & 02 Dated: 26.05.2025

Online Tenders are invited for the following works up to 16-06-2025 at 17.30 Hour

**Group No. 01 Name of work - Construction of Anicut Near Village Motimpur on Rahan River in Mungeli Block of Mungeli District.**
(FIRST CALL) System Tender No. 169108, Probable Amount of Contract: - Rs. 333.98 Lakhs
**(As Per SOR Amended on 22.08.2022)**

**Group No. 02 Name of work - Construction of Anicut Near Village Birgaon.**
(FIRST CALL) System Tender No. 169109, Probable Amount of Contract: - Rs. 316.72 Lakhs
**(As Per SOR Amended on 22.08.2022)**

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 02-06-2025, at 17.31 Hours.(IST) onwards.

NOTE :- All eligible/intrested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

G-252601194/11

Sd/- EXECUTIVE ENGINEER
MANIYARI W.R. DIVISION MUNGELI
DISTT-MUNGELI(C.G.)

## ଶେଷ ହୋଇନି ଅପରେସନ ସିନ୍ଦୂର

# ଆଜି ସୀମାବର୍ତ୍ତୀ ୪ ରାଜ୍ୟରେ ମକ୍ଡ୍ରିଲ

ନୂଆଦିଲ୍ଲୀ : ଶେଷ ହୋଇନି ଅପରେସନ ସିନ୍ଦୂର। ବାକି ରହିଯାଇଥିବା ୧୨ ଆତଙ୍କୀ ଆଡ୍ଡାକୁ ମାଟିରେ ମିଶାଇ ଦିଆଯିବ। ଏଥିନେଇ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକରେ ମକ୍ଡ୍ରିଲ କରାଯିବା ନେଇ ବ୍ୟବସ୍ଥା ହୋଇଛି। ଗୁଜରାଟ, ପଞ୍ଜାବ, ରାଜସ୍ଥାନ ଏବଂ ଜାମ୍ମୁକାଶ୍ମୀରରେ ଏହି ମକଡ୍ରିଲ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟ ମଧ୍ୟରେ ସେଠାରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବାପାଇଁ ପରାମର୍ଶ ଦିଆଯାଇଛି। ଏହି ୪ରାଜ୍ୟ ପାକିସ୍ତାନ ସହିତ ସୀମାରେ ଅଂଶୀଦାର ରହିଛନ୍ତି। ସୂଚନାଯୋଗ୍ୟ ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୩ହଜାର ୩ଶହ କିଲୋମିଟରରୁ ଅଧିକ ସୀମା ରହିଛି। ପୂର୍ବରୁ କେନ୍ଦ୍ର ସରକାର ପାକିସ୍ତାନ ସହିତ ଉତ୍ତେଜନା ମଧ୍ୟରେ ଗତ ୭ ତାରିଖରେ ଦେଶର ୨୪୪ଟି ଜିଲ୍ଲାରେ ମକଡ୍ରିଲ କରିବାକୁ ଘୋଷଣା କରିବା ସହ ମକଡ୍ରିଲର ଆୟୋଜନ କରାଯାଇଥିଲା। କିନ୍ତୁ ମଇ ୬ -୭ ରାତିରେ ଭାରତ ପାକିସ୍ତାନର ଆତଙ୍କବାଦୀ ଘାଟି ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଅପରେସନ ସିନ୍ଦୂର ଅଭିଯାନ ଅଧୀନରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଘାଟି ଉପରେ ଆକ୍ରମଣ କରି ସେଗୁଡ଼ିକୁ ଧ୍ୱଂସ କରି ଦେଇଥିଲା। କିନ୍ତୁ ପାକିସ୍ତାନରେ ଆହୁରି ୧୨ଟି ଆତଙ୍କବାଦୀ ଘାଟି ଥିବାର ସୂଚନା ମିଳିବା ପରେ ସେଗୁଡ଼ିକୁ ଧ୍ୱଂସ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ପାକିସ୍ତାନ ଭିତରେ ଆତଙ୍କବାଦର ମୂଳପୋଛ ପାଇଁ ଅପରେସନ ଜାରି ରହିଛି। ଭାରତର ଅପରେସନ ସିନ୍ଦୂରକୁ ନେଇ ପାକିସ୍ତାନ ଭୟଭୀତ ହୋଇପଡ଼ିଛି। ଏପରିକି ପାକ୍ ପ୍ରଧାନମନ୍ତ୍ରୀ ସେହଓ୍ୱାଜ ସରିଫ ଇରାନ ରାଜଧାନୀ ତେହରାନରୁ ଏକ ବାର୍ତ୍ତା ଦେଇ ଶାନ୍ତି ଆଲୋଚନା କରିବାକୁ ପ୍ରସ୍ତାବ ଦେଇଛନ୍ତି। ତେବେ ଏ ନେଇ ଭାରତ କୌଣସି ପ୍ରତିକ୍ରିୟା ଦେଇନାହିଁ । ଅନ୍ୟପକ୍ଷରେ ଭାରତର ସୀମାବର୍ତ୍ତୀ ଅଞ୍ଚଳରେ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ପାକିସ୍ତାନର ଆତଙ୍କ ଏବଂ ଏଲଓସି ଉପରେ ଗୁଳିମାଡ଼କୁ ନଜରରେ ରଖାଯାଇ ସେନା କାଶ୍ମୀରର ୧୦ଟି ଜିଲ୍ଲାରେ ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ କରିଛି।

OFFICE OF THE ROURKELA MUNICIPAL CORPORATION
UDITNAGAR, ROURKELA, ODISHA-769012
E-mail ID: rourkelamunicipality@gmail.com
C-404

No. 6937 Date. 28.05.2025

Tender Call Notice for Supply of Commercial Water Purifier for Aahaar Centres.

Sealed Tenders are invited from the intending reputed Manufacturers/ Authorized Dealer having PAN and valid GST certificate for Supply of Commercial Water Purifier under Rourkela Municipal Corporation.

The sealed Tender should reach to the Commissioner, Rourkela Municipal Corporation, Uditnagar, Rourkela, Sundargarh-769012 on or before 06.06.2025 by 1.00 PM through postal/ courier/ speed post/ registered post or by hand. The Tender will be opened on 07.06.2025 at 11.30 AM in presence of the bidders who wish to attend.

Details terms and conditions of the tender process can be downloaded from the official website of Rourkela Municipal Corporation (www.rmc.nic.in).

The undersigned reserves the right to negotiate or reject / cancel any or all the tenders at any time without assigning any reason thereof.

OIPR 13131/11/0134/2526

Sd/- Commissioner
Rourkela Municipal Corporation

## ସଡକ ଦୁର୍ଘଟଣାରେ ମୃତ ବାପ ଝିଅଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଶୋକ

ବୌଦ୍ଧ(ଭାସ୍କର ନ୍ୟୁଜ): ମଙ୍ଗଳବାର ସନ୍ଧ୍ୟା ୭ ଘଣ୍ଟା ସମୟରେ ବଘିଆପଡା - ଶଗଡା ରାସ୍ତାର ଆମ୍ବଝରୀ ଗ୍ରାମ ପଞ୍ଚାୟତ ଗୌନ୍ଦିସର ଗ୍ରାମ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବୌଦ୍ଧ ଡାକ୍ତର ଖାନାରେ ୨ ଜଣଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଅନ୍ୟ ୭ ଜଣ ଗୁରୁତର ଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧବ୍ଲକ ଟିକରପଡା ଗ୍ରାମ ପଞ୍ଚାୟତ ଚରିଆପାଲି ଗ୍ରାମର ଗଜେନ୍ଦ୍ର ମଲ୍ଲିକ ଡିଲେଜୁ ଗ୍ରାମର ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗ ଦେଇ ପରିବାର ସହ ନିଜ ଘରକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହ ଗୌନ୍ଦିସର ଗ୍ରାମ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଗଜେନ୍ଦ୍ର ମଲ୍ଲିକ, ତାଙ୍କ ପତ୍ନୀ ଓ ତିନି ଶିଶୁ କନ୍ୟା ଗୁରୁତର ଆହତ ହୋଇଥିଲେ । ଡାକ୍ତର ପରୀକ୍ଷା କରି ଗଜେନ୍ଦ୍ର ମଲ୍ଲିକ ଓ ତାଙ୍କ ୮ ବର୍ଷର ଝିଅ ଲିପସା ଝାଙ୍କରଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ବୌଦ୍ଧ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି । ଘଟଣା ସଂପର୍କରେ ସୂଚନା ପାଇ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ତହସିଲଦାର ଶ୍ରୀମତୀ ଅନିତାରାଣୀ ସାହୁ, ବିଡ଼ିଓ ଯୁଧିଷ୍ଠିର ମେହେର, ଜରୁରୀକାଳୀନ ଅଧିକାରୀ ସୁଧର୍ମା ମଲ୍ଲିକ ପ୍ରମୁଖ ବୌଦ୍ଧ ଡାକ୍ତରଖାନାରେ ପହଞ୍ଚି ଗୁରୁତର ଆହତଙ୍କୁ ଭେଟିଥିଲେ । ଏହି ସଡ଼କ ଦୁର୍ଘଟଣାକୁ ନେଇ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେପଟେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ପରିବାରଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମବେଦନା ଜ୍ଞାପନ ସହ ଉଭୟ ମୃତକଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି ।

**AFFIDAVIT**

By virtue of an affidavit sworn before the Executive Magistrate, Raikia, dated: 28.05.2025, I Ritima Pradhan, Address: village-Pangalipata, Po-Mandasaru, Ps- Raikia, Dist- Kandhamal, Odisha, PIN-762101, declare that I have changed my name from Pritima Pradhan to Ritima Pradhan. Henceforth I shall be known as Ritima Pradhan for all purposes.
**Sd/- Ritima Pradhan**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 22.05.2025, I, Jyochhanarani Jena, Address: At- Patna Sahi, Andharua, Ps- Chandaka, Dist- Khordha, Odisha, PIN-751029, declare that I have changed my name from Jyotsnarani Jena to Jyochhanarani Jena. Henceforth, I shall be known as Jyochhanarani Jena.
Sd/- Jyochhanarani Jena

GOVT. OF ODISHA
DEPARTMENT OF PANCHAYATI RAJ & DRINKING WATER
OFFICE OF THE PANCHAYAT SAMITI, KANTAPADA, CUTTACK
Phone No.7008045394
Email ID- ori-kantapara@nic.in
i-126
'E'-PROCUREMENT NOTICE NO:-2232, DATED-23.05.2025

| | | |
|---|---|---|
| 1 | Name of work & Tender Cost (Rs. In Rupees) | 1.Construction of GPLF Office Building-cum-Market Complex, Govindpur GP |
| | | Tender Cost- Rs. 22,49,232/- |
| | | 2.Construction of GPLF Office Building-cum-Market Complex, Postal GP |
| | | Tender Cost- Rs. 22,49,232/- |
| | | 3.Construction of Conference Hall & Compound Wall at Kantapada Block |
| | | Tender Cost- Rs. 31,65,438/- |
| 3 | Class of contractor | B & C |
| 4 | Period of completion | 6 months |
| 5 | Date and time of availability of bid documents in the portal | 29.05.2025 AT 10:00 A.M |
| 6 | Last date/Time for receipt of bids in the portal | 13.06.2025 Up to 05:00 P.M |
| 7 | Date and time of opening of bid | 16.06.2025 AT 12 Noon |
| 8 | Name and address of the Officer Inviting Bid | Block Development Officer, KANTAPADA, O/o the Panchayat Samiti, KANTAPADA, Cuttack. |

Further details can be seen from the Govt. web site www.tendersodisha.gov.in.

OIPR 19292/11/0002/2526

Sd/-Block Development Officer,
KANTAPADA

## ମୁଖ୍ୟ ରାସ୍ତାରେ ବିପଦ ସାଜିଛି ବିଦ୍ୟୁତ ଖୁଣ୍ଟ

ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ରଙ୍ଗଣୀସାହି ତ୍ରିନାଥ ମନ୍ଦିର ନିକଟରେ ଥିବା ମୁଖ୍ୟରାସ୍ତା ଉପରେ ବହୁଦିନଧରି ବିପଦ ପୂର୍ଣ୍ଣ ଭାବରେ ବିଦ୍ୟୁତ ଖୁଣ୍ଟ ରହିଅଛି । ଏହି ରାସ୍ତାଟି ବୋଲଗଡ ଠାରୁ କଳାଙ୍ଗ ସଂଯୋଗ ରାସ୍ତା ମଧ୍ୟରେ ରହିବା ଫଳରେ ବାଟୋଇ, ଛାତ୍ରଛାତ୍ରୀ, ବ୍ୟବସାୟୀ, ବଡ଼ ବଡ଼ ଯାନବାହାନ ଯାତାୟାତ କରୁଥିବା ସହିତ ଜନସାଧାରଣମାନେ ବିପଦ ଅବସ୍ଥାରେ ଯାତାୟାତ କରୁଅଛନ୍ତି । ଏଠାରେ ଦୀର୍ଘଦିନ ଧରି ଟ୍ରାନ୍ସଫରମ ଦ୍ୱାରା ଗ୍ରାହକ ମାନଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଯାଉଥିଲା । ଜନସାଧାରଣ ମାନଙ୍କ ଦାବୀ ଅନୁସାରେ ଟ୍ରାନ୍ସଫରମ ଅନ୍ୟତ୍ର ସ୍ଥାନାନ୍ତରୀଣ କରାଯାଇଥିବାବେଳେ ସଂଯୋଗ ଏହି ଦୁଇ ବିଦ୍ୟୁତ ଖୁଣ୍ଟକୁ ଉଚ୍ଚ ସମ୍ପର୍ଣ୍ଣ ୩୩ କେଭି କରେଣ୍ଟ ସଚଳ ରହିଛି । ଟ୍ରାନ୍ସଫରମ ଅନ୍ୟତ୍ର ସ୍ଥାନନ୍ତରୀଣ କରାଯାଇଥିଲେ ମଧ୍ୟ ଉଚ୍ଚ ସମ୍ପର୍ଣ୍ଣ ବିଦ୍ୟୁତ ଖୁଣ୍ଟ ଆଜି ପର୍ଯ୍ୟନ୍ତ ହଟାଯାଇନାହିଁ । ଚାରି ପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ କରାଯାଇନାହିଁ । ଗ୍ରାମର ପ୍ରାୟ ମଧ୍ୟ ଭାଗରେ ଥିବାରୁ ସ୍ଥାନୀୟ ଜନସାଧାରଣମାନେ ଭୟଭିତ ଅବସ୍ଥାରେ ରହିଅଛନ୍ତି । ଏହି ମୁଖ୍ୟ ରାସ୍ତାଦେଇ ପ୍ରତିଦିନ ହଜାର ହଜାର ଯାନବାହାନ ସହିତ ଜନସାଧାରଣମାନେ ଯାତାୟାତ କରୁଥିବା ବେଳେ ବିଦ୍ୟୁତ ବିଭାଗର ଆଜି ପର୍ଯ୍ୟନ୍ତ ଦୃଷ୍ଟି ପଡ଼ିନାହିଁ । ଏହି ଉଚ୍ଚ ସମ୍ପର୍ଣ୍ଣ ବିଦ୍ୟୁତ ଖୁଣ୍ଟ ହଟାଯିବା ପାଇଁ ଧନେଶ୍ୱର ସ୍ୱାଇଁ, ରବୀନ୍ଦ୍ର ସାଥୁଆ, ବ୍ରଜବନ୍ଧୁ ବେହେରା, ବାଉରୀ ବନ୍ଧୁ ବେହେରା, ନିରଞ୍ଜନ ନାୟକ, ପ୍ରମୋଦ ଚୌଧୁରୀ, ଅଜୟ ମହାନ୍ତି, କାଳିଆ ଜେନା, ଲୁଲୁ ମିଶ୍ର ,ସମ୍ବିତ ରାଉତରାୟ ଙ୍କ ସମେତ ସମସ୍ତ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଅଛନ୍ତି ।

## ସରକାରୀ ଚାକିରି... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉପରୋକ୍ତ ସର୍ବୋଚ୍ଚ ବୟସସୀମା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ, ମହିଳା, ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଲାଗୁ ହେଉଥିବା ନିୟମାବଳୀ ଅନୁସାରେ କୋହଳ ହେବ ବୋଲି ମୁଖ୍ୟ ସଚିବ ଶ୍ରୀ ଆହୁଜା କହିଛନ୍ତି। ସେହିପରି ରାଜ୍ୟରେ ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାସ୍ଥିତ ମହିମା ଗାଦିର ଉନ୍ନତିମୂଳକ କାର୍ଯ୍ୟ ଓ ଭବ୍ୟ ଶୂନ୍ୟମଣ୍ଡପର ନିର୍ମାଣ କରିବାକୁ କ୍ୟାବିନେଟ୍‌ରେ ମୋହର ଲାଗିଛି। ମହିମା ଗାଦିର ବିକାଶ ଏବଂ ଭବ୍ୟ ଶୂନ୍ୟମଣ୍ଡପ ଦ୍ୱାରା ଯୋରନ୍ଦାବାସୀଙ୍କ ବହୁଦିନର ଦାବି ପୂରଣ ହେବ। ଏହି ସ୍ଥାନର ବିକାଶ ପର୍ଯ୍ୟଟକମାନଙ୍କୁ ପ୍ରୋତ୍ସାହିତ କରିବ, ଯାହାର ଫଳସ୍ୱରୂପ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ଅର୍ଥନୈତିକ ବିକାଶ ହେବ। ରାଜ୍ୟ କ୍ୟାବିନେଟରେ ୧୭୧ କୋଟି ୧୧ଲକ୍ଷ ଟଙ୍କା ବ୍ୟୟ କରାଯିବ। ଏହାକୁ ଟେଣ୍ଡର, ଏମ/ଏସ୍, ଆଇରନ ଟ୍ରାଏଙ୍ଗଲ ଲିମିଟେଡ୍ ନିର୍ମାଣ କରିବ ବୋଲି ଅନୁମୋଦନ ମିଳିଛି। ଏହି କାର୍ଯ୍ୟକୁ ୩୬ ମାସ ମଧ୍ୟରେ ସଂପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଛି। ସେହିପରି ରାଜ୍ୟ କ୍ୟାବିନେଟ୍‌ରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଚକ୍ଷୁ ଚିକିତ୍ସାସେବା ନିୟମାବଳୀ ୨୦୨୫କୁ ଅନୁମୋଦନ କରାଯାଇଛି। ଏହି ପ୍ରସ୍ତାବରେ ବର୍ତ୍ତମାନ ୧୪୭ଜଣ ଚକ୍ଷୁ ଚିକିତ୍ସା ସହାୟକ ରାଜ୍ୟର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ରାଜ୍ୟ ସରକାର ପ୍ରସ୍ତାବିତ ସଂକଳ୍ପ ଅନୁଯାୟୀ ଚକ୍ଷୁଚିକିତ୍ସା ସେବା ସମ୍ବନ୍ଧ ଅଧୀନରେ ମୂଳ ପଦବୀରେ ୩୩୮ଟି ମୋଟ ମୋଟ ୫୩୮ଟି ପଦବୀ ସୃଷ୍ଟି କରିଛନ୍ତି। ଏହାସହ ମୂଳ ପଦବୀରେ ୧୪୧ଟି ନୂତନ ପଦବୀ ସୃଷ୍ଟି ହେବା ସହ ପଦୋନ୍ନତି ଭିତ୍ତିରେ ପଦାନୁକ୍ରମରେ ବିଭିନ୍ନ ପଦବୀ ପୂରଣ ପାଇଁ ମୋଟ ୨୦୦ଟି ପଦବୀ ସୃଷ୍ଟି କରାଯାଇଛି। ରାଜ୍ୟର ଜନସାଧାରଣଙ୍କୁ ଭାରତୀୟ ଜନସ୍ୱାସ୍ଥ୍ୟ ମାନକ ଦ୍ୱାରା ଧାର୍ଯ୍ୟ ସର୍ତ୍ତ ଅନୁଯାୟୀ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସ୍ୱତନ୍ତ୍ର ଭାବେ ଓଡ଼ିଶା ଚକ୍ଷୁ ଚିକିତ୍ସାସେବା ସୃଷ୍ଟି କରାଯାଇଛି। ସେହିପରି ଜଗତସିଂହପୁର ଜିଲ୍ଲାର ଜଟାଧାରୀ ମୁହାଣଠାରେ ଏକ ନିଜସ୍ୱ ଜେଟି ସ୍ଥାପନ ନିମନ୍ତେ ରାଜ୍ୟ ସରକାର ଓ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ ପକ୍ଷରୁ ହେବାକୁ ଥିବା ରିହାତି ଚୁକ୍ତିନାମାର ଅନୁମୋଦନ ହୋଇଛି। ପ୍ରଥମେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ ଜଗତସିଂହପୁର ଜିଲ୍ଲାରେ ଏକ ଇସ୍ପାତ କାରଖାନା ସହ ଏକ ନିଜସ୍ୱ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ ନିମନ୍ତେ ୨୦୧୭ ମସିହାରେ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ହାଇଲେଭଲ କ୍ଲିୟରାନ୍ସ କମିଟି ଅନୁମୋଦନ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହି ଇସ୍ପାତ କାରଖାନାପାଇଁ ଆବଶ୍ୟକ କଞ୍ଚାମାଲ ଆମଦାନୀ ଓ ଏଥିରୁ ଉତ୍ପାଦନ ହେବାକୁ ଥିବା ସମସ୍ତ ପଣ୍ୟର ରପ୍ତାନୀ ନିମନ୍ତେ ଜେଏସଡବ୍ଲୁ ଏକ ସର୍ବଋତୁକାଳୀନ ବିଭିନ୍ନ ମାଲ ପରିବହନ କାରୀ ନିଜସ୍ୱ ଜେଟି ସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ପରେ ରାଜ୍ୟ ସରକାର ୨୦୧୮ ମସିହାରେ ଉକ୍ତ ଜେଟି ସ୍ଥାପନ ନିମନ୍ତେ ନୀତିଗତ ଅନୁମୋଦନ ପ୍ରଦାନ କରିବା ପରେ ଉଭୟଙ୍କ ମଧ୍ୟରେ ୨୦୨୨ ମସିହା ଡିସେମ୍ବର ୩ ତାରିଖରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏବେ ଏହି ଜେଟି ସ୍ଥାପନ ହେଲେ ଓଡ଼ିଶା ପୋର୍ଟ ପଲିସ ୨୦୨୨ ଅନୁଯାୟୀ ବନ୍ଦର ସଂପର୍କିତ ଶିଳ୍ପର ବିକାଶ ସହିତ ବନ୍ଦରକୁ ସଂଯୋଗ କରୁଥିବା ଭିତ୍ତିଭୂମି ବିକାଶକୁ ଏହି ଜେଟି ପ୍ରୋତ୍ସାହିତ କରିବ। ଏଥିସହ ଜେଟି ରାଜ୍ୟପାଇଁ ରାଜସ୍ୱ ସୃଷ୍ଟି କରିବ। ଏହାବ୍ୟତୀତ ଏହି ପ୍ରକଳ୍ପ ମାଧ୍ୟମରେ ୩,୪୫୦ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ଓଡ଼ିଶା ସରକାର ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି (୨୦୨୫)କୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ବୈଷୟିକ ବିକାଶକୁ ଏହି ନୀତି ଆହୁରି ସୁଦୃଢ଼ କରିବ। ଏହି ନୀତି ଓଡ଼ିଶାର ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବା ସହିତ ଓଡ଼ିଶାର ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେବ। କୃତ୍ରିମ ବୁଦ୍ଧିମତାର ବ୍ୟବହାର ଦ୍ୱାରା ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଅପରିସୀମ ସୁଫଳ ମିଳିବ। କୃତ୍ରିମ ବୁଦ୍ଧିମତାକୁ ଆଧାର କରି ତଥ୍ୟ ସଂଗ୍ରହ, ନବସୃଜନକୁ ପ୍ରୋତ୍ସାହନ, ତଥ୍ୟ-ପରିଚାଳିତ ନିଷ୍ପତ୍ତି ସହ ରାଜ୍ୟର ସାମାଜିକ, ଆର୍ଥିକ ଉନ୍ନତି ସମ୍ଭବ ହୋଇପାରିବ ବୋଲି ମୁଖ୍ୟଶାସନ ସଚିବ ଶ୍ରୀ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

AXIS FINANCE
ଆକ୍ସିସ୍ ଫାଇନାନ୍ସ ଲିମିଟେଡ୍
(ସିଆଇଏନ୍ ୟୁ୬୫୯୨୧ଏମ୍ଏଚ୍୧୯୯୫ପିଏଲ୍ସି୨୧୨୬୭୫)
ଆକ୍ସିସ୍ ହାଉସ୍, ସି-୨, ଓ୍ୱାଇଡିଆ ଇଣ୍ଟରନାସନାଲ ସେଣ୍ଟର, ପାଣ୍ଡୁରଙ୍ଗ ବୁଧକର ମାର୍ଗ, ଓ୍ୱର୍ଲି, ମୁମ୍ବାଇ-୪୦୦୦୨୫

ପରିଶିଷ୍ଟ-୪
(ନିୟମ ୮(୧) ଦେଖନ୍ତୁ)

### ପ୍ରତୀକାତ୍ମକ ଅଧିକାର ନୋଟିସ୍

(ସ୍ଥାବର ସମ୍ପତ୍ତି ପାଇଁ)
'ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ ର ନିୟମ ୮(୧) ସହିତ ପଠିତ ପରିଶିଷ୍ଟ-୪ ଅନୁସାରେ'

ଯେତେବେଳେ,
ଆକ୍ସିସ୍ ଫାଇନାନ୍ସ ଲିମିଟେଡ୍ (ଏଏମ୍ଏଲ୍)ର ପ୍ରାଧିକରଣ ଅଧିକାରୀ ଭାବରେ ନିମ୍ନସ୍ୱାକ୍ଷରିତ, ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ଆଇନ, ୨୦୦୨ର ନିୟମ ୩ ସହିତ ପଠିତ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ଏକ ଦାବି ନୋଟିସ୍ ଜାରି କରିଛନ୍ତି। ୧୯ ମାର୍ଚ୍ଚ, ୨୦୨୫ ଋଣଗ୍ରହୀତା/ ଗ୍ୟାରେଣ୍ଟର(ଗଣ)/ବନ୍ଧକଦାତା (ଗଣ) (୧) ଦେବପ୍ରସାଦ ସାମନ୍ତରାୟ (୨) ବିଦ୍ୟୁଲତା ସାମନ୍ତରାୟ ନୈନ୍ଦିପୁର, ଜଗନ୍ନାଥପୁର, କେନ୍ଦ୍ରାପଡ଼ା, ଓଡ଼ିଶା-୭୫୪୧୫୩ ଯେଉଁମାନେ ଏଠାରେ ବିଶେଷ ଭାବରେ ବର୍ଣ୍ଣିତ ଅସ୍ଥାବର ସମ୍ପତ୍ତି ବନ୍ଧକ ରଖିଛନ୍ତି, ସେମାନଙ୍କୁ ୦୫.୦୩.୨୦୨୫ ତାରିଖ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ଆଇଏନ୍ଆର୍.୩୧,୪୨,୩୦୨/-(ଏକତିରିଶ ଲକ୍ଷ ବୟାଳିଶ ହଜାର ତିନିଶହ ଦୁଇଟଙ୍କା)ରେ ଉଲ୍ଲେଖିତ ପରିମାଣ ପରିଶୋଧ କରିବାକୁ ଆହ୍ୱାନ କରୁଛି। ଉକ୍ତ ନୋଟିସ୍ ପ୍ରାପ୍ତି ତାରିଖରୁ ୬୦ଦିନ ମଧ୍ୟରେ ଦେୟ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ଅଧିକ ସୁଧ ସହିତ।
ଋଣଗ୍ରହୀତା/ଗ୍ୟାରେଣ୍ଟର/ମର୍ଟଗେଜରମାନେ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଋଣଗ୍ରହୀତା/ଗ୍ୟାରେଣ୍ଟର/ମର୍ଟଗେଜର ଏବଂ ସାଧାରଣ ଜନତାଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ସିକ୍ୟୁରିଟି ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ର ନିୟମ ୮ସହିତ ପଠିତ ଉକ୍ତ ଆଇନର ଧାରା ୧୩(୪) ଅନୁଯାୟୀ ତାଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ଏଠାରେ ବର୍ଣ୍ଣିତ ସମ୍ପତ୍ତିର ଦଖଲ ୨୦୨୫ମସିହା ମଇ ମାସ ୨୪ତାରିଖରେ କରିଛନ୍ତି। ଋଣଗ୍ରହୀତା/ଗ୍ୟାରେଣ୍ଟର/ବନ୍ଧକଦାତାଙ୍କୁ ବିଶେଷ ଭାବରେ ଏବଂ ସାଧାରଣତଃ ଜନସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଯାଉଛି ଯେ ସେମାନେ ସମ୍ପତ୍ତି ସହିତ କାରବାର ନକରନ୍ତୁ ଏବଂ ସମ୍ପତ୍ତି ସହିତ ଯେକୌଣସି କାରବାର ପାଇଁ ଆକ୍ସିସ୍ ଫାଇନାନ୍ସ ଲିମିଟେଡ୍ ୦୫.୦୩.୨୦୨୫ ତାରିଖ ପର୍ଯ୍ୟନ୍ତ ଆଇଏନ୍ଆର ୩୧,୪୨,୩୦୨/- (ଟଙ୍କା ଏକତିରିଶ ଲକ୍ଷ ବୟାଳିଶ ହଜାର ତିନିଶହ ଦୁଇ କେବଳ) ଏବଂ ସମ୍ପୂର୍ଣ୍ଣ ଦେୟ କିମ୍ବା ସମ୍ପୂର୍ଣ୍ଣ ଆଦାୟ ପର୍ଯ୍ୟନ୍ତ ଆକ୍ସିସ୍ ଫାଇନାନ୍ସ ଲିମିଟେଡ୍‌ର ଖର୍ଚ୍ଚ, ଚାର୍ଜ ଇତ୍ୟାଦି ସହିତ ଚୁକ୍ତିନାମା ହାରରେ ଅଧିକ ସୁଧ ଦେବାକୁ ପଡିବ। ଋଣଗ୍ରହୀତା/ ଗ୍ୟାରେଣ୍ଟର/ବନ୍ଧକଦାତାମାନେ ଉକ୍ତ ଆଇନର ଧାରା ୧୩ ର ଉପଧାରା (୮) ଏବଂ ଉପଧାରା (୧୩) ର ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରାଯାଉଛି, ସୁରକ୍ଷିତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ସମ୍ପତ୍ତି ବିବରଣୀ
ଖାତା ନଂ-୭୨୬/୫୨୦, ପ୍ଲଟ୍ ନଂ-୧୭୪୯ (ଏସି.୦.୧୨୦ଡିଇସିଏସ୍, ହୋମଷ୍ଟେଡ୍), ମୌଜା-ଜଗନ୍ନାଥପୁର, ତହସିଲ-ଗରଦପୁର, ପିଏସ୍- ପାଟକୁରା, କେନ୍ଦ୍ରପଡ଼ା, ଓଡିଶ. ୭୫୪୧୫୩ ୧୫୨୨ ବର୍ଗଫୁଟ ପରିମାପ।
ଏବଂ ଘର / ପ୍ଲଟ୍‌ର ସୀମା:
ପୂର୍ବ-ନାରହରୀ ସୁତାର
ପଶ୍ଚିମ-ରାସ୍ତା
ଉତ୍ତର-ଜାରାନା ବାରିକ୍ ଏସ୍
ଦକ୍ଷିଣ-ଧରଣୀଧର ବାରିକ ଏବଂ ପ୍ରହଲ୍ଲାଦ ବାରିକ

**ତାରିଖ: ୨୪.୦୫.୨୦୨୫**
**ସ୍ଥାନ: କେନ୍ଦ୍ରାପଡ଼ା, ଓଡ଼ିଶା**

ପ୍ରାଧିକୃତ ଅଧିକାରୀ
ଆକ୍ସିସ୍ ଫାଇନାନ୍ସ ଲି

GOVERMENT OF ODISHA
OFFICE OF THE EXECUTIVE ENGINEER
RURAL WORKS (Elect.) DIVISION, BHUBANESWAR
AUCTION SALE NOTICE
O-207

**AUCTION SALE NO. 01/2025-26 FOR DISPOSAL OF UNSERVICEABLE SURPLUS STOCK AND T & P MATERIAL UNDER RURAL WORKS (Elect.) DIVISION, BHUBANESWAR**

Sealed tenders in conformity with detailed Auction Sale Notice are invited from the Intending Firms/Bidders for sale of Unserviceable store material as detailed below on "as is where basis is". The Tender schedule containing details of the Unserviceable surplus stock and T & P material can be obtained from the Office of the Executive Engineer, Rural Works (Elect.) Division Bhubaneswar (Bhubaneswar Division), from **Dt.23/05/2025 to 12/06/2025** during the office hour **i.e. (from 11 A:M to 4 P:M)** on payment of Rs. 200/- which is not refundable. The tender documents will be dropped in the tender box kept in the office of the Executive Engineer, Rural Works (Elect.) Division, Bhubaneswar up to **12/06/2025 till 3 P: M** & will be opened in the office of the Executive Engineer, Rural Works (Elect.) Division, Bhubaneswar by the under signed on the same day at **i.e on Dt: 12/06/2025 at 4 P:M** in presence of the tenderer or their authorized representative if any. After purchase of the tender documents the Unserviceable surplus stock and T & P material can be inspected at the office of the Asst. Executive Engineer (Elect.) mentioned below during office hours from 11 A:M to 4 P:M before submission of the tenders. The tender must accompany EMD @ 5% of the upset price in shape of POST OFFICE TIME DEPOSIT PASS BOOK/POSTAL SAVING PASS BOOK/TDR duly pledged in favour of the Executive Engineer, Rural Works (Elect.) Division, Bhubaneswar payable at Bhubaneswar failing which the tender will be rejected. GSTIN certificate & PAN are required to be attached to the tender failing which the tender will be liable for rejection.

The authority reserves the right to accept or reject any or all the tenders without assigning any reason thereof.

| Sl No. | Name of unserviceable surplus stock and T & P materials | Upset price fixed | Place of sale & receipt of documents | Earnest money Deposit (In Rs:) | Cost of Bid Documents (In Rs :) | Place at which the unserviceable surplus stock and materials are available for inspection |
|---|---|---|---|---|---|---|
| 1 | Lot-01 to Lot-8(surplus stock and T & P items) | 9754.00 | O/o the Executive Engineer Rural Works (Elect.) Division BBSR | 5% of the upset value (Rs: 500.00) | 200.00 | Rural Works (Electrical) Division, Bhubaneswar AT- Bomikhal, Rasulgarh, Backside ESPLANADE MALL |

OIPR 25168/11/0008/2526

Sd/-Executive Engineer
Rural Works (Elect.) Division,
Bhubaneswar

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ଅପରେସନ ସିନ୍ଦୁର ପରେ ସାଂସଦ ମାନଙ୍କୁ ନେଇ ଗଠିତ ଏକ ପ୍ରତିନିଧିମଣ୍ଡଳ ଗସ୍ତ ସମୟରେ ଜାମ୍ମୁ କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବା ପରେ ତାଙ୍କୁ କୁଏତରେ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି। କୁଏତ ଗସ୍ତ କରୁଥିବା ଏକ ବହୁପକ୍ଷୀୟ ପ୍ରତିନିଧିମଣ୍ଡଳର ଅଂଶବିଶେଷ ହୋଇଥିବା ଗୁଲାମ ନବୀ ଆଜାଦଙ୍କୁ ଗତକାଲି ଯାତ୍ରା ମଝିରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଜାମ୍ମୁ କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରୋଗ୍ରେସିଭ୍ ଡେମୋକ୍ରାଟିକ୍ ଆଜାଦ ପାର୍ଟି (ଡିପିଏପି)ର ଅଧ୍ୟକ୍ଷ ଗୁଲାମ ନବୀ ଆଜାଦଙ୍କୁ ମଙ୍ଗଳବାର ଦିନ ସମସ୍ତ ଦଳର ଏକ ପ୍ରତିନିଧି ଦଳ କୁଏତ ଗସ୍ତ ସମୟରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପ୍ରତିନିଧି ଦଳର ଅଧ୍ୟକ୍ଷ ସାଂସଦ ବୈଜୟନ୍ତ ପଣ୍ଡା ଏହା ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ ପ୍ରତିନିଧିମଣ୍ଡଳର ପରବର୍ତ୍ତୀ ପର୍ଯ୍ୟାୟରେ ସେ ସାମିଲ ହେବେ।

## ସିକିମ, ପଶ୍ଚିମବଙ୍ଗ, ବିହାର ଏବଂ ଉତ୍ତରପ୍ରଦେଶ ଗସ୍ତ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୯ ଓ ୩୦ରେ ସିକିମ, ପଶ୍ଚିମବଙ୍ଗ, ବିହାର ଏବଂ ଉତ୍ତରପ୍ରଦେଶ ଗସ୍ତରେ ଯିବେ। ପ୍ରଧାନମନ୍ତ୍ରୀ ୨୯ ତାରିଖରେ ସିକିମ ଗସ୍ତରେ ଯିବେ। ପରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ଗସ୍ତରେ ଯାଇ ଅପରାହ୍ଣ ପ୍ରାୟ ୨ଟା ୧୫ ମିନିଟରେ ଆଲିପୁରଦ୍ୱାର ଓ କୁଚବିହାର ଜିଲ୍ଲା ପାଇଁ ସହରାଞ୍ଚଳ ଗ୍ୟାସ୍ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ବିହାର ଗସ୍ତରେ ଯାଇ ଅପରାହ୍ଣ ପ୍ରାୟ ୫ଟା ୪୫ରେ ପାଟନା ବିମାନବନ୍ଦରଠାରେ ନୂତନ ଟର୍ମିନଲ କୋଠାର ଉଦଘାଟନ କରିବେ। ମେ ୩୦ ତାରିଖ ପୂର୍ବାହ୍ଣ ପ୍ରାୟ ୧୧ଟାରେ ସେ ବିହାରର କାରାକାଟ ଠାରେ ୪୮,୫୨୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ । ଏହି ଅବସରରେ ଏକ ଜନସମାବେଶକୁ ମଧ୍ୟ ସେ ସମ୍ବୋଧିତ କରିବେ । ଏହା ପରେ ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶ ଗସ୍ତରେ ଯିବେ ଏବଂ ଅପରାହ୍ଣ ପ୍ରାୟ ୨ଟା ୪୫ରେ କାନପୁର ନଗରଠାରେ ୨୦,୯୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଏହି ଅବସରରେ ଏକ ଜନସମାବେଶକୁ ମଧ୍ୟ ସେ ସମ୍ବୋଧିତ କରିବେ । ସେ ମଧ୍ୟ ୫୫୨୦ କୋଟି ଟଙ୍କାରେ ନିର୍ମିତ ଜାତୀୟ ରାଜପଥ-୨୨ର ୪ ଲେନ୍ ବିଶିଷ୍ଟ ପାଟନା-ଗୟା-ଦୋଭି ସେକ୍ସନ ଏବଂ ଜାତୀୟ ରାଜପଥ-୨୭ର ଗୋପାଳଗଞ୍ଜଠାରେ ଚାରି ଲେନ୍ ବିଶିଷ୍ଟ ଏଲିଭେଟେଡ ହାଇୱେ ଏବଂ ଗ୍ରେଡ ବିକାଶକୁ ଉଦଘାଟନ କରିବେ। ୨୧୨୦ କୋଟିରୁ ଅଧିକ ଟଙ୍କା ନିବେଶରେ ନିର୍ମିତ କାନପୁର ମେଟ୍ରୋ ରେଳ ପ୍ରୋଜେକ୍ଟର ଚୁନ୍ନିଗଞ୍ଜ ମେଟ୍ରୋ ଷ୍ଟେସନରୁ କାନପୁର ସେଣ୍ଟ୍ରାଲ ମେଟ୍ରୋ ଷ୍ଟେସନ ପର୍ଯ୍ୟାୟର ସେ ଉଦଘାଟନ କରିବେ। ଏଥିସହ ସେ ଜିଟି ରୋଡ ସଡ଼କ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟର ମଧ୍ୟ ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ କାନପୁରର ବିଙ୍ଗୱାନଠାରେ ୨୯୦ କୋଟିରୁ ଅଧିକ ଟଙ୍କାରେ ପ୍ରତିଷ୍ଠିତ ୪୦ ଏମଏଲଡି (ଦୈନିକ ୪୦ ମିଲିଅନ ଲିଟର) ତୃତୀୟକ ଟ୍ରିଟମେଣ୍ଟ ପ୍ଲାଣ୍ଟର ଉଦଘାଟନ କରିବେ । ଏହାଦ୍ୱାରା ବ୍ୟବହୃତ ସିୱେଜ ଜଳ ପୁନଃବ୍ୟବହାରକ୍ଷମ ହୋଇପାରିବ ଏବଂ ଅଞ୍ଚଳରେ ଜଳ ସଂରକ୍ଷଣ ଓ ସ୍ଥିର ଜଳ ପରିଚାଳନାକୁ ପ୍ରୋତ୍ସାହନ ମିଳିପାରିବ । ପ୍ରଧାନମନ୍ତ୍ରୀ ଏହି ଅବସରରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ବୟ ବନ୍ଦନା ଯୋଜନା, ରାଷ୍ଟ୍ରୀୟ ଆଜୀବିକା ମିଶନ ଏବଂ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାର ପ୍ରମାଣପତ୍ର ଓ ଚେକ୍ ବଣ୍ଟନ କରିବେ ।

## ଏନ୍‌ଟି ରାମାରାଓଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଏନ୍. ଟି. ରାମା ରାଓଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ସମାଜ ସେବା ଏବଂ ଗରିବ ତଥା ଦଳିତମାନଙ୍କୁ ସଶକ୍ତ କରିବା ପାଇଁ ତାଙ୍କର ପ୍ରୟାସ ଯୋଗୁଁ ସେ ବ୍ୟାପକ ଭାବରେ ଉଚ୍ଚ ପ୍ରଶଂସିତ। ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି- ମୁଁ ଏନ୍‌ଟିଆର୍‌ଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସମାଜ ସେବା ଏବଂ ଗରିବ ତଥା ଦଳିତମାନଙ୍କୁ ସଶକ୍ତ କରିବା ପାଇଁ ତାଙ୍କର ଉଦ୍ୟମ ଯୋଗୁଁ ସେ ବ୍ୟାପକ ଭାବରେ ପ୍ରଶଂସିତ । ସିନେମା ଜଗତରେ ସେ କରିଥିବା କାର୍ଯ୍ୟ ଏବେ ବି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ ତଥା ଆକର୍ଷିତ କରିଚାଲିଛି । ଆମେ ସମସ୍ତେ ତାଙ୍କ ଦ୍ୱାରା ଗଭୀର ଭାବରେ ଅନୁପ୍ରାଣିତ। ମୋର ବନ୍ଧୁ ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱାଧିନ ଆନ୍ଧ୍ର ପ୍ରଦେଶର ଏନ୍‌ଡିଏ ସରକାର ଏନ୍‌ଟିଆରଙ୍କ ମହାନ ଉଦ୍ଦେଶ୍ୟ ପୂରଣ କରିବା ପାଇଁ କାର୍ଯ୍ୟ କରୁଛି।

## ବଡ଼ଭେଲ୍-ନେଲୋର କରିଡରକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଆନ୍ଧ୍ର ପ୍ରଦେଶରେ ଡିଜାଇନ୍- ନିର୍ମାଣ- ଅର୍ଥ- ପରିଚାଳନା- ସ୍ଥାନାନ୍ତର (ଡିବିଏଫଓଟି) ମୋଡ୍‌ରେ ଏନଏଚ୍ - ୬୭ ରେ ୩୬୫୩.୧୦ କୋଟି ଟଙ୍କା ବ୍ୟୟରେ ୧୦୮.୧୩୪ କିଲୋମିଟର ଦୂରତା ବିଶିଷ୍ଟ ୪ - ଲେନ୍ ର ବଡ଼ଭେଲ - ନେଲୋର କରିଡର ନିର୍ମାଣକୁ ଅନୁମୋଦନ କରିଛନ୍ତି। ଅନୁମୋଦିତ ବଡ଼ଭେଲ -ନେଲୋର କରିଡର ଆନ୍ଧ୍ରପ୍ରଦେଶର ତିନୋଟି ଶିଳ୍ପ କରିଡରରେ ଗୁରୁତ୍ୱପୂର୍ଣ୍ଣ ନୋଡଗୁଡ଼ିକୁ ସଂଯୋଗ ପ୍ରଦାନ କରିବ, ସେସବୁ ମଧ୍ୟରେ ରହିଛି, ବିଶାଖାପଟନମ୍ - ଚେନ୍ନାଇ ଶିଳ୍ପ କରିଡର (ଭିସିଆଇସି)ରେ କୋପାର୍ଥି ନୋଡ୍, ହାଇଦ୍ରାବାଦ - ବେଙ୍ଗାଲୁରୁ ଶିଳ୍ପ କରିଡର (ଏଚବିଆଇସି)ରେ ଓରଭାକାଲ ନୋଡ୍ ଏବଂ ଚେନ୍ନାଇ - ବେଙ୍ଗାଲୁରୁ ଶିଳ୍ପ କରିଡର (ସିବିଆଇସି)ରେ କୃଷ୍ଣପାଟନମ୍ ନୋଡ୍। ଏହା ଦେଶର ଲଜିଷ୍ଟିକ୍ ପ୍ରଦର୍ଶନ ସୂଚକାଙ୍କ (ଏଲପିଆଇ) ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବ। ବଡ଼ଭେଲ୍ ନେଲୋର କରିଡର ୱାଇଏସଆର୍ କଡପା ଜିଲ୍ଲାରେ ପୂର୍ବରୁ ରହିଥିବା ଜାତୀୟ ରାଜପଥ ଏନଏଚ୍ - ୬୭ ର ଗୋପଭରମ୍ ଗ୍ରାମରୁ ଆରମ୍ଭ ହୋଇ ଆନ୍ଧ୍ରପ୍ରଦେଶର ଏସପିଏସଆର୍ ନେଲୋର ଜିଲ୍ଲାର ଏନଏଚ୍ - ୧୬ (ଚେନ୍ନାଇ- କୋଲକାତା) ରେ କୃଷ୍ଣପାଟନମ୍ ବନ୍ଦର ଜଙ୍କସନ୍‌ରେ ଶେଷ ହେବ ଏବଂ ଏହା କୃଷ୍ଣପାଟନମ୍ ବନ୍ଦରକୁ ରଣନୈତିକ ସଂଯୋଗ ପ୍ରଦାନ କରିବ ଯାହାକୁ ଚେନ୍ନାଇ - ବେଙ୍ଗାଲୁରୁ ଶିଳ୍ପ କରିଡର (ସିବିଆଇସି) ଅଧୀନରେ ଏକ ପ୍ରାଥମିକତା ନୋଡ୍ ଭାବରେ ଚିହ୍ନଟ କରାଯାଇଛି। ପ୍ରସ୍ତାବିତ କରିଡର ଦ୍ୱାରା କୃଷ୍ଣପାଟନମ୍ ବନ୍ଦରକୁ ଯାତ୍ରା ଦୂରତା ବର୍ତ୍ତମାନର ବଡ଼ଭେଲ୍ - ନେଲୋର ରାସ୍ତାର ଦୂରତା ୧୪୨ କିଲୋମିଟରରୁ ୩୩.୯ କିଲୋମିଟର କମ୍ ହୋଇ ୧୦୮. ୧୩ କିଲୋମିଟରକୁ ହୋଇଯିବ। ୧୦୮.୧୩୪ କିଲୋମିଟର ବିଶିଷ୍ଟ ଏହି ପ୍ରକଳ୍ପ ପ୍ରାୟ ୨୦ ଲକ୍ଷ ମାନବ ଦିବସ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୨୩ ଲକ୍ଷ ମାନବ ଦିବସ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ। ପ୍ରସ୍ତାବିତ କରିଡର ନିକଟରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ହେତୁ ଏହି ପ୍ରକଳ୍ପ ଅତିରିକ୍ତ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ।

## ଶିବରାଜ ସିଂ ଚୌହ୍ୱାନଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ଭେଟି ସମ୍ବଲପୁର ନୀଳଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପଲେକ୍ସ ପ୍ରତିଷ୍ଠା କରିବା ପାଇଁ ସହଯୋଗ କରିବା ପାଇଁ ଅନୁରୋଧ କରିବା ସହ ଏ ସମ୍ପର୍କୀତ ଏକ ଲିଖିତ ପତ୍ର ପ୍ରଦାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୨୦୦୯-୧୦ ମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ବଲପୁରରେ ଏକ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ (ଟିଏମସି) ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତାବ ଦାଖଲ କରାଯାଇଥିଲା ଏବଂ ଜାତୀୟ ଉଦ୍ୟାନ କୃଷି ମିଶନ (ଏନଏଚଏମ) ର କାର୍ଯ୍ୟକାରୀ କମିଟି ଦ୍ୱାରା ଏହାକୁ ନୀତିଗତ ଭାବରେ ଅନୁମୋଦନ କରାଯାଇଥିଲା। ତଥାପି, ବିଶ୍ୱସ୍ତରୀୟ ଟେଣ୍ଡରିଂ ପ୍ରକ୍ରିୟା ମାଧ୍ୟମରେ ଜଣେ ଘରୋଇ ଉଦ୍ୟୋଗୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁଁ ପ୍ରକଳ୍ପଟି ଆଗକୁ ବଢ଼ିପାରିଲା ନାହିଁ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି ଭିତ୍ତିଭୂମି ପାଣ୍ଠି (ଏଆଇଏଫ) ଅଧୀନରେ ଆନୁଷଙ୍ଗିକ ଭିତ୍ତିଭୂମି ସହ ସମ୍ବଲପୁରର ନୀଳଡୁଙ୍ଗୁରିରେ ଏକ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ ପ୍ରତିଷ୍ଠାକୁ ପୁନଃବିଚାର ଏବଂ ସମର୍ଥନ କରିବା ପାଇଁ ଶ୍ରୀ ପ୍ରଧାନ ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଥିଲେ ଯେ ଉକ୍ତ ସ୍ଥାନଟି ଭୌଗୋଳିକ ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ବଲପୁର, ବରଗଡ଼, ବଲାଙ୍ଗିର, ସୋନପୁର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ଅନୁଗୋଳ, ବୌଦ୍ଧ, ସୁନ୍ଦରଗଡ଼ ଏବଂ ନୂଆପଡ଼ା ଜିଲ୍ଲାକୁ ନେଇ ଏକ କେନ୍ଦ୍ରୀୟ ବଜାରର ପେଣ୍ଠସ୍ଥଳୀ ହେବା ପାଇଁ ଉପଯୁକ୍ତ । ଏହି ଜିଲ୍ଲାଗୁଡ଼ିକ ମିଳିତ ଭାବେ ବାର୍ଷିକ ୩୫ ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ଫଳ ଏବଂ ପନିପରିବା ଉତ୍ପାଦନ କରନ୍ତି ଏବଂ ଅନେକ ସମ୍ଭାବନା ଅଛି, ଯାହା ବଜାରର ଆବଶ୍ୟକତା ଠାରୁ ୫୦ ପ୍ରତିଶତ ଅଧିକ । ବର୍ତ୍ତମାନ ଏହି ଅଞ୍ଚଳର ଚାଷୀମାନେ ଆନୁଷ୍ଠାନିକ ବଜାର ଭିତ୍ତିଭୂମିର ଅଭାବ ଯୋଗୁଁ ବଡ ବଡ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ପରଲୋକ



ମୋହାଲୀ : ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଶିରୋମଣୀ ଅକାଲୀ ଦଳ(ଟକସାଲୀ)ର ବରିଷ୍ଠ ନେତା ସୁଖଦେବ ସିଂହ ଢିଣ୍ଡସାଙ୍କର ୮୯ ବର୍ଷ ବୟସରେ ବୁଧବାର ପରଲୋକ ହୋଇଯାଇଛି। ଏଣୁ ପଞ୍ଜାବ ରାଜନୈତିକ ମହଲରେ ଶୋକର ଛାୟା ଖେଳି ଯାଇଛି। ସେ ମୋହାଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ସନ୍ଧ୍ୟାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସୁଖଦେବ ସିଂହ ପ୍ରଥମେ ଶିରୋମଣୀ ଅକାଳୀ ଦଳ (ଏସଏଡି)ରେ ଥିଲେ। ସେ ଦୀର୍ଘ ସମୟ ଧରି ଦଳର ସଂରକ୍ଷକ ରହି ଆସିଥିଲେ। ରାଜନୈତିକ ଜୀବନରେ ସୁଖଦେବ ସିଂହ ଢିଣ୍ଡସା ଶିରୋମଣୀ ଅକାଲୀ ଦଳ (ଟକସାଲୀ) ଗଠନ କରିଥିଲେ ଓ ପରେ ତାକୁ ଏସଏଡିରେ ବିଲୟ କରିଦେଇଥିଲେ। ତେବେ ଗତବର୍ଷ ତାଙ୍କ ରାଜନୈତିକ ଜୀବନ ଯାତ୍ରା ସମାପ୍ତ ହୋଇଯାଇଥିଲା, ଯେତେବେଳେ ଦଳ ବିରୋଧୀ କାମ ପାଇଁ ତାଙ୍କୁ ଏସଏଡିରୁ ବାହାର କରି ଦିଆଯାଇଥିଲା। ତା ପରଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ତାଙ୍କୁ ସାଥ ଦେଇ ନଥିଲା। ସେ ବାରମ୍ବାର ଅସୁସ୍ଥ ହେଉଥିଲେ।

## ବିକଶିତ ଛତିଶଗଡ଼ର ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତ ଅଧିକାରୀ କାର୍ଯ୍ୟ କରିବା ଉଚିତ: ବିଷ୍ଣୁଦେବ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୁଶାସନ ତିହାର ଅଧୀନରେ ବାଲୋଦ ଯୁଗ୍ମ ଜିଲ୍ଲା କାର୍ଯ୍ୟାଳୟର ସଭାଗୃହରେ ବାଲୋଦ, ନାରାୟଣପୁର ଏବଂ କାଙ୍କେର ଜିଲ୍ଲାର ଅଧିକାରୀଙ୍କ ଏକ ବୈଠକ କରି ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନର ଅଦ୍ୟତନ ସ୍ଥିତିର ଏକ ଗଭୀର ସମୀକ୍ଷା କରିଥିଲେ। ଏହି ଅବସରରେ, ମୁଖ୍ୟମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ସମର୍ପଣ ଏବଂ ଦାୟିତ୍ୱର ସହିତ କାର୍ଯ୍ୟ କରି ବିକଶିତ ଛତିଶଗଡ଼ର ସ୍ୱପ୍ନକୁ ସାକାର କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆଶା କରିଥିଲେ। ଏହି ଅବସରରେ ସାଏ କହିଛନ୍ତି ଯେ ସୁଶାସନ ତିହାରର ତୃତୀୟ ପର୍ଯ୍ୟାୟ ଅଧୀନରେ ରାଜ୍ୟର ବିଭିନ୍ନ କ୍ଷେତ୍ରକୁ ନିରନ୍ତର ଯାଞ୍ଚ ଏବଂ ଅଧିକାରୀଙ୍କ ସହିତ ବୈଠକ କରି ଯୋଜନାଗୁଡ଼ିକର ପ୍ରକୃତ ପ୍ରଗତି ମୂଲ୍ୟାଙ୍କନ କରାଯାଉଛି। ସ୍ୱଚ୍ଛତାକୁ ଜନଭାଗୀଦାରୀ ସହିତ ସଂଯୋଗ କରି ସାଏ ଅଧିକାରୀମାନଙ୍କୁ ସ୍ୱଚ୍ଛତା ପ୍ରତି ବିଶେଷ ଆଗ୍ରହ ଦେଖାଇବା ଏବଂ ସୁଶାସନ ତିହାର ସମୟରେ ପ୍ରାପ୍ତ ସ୍ୱଚ୍ଛତା ସମ୍ପର୍କିତ ଆବେଦନଗୁଡ଼ିକର ତୁରନ୍ତ ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜସ୍ୱ ମାମଲାର ସମାଧାନ ଉପରେ ଗୁରୁତ୍ୱାରୋପ କରି ସାଏ କହିଛନ୍ତି ଯେ ଅନାବଶ୍ୟକ ବିଳମ୍ବ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରେ। ସେ ଜିଲ୍ଲା ଏବଂ ତହସିଲ ସ୍ତରରେ ରାଜସ୍ୱ କୋର୍ଟର ନିୟମିତ ତାରିଖ ଏବଂ ସମସ୍ତ ବିଚାରାଧୀନ ମାମଲାର ସମୟସୀମା ମଧ୍ୟରେ ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ପୂର୍ବରୁ ସୀମା ନିର୍ଦ୍ଧାରଣ କାର୍ଯ୍ୟ ସମାପ୍ତ କରିବାକୁ ମଧ୍ୟ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଆୟ, ଜାତି ଏବଂ ବାସସ୍ଥାନ ପ୍ରମାଣପତ୍ର ସମ୍ପର୍କରେ ପ୍ରାପ୍ତ ଆବେଦନଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ଏବଂ ବିଶେଷକରି ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ଶିବିର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେବା ସହିତ ବାଲୋଦ ଜିଲ୍ଲାର ପରୀକ୍ଷା ଫଳାଫଳ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆୟୁଷ୍ମାନ ଭାରତ, ହର ଘର ଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜନ୍ମ ଯୋଜନା ଭଳି କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକର ଶତ ପ୍ରତିଶତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ, ମୁଖ୍ୟମନ୍ତ୍ରୀ ବାଲୋଦ ଜିଲ୍ଲାର ଦେଓରୀ ଏବଂ ଡୋଣ୍ଡିଲୋହାରାରେ ୫୦୦ କୋଟି ଟଙ୍କା ବ୍ୟୟରେ ୪୦୦/୨୨୦/୧୩୨ କେଭି ଉଚ୍ଚ ଚାପ ସବଷ୍ଟେସନ ଏବଂ ୧୧.୪୭ କୋଟି ଟଙ୍କା ବ୍ୟୟରେ ଜୁନୱାନୀରୁ ଚିଖଲି ରାସ୍ତା ନିର୍ମାଣ ବିଷୟରେ ସୂଚନା ମଧ୍ୟ ଦେଇଥିଲେ। ସେ ପ୍ରମୁଖ ସଚିବ ସୁବୋଧ ସିଂହ, ମୁଖ୍ୟମନ୍ତ୍ରୀଙ୍କ ସଚିବ ଡକ୍ଟର ବାସବରାଜୁ ଏସ., ଦୁର୍ଗ ଡିଭିଜନର କମିଶନର ସତ୍ୟ ନାରାୟଣ ରାଠୋର, ବସ୍ତର ଡିଭିଜନର କମିଶନର ଡୋମାନ ସିଂହ, ବାଲୋଦ କଲେକ୍ଟର ଦିବ୍ୟା ଉମେଶ ମିଶ୍ର, କାଙ୍କେର କଲେକ୍ଟର ନିଲେଶ କ୍ଷୀରସାଗର, ନାରାୟଣପୁର କଲେକ୍ଟର ପ୍ରତିଷ୍ଠା ମାମଗାଇ, ସମ୍ପୃକ୍ତ ଜିଲ୍ଲାର ପୋଲିସ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଖବରଠାରୁ ମନୋରଞ୍ଜନ ଏବଂ ପେମେଣ୍ଟ ପର୍ଯ୍ୟନ୍ତ ସୁବିଧା ଉପଲବ୍ଧ। କାରଣ ମସ୍କ ଏହାର କ୍ଷମତା ବୃଦ୍ଧି କରିବା ସହ ପ୍ଲାଟଫର୍ମକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏବଂ ନୂଆ ଫିଚର୍ ଭାବେ 'X Money' ଲଞ୍ଚ କରିଛନ୍ତି। ଯାହା ଏକ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ ହେବ। ମସ୍କଙ୍କ ଲକ୍ଷ୍ୟ ହେଉଛି 'ଏକ୍ସ'କୁ ଚୀନର WeChat ପରି ଏକ ଆପ୍ ରେ ପରିଣତ କରିବା। ଯେଉଁଠାରେ ୟୁଜର୍ସ ଚାଟ୍ କରିପାରିବେ, କଣ୍ଟେଣ୍ଟ ଦେଖିପାରିବେ ଏବଂ ଆର୍ଥିକ କାରବାର ମଧ୍ୟ କରିପାରିବେ। ଏହି ଫିଚର୍ ବର୍ତ୍ତମାନ ବିଟା ପରୀକ୍ଷଣ ପର୍ଯ୍ୟାୟରେ ଅଛି ଏବଂ ଏହାକୁ ସୀମିତ ସଂଖ୍ୟକ ୟୁଜର୍ସଙ୍କ ପାଇଁ ଆରମ୍ଭ କରାଯାଇଛି। ମସ୍କ କହିଥିଲେ ଯେ ଯେହେତୁ ଏହି ଫିଚର୍ ଲୋକଙ୍କ ସଞ୍ଚୟ ସହିତ ଜଡିତ, ତେଣୁ ଏହାକୁ ସମସ୍ତ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ସହିତ ସତର୍କତାର ସହ ଲଞ୍ଚ କରାଯାଉଛି। ଚଳିତ ବର୍ଷ ଆରମ୍ଭରେ, 'ଏକ୍ସ' ସିଇଓ ଲିଣ୍ଡା ୟାକାରିନୋ କହିଥିଲେ ଯେ ୟୁଜର୍ସମାନେ ଭିସା ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡଗୁଡ଼ିକୁ ସେମାନଙ୍କର ଏକ୍ସ ମନି ୱାଲେଟ୍ ସହିତ ଲିଙ୍କ୍ କରିପାରିବେ। ଏହା ତୁରନ୍ତ ୱାଲେଟ୍ ରିଚାର୍ଜ, P2P (ପିଅର-ଟୁ-ପିଅର) ପେମେଣ୍ଟ ଏବଂ ବ୍ୟାଙ୍କ ଆକାଉଣ୍ଟ ଟ୍ରାଞ୍ଜାକ୍ସନକୁ ଅନୁମତି ଦେବ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଦକ୍ଷିଣ ଓଡ଼ିଶାରେ ୧୬ଟି ସ୍ଥାନରେ ସୌର ପ୍ୟାନେଲ ସ୍ଥାପନ



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ପରିବେଶ ଓ ପର୍ଯ୍ୟାବରଣର ସ୍ଥିରତା ଓ ସୁରକ୍ଷା ତଥା ନବୀକରଣଯୋଗ୍ୟ ଶକ୍ତି ଆପଣେଇବା କ୍ଷେତ୍ରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଦକ୍ଷିଣ ଓଡ଼ିଶାର ୧୬ଟି ସ୍ଥାନରେ ୩୯୬.୪ କିଲୋୱାଟ୍ କ୍ଷମତାର ସୌର ପ୍ୟାନେଲ ସଫଳତାର ସହିତ ସ୍ଥାପନ କରିଛି। ଏହି ସୌର ପ୍ୟାନେଲଗୁଡ଼ିକ କମ୍ପାନୀର କର୍ପୋରେଟ୍ କାର୍ଯ୍ୟାଳୟ, ସର୍କଲ ଅଫିସ, ଡିଭିଜନ ଅଫିସ ସମେତ ପ୍ରାଇମେରୀ ସବଷ୍ଟେସନ ଓ ସେକ୍ସନ ଅଫିସରେ ସ୍ଥାପିତ ହୋଇଛି। ସୌରଶକ୍ତିକୁ ଆପଣେଇବା ଫଳରେ ଏହି ସ୍ଥାନଗୁଡ଼ିକରେ ବିଦ୍ୟୁତ ବିଲ୍ ହ୍ରାସ ହେବା ପରିଲକ୍ଷିତ ହୋଇଛି । ଉନ୍ନତ ସ୍ମାର୍ଟ ମିଟର ସାଙ୍ଗକୁ ଇଣ୍ଟରନେଟ ମାଧ୍ୟମରେ ମନିଟରିଂ ସିଷ୍ଟମକୁ ଆପଣାଇଛି ଟିପିଏସ୍‌ଓଡିଏଲ୍ । ଯଦ୍ୱାରା ସଠିକ୍ ସମୟରେ ଶକ୍ତିର ବ୍ୟବହାର ଓ ଉତ୍ପାଦନକୁ ପରିଚାଳନା କରିବା ଓ ନୀରିକ୍ଷଣ କରିବାରେ ସହାୟକ ହୋଇପାରୁଛି । କମ୍ପାନୀର ଏହି ପଦକ୍ଷେପ ପରିବେଶ, ସାମାଜିକ ଓ ଶାସନ (ଇଏସଜି) ଏଜେଣ୍ଡାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଟିପିଏସ୍‌ଓଡିଏଲର ଏହି ପ୍ରୟାସ ଯୋଗୁଁ ପ୍ରତିବର୍ଷ କେବଳ ୩୮୮.୫ ଟନ୍ କାର୍ବନ ଡାଇଅକ୍ସାଇଡ୍ ହ୍ରାସର ଲକ୍ଷ୍ୟ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ବର୍ତ୍ତିବା ଯେ ସମ୍ଭବ ହୋଇପାରିବ ତାହା ନୁହେଁ । ଏହାସହିତ ନବୀକରଣଯୋଗ୍ୟ ଶକ୍ତିକୁ ଆପଣେଇବା ଦିଗରେ ଏହା ଏକ ଜାଗରଣ ସୃଷ୍ଟି କରିବ । କମ୍ପାନୀ ଭିତରେ ସୌରଶକ୍ତି ଓ ସ୍ଥାୟୀବିକାଶକୁ ପ୍ରାଧାନ୍ୟ ଦେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଏ ଦିଗରେ ଆପଣାଯାଇଛି। ଟିପିଏସ୍‌ଓଡିଏଲର ଏହି ସଫଳତା ବାବଦରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ସ୍ଥାୟୀ ବିକାଶ ଟିପିଏସ୍‌ଓଡିଏଲର କେବଳ ଏକ ପଦକ୍ଷେପ ନୁହେଁ; ଏହା ଆମର ପରିଚାଳନାଗତ ଦାୟିତ୍ୱ ଏବଂ ଏହା ଆମ ଡିଏନ୍‌ଏରେ ଅଛି। ଭବିଷ୍ୟତରେ ଦକ୍ଷିଣ ଓଡ଼ିଶାକୁ ଏକ ସବୁଜ ଶକ୍ତିର ଉତ୍ସ କରି ଗଢ଼ି ତୋଳିବା କ୍ଷେତ୍ରରେ ଏହିସବୁ ସୌର ପ୍ୟାନେଲ ସ୍ଥାପନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏହା ସହିତ କାର୍ବନ ପଦଚିହ୍ନ ହ୍ରାସ କରିବାରେ ଏହି ପଦକ୍ଷେପ ସହାୟକ ହେବ। ଭବିଷ୍ୟତରେ ଟିପିଏସ୍‌ଓଡିଏଲ୍ ସୌର ଶକ୍ତି କ୍ଷେତ୍ରରେ ବହୁ ମହତ୍ତ୍ୱାକାଂକ୍ଷୀ ଯୋଜନାମାନ ରଖିଛି ଯାହା ସୌର ଶକ୍ତିର ବିକାଶ ଦିଗରେ ବେଶ୍ ଉପଯୋଗୀ ହୋଇପାରିବ । ଦକ୍ଷିଣ ଓଡ଼ିଶାରେ ସମୁଦାୟକୁ ସଶକ୍ତ କରିବା, ଅଭିନବ ପଦକ୍ଷେପ ଗ୍ରହଣ କରିବା, ଏବଂ ଶକ୍ତି ସମାନତା ସୁନିଶ୍ଚିତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ଦୃଢ଼ ଭାବରେ ପ୍ରତିବଦ୍ଧ । ସୌରଶକ୍ତି କ୍ଷେତ୍ରରେ କମ୍ପାନୀର ଏହି ପ୍ରୟାସ ବିଶେଷ ଗୁରୁତ୍ୱ ରଖେ ଓ ଏକ ଦୃଷ୍ଟାନ୍ତ ଅଟେ ।

## ସମ୍ବଲପୁରରେ ବିଦ୍ୟୁତ୍ ଭିତ୍ତିଭୂମିର ସୁଦୃଢ଼ୀକରଣ

ବୁର୍ଲା (ଭାସ୍କର ନ୍ୟୁଜ୍): ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ସମ୍ବଲପୁର ଜିଲ୍ଲାରେ ବିଦ୍ୟୁତ୍ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଅଛି । ଏହି ଦୁଇଟି ପ୍ରକଳ୍ପ ପାଇଁ କମ୍ପାନୀ ପକ୍ଷରୁ ପ୍ରାୟ ୬ କୋଟି ଟଙ୍କା ପୁଞ୍ଜି ନିବେଶ କରାଯାଇଅଛି। ପ୍ରଥମ ପ୍ରକଳ୍ପଟି ହେଉଛି ଖଣ୍ଡୋକଟା ଗ୍ରୀଡ୍ ସବଷ୍ଟେସନକୁ ଜମନକିରା ଫିଡର ସହିତ ସଂଯୋଗ କରୁଥିବା ଏକ ନୂତନ ୩୩ କେ.ଭି. ଲିଙ୍କ୍ ଲାଇନ। ଯାହା ୧୩,୦୦୦ ରୁ ଅଧିକ ଗ୍ରାହକଙ୍କ ପାଇଁ ସ୍ଥିର ତଥା ସୁନିଶ୍ଚିତ ବିଦ୍ୟୁତ୍ ସେବା ପ୍ରଦାନ କରିବ। ଦ୍ୱିତୀୟ ପ୍ରକଳ୍ପଟି ହେଉଛି ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା କଟରବଗା ପିଏସ୍‌ଏସ୍ (ପାୱାର ସବଷ୍ଟେସନ)ଠାରୁ ଗୁମଲୋଇ ବିତରଣ ଟ୍ରାନ୍ସଫରମର୍ ପର୍ଯ୍ୟନ୍ତ ୧୨.୩ ସର୍କିଟ୍ କିଲୋମିଟର ପର୍ଯ୍ୟନ୍ତ ଏକ ନୂତନ ୧୧ କେ.ଭି. ଶିଳ୍ପ ଫିଡର ଲାଇନର ସ୍ଥାପନ। ଏହି ଫିଡର ବର୍ତ୍ତମାନ ସ୍ୱତନ୍ତ୍ର ଭାବେ ବର୍ଦ୍ଧିତ ଝାରସୁଗୁଡା-ସମ୍ବଲପୁର କରିଡରରେ ଶିଳ୍ପ ଗ୍ରାହକମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେଇପାରିବ, ଯାହା ଦ୍ୱାରା ବିଦ୍ୟମାନ୍ ଫିଡର୍ ଲାଇନ୍ କେବଳ ଘରୋଇ ଗ୍ରାହକଙ୍କ ଚାହିଦା ଉପରେ ଧ୍ୟାନ ଦେଇପାରିବ।

## ଜୁନ୍ ୨ ପର୍ଯ୍ୟନ୍ତ ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଏକ ପ୍ରମୁଖ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ । ଏହା ସଫଳ ପ୍ରଦର୍ଶନୀ, ବାଣିଜ୍ୟ ଶୋ' ଏବଂ କର୍ପୋରେଟ୍ ଇଭେଣ୍ଟ ଆୟୋଜନ ଏବଂ କାର୍ଯ୍ୟକାରୀ କରିବାରେ ବିଶେଷଜ୍ଞ। ଶିଳ୍ପରେ ୧୫ ବର୍ଷର ଅଭିଜ୍ଞତା ସହିତ ଏଣ୍ଡ-ଟୁ-ଏଣ୍ଡ ସମାଧାନ ପ୍ରଦାନ କରିବାକୁ ଉତ୍ସର୍ଗୀକୃତ । ତେବେ ଉକ୍ତ କମ୍ପାନୀ ପକ୍ଷରୁ 'ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ର ୧୧ତମ ସଂସ୍କରଣ ଜନତା ମୈଦାନରେ ଆୟୋଜିତ ହେଉଛି । ଏହା ଗତ ୨୩ ମଇରୁ ଆରମ୍ଭ ହୋଇଥିବା ବେଳେ ଜୁନ୍ ୨ ପର୍ଯ୍ୟନ୍ତ ଆୟୋଜିତ ହେବ । ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ଏମ୍‌ଏସ୍‌ଏମ୍‌ଇ ଭାରତ ସହିତ ଜଡିତ। ଏହି ପ୍ରଦର୍ଶନୀ ଏସି ପାଭିଲିୟନ୍ସ ପ୍ରଦର୍ଶନ କରିବ, ଯାହା ପ୍ରଦର୍ଶକ ଏବଂ ପରିଦର୍ଶକ ଉଭୟଙ୍କ ପାଇଁ ଏକ ଆରାମଦାୟକ, ଜଳବାୟୁ-ନିୟନ୍ତ୍ରିତ ପରିବେଶ ପ୍ରଦାନ କରିବ। ଏଥିରେ ୨୨ ରାଜ୍ୟ ଏବଂ ୧୦ ଦେଶ ଅଂଶଗ୍ରହଣ କରୁଥିବା ସହିତ ଏହା ଏକ ପ୍ରକୃତ ବିଶ୍ୱସ୍ତରୀୟ ଇଭେଣ୍ଟ । ବିଶ୍ୱର ବିଭିନ୍ନ ଅଞ୍ଚଳରୁ ୧ ଲକ୍ଷରୁ ଅଧିକ ଆନ୍ତର୍ଜାତୀୟ ଏବଂ ଜାତୀୟ ଉତ୍ପାଦ ଅନୁସନ୍ଧାନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରୁଛି । ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ସମଗ୍ର ଭାରତରୁ ଫର୍ଣ୍ଣିଚର, କାଶ୍ମୀର ଫର୍ଣ୍ଣିଚର, କାରୁକାର୍ଯ୍ୟ ଫର୍ଣ୍ଣିଚର, ପୁରୁଣା ଫର୍ଣ୍ଣିଚର, ସୋଫା ସେଟ୍, ଡାଇନିଂ ସେଟ୍ ଏବଂ କାରୁକାର୍ଯ୍ୟ ଝୁଲା ରହିଛି । ଏଥିସହିତ ଆଫଗାନିସ୍ତାନରୁ ୧୦୦ ପ୍ରକାରର ଶୁଖିଲା ଫଳ, ଜର୍ମାନୀ ଦୀପ, ବାଂଲାଦେଶର ଜାମଦାନୀ ଶାଢ଼ି, ଇରାନରୁ ଇରାନୀ ଖଜୁର (ଖଜୁର), ଦୁବାଇରୁ ଅତର, ଥାଇଲ୍ୟାଣ୍ଡର ଅଳଙ୍କାର, କରାଚୀରୁ ଓନେକ୍ସ ମାର୍ବଲ, ସମସ୍ତ ଭାରତୀୟ ହସ୍ତଶିଳ୍ପ ଏବଂ ହସ୍ତତନ୍ତ, ପ୍ରାଚୀନ ଧାତୁ ଏବଂ ବିଜ୍ଞାପନ ପଥର ଅଳଙ୍କାର, ଇରାନରୁ ଇରାନୀ କାର୍ପେଟ, ସାରା ବିଶ୍ୱରୁ ପ୍ରାଚୀନ ପିତ୍ତଳ ଏବଂ ତମ୍ବା ଉତ୍ପାଦ, ଦୁବାଇ ପୋଷାକ, ପ୍ରାଚୀନ ସାଜସଜ୍ଜା କାନ୍ଥ ଫ୍ରେମ୍, ପଶ୍ଚିମବଙ୍ଗ ଏବଂ ଉତ୍ତର ପ୍ରଦେଶରୁ ଚମଡ଼ା ସାମଗ୍ରୀ, ସିକନ୍ଦରାବାଦରୁ ପ୍ରାମାଣିକ ବିରିୟାନି, ସୌନ୍ଦର୍ଯ୍ୟ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ, ଉପଭୋଗ୍ୟ ସାମଗ୍ରୀ, ମାର୍ବଲ ମୂର୍ତ୍ତି ଉପଲବ୍ଧ ହୋଇଛି । ପ୍ରଦର୍ଶନୀ ବ୍ୟତୀତ ପ୍ରତ୍ୟେକ ସନ୍ଧ୍ୟାରେ ମନମୋହକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେଉଛି। ଏହା ବିଭିନ୍ନ ପରମ୍ପରା ଏବଂ କଳାର ସମୃଦ୍ଧିକୁ ଅନୁଭବ କରିବାର ସୁଯୋଗ ଦେଉଛି ।

## ଟାଟା ଏଆଇଏ ପକ୍ଷରୁ ୧,୮୪୨ କୋଟି ଟଙ୍କାର ବୋନସ ଘୋଷଣା

TATA AIA
LIFE INSURANCE

ନୂଆଦିଲ୍ଲୀ: ଭାରତର ଅନ୍ୟତମ ସବୁଠୁ ବିଶ୍ୱସନୀୟ ଜୀବନ ବୀମା କମ୍ପାନି ଟାଟା ଏଆଇଏ ଲାଇଫ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ ପକ୍ଷରୁ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ଆର୍ଥିକ ବର୍ଷ ପାଇଁ ଏହାର ଅଂଶଗ୍ରହଣକାରୀ ଯୋଜନାଗୁଡ଼ିକ ନିମନ୍ତେ ୧୮୪୨ କୋଟି ଟଙ୍କାର ରେକର୍ଡ ବୋନସ ଘୋଷଣା କରାଯାଇଛି। ଏହାଦ୍ୱାରା ୮.୧୫ ଲକ୍ଷରୁ ଅଧିକ ପଲିସିଧାରକ ଉପକୃତ ହେବେ। ଗତ ଆର୍ଥିକ ବର୍ଷର ୧୪୬୫ କୋଟି ଟଙ୍କାର ବୋନସ ତୁଳନାରେ ଏହା ୨୬ ପ୍ରତିଶତ ଅଧିକ। ଏହା କମ୍ପାନି ଇତିହାସରେ ସର୍ବକାଳୀନ ସର୍ବାଧିକ ବୋନସ ପ୍ରଦାନ। ଅଂଶଗ୍ରହଣକାରୀ ଯୋଜନାଗୁଡ଼ିକ ବ୍ୟତୀତ ଏହି ବୋନସକୁ ଡାଇମଣ୍ଡ ସେଭିଂ ପ୍ଲାନ, ସ୍ମାର୍ଟ ଭାଲ୍ୟୁ ଇନକମ ପ୍ଲାନ, ଭାଲ୍ୟୁ ଇନକମ ପ୍ଲାନ ଏବଂ ଶୁଭ ଫ୍ଲେକ୍ସି ଇନକମ ପ୍ଲାନ ପାଇଁ ଘୋଷଣା କରାଯାଇଛି। ଅଂଶଗ୍ରହଣକାରୀ ବୀମା ଯୋଜନାଗୁଡ଼ିକୁ 'ପାର' ପ୍ଲାନ ମଧ୍ୟ କୁହାଯାଇଥାଏ ଯେଉଁଥିରେ ଜୀବନ ବୀମା କମ୍ପାନି ଏହାର ଲାଭର ଅଂଶକୁ ବୋନସ ଓ ଲାଭାଂଶ ଆକାରରେ ପଲିସିଧାରକଙ୍କୁ ପ୍ରଦାନ କରିଥାଏ। ଏ ସମ୍ପର୍କରେ ଟାଟା ଏଆଇଏର କାର୍ଯ୍ୟନିର୍ବାହୀ ଉପସଭାପତି କ୍ଷୀତିଜ ଶର୍ମା କହିଛନ୍ତି ଯେ, 'ଆମ ଅଂଶଗ୍ରହଣକାରୀ ପଲିସିଧାରକମାନଙ୍କ ପାଇଁ ଆଉ ଏକ ବର୍ଷ ଉଲ୍ଲେଖନୀୟ ବୋନସ ଘୋଷଣା କରି ଆମେ ଉଲ୍ଲସିତ। ଟାଟା ଏଆଇଏର ରେକର୍ଡ ବୋନସ ଘୋଷଣା ଆମ ପଲିସିଧାରକଙ୍କ ବିଶ୍ୱାସକୁ ସମ୍ମାନ ଜଣାଇବାର ପ୍ରତିବଦ୍ଧତା ଏବଂ ଉତ୍କୃଷ୍ଟ ରିଟର୍ଣ୍ଣ ଜରିଆରେ ସେମାନଙ୍କୁ ଖୁସି କରିବାକୁ ଦର୍ଶାଉଛି। ବର୍ତ୍ତମାନ ପରିସ୍ଥିତିରେ ଅଂଶଗ୍ରହଣକାରୀ ଯୋଜନା ଗୁଡ଼ିକର ବେଶ ମହତ୍ୱ ରହିଛି। ପିଲାଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ସଂଚୟ, ଅବସରକାଳୀନ ପାଣ୍ଠି ଗଠନ କରିବା ଏବଂ ଏକ ଭରସାଯୋଗ୍ୟ ଆୟ ସ୍ରୋତ ସୃଷ୍ଟି କରିବା ସହ ପ୍ରିୟଜନଙ୍କୁ ସୁରକ୍ଷା ପ୍ରଦାନ କରିବା ଲାଗି ଟାଟା ଏଆଇଏର ଅଂଶଗ୍ରହଣକାରୀ ଯୋଜନାଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ଏହି ପ୍ଲାନଗୁଡ଼ିକରେ ସୁରକ୍ଷା ଓ ପ୍ରଦର୍ଶନର ଚମତ୍କାର ସନ୍ତୁଳନ ରହିଛି। ତାହା ହେଉଛି କମ ଅସ୍ଥିରତା, ଇକ୍ୱିଟି ଉନ୍ନତି ଓ ଜୀବନ ବୀମା ସୁରକ୍ଷା।

## ମାଲାବାର ଗ୍ରୁପ୍ ପକ୍ଷରୁ ୧୫୦ କୋଟି ଟଙ୍କା ଆବଣ୍ଟିତ

MALABAR
GOLD & DIAMONDS




ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ବ୍ୟବସାୟିକ ସଂଗଠନ ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ମୂଳ କମ୍ପାନୀ ମାଲାବାର ଗ୍ରୁପ୍ ୨୦୨୫-୨୬ରେ ସ୍ୱାସ୍ଥ୍ୟସେବା, ଶିକ୍ଷା, କ୍ଷୁଧା ଏବଂ ଦାରିଦ୍ର୍ୟ ଦୂରୀକରଣ, ମହିଳା ସଶକ୍ତିକରଣ, ପରିବେଶ ସୁରକ୍ଷା ଏବଂ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ବାସସ୍ଥାନ ଉପରେ କେନ୍ଦ୍ରିତ ଏହାର ସିଏସଆର ପଦକ୍ଷେପଗୁଡ଼ିକୁ ବୃଦ୍ଧି କରିବା ପାଇଁ ୧୫୦ କୋଟି ଟଙ୍କା ଆବଣ୍ଟନ କରିଛି। ଏହାର ପ୍ରମୁଖ ସିଏସଆର ପଦକ୍ଷେପ 'ଦି ହଙ୍ଗର ଫ୍ରି ୱାର୍ଲ୍ଡ' ଅଧୀନରେ, ଗୋଷ୍ଠୀ ଭାରତ ଏବଂ ଜାମ୍ବିଆରେ ଦୈନିକ ୭୦ହଜାର ଖାଦ୍ୟ ଅନୁପଯୁକ୍ତ ଲୋକଙ୍କୁ ବଣ୍ଟନ କରିବାକୁ ପ୍ରତିବଦ୍ଧ ହୋଇଛି । ଯାହା ୨୦୨୫-୨୬ରେ ମୋଟ ୨.୫୦ କୋଟି ଖାଦ୍ୟ ହେବ। ୨୮ ତାରିଖରେ ବିଶ୍ୱ କ୍ଷୁଧା ଦିବସ ପାଳନ କରୁଥିବା ଡକ୍ଟର ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ର, ଜନପଥ, ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନୀତି ଆୟୋଗ ଏବଂ ଏ-୨୦ ଶେରପାଙ୍କ ପୂର୍ବତନ ସିଇଓ ଡକ୍ଟର ଅମିତାଭ କାନ୍ତ ଗ୍ରୁପର ସିଏସ୍‌ଆର କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ କରିଥିଲେ। ସମ୍ମାନିତ ବ୍ୟକ୍ତିମାନଙ୍କ ମଧ୍ୟରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍.ପି ଅହମ୍ମଦ, କେପି ଅବଦୁଲ ସଲାମ, ଉପାଧ୍ୟକ୍ଷ 'ଓ' ଆଶେର ଇଣ୍ଡିଆ ଅପରେସନର ପରିଚାଳନା ନିର୍ଦ୍ଦେଶକ, ଗୋଷ୍ଠୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିଷାଦ ଏକେ ଏବଂ କେପି ବୀରାଙ୍କୁଟ୍ଟି, ଗୋଷ୍ଠୀ ନିର୍ଦ୍ଦେଶକ ପିଏ ଅବଦୁଲ୍ଲା ଇବ୍ରାହିମ୍, ଥାନାଲ ଦୟା ପୁନର୍ବାସ ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର ଇଦ୍ରିସ୍ ଭି, ଜୋନାଲ ମୁଖ୍ୟ ଉତ୍ତର ଜିଶାଦ ଏନ କେ ଏବଂ ଅନ୍ୟାନ୍ୟ ପରିଚାଳନା ଅଧିକାରୀମାନେ ସାମିଲ ଥିଲେ। ଏହି ପଦକ୍ଷେପ ବିଷୟରେ ମତାମତ ଦେଇ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦ କହିଛନ୍ତି, 'ମାଲାବାର ଗ୍ରୁପରେ, ସିଏସ୍‌ଆର ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ ଏବଂ ଆମେ ସମାଜକୁ ଫେରାଇ ଦେବାରେ ବିଶ୍ୱାସ କରୁ। ଆମେ ମଇ ୨୮କୁ ଆମର ବାର୍ଷିକ ସିଏସଆର ଦିବସ ଭାବରେ ଉତ୍ସର୍ଗ କରୁଛୁ । ସ୍ଥାୟୀ ଏବଂ ପ୍ରଭାବଶାଳୀ କାର୍ଯ୍ୟ ମାଧ୍ୟମରେ ଅବହେଳିତ ଲୋକଙ୍କ ସହିତ ଠିଆ ହେବାର ଆମର ପ୍ରତିଜ୍ଞାକୁ ଆମେ ପୁନଃସ୍ଥାପନ କରୁଛୁ। ଆମର ସିଏସ୍‌ଆର ପଦକ୍ଷେପଗୁଡ଼ିକ ସେହି ସ୍ଥାୟୀ ପ୍ରତିବଦ୍ଧତାର ପ୍ରତିଫଳନ। ମାଲାବାର ଗ୍ରୁପ୍ ମଧ୍ୟ ଉଇର୍ଣ୍ଣ ପ୍ରୋଜେକ୍ଟ ଆରମ୍ଭ କରିଛି ଯାହା ଗତବର୍ଷ ୱାୟାନାଡରେ ହୋଇଥିବା ଭୂସ୍ଖଳନ ଦ୍ୱାରା ପ୍ରଭାବିତ ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷାକୁ ସମର୍ଥନ କରି ୧୩୪ ଜଣ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛି। ଏହାର ସ୍ଥାପନା ପରଠାରୁ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହାର ଲାଭର ୫% ସାମାଜିକ କଲ୍ୟାଣ ପାଇଁ ଆବଣ୍ଟନ କରିଆସୁଛି।



ମୁମ୍ବାଇ: ସୂର୍ଯ୍ୟକୁମାର ଯାଦବ ଆଇପିଏଲରେ ଇତିହାସ ସୃଷ୍ଟି କରିଛନ୍ତି। ସେ ପଞ୍ଜାବ କିଙ୍ଗସ୍ ବିପକ୍ଷ ମ୍ୟାଚ୍‌ରେ ୧୭ ରନ୍ କରି ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ପ୍ରକୃତରେ, ପଞ୍ଜାବ ବିପକ୍ଷ ମ୍ୟାଚ୍ ପୂର୍ବରୁ, ସୂର୍ଯ୍ୟ ଏହି ସିଜିନରେ ୫୮୩ ରନ କରିଥିଲେ ଏବଂ ୧୭ ରନ କରିବା ପରେ, ସେ ଆଇପିଏଲ ୨୦୨୫ରେ ୬୦୦ ରନ ଛୁଇଁବାରେ ତୃତୀୟ ଖେଳାଳି ହୋଇଥିଲେ। ସେହି ସମୟରେ, ସେ ସର୍ବାଧିକ ଥର ପାଇଁ ଗୋଟିଏ ସିଜିନରେ ୬୦୦ରୁ ଅଧିକ ରନ କରିବାରେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି। ସୂର୍ଯ୍ୟକୁମାର ଆଇପିଏଲ ଇତିହାସରେ ପ୍ରଥମ ଖେଳାଳି ହୋଇଛନ୍ତି ଯିଏ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳି ଗୋଟିଏରୁ ଅଧିକ ସିଜିନରେ ୬୦୦ରୁ ଅଧିକ ରନ କରିଛନ୍ତି। ପ୍ରକୃତରେ, ଏପର୍ଯ୍ୟନ୍ତ ସୂର୍ଯ୍ୟ ଏବଂ ସଚିନ ତେନ୍ଦୁଲକର ଏମଆଇ ପାଇଁ ଖେଳି ଗୋଟିଏ ଆଇପିଏଲ ସିଜିନରେ ଥରେ ୬୦୦ ରୁ ଅଧିକ ରନ କରିଛନ୍ତି। ଏବେ ସୂର୍ଯ୍ୟ ଏମଆଇ ପାଇଁ ଖେଳି ୨ଟି ଭିନ୍ନ ସିଜନରେ ୬୦୦ରୁ ଅଧିକ ରନ କରିବାର ସଫଳତା ହାସଲ କରିଛନ୍ତି। ସୂର୍ଯ୍ୟକୁମାର ଯାଦବ ସଚିନ ତେନ୍ଦୁଲକରଙ୍କ ୧୫ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି କାରଣ ସଚିନ ୨୦୧୦ ଆଇପିଏଲରେ ୬୧୮ ରନ କରିଥିଲେ। ଏହା ପରେ, ସେ ତାଙ୍କ ଆଇପିଏଲ ଅବସର ପର୍ଯ୍ୟନ୍ତ କୌଣସି ସିଜିନରେ ୬୦୦ ରନ ଛୁଇଁପାରି ନଥିଲେ। ଅନ୍ୟପକ୍ଷରେ, ସୂର୍ଯ୍ୟଙ୍କ ବିଷୟରେ କହିବାକୁ ଗଲେ, ସେ ଆଇପିଏଲ ୨୦୨୩ରେ ୬୦୫ ରନ କରିଥିଲେ। ଏବଂ ଆଇପିଏଲ ୨୦୨୫ରେ, ସେ ପୁଣି ଥରେ ଏହି କୃତିତ୍ୱ ହାସଲ କରିଛନ୍ତି।

# ଅରେଞ୍ଜ କ୍ୟାପ୍ ରେସ୍‌ରେ କୋହଲି



ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୫ର ଶେଷ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ମଙ୍ଗଳବାର ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଆରସିବି ଲକ୍ଷ୍ନୌକୁ ପରାସ୍ତ କରି ପଏଣ୍ଟ ଟେବୁଲରେ ସେମାନଙ୍କର ଦ୍ୱିତୀୟ ସ୍ଥାନ ନିଶ୍ଚିତ କରିଥିଲା। ଏହି ମ୍ୟାଚ୍‌ରେ ବିରାଟ କୋହଲି ଏବଂ ଆରସିବି ଅନେକ ରେକର୍ଡ କରିଥିଲେ। ବିରାଟ ଆରସିବି ପାଇଁ ୯ ହଜାର ରନ୍ ମଧ୍ୟ ପୂରଣ କରିଥିଲେ, ସେ ଗୋଟିଏ ଦଳ ପାଇଁ ସର୍ବାଧିକ ରନ୍ ସ୍କୋରର୍ ମଧ୍ୟ ହୋଇଥିଲେ। ଏହି ଇନିଂସ ପରେ, କୋହଲି ଅରେଞ୍ଜ କ୍ୟାପ ପାଇଁ ଦୌଡ଼ରେ ଶ୍ରେଷ୍ଠ ୫ ଖେଳାଳିଙ୍କ ମଧ୍ୟରେ ଆସିଛନ୍ତି। ପର୍ପଲ କ୍ୟାପ ପାଇଁ ଲଢ଼େଇ ମଧ୍ୟ ରୋମାଞ୍ଚକର ହୋଇଗଲାଣି। ଅରେଞ୍ଜ କ୍ୟାପ ବର୍ତ୍ତମାନ ଗୁଜୁରାଟ ଟାଇଟାନ୍ସ ବ୍ୟାଟ୍ସମ୍ୟାନ ସାଇ ସୁଦର୍ଶନଙ୍କ ପାଖରେ ଅଛି। ସେ ୧୪ ମ୍ୟାଚରେ ୬୭୯ ରନ କରିଛନ୍ତି, ଯେଉଁଥିରେ ସେ ୫ ଅର୍ଦ୍ଧଶତକ ଏବଂ ଗୋଟିଏ ଶତକ କରିଛନ୍ତି। ଆଇପିଏଲ୍ ୨୦୨୫ରେ, ସେ ଏପର୍ଯ୍ୟନ୍ତ ୭୮ ଚୌକା ଏବଂ ୨୦ ଛକା ମାରିଛନ୍ତି। ସାଇ ସୁଦର୍ଶନ (ଗୁଜରାଟ ଟାଇଟାନ୍ସ)–୧୪ ମ୍ୟାଚରେ ୬୭୯ ରନ, ଶୁବମନ ଗିଲ (ଗୁଜରାଟ ଟାଇଟାନ୍ସ) – ୧୪ ମ୍ୟାଚରେ ୬୪୯ ରନ, ସୂର୍ଯ୍ୟକୁମାର ଯାଦବ (ମୁମ୍ବାଇ ଇଣ୍ଡିଆନ୍ସ) – ୧୪ ମ୍ୟାଚରେ ୬୪୦ ରନ, ମିଚେଲ ମାର୍ଶ (ଲକ୍ଷ୍ନୌ ସୁପର ଜାଏଣ୍ଟ) – ୧୪ ମ୍ୟାଚରେ ୬୨୭ ରନ (ପ୍ଲେଅଫ ବାହାରେ), ବିରାଟ କୋହଲି (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ) – ୧୩ ମ୍ୟାଚରେ ୬୦୨ ରନ। ପର୍ପଲ କ୍ୟାପ ବର୍ତ୍ତମାନ ଚେନ୍ନାଇ ସୁପର କିଙ୍ଗ୍ସ ବୋଲର ନୁର ଅହମ୍ମଦଙ୍କ ପାଖରେ ଅଛି। ସେ ୧୪ ମ୍ୟାଚରେ ୨୪ ଉଇକେଟ ନେଇଛନ୍ତି। ତଥାପି, ତାଙ୍କ ଦଳ ଆଇପିଏଲ୍ ପ୍ଲେଅଫ ଦୌଡ଼ରୁ ବାହାର ହୋଇଯାଇଛି। ନୂର ଅହମ୍ମଦ (ଚେନ୍ନାଇ ସୁପର କିଙ୍ଗ୍ସ)- ୧୪ ମ୍ୟାଚ୍‌ରେ ୨୪ ଉଇକେଟ, ପ୍ରସିଦ୍ଧ କ୍ରିଷ୍ଣା (ଗୁଜରାଟ ଟାଇଟାନ୍ସ)- ୧୪ ମ୍ୟାଚ୍‌ରେ ୨୩ ଉଇକେଟ, ଟ୍ରେଣ୍ଟ ବୋଲ୍ଟ (ମୁମ୍ବାଇ ଇଣ୍ଡିଆନ୍ସ)- ୧୪ ମ୍ୟାଚ୍‌ରେ ୧୯ ଉଇକେଟ, ଜୋଶ ହାଜେଲଉଡ (ଆରସିବି)- ୧୦ ମ୍ୟାଚ୍‌ରେ ୧୮ ଉଇକେଟ, ଅର୍ଶଦୀପ ସିଂହ (ପଞ୍ଜାବ କିଙ୍ଗ୍ସ)- ୧୪ ମ୍ୟାଚ୍‌ରେ ୧୮ ଉଇକେଟ।

## ସିଙ୍ଗାପୁର ଓପନ୍ ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ

ସିଙ୍ଗାପୁର: ଯୁଗଳ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପିଭି ସିନ୍ଧୁ ଏବଂ ଏଚ୍‌ଏସ୍ ପ୍ରଣୟ ସିଙ୍ଗାପୁର ଓପନ୍ ସୁପର-୭୫୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନ୍ଧୁ ନିଜ ପ୍ରଥମ ମୁକାବିଲାରେ କାନାଡାର ୱେନ୍ ୟୁ ଝାଙ୍ଗଙ୍କୁ ମାତ୍ର ୩୧ ମିନିଟ୍ ସମୟ ନେଇ ୨୧-୧୪, ୨୧-୯ରେ ପରାସ୍ତ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ କିନ୍ତୁ ତାଙ୍କ ପାଇଁ କଠିନ ପରୀକ୍ଷା ଅପେକ୍ଷା କରି ରହିଛି। କାରଣ ଏହି ରାଉଣ୍ଡରେ ସେ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ସଂପ୍ରତି ବିଶ୍ୱମାନ୍ୟତାର ପଞ୍ଚମ ସ୍ଥାନରେ ଥିବା ଚିନରେ ଚେନ୍ ୟୁ ଫେଇଙ୍କୁ ଭେଟିବେ। ଅନ୍ୟପକ୍ଷରେ ବିଶ୍ୱମାନ୍ୟତାର ୩୪ତମ ସ୍ଥାନରେ ଥିବା ପ୍ରଣୟଙ୍କୁ ନିଜ ମ୍ୟାଚ୍ ଜିତିବା ଲାଗି ବଡ଼ ସଂଘର୍ଷ କରିବାକୁ ପଡ଼ିଥିଲା। ତେବେ ସେ ନିଜଠାରୁ ଉଚ୍ଚ ମାନ୍ୟତାପ୍ରାପ୍ତ ଡେନମାର୍କର ରାସମସ୍ ଗେମ୍‌କେଙ୍କୁ ୧୯-୨୧, ୨୧-୧୬, ୨୧-୧୪ରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଯାଇଥିଲେ।

# ଆଇପିଏଲ୍ ପ୍ଲେ-ଅଫ୍‌ର କାର୍ଯ୍ୟସୂଚୀ



ଲକ୍ଷ୍ନୌ: ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ୨୦୨୫ର ମଙ୍ଗଳବାର ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୬ ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ପରାସ୍ତ କରିଛି। ଅଧିନାୟକ ରିଷଭ ପନ୍ତଙ୍କ ଶତକ ସହାୟତାରେ ଲକ୍ଷ୍ନୌ ୨୦ ଓଭରରେ ୩ ଉଇକେଟ ହରାଇ ୨୨୭ ରନ କରିଥିଲା। ପନ୍ତ ୬୧ ବଲ୍‌ରୁ ୧୧ ଚୌକା ଓ ୮ ଛକା ସହାୟତାରେ ୧୧୮ରନରେ ଅପରାଜିତ ରହିଥିଲେ। ଜବାବରେ ଆରସିବି ୧୮.୪ ଓଭରରେ ୪ ୱିକେଟ ହରାଇ ୨୩୦ ରନ ସଂଗ୍ରହ କରି ନେଇଥିଲା। ବିରାଟ କୋହଲିଙ୍କ ଦ୍ରୁତ ଅର୍ଦ୍ଧଶତକ (୩୦ ବଲ୍‌ରୁ ୫୪ ରନ, ୧୦ ଚୌକା) ପରେ କାମଚଳା ଅଧିନାୟକ ଜୀତେଶ ଶର୍ମାଙ୍କ ବିସ୍ଫୋରକ ୮୫ (୩୩ ବଲ୍, ୮ ଚୌକା, ୬ ଛକା) ଓ ମୟଙ୍କ ଅଗ୍ରୱାଲଙ୍କ ୪୧ (୨୩ ବଲ) ରନ ବଳରେ ଆରସିବି ବିଜୟ ହାସଲ କରିଥିଲା। ଏହି ମ୍ୟାଚ ଫଳାଫଳ ସହ ଆଇପିଏଲ୍‌ର ପ୍ଲେ-ଅଫ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତା ୨୯ ତାରିଖରେ ପଞ୍ଜାବ କିଙ୍ଗ୍ସ ସହ ଆରସିବି କ୍ୱାଲିଫାୟର-୧ ଖେଳିବ। ୩୦ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଏଲିମିନେଟର ଅନୁଷ୍ଠିତ ହେବ।

### ଆଇପିଏଲ୍ ପ୍ଲେ-ଅଫ୍ କାର୍ଯ୍ୟସୂଚୀ

**ମେ ୨୯: କ୍ୱାଲିଫାୟର-୧**
ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ପଞ୍ଜାବ କିଙ୍ଗ୍ସ
ସ୍ଥାନ: ମୁଲାନପୁର, ଚଣ୍ଡିଗଡ଼
**ମେ ୩୦: ଏଲିମିନେଟର**
ଗୁଜରାଟ ଟାଇଟନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ସ୍ଥାନ: ମୁଲାନପୁର, ଚଣ୍ଡିଗଡ଼
ଜୁନ୍-୧ : କ୍ୱାଲିଫାୟର-୨, ସ୍ଥାନ: ଅହମଦାବାଦ
**ଜୁନ ୩: ଫାଇନାଲ, ସ୍ଥାନ: ଅହମଦାବାଦ**
(ସମସ୍ତ ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ)

# ପନ୍ତଙ୍କୁ ୩୦ଲକ୍ଷ ଜରିମାନା



ନୂଆଦିଲ୍ଲୀ: ଆଇପିଏଲ୍ ଚଳିତ ସିଜିନର ଶେଷ ଲିଗ ପର୍ଯ୍ୟାୟ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ରିଷଭ ପନ୍ତ ଆରସିବି ବିପକ୍ଷରେ ୧୧୮ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହି ମ୍ୟାଚ୍‌ରେ ସେ 'ଫ୍ଲିପ' କରି ତାଙ୍କର ଶତକ ପାଳନ କରିଥିଲେ। ମ୍ୟାଚ ପରେ, ବିସିସିଆଇ ଅଧିନାୟକ ପନ୍ତଙ୍କ ଉପରେ ୩୦ ଲକ୍ଷ ଟଙ୍କାର ଏକ ବଡ଼ ଜରିମାନା ଲଗାଇଥିଲା। ଦିଗବେଶ ରାଠି ସମେତ ସମସ୍ତ ଖେଳାଳିଙ୍କ ମ୍ୟାଚ ଫିସ ମଧ୍ୟ କାଟି ଦିଆଯାଇଥିଲା। ଆରସିବି ବିପକ୍ଷ ମ୍ୟାଚ୍‌ରେ ସ୍ଲୋ ଓଭର ରେଟ ବଜାୟ ରଖିବା ପାଇଁ ଏଲ୍‌ଏସ୍‌ଜି ଅଧିନାୟକ ରିଷଭ ପନ୍ତ ଏବଂ ତାଙ୍କ ଦଳକୁ ଜରିମାନା କରାଯାଇଥିଲା। ସ୍ଲୋ ଓଭର-ରେଟ ଅପରାଧ ସହିତ ଜଡିତ ଆଇପିଏଲ୍‌ର ଆଚରଣ ସଂହିତା ଅନୁଯାୟୀ, ସିଜିନରେ ଏହା ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ତୃତୀୟ ଅପରାଧ ହୋଇଥିବାରୁ, ଦଳର ଅଧିନାୟକ ରିଷଭ ପନ୍ତଙ୍କୁ ୩୦ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

## ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍
# ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ୍-ଜି ବିଜୟୀ

ବାରିପଦା:(ଭାସ୍କର ନ୍ୟୁଜ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଜି, ଟିମ-ଏଫ କୁ ୧୧୯ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଜି ୨୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶୁଭମ ମହାନ୍ତି ୬୩ ଓ ପ୍ରିୟଙ୍କ ପଟ୍ଟନାୟକ ୨୭ ରନ କରିଥିବା ବେଳେ ବିପକ୍ଷ ଦଳର ସାଇ ଆୟୁଷ ଜେନା ୩ ୱିକେଟ ଅକ୍ତିଆର କରିଥିଲେ। ଯବାବରେ ଟିମ-ଏଫ ୧୬. ୨ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୩୮ ରନ ସଂଗ୍ରହ କରିଥିଲେ। ପ୍ରିୟଙ୍କ ପଟ୍ଟନାୟକ ୫ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ସୂଦୀପ ମନ୍ତ୍ରୀଙ୍କ ସମେତ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦିଲ୍ଲୀପ କୁମାର ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ।

# ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: କେନ୍ଦୁଝର ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍) ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଓ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୧୫ ବର୍ଷରୁ କମ ସିଏମ୍ କପ ଆନ୍ତଃ ଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବୁଧବାର ସକାଳେ କେନ୍ଦୁଝର ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଲିଗ କମ ନକ୍‌ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ପୂର୍ବାହ୍ନ ଖେଳରେ କେନ୍ଦୁଝର ଜିଲ୍ଲା ଢେଙ୍କାନାଳ ବିପକ୍ଷରେ ୭-୦ ଗୋଲରେ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ଖେଳର ନବମ ମିନିଟରେ ଅନୁଭବ ନାୟକ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ୨୩ତମ ମିନିଟରେ କ୍ରିଷ୍ଣା ନାଏକ ଦ୍ୱିତୀୟ ଗୋଲ ୨୫ତମ ମିନିଟରେ ଅନୁଭବ ନାଏକ ତୃତୀୟ ଗୋଲ, ୨୯ତମ ମିନିଟରେ ଆଦିତ୍ୟ ନାଏକ ଚତୁର୍ଥ ଗୋଲ ସ୍କୋର କରିଥିଲେ ଏବଂ ଦ୍ୱିତୀୟାର୍ଦ୍ଧର ୫୩ତମ ମିନିଟରେ ଆଦିତ୍ୟ ନାଏକ ପଞ୍ଚମ ଗୋଲ, ୫୫ ମିନିଟରେ ବଚନ ନାଏକ ଷଷ୍ଠ ଗୋଲ ଏବଂ ୬୫ ମିନିଟରେ ଅନୁଭବ ନାଏକ ଦଳ ପକ୍ଷରୁ ସପ୍ତମ ଗୋଲ ସ୍କୋର କରିଥିଲେ। ଆଜିର ପ୍ରଥମ ଖେଳରେ କେନ୍ଦୁଝରର ଅନୁଭବ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଯାଜପୁର ଏବଂ ଭଦ୍ରକ ମଧ୍ୟରେ ଖେଳ ୧-୧ ଗୋଲରେ ଅମୀମାଂଶିତ ରହି ପରସ୍ପର ପଏଣ୍ଟ ଭାଗ କରିଥିଲେ। ପ୍ରଥମାର୍ଦ୍ଧ ଖେଳର ୧୦ ମିନିଟରେ ଯାଜପୁର ପକ୍ଷରୁ ଲକ୍ଷ୍ମଣ ମୁଣ୍ଡା ପ୍ରଥମେ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିବା ବେଳେ ୨୬ତମ ମିନିଟରେ ଲଛୁ ହାଁସଦା ଗୋଲଟିକୁ ପରିଶୋଧ କରି ଦେଉଥିଲେ। ଏହି ଖେଳରେ ଲଛୁ ହାଁସଦା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଆଜିର ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, ସଂଗ୍ରାମ ପଟ୍ଟନାୟକ, ଉପ ସଭାପତି ସୁରେଶ ପଟ୍ଟନାୟକ, କୋଷାଧକ୍ଷ ସରୋଜ ରଣା, ଡିଏସଓ ସରୋଜ ମଲ୍ଲିକ, କାଉନସିଲ ମେମ୍ବର ଗିରୀଶ ହୋତା, ସନାତନ ବେହେରା, ସନ୍ଦୀପ ବେହେରା, ସୁରେଶ ରଣା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଏହି ଖେଳରେ ଫାଓ ପକ୍ଷରୁ ଶିବ ଶଙ୍କର ପଣ୍ଡା ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, ରାମକ୍ରୀଷ୍ଣା ବେହେରା, କୃଷ୍ଣ ଚନ୍ଦ୍ର ମହାନ୍ତ, ସଞ୍ଜୟ ନାୟକ ପ୍ରମୁଖ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।


**e-Procurement Cell**
**OFFICE OF THE EXECUTIVE ENGINEER,**
**SPECIAL WORKS DIVISION, BUILDING CONSTRUCTION DEPARTMENT, Ranchi**

**e-Procurement Notice**
**(Very Very Short Notice)**
**Notice Inviting Tender Reference No:- BCD/EE, Special Works Div, BCD, Ranchi-RFP-08/2025-26 Date:-27.05.25**
**(2nd Call)** PR. No. 352001 (Building) 25-26 (D)

***Online*** *bids are invited by Executive Engineer, Special Works Division, Building Construction Department, Ranchi for appointing* ***"Consultancy Service for Preparation of DPR & PMC Services for Construction of Jharkhand Guest House at Puri Odisha."*** *from qualified reputed Consultancy firms.*

| | |
|---|---|
| Date of Procurement of RFP Document | From 30.05.2025 , 11.00 A.M. |
| Last date of online submission of RFP and Bid Document | 06.06.2025 upto 12.00 Noon |
| Date and Time of Opening of Technica l | 09.06.2025 at 12.00 Noon |
| Date of Pre Bid meeting | 02.06.2025 at 11.30 A.M. |
| Place of Pre Bid meeting | e-procurement Cell, Room No. 326A, 3rd Floor, Building Construction Department, Jharkhand Mantralaya, Dhurwa, Ranchi |
| Place of Opening | Chairman, e-procurement Cell, Room No. 326A, 3rd Floor, Building Construction Department, Jharkhand Mantralaya, Dhurwa, Ranchi |
| Cost of RFP Documents | Rs. 10,000/- |

**Note- Cost of Bidding Document (Not Refundable) & Bid Security (Security Deposit) shall be payable online through** http://jharkhandtenders.gov.in
**Any change can be seen on Website *http:// jharkhandtenders.gov.in***
***Any other information can be seen on*** http://jharkhandtenders.gov.in

Nodal Officer,
e-Procurement Cell
OFFICE OF EXECUTIVE ENGINEER,
SPECIAL WORKS DIVISION
BUILDING CONSTRUCTION DEPARTMENT, RANCHI.

PR 353749 (Building) 25-26 (D)



**कार्यपालक अभियंता का कार्यालय, ग्रामीण कार्य विभाग कार्य प्रमण्डल, चक्रधरपुर**
E-mail : rwdchakradharpur@gmail.com
**निविदा शुद्धि पत्र**
PR. No. 353407 West Singhbhum(25-26)#D
ई0– अल्पकालीन पुनर्निविदा संख्या :– 05/R1/2024-25/RWD/CHAKRADHARPUR दिनांक–23.05.2025
अपरिहार्य कारणवश वित्तीय वर्षो में आवश्यक संशोधन किया जाता है।

| कंडिका | पूर्व में प्रकाशित | | संशोधित |
|---|---|---|---|
| Section IV (Qualification Information) 1. (1.2) | Total a nnual volume of civil engineering co ns truction work exe cuted and payments received in the l ast five years p receding the year in which b ids are invited.(Attach certificate of annual turn over, P&L account and balance sheet all with UDIN no from Chartered Accountant) .(Applicable for tender amount more than 2.5 cr.) | Year 2019-2020 2020-2021 2021-2022 2022-2023 2023-2024 | Year 2020-2021 2021-2022 2022-2023 2023-2024 2024-2025 |
| Section IV (Qualification Information) 1. (1.3) | Work performed as prime Contractor (in the same name and style) on construction works of a similar nature and volume over the last five ye ars p receding the year in which b ids are invited. Attach certificate from the Engineer-in-charge. (Applicable for tender amount more than 2.5 cr.) | Year 2019-2020 2020-2021 2021-2022 2022-2023 2023-2024 | Year 2020-2021 2021-2022 2022-2023 2023-2024 2024-2025 |

उक्त निविदा के शेष सभी शर्तें यथावत रहेंगी।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

ह०/–
कार्यपालक अभियंता
ग्रा० का० वि०, कार्य प्रमंडल, चक्रधरपुर।

PR 353726 West Singhbhum(25-26)D


## କାଶୀପୁର ପ୍ରିମିୟର ଲିଗ୍ ୨୦୨୫
# ଓଡ଼ିଶାର ଗ୍ରାମୀଣ କ୍ରିକେଟ୍‌କୁ ବେଦାନ୍ତର ପ୍ରୋତ୍ସାହନ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତର ଅଗ୍ରଣୀ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ରାୟଗଡ଼ା ଜିଲ୍ଲାର କାଶୀପୁର ଗ୍ରାମର ସ୍ଥାନୀୟ ସମ୍ପ୍ରଦାୟଦ୍ୱାରା ଆୟୋଜିତ ଏକ ପ୍ରମୁଖ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କାଶୀପୁର ପ୍ରିମିୟର ଲିଗ୍ (କେପିଏଲ)ର ୨୦୨୫ ସଂସ୍କରଣକୁ ସମର୍ଥନ ପ୍ରଦାନ କରିଛି। ଏହି ପଦକ୍ଷେପ ତୃଣମୂଳସ୍ତରୀୟ କ୍ରୀଡା ପ୍ରତିଭାକୁ ପ୍ରୋତ୍ସାହନ ଦେବା ସହିତ କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ କାଶୀପୁର ବ୍ଲକର ବିଭିନ୍ନ ଦଳକୁ ପ୍ରତିନିଧିତ୍ୱ କରୁଥିବା ୧୨୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ସମାବେଶରେ ଖାଣ୍ଟି କାଶିପୁରିଆ ଏବଂ ସ୍ମାର୍ଟ ୧୧ ମଧ୍ୟରେ ଏକ ଆକର୍ଷଣୀୟ ମୁକାବିଲା ହୋଇଥିଲା, ଯାହା ନିକଟବର୍ତ୍ତୀ ଗ୍ରାମରୁ ୨,୦୦୦ରୁ ଅଧିକ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଖାଣ୍ଟି କାଶିପୁରିଆ ଏକ ରୋମାଞ୍ଚକର ସମାପ୍ତିରେ ଚାମ୍ପିଅନ ହୋଇଥିଲା। ଏହି ଅବସରରେ ଖେଳାଳିମାନଙ୍କୁ ପ୍ରଶଂସା କରି, ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଥିଲେ, 'ଯୁବପିଢ଼ିଙ୍କୁ ପ୍ରତିପୋଷଣ କରିବା ପାଇଁ କ୍ରୀଡା ଏକ ଶକ୍ତିଶାଳୀ ମାଧ୍ୟମ। ଓଡ଼ିଶାର ଏକ ସମୃଦ୍ଧ କ୍ରୀଡା ଐତିହ୍ୟ ରହିଛି ତେଣୁ କାଶୀପୁର ପ୍ରିମିୟର ଲିଗ୍ ଭଳି କମ୍ୟୁନିଟି ସ୍ତରୀୟ ଟୁର୍ନାମେଣ୍ଟକୁ ସମର୍ଥନ କରି, ରାୟଗଡ଼ାରେ ଆମର ଦଳ ଯୁବ ପ୍ରତିଭାକୁ ସଶକ୍ତ କରିବା ଏବଂ ରାଜ୍ୟର କ୍ରୀଡା ଉତ୍କର୍ଷତାର ଐତିହ୍ୟରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାର ଲକ୍ଷ୍ୟ ରଖିଛି।' କାଶୀପୁରର କମ୍ୟୁନିଟି ହେଲଥ ସେଣ୍ଟରର ମୁଖ୍ୟ, ଡକ୍ଟର ନେତାନନ୍ଦ ନାଏକ କହିଥିଲେ, ଗ୍ରାମୀଣ ଯୁବକମାନଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା, ଗଠନମୂଳକ ଏବଂ ପ୍ରତିଯୋଗିତାମୂଳକ କ୍ରୀଡାରେ ନିୟୋଜିତ କରିବା ପାଇଁ ଏହା ଏକ ପ୍ରଭାବଶାଳୀ ପଦକ୍ଷେପ। ଏଥିପାଇଁ ମୁଁ ବେଦାନ୍ତ ଆଲୁମିନିୟମର ମାଇନିଂ ଡିଭିଜନର ପ୍ରଶଂସା କରୁଛି। ସେମାନଙ୍କ ଅଂଶଗ୍ରହଣ କେବଳ ଅନ୍ୟମାନଙ୍କୁ ପ୍ରେରଣା ଦିଏ ନାହିଁ ବରଂ ଏକ ଶକ୍ତିଶାଳୀ, ସୁସ୍ଥ ସମ୍ପ୍ରଦାୟ ମନୋଭାବକୁ ମଧ୍ୟ ପ୍ରୋତ୍ସାହିତ କରେ। ବେଦାନ୍ତ ଆଲୁମିନିୟମ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତି ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସଦାସର୍ବଦା ସମର୍ପିତ। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତି ପ୍ରତିବଦ୍ଧତାକୁ ରେଖାଙ୍କିତ କରେ।


**झारखण्ड राज्य बिवरेजेज कॉरपोरेशन लिमिटेड, राँची**
**(झारखण्ड सरकार का उपक्रम)**
कॉर्पोरेट पहचान सं0 –U51228JH2010SGC014519, TIN No - 20520108277
उत्पाद भवन, भूतल, नवीन पुलिस केंद्र के समीप, काँके रोड़, राँची
E-mail :- jsbcl.jharkhand@gmail.com

पत्रांकः–1296 राँची, दिनांकः–26/05/2025

**शुद्धि पत्र**

एतद् द्वारा सूचित किया जाता है कि इस कार्यालय द्वारा अति अल्पकालीन इच्छा की अभिव्यक्ति आमंत्रण सूचना संख्या–JSBCL/02, जिसका– Advt. P.R. No.- 352923 द्वारा निकाली गई इच्छा की अभिव्यक्ति को अपरिहार्य कारणवश रद्द किया जाता है।

ह0/–
महाप्रबंधक (संचालन)
झारखण्ड राज्य बिवरेजेज कॉरपोरेशन लिमिटेड, झारखण्ड, राँची।

PR 353727 (Excise) 25-26 (D)



**वरीय पुलिस अधीक्षक का कार्यालय, राँची।**
**सर्वसाधारण के लिए सूचना।**



**नाम– अनुश्का कुमारी उर्फ अनिशा, उम्र–17 वर्ष, रंग–गोरा, ऊँचाई– 5 फीट, पहनावा–हरा रंग का लेगिंस एवं कथा रंग का टी–शर्ट तथा खाली पैर है।**

उपरोक्त लापता लड़की अनुश्का कुमारी उर्फ अनिशा, उम्र–17 वर्श, पिता–धीरज कुमार पाण्डेय, स्थाई पता सा0–झगराही, थाना–बरोरा, जिला–धनबाद, वर्तमान पता–महावीर नगर डुमरदगा अयोध्यापुरी रोड नं0–2, संतोश सिंह के मकान में किरायेदार, थाना–खेलगाँव, जिला–राँची, जो दिनांक–14.05.25 को समय 12:15 बजे माउन्टवे स्कूल सैनिक कॉलोनी खेलगांव राँची से लौटने के कम में घर से कुछ ही दुरी पर स्पर्श नर्सिंग होम के पास अपना स्कूल बैग, जूता और स्कूल ड्रेस को फेक कर कहीं चली गई है, जो आजतक अपने घर वापस नहीं आई है। जिसके संबंध में खेलगांव थाना काण्ड संख्या–29/2025, दिनांक–15.05.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID**(rnc-dcb@jhpolice.gov.in)

पुलिस उपाधीक्षक, सदर, राँची। –9431102090
थाना प्रभारी खेलगांव राँची। –8987790607

पुलिस उप–महानिरीक्षक–सह–वरीय पुलिस अधीक्षक, राँची।

PR 353728 Police(25-26)D



**JHARKHAND STATE FACULTY DEVELOPMENT ACADEMY**
**(CIN: U85500JH2025NPL024352)**
**Regd. Office: - 2nd Floor, JCSTI, Coordinating Building, Namkum, Ranchi 834101, Jharkhand | Email- jsfda2025@gmail.com**

**Letter No.** JSFDA/estb-01/2025-17 **Ranchi**/Dated: 27/05/2025

**Recruitment Notice**

The Department of Higher and Technical Education, Government of Jharkhand has established **Jharkhand State Faculty Development Academy (JSFDA)** as a Section 8 company of Companies Act 2013 under Jharkhand State Higher Education Council (JSHEC) to build the capacity of teachers, officers, staff, Academic leaders, support staffs and students of Higher and Technical Education Institutions of Jharkhand. The academy will act as a facilitator for reforms in higher education, formulation of policies and schemes, monitoring and evaluation of schemes and any other work assigned by the Department of Higher and Technical Education.

The Jharkhand State Faculty Development Academy (JSFDA) invites applications from eligible and motivated professionals to support its mission. Applications are invited for the following positions on a purely contractual basis:

| Sl. No. | Designation | No. of Posts | Monthly Emolument | Minimum Qualifications and Experience |
|---|---|---|---|---|
| 1 | General Manager, Admin & IT | 01 | Consolidated payment of ₹1,25,000/- | • Post-Graduate in any discipline. • Minimum 7 years of experience in the administration and implementation of ICT initiatives. • Knowledge and Experience in planning, strategising, executing and evaluating training programmes in the related subject. • Ability to work in collaboration • Good knowledge of NEP-2020, related rules and regulations and the Higher Education scenario • Aptitude to support and guide team members/Centre Coordinators • Proven experience in programme management, designing modules & facilitating training |
| 2 | General Manager Finance | 01 | Consolidated payment of ₹1,25,000/- | CA/ICWA/MBA in Finance with minimum 7 years of post-qualification work experience in the field of accounting, financial management and management information systems. |
| 3 | Manager, Academics /Trainings /Outreach | 01 | Consolidated payment of ₹75,000/- | Post-Graduate in any discipline with a minimum 3 years of experience in Training/ Placement/ Industry Linkage or similar outreach activities. |
| 4 | Manager, Accounts and Compliances | 01 | Consolidated payment of ₹75,000/- | Member of the Institute of Company Secretaries of India (ICSI) / MBA in Finance with minimum 3 years of experience in auditing/preparation of accounts, and filing of compliances under the Companies Act, Income Tax Act, etc. Candidates with a Graduation in Law will be preferred. |

**General Conditions:**
1. The appointment shall be purely on a contractual basis for an initial period of **03 years**, extendable based on satisfactory performance and project requirements.
2. **Age Limit**: Less than 50 years
3. **Place of Posting**: Ranchi, Jharkhand
4. **Last Date for Submission:** 17/06/2025
5. Selection will be made through the walk-in interview as deemed appropriate by the Selection Committee of JSFDA
6. JSFDA reserves the right to **cancel or modify** the recruitment process at any stage without assigning any reason.
7. Only shortlisted candidates will be informed of the next stages of the selection process.
8. No claim shall be admissible in the case of transport and logistics.

**How to Apply:**
Interested and eligible candidates are requested to submit their application in the prescribed format through the recruitment portal of JAP-IT, i.e. https://recruitment.jharkhand.gov.in/.

Sd/-
**(Ramniwas Yadav)**
Executive Director, JSFDA

PR 353721 Higher Education Directorate (25-26)_D



ଆଜ୍‌ମା ଏକ ଦୀର୍ଘକାଳୀନ ଶ୍ୱାସକ୍ରିୟା ଅବସ୍ଥା ଯାହା ଶ୍ୱାସନଳୀରେ ପ୍ରଦାହ ସୃଷ୍ଟି କରି ତାହାକୁ ସଂକୁଚିତ କରିଦେଇଥାଏ, ଯଦ୍ୱାରା କାଶ ଓ ଶ୍ୱାସକ୍ରିୟାରେ କଷ୍ଟ ଭଳି ଲକ୍ଷଣ ଦେଖାଯାଏ। ଔଷଧ ଦ୍ୱାରା ଏହାର ପରିଚାଳନା ସମ୍ଭବ। ଭାରତରେ ୩୪ ନିୟୁତରୁ ଅଧିକ ଲୋକ ଆଜ୍‌ମାରେ ପୀଡ଼ିତ। ତେବେ ବିଭିନ୍ନ ମିଥ୍ୟା ଓ ଭୁଲ୍ ଧାରଣା ସମୟୋଚିତ ରୋଗ ନିରୂପଣ ଓ ଚିକିତ୍ସାରେ ବାଧା ସୃଷ୍ଟି କରେ। ଆଜ୍‌ମା ବାବଦରେ ରହିଥିବା ସେଭଳି କିଛି ଭ୍ରାନ୍ତି ବିଷୟରେ ଆସନ୍ତୁ ଜାଣିବା... ପ୍ରଥମତଃ ଆଜ୍‌ମା କେବଳ ଛୋଟ ପିଲାଙ୍କୁ ହୁଏ ବୋଲି ରହିଥିବା ଧାରଣା ଭୁଲ୍। ଏହା ଯେକୌଣସି ବୟସରେ ବିକଶିତ ହୋଇପାରେ। ଆଜ୍‌ମା ନିବାରକ ଇନ୍‌ହେଲରଗୁଡ଼ିକ କ୍ଷତିକାରକ କିମ୍ବା ନିଶା ସୃଷ୍ଟିକାରୀ ବୋଲି ରହିଥିବା ଧାରଣାକୁ ବିଶେଷଜ୍ଞ ଡାକ୍ତରମାନେ ଭୁଲ୍ ବୋଲି କହନ୍ତି। ଏହା ଏକ ମାନସିକ ଅବସ୍ଥା ବୋଲି ଭାବିବା ମଧ୍ୟ ଠିକ୍ ନୁହେଁ। ଏହା ଫୁସ୍‌ଫୁସ୍‌ର ଏକ ଦୀର୍ଘକାଳୀନ ପ୍ରଦାହ ରୋଗ। ଆଜ୍‌ମା ପୀଡ଼ିତମାନେ ଶାରୀରିକ କାର୍ଯ୍ୟକଳାପ କରିବା ଅନୁଚିତ ବୋଲି ରହିଥିବା ଧାରଣା ମଧ୍ୟ ଭୁଲ୍। ଆଜ୍‌ମା ପରିଚାଳନା ଯୋଜନା ଅନୁଯାୟୀ ବ୍ୟାୟାମ କରିବା ଲାଭଦାୟକ। ଫୁଟ୍‌ବଲ୍ ଖେଳାଳି ଡେଭିଡ୍ ବେକହାମ୍ ଆଜ୍‌ମା ପୀଡ଼ିତ ହୋଇ ବି କ୍ରୀଡ଼ାକ୍ଷେତ୍ରରେ ବେଶ୍ ସଫଳ ହୋଇଥିଲେ। ଆଜ୍‌ମା ସଂକ୍ରାମକ ରୋଗ ବୋଲି ଭାବିବା ଠିକ୍ ନୁହେଁ। ଏହା ବ୍ୟକ୍ତିଠାରୁ ବ୍ୟକ୍ତିକୁ ସଂକ୍ରମିତ ହୁଏନାହିଁ।

# ଉପଯୋଗୀ କମଳା ଚୋପା



କମଳା କେବଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇନଥାଏ, ଏହାର ଚୋପା ମଧ୍ୟ ଘର ସଫା ଠାରୁ ବଗିଚା ସୁରକ୍ଷା ପର୍ଯ୍ୟନ୍ତ ବିଭିନ୍ନ କାମରେ ଲାଗିପାରେ। ଗଛକୁ ପୋକଦାଉରୁ ରକ୍ଷା କରିବା ଲାଗି କମଳା ଚୋପା ଖୁବ୍ ଉପକାରୀ। ଏଥିପାଇଁ ଏକ ଗ୍ଲାସ ପାଣିରେ କମଳା ଚୋପା ଫୁଟାଇ ସେଥିରେ କେଇଟୋପା ଲେମ୍ବୁରସ ପକାଇବେ। ପାଣିର ରଙ୍ଗ ବଦଳିବା ପର୍ଯ୍ୟନ୍ତ ଫୁଟାଇବାକୁ ହେବ। ଏହାପରେ ପାଣିକୁ ଥଣ୍ଡା କରି ଏକ ବୋତଲରେ ଭର୍ତ୍ତି କରିଦେବେ। ଏହାକୁ ଗଛ ଉପରେ ସିଞ୍ଚନ କଲେ କମଳା ସୁଗନ୍ଧରେ ପୋକ ପଳାଇବେ। ଷ୍ଟିଲ୍ ବାସନ ଓ ପାଣି କଳରୁ ହଳଦିଆ ତଥା ପାଣି ଦାଗ ସଫା କରିବାରେ ବି କମଳା ଚୋପା ଭଲ କାମ ଦିଏ। ଏଥିପାଇଁ କମଳା ଚୋପାକୁ ପାଣିରେ ଭଲକରି ଫୁଟାଇ ସେଥିରେ କିଛି ବାସନମଜା ତରଳ ସାବୁନ ପକାଇ ଦିଅନ୍ତୁ। ଏହି ମିଶ୍ରଣରେ ଷ୍ଟିଲ୍ ବାସନ ଓ ନଳରେ ଲଗାଇ ଭଲଭାବେ ବ୍ରସ୍‌ରେ ଘଷି ଧୋଇଦେଲେ ଏହା ନୂଆ ପରି ଚମକି ଉଠିବ।



# ବଦଳିଗଲେଣି ସାମନ୍ଥା



ସାଉଥର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ। ସେ ତାଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ପୁଷ୍ପାର ଆଇଟମ୍ ନମ୍ବର ପରେ ସାମନ୍ଥା ଲାଇମ୍ ଲାଇଟ୍‌କୁ ଆସିଗଲେ। ହେଲେ ଏବେ ସାମନ୍ଥା ଆହୁରି ବଦଳି ଗଲେଣି। ତାଙ୍କର ଲାଟେଷ୍ଟ୍ ଲୁକ୍ ଏବେ ସାମ୍ନାକୁ ଆସିଛି। ଫଟୋ ଗୁଡ଼ିକୁ ଦେଖିଲେ ଆପଣବି ଆଶ୍ଚର୍ଯ୍ୟ ହୋଇଯିବେ। ଏବେ ସାମନ୍ଥା ରୁଥ୍ ପ୍ରଭୁଙ୍କ ନୂଆ ଫଟୋ ସାମ୍ନାକୁ ଆସିଛି। ଏହି ଲୁକ୍‌ରେ ପ୍ରଶଂସକମାନେ ତାଙ୍କୁ ଚିହ୍ନି ପାରୁନାହାଁନ୍ତି। ସାମନ୍ଥା ବହୁତ ପତଳା ଦେଖାଯାଉଛନ୍ତି। ତାଙ୍କର ପରିବର୍ତ୍ତନ ବହୁତ ଆଶ୍ଚର୍ଯ୍ୟଜନକ। ଫଟୋ ଗୁଡ଼ିକରେ, ସାମନ୍ଥାଙ୍କୁ ଏକ ବାଦାମୀ ରଙ୍ଗର ସାଇଡ୍ କଟ୍ ବଡିକନ୍ ଡ୍ରେସ୍ ପିନ୍ଧିଥିବାର ନଜର ଆସିଛନ୍ତି। ଅଭିନେତ୍ରୀ ଲାଇଟ୍ ମେକଅପ୍ ସହ ନ୍ୟୁଡ୍ ଲିପଷ୍ଟିକ୍ ଲଗାଇଛନ୍ତି। ଏହି ଲୁକ୍‌ରେ ସାମନ୍ଥାଙ୍କୁ ଚିହ୍ନିବା କଷ୍ଟକର। ତାଙ୍କ ଲୁକ୍ ଦେଖି ପ୍ରଶଂସକମାନେ ପଚାରୁଛନ୍ତି ଯେ ଏ କ'ଣ ସତରେ ସାମନ୍ଥା? ଜଣେ ଲେଖିଛନ୍ତି - ସେ ପୂର୍ବ ତୁଳନାରେ ବହୁତ ପତଳା ହୋଇଗଲେଣି। ଆଉ ଜଣେ ଲେଖିଛନ୍ତି - ସାମନ୍ଥାଙ୍କୁ ଚିହ୍ନି ହେଉ ନାହିଁ। ଏ ପୂର୍ବ ଅପେକ୍ଷା ବହୁତ ଭିନ୍ନ ଦେଖାଯାଉଛନ୍ତି।

# ଦୀପିକାଙ୍କୁ ଲିଭର କ୍ୟାନସର



ଟେଲି ଅଭିନେତ୍ରୀ ଦୀପିକା କକ୍କର। ତାଙ୍କ ପରିବାର ପାଇଁ ଏବେ ସବୁଠାରୁ କଷ୍ଟକର ସମୟ। ଅଭିନେତା ଏବଂ ୟୁଟ୍ୟୁବର ସୋଏବ ଇବ୍ରାହିମ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଏକ ଭାବପ୍ରବଣ ଭିଡିଓ ସେୟାର କରିଛନ୍ତି। ଯେଉଁଥିରେ ସେ ତାଙ୍କ ପତ୍ନୀ ଦୀପିକା ଦ୍ୱିତୀୟ ପର୍ଯ୍ୟାୟ ଯକୃତ କର୍କଟ ରୋଗରେ ପୀଡିତ ଥିବା ନେଇ ବିଷୟରେ ପ୍ରକାଶ କରିଛନ୍ତି। ଲୁହକୁ ଚାପି ରଖି ସୋଏବ ଏହାକୁ ତାଙ୍କ ଜୀବନର 'ବଡ଼ କଠିନ ପର୍ଯ୍ୟାୟ' ବୋଲି କହିଛନ୍ତି। ସେ କହିଛନ୍ତି ଯେ ତାଙ୍କର ଆଲ୍ଲାହଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି ଯେ ଦୀପିକା ଶୀଘ୍ର ସୁସ୍ଥ ହୋଇଯିବେ। ସୋଏବ ତାଙ୍କ ବ୍ଲଗରେ ଏହା ମଧ୍ୟ କହିଛନ୍ତି ଯେ ତାଙ୍କର ପେଟ ଯନ୍ତ୍ରଣା ଲିଭର ଟ୍ୟୁମର ଯୋଗୁଁ ନୁହେଁ ବରଂ ଅନ୍ୟ କୌଣସି ପ୍ରମୁଖ କାରଣ ଯୋଗୁଁ ହେଉଥିଲା। ଦୀପିକା ଇନଷ୍ଟାଗ୍ରାମରେ ପୋଷ୍ଟଟି ସେୟାର କରିବା ପରେ, ସୋଏବ ଇବ୍ରାହିମ ୟୁଟ୍ୟୁବରେ ଏକ ବ୍ଲଗ୍ ସେୟାର କରିଥିଲେ। ଯେଉଁଥିରେ ସେ କହିଥିଲେ ଯେ ଏହି ସପ୍ତାହରେ ଅପରେସନ୍ ହେବାର ଥିଲା, କିନ୍ତୁ ଦୀପିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଡାକ୍ତରମାନେ ଏହାକୁ ସ୍ଥଗିତ ରଖିଛନ୍ତି। 'ଆଲ୍ଲାଙ୍କ କୃପାରୁ, ସ୍କାନ ରିପୋର୍ଟ ସ୍ପଷ୍ଟ ହୋଇଛି'। ଭାଇରସ କିମ୍ବା ଏହାର କୋଷଗୁଡ଼ିକ ଶରୀରର ଅନ୍ୟ ଅଂଶକୁ ବ୍ୟାପି ନାହିଁ। ଯାହା ହେଉନା କାହିଁକି, ଏହା ଟ୍ୟୁମର ମଧ୍ୟରେ ସୀମିତ ଏବଂ ଅପରେସନ୍ ଦ୍ୱାରା ଟ୍ୟୁମରକୁ ବାହାର କରିବା ପରେ ଏହା ଠିକ୍ ହୋଇଯିବ। ବର୍ତ୍ତମାନ ଡାକ୍ତରମାନେ କହୁଛନ୍ତି ଯେ ସବୁକିଛି ନିୟନ୍ତ୍ରଣରେ ଅଛି। ହେଲେ ଭବିଷ୍ୟତରେ କ'ଣ ହେବ ତାହା କେବଳ ଆଲ୍ଲା ଭଲ ଭାବରେ ଜାଣନ୍ତି'। ଦୀପିକା ଭିଡିଓରେ ଆହୁରି କହିଛନ୍ତି, 'ଆମେ ଡାକ୍ତରମାନଙ୍କ ଉପରେ ସମ୍ପୂର୍ଣ୍ଣ ଭରସା କରୁଛୁ। ନିଶ୍ଚିତ ଭାବରେ, ରୋଗୀ ହୁଅନ୍ତୁ କିମ୍ବା ତାଙ୍କ ପରିବାର, ସମସ୍ତଙ୍କ ଜୀବନରେ ଏକ ଶବ୍ଦ 'କ୍ୟାନସର' ଶୁଣିବା ଭୟଙ୍କର। ଏହା ଏପରି ଏକ ରୋଗ ଯାହା ଆପଣଙ୍କୁ ମାନସିକ ଭାବରେ ଭାଙ୍ଗିଦିଏ। କିନ୍ତୁ ଆମେ ଦୃଢ଼ ଅଛୁ, ବିଶ୍ୱାସ ରଖିଛୁ ଏବଂ ଆଶା ମଧ୍ୟ କରୁଛୁ। ବ୍ଲଗରେ ଆହୁରି ମଧ୍ୟ ସୋଏବ ପ୍ରକାଶ କରିଛନ୍ତି ଯେ ଦୀପିକାଙ୍କ ପେଟ ଯନ୍ତ୍ରଣା ହେଉଥିଲା। ତା'ପରେ ଆମେ ଏକ ସିଟି ସ୍କାନ କରାଇଥିଲୁ ଏବଂ ପ୍ରଥମ ଥର ପାଇଁ ଜଣାପଡିଲା ଯେ ଏହା ଏକ ଟ୍ୟୁମର ଥିଲା। ତା'ପରେ କ୍ୟାନସର୍ ରୋଗ ଚିହ୍ନଟ ହୋଇଥିଲା। ଭଗବାନଙ୍କୁ ଧନ୍ୟବାଦ ଯେ ସେହି ଯନ୍ତ୍ରଣା ଯୋଗୁଁ, ଏହି ବଡ଼ ରୋଗ ଠିକ୍ ସମୟରେ ସ୍ପଷ୍ଟ ଭାବରେ ଜଣାପଡ଼ିଛି।







Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ରାୟଗଡ (ଭାସ୍କର ନ୍ୟୁଜ୍) : ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ବିଜୁଳି, ଘଡଘଡି ପ୍ରତି ସଚେତନ ହେବା ନିମନ୍ତେ ଏକ ପ୍ରଚାର ରଥକୁ ରାୟଗଡ ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ରାୟଗଡ ଜିଲ୍ଲାର ସମସ୍ତ ବ୍ଲକର ସମସ୍ତ ଗ୍ରାମ ପଂଚାୟତ ଓ ପୋ ?ରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବା ସହ ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଘଡଘଡି, ବିଜୁଳି ସମୟରେ କିପରି ନିଜକୁ ସୁରକ୍ଷିତ ରଖିହେବ ତାହା ଉପରେ ଲୋକଙ୍କୁ ବୁଝାଇ ପ୍ରଚାର କରିବ । ରାୟଗଡ ଜିଲ୍ଲାର ଭୌଗଳିକ ସ୍ଥିତିରେ ବାରମ୍ବାର ବଜ୍ରପାତ ଘଟୁଥିବା ସମୟରେ ଜିଲ୍ଲାର ସମସ୍ତ ଜଣ ସାଧାରଣଙ୍କୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଆଜିର ଏହି ଉଦଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର,ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଉପ ଜିଲ୍ଲାପାଳ, ରାୟଗଡ ରମେଶ କୁମାର ଜେନା, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋଜ କୁମାର ନାହାକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲାର ସମସ୍ତ ତହସିଲଦାର, ଗ୍ରନ୍ଥାଗାରିକ ଡମ୍ବରୁ ଧର ପଣ୍ଡା, ସୁଭାଷ କେର୍କେଟା, ପ୍ରମୁଖ ଉପସ୍ଥିତ ଥିଲେ ।



## 'ଟୁ ମିନିଟ ଆକ୍ସନ ଫର ଓରାଲ କ୍ୟାନସର ପ୍ରୋଟେକ୍ସନ' କ୍ୟାମ୍ପେନର ଶୁଭାରମ୍ଭ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଉତ୍କଳ ହସ୍ପିଟାଲ ପକ୍ଷରୁ ମର୍କ ସ୍ପେଶିଆଲିଟିଜ୍ ପ୍ରାଇଭେଟ ଲିମିଟେଡ ସହ ସହଭାଗିତାରେ ବିଶ୍ୱ ତମ୍ବାଖୁ ନିଷେଧ ଦିବସ ଅବସରରେ ହାସତ୍ୟାଗ ଆକ୍ଟଏଗେନ୍ଷ୍ଟ ଓରାଲ କ୍ୟାନସର ସହିତ "ଟୁ-ମିନିଟ ଆକ୍ସନ ଫର୍ ଓରାଲ କ୍ୟାନ୍ସର ପ୍ରୋଟେକ୍ସନ" କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି । ଏହି ଜାତୀୟସ୍ତରୀୟ ପ୍ରୟାସ ଲୋକମାନଙ୍କୁ ଦର୍ପଣର ବ୍ୟବହାର କରି ନିଜ ପାଟିର ଏକ ସ୍ୱ-ପରୀକ୍ଷଣ କରିବା ପାଇଁ ପ୍ରୋତ୍ସାହିତ କରି ଚିନ୍ତାଜନକ ଭାବେ ବୃଦ୍ଧି ପାଉଥିବା ମୁଖ କର୍କଟ ମାମଲାର ମୁକାବିଲା କରିବାକୁ ଲକ୍ଷ୍ୟ ରଖିଛି । ଏହି କ୍ୟାମ୍ପେନ ମାଧ୍ୟମରେ ବିଶେଷଜ୍ଞମାନେ ଲୋକମାନଙ୍କୁ ପାଟିରେ ଧଳା କିମ୍ବା ଲାଲ ଦାଗ, ଶୁଖୁ ନଥିବା ଅଲ୍ସର କିମ୍ବା ଅସ୍ୱଷ୍ଟ ରକ୍ତସ୍ରାବ, ଲଗାତାର ଫୁଲା କିମ୍ବା ସ୍ୱର ପରିବର୍ତ୍ତନ ଭଳି ଚେତାବନୀପୂର୍ଣ୍ଣ ସଙ୍କେତଗୁଡିକୁ ଯାଞ୍ଚ କରିବାକୁ ଅନୁରୋଧ କରିଛନ୍ତି । ଏହି ପଦକ୍ଷେପ ମାଧ୍ୟମରେ ହସ୍ପିଟାଲ ଯାଉଥିବା ରୋଗୀମାନେ ଏହି ସ୍ୱ-ପରୀକ୍ଷଣ କରିପାରିବେ ଯେଉଁଠାରେ ଦର୍ପଣଗୁଡିକୁ ହସ୍ପିଟାଲର ଅପେକ୍ଷା ସ୍ଥାନରେ ଚିନ୍ତାଶୀଳ ଭାବେ ସ୍ଥାପନ କରାଯାଇଛି । ଏହି କ୍ୟାମ୍ପେନର ଶୁଭାରମ୍ଭ ଅବସରରେ ରେଡିଏଶନ ଅଙ୍କୋଲୋଜି ବିଭାଗର ଡାଇରେକ୍ଟର ଓ ସିନିୟର କନ୍ସଲ୍ଟାଂଟ ଡା. ସଞ୍ଜୀବ କୁମାର ମିଶ୍ର, ମେଡିକାଲ ଅଙ୍କୋଲୋଜି ଆଣ୍ଡ ବିଏମ୍‌ଟିର କନ୍ସଲ୍ଟାଂଟ ଡା. ଚିନ୍ମୟ କୁମାର ପାଣି, ରେଡିଏଶନ ଅଙ୍କୋଲୋଜି-ଡାଇରେକ୍ଟର ଓ ସିନିୟର କନ୍ସଲଟାଂଟ ଡା. ସଞ୍ଜୟ କୁମାର ମିଶ୍ର ଏବଂ ମେଡିକାଲ ଷ୍ଟାଫମାନେ ଉପସ୍ଥିତ ଥିଲେ ।




ଉତ୍କଳ ହସ୍ପିଟାଲର ରେଡିଏଶନ ଅଙ୍କୋଲୋଜି ବିଭାଗର ନିର୍ଦ୍ଦେଶକ ଓ ସିନିୟର କନ୍ସଲ୍ଟାଣ୍ଟ ଡା. ସଞ୍ଜୀବ କୁମାର ମିଶ୍ର କହିଛନ୍ତି, 'ଦେଶରେ ମୁଖ କର୍କଟ ରୋଗ ବୃଦ୍ଧି ପାଇବା ସହିତ ଶୀଘ୍ର ରୋଗ ନିର୍ଣ୍ଣୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଓରାଲ ଭିଜୁଆଲ ଇନ୍ସପେକ୍ସନ (ଓଭିଆଇ), ମୁଖର ସ୍ୱ-ପରୀକ୍ଷଣ, ବାୟୋପ୍ସି ଓ ହିଷ୍ଟୋ-ପାଥୋଲୋଜିକାଲ ପରୀକ୍ଷା ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟକୁ ସକ୍ଷମ କରିଥାଏ, ଯାହାଫଳରେ ସଠିକ ସମୟରେ ଚିକିତ୍ସା କରାଯାଇପାରିଥାଏ । ଚିକିତ୍ସା ପ୍ରକ୍ରିୟାରେ ପ୍ରାରମ୍ଭିକ ପାଲିଏଟିଭ କେୟାରକୁ ଅନ୍ତର୍ଭୁକ୍ତ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ରୋଗୀଙ୍କ ଜୀବନର ମାନକୁ ଉନ୍ନତ କରିବା ପାଇଁ ମୁଖ କର୍କଟ ରୋଗ ପାଇଁ ପାଲିଏଟିଭ କେୟାରରେ ପେନ୍ ମ୍ୟାନେଜମେଣ୍ଟ, ନ୍ୟୁଟ୍ରିସ୍ନାଲ ସପୋର୍ଟ, ଇମୋସ୍ନାଲ କାଉନ୍ସଲିଙ୍ଗ ଏବଂ କଥା କହିବା ଓ ଢୋକିବାରେ ସହଯୋଗ ଆଦି ସାମିଲ ରହିଛି । ପ୍ରାରମ୍ଭିକ ପାଲିଏଟିଭ କେୟାର କେବଳ ଯନ୍ତ୍ରଣା ଦୂର କରିନିଏ ବରଂ ରୋଗୀଙ୍କ ଜୀବନର ସାମଗ୍ରିକ ମାନକୁ ଉନ୍ନତ କରିଥାଏ, ଯାହା ରୋଗ ଦୂର କରିବା ଯାତ୍ରାରେ ସୂଚିତ ନିଷ୍ପତି ନେବାରେ ସାହାଯ୍ୟ କରିଥାଏ । ରୋଗୀ ଓ ସେମାନଙ୍କ ପରିବାରଗୁଡିକ ପାଇଁ ସାମଗ୍ରିକ ସହଯୋଗ ସୁନିଶ୍ଚିତ କରିବା ପାଇଁ ପାଲିଏଟିଭ ସେବାଗୁଡିକର ସଚେତନତା ଓ ସୁଗମତା ରହିଥିବା ଉଚିତ ।' ଏସମ୍ପର୍କରେ ଉତ୍କଳ ହସ୍ପିଟାଲର ମେଡିକାଲ ଅଙ୍କୋଲୋଜି ବିଭାଗର କନ୍ସଲ୍ଟାଂଟ ଡା. ଚିନ୍ମୟ କୁମାର ପାଣି କହିଛନ୍ତି, 'ଏହି କ୍ୟାମ୍ପେନ ଲୋକମାନଙ୍କୁ ପ୍ରତି ମାସରେ ଦୁଇ ମିନିଟର ଏକ ସରଳ ସ୍ୱ-ପରୀକ୍ଷା କରାଇବାକୁ ପ୍ରୋତ୍ସାହିତ କରୁଛି କାରଣ ଶୀଘ୍ର ଚିହ୍ନଟ ହେଉଛି ସର୍ବୋତମ ପ୍ରତିରୋଧ । ଦର୍ପଣରେ ସମଗ୍ର ପାଟିରେ ଧଳା କିମ୍ବା ଲାଲ ଦାଗ, ଦୁଇ ସପ୍ତାହ ହେବ ଶୁଖି ନଥିବା ଅଲ୍ସର ବା ଘା', ଅସାଧାରଣ ରକ୍ତସ୍ରାବ କିମ୍ବା ଢିଲା ଦାନ୍ତର ଯାଞ୍ଚ କରନ୍ତୁ । ମାଢି କିମ୍ବା ବେକରେ ଫୁଲା କିମ୍ବା ଲମ୍ପ, କର୍କଷତା କିମ୍ବା ସ୍ୱର ପରିବର୍ତ୍ତନ, କାନରେ କିମ୍ବା ଢୋକିବା ସମୟରେ ଲଗାତାର ଯନ୍ତ୍ରଣା ହେବା ଭଳି ପରିବର୍ତ୍ତନଗୁଡିକୁ ଅନୁଭବ କରନ୍ତୁ । ଯଦି ଆପଣ କୌଣସି ସଙ୍କେତ ଦେଖିବାକୁ ପାଆନ୍ତି, ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ବିଳମ୍ବ କରନ୍ତୁ ନାହିଁ । ସେଗୁଡିକୁ ଚିହ୍ନଟ କରିବା ପାଇଁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ କାରଣ ଶୀଘ୍ର ଯାଞ୍ଚ ଚିକିତ୍ସାର ସର୍ବୋତ୍ତମ ସୁଯୋଗ ସହ ସମାନ ହୋଇଥାଏ ।'

ସେହିପରି ଉତ୍କଳ ହସ୍ପିଟାଲର ରେଡିଏଶନ ଅଙ୍କୋଲୋଜି ବିଭାଗର ନିର୍ଦ୍ଦେଶକ ଓ ସିନିୟର କନ୍ସଲ୍ଟାଣ୍ଟ ଡା. ସଞ୍ଜୟ କୁମାର ମିଶ୍ର କହିଛନ୍ତି, 'ଚାରିପାର୍ଶ୍ୱର ସୁସ୍ଥ ଟିସ୍ୟୁଗୁଡିକୁ ସଂରକ୍ଷିତ ରଖିବା ସହ ଟ୍ୟୁମରଗୁଡିକୁ ସଠିକ ଭାବେ ଟାର୍ଗେଟ କରି ମୁଣ୍ଡ ଓ ବେକ କର୍କଟ ରୋଗର ଚିକିତ୍ସା କ୍ଷେତ୍ରରେ ରେଡିଏଶନ ଥେରାପି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସଠିକ ରେଡିଏଶନ ଚିକିତ୍ସା ସହିତ ପ୍ରାରମ୍ଭିକ ପର୍ଯ୍ୟାୟ ରୋଗ ଚିହ୍ନଟ ଫଳାଫଳକୁ ବହୁମାତ୍ରାରେ ଉନ୍ନତ କରିଥାଏ । ଆମେ ଅତ୍ୟାଧୁନିକ, ରୋଗୀ-କୈନ୍ଦ୍ରିକ କ୍ୟାନ୍ସର ଚିକିତ୍ସା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ ।'

## ଡକାୟତି ମାମଲାରେ ୨ ଗିରଫ, ଜଣେ ଫେରାର



ବାଲିମେଲା (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଲା ସହରର ଚିତାପାରୀ ବ୍ରିଜ ନିକଟସ୍ଥ ଏକ ହାର୍ଡୱେର ଦୋକାନ କୁ ଆସିଥିବା ସିମେଣ୍ଟ ବୋଝେଇ ଟ୍ରକରୁ ଗତ ୬ ଦିନ ତଳେ ଡକାୟତି ହୋଇଥିବା ବେଳେ ଏନେଇ ଥାନାରେ କେସ ନଂ ୧୫୧/୨୫ ରେ ମାମଲା ରୁଜୁ ହୋଇଥିଲା । ପରେ ଘଟଣା ର ସମ୍ପୂର୍ଣ୍ଣ ତଦନ୍ତ ଓରକେଲ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ମାନଙ୍କୁ ନେଇ ପଚରାଉଚରା ଜାରି ରଖିଥିଲା । ତେବେ ଆଜି ଏହି ମାମଲାରେ ସମ୍ପୃକ୍ତ ଥିବା ୩ ଜଣ ଅଭିଯୁକ୍ତ କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ନିକଟରୁ ବ୍ୟବହୃତ ଫଟା ମଦ ବୋତଲ ଏବଂ ଚୋରି କରିଥିବା ମୋବାଇଲ ଜବତ କରିଛି । ୩ ଜଣ ଅଭିଯୁକ୍ତ ସ୍ଥାନୀୟ ବାଲିମେଲା ସହରର ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛି । ଅନ୍ୟ ୨ ଅଭିଯୁକ୍ତ ନାମ ସନ୍ତୋଷ ନାଗ(୧୯), ମେଡିକାଲ ସାହି ଏବଂ ଜଗନ୍ନାଥ ବାଜିଙ୍ଗ(୨୦), ଥାନା ସାହିର ବୋଲି ପୋଲିସ ସୂଚନା ଦେଇଛି । ତେବେ ଗତ ଗୁରୁବାର ବିଳମ୍ବିତ ରାତ୍ରରେ ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଜିଲ୍ଲା ଜାଗେୟାପେଦା ଅଞ୍ଚଳରୁ ଏକ ସିମେଣ୍ଟ ବୋଝେଇ ଟ୍ରକ ବାଲିମେଲା ସହରକୁ ଲୋଡ଼ ନେଇ ଆସିଥିବା ବେଳେ ରାତ୍ର ହେବାରୁ କେହି ଲେବର ନ ଆସିବାରୁ ସହରକୁ ଲାଗି ରହିଥିବା ଚିତାପାରୀ ବ୍ରିଜ ନିକଟରେ ଗାଡିଟି ରଖି ଡ୍ରାଇଭର ଜଣକ ଶୋଇଥିଲା । ସେହି ସମୟରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ନିଜକୁ ଶୋଷ ଲାଗୁଥିବା କହି ଡ୍ରାଇଭର ଜଣକୁ ଉଠାଇ ପାଣି ମାଗିଥିଲେ । ଡ୍ରାଇଭର ଜଣକ ପାଣି ଆଣି ଦେବା ସମୟରେ ପଛପଟୁ ଜଣେ ଯୁବକ ମଦ ବୋତଲ ଫଟାଇ ଡ୍ରାଇଭର ଜଣଙ୍କ ବେକରେ ନେଇ ରଖିଥିଲା । ଏହାପରେ ଅନ୍ୟ ୩ ଯୁବକ ତାକୁ ଚାରି ପଟୁ ଘେରି ତାକୁ ମାରିବା ସହ ତା ନିକଟରୁ ନଗଦ ୧୯ ହଜାର ୫୦୦ ଟଙ୍କା ଏବଂ ମୋବାଇଲ ଚୋରି ନେଇଥିଲେ । ପରେ ଡ୍ରାଇଭର ଜଣକ ଓରକେଲ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିବା ପରେ ଆଜି ସମସ୍ତ ଚୋରଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି । ଫେରାର ଅଭିଯୁକ୍ତ ଟିର ନାମ ବବଲୁ ପାଙ୍ଗି ହୋଇଥିବା ବେଳେ ତା ଘର ସ୍ଥାନୀୟ ପମ୍ପ ଲାଇନ ଏବଂ ତାକୁ ପୋଲିସ ବହୁତ ଜଲ୍‌ଦି ଗିରଫ କରିବ ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ଅଜିତ ସିଂ ବରିହା ସୂଚନା ଦେଇଛନ୍ତି ।

## ଭୁଶୁଡ଼ିଲା ରଜାଙ୍ଗ ମାଇନରର ପାଚେରୀ

ଡେରାବିଶ (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା କେନାଲର ୧୩ ନଂ ଶାଖା ନାଳରୁ ବାହାରିଥିବା ରଜାଙ୍ଗ ମାଇନର କେନାଲ ବନ୍ଧର ଦାନପୁର ଗ୍ରମସ୍ଥିତ ନଣ୍ଡାମହାଦେବଙ୍କ ନିକଟରେ ଗାର୍ଡ଼ ୱାଲ ଭୁସୁଡ଼ି ପଡ଼ିଛି । ଯାହା ଫଳରେ ଅସନ୍ତା ଖରିଫ୍ ଋତୁରେ ଚାଷଜମିକୁ ପାଣି ଯିବା ନେଇ ଆଶଙ୍କା ଉପୁଜିଛି । ସୂଚନାରୁ ପ୍ରକାଶ ଏହି ରଜାଙ୍ଗ ମାଇନର ୧୩ ନଂ କେନାଲର ଦାନପୁର ଠାରୁ ବାହାରି ଦୋହଳି, ରଜାଙ୍ଗ ବାଟଦେଇ କେଶରପୁର ସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଯାଇ ଯାଇଛି । ଏହି ନାଳ ଉପରେ ଉପରୋକ୍ତ ଗ୍ରାମ ଗୁଡ଼ିକର ଚାଷୀମାନେ ସେମାନଙ୍କର ଚାଷଜମିକୁ ଜଳସେଚିତ କରିବା ପାଇଁ ବ୍ୟବହାର କରିଥାନ୍ତି । ତେବେ ସ୍ଥାନୀୟ ଲୋକଙ୍କ ମତ ଅନୁଯାୟୀ ନାଳର ପାଚେରୀ ଭାଙ୍ଗିଥିବା ସ୍ଥାନ ଦେଇ ଗ୍ରାମର କିଛି ବ୍ୟକ୍ତି ତାଙ୍କର ଘର ନିର୍ମାଣ ସାମଗ୍ରୀ ଭାରୀ ମାଲବାହୀ ଯାନରେ ପରିବହନ କରିବାରୁ ବହୁ ପୂର୍ବରୁ ନିର୍ମିତ ଏହି ପାଚେରୀ ଭାସୁଡ଼ି ପଡ଼ିଛି । ତୁରନ୍ତ ଖରିଫ୍ ପାଣି ଆସିବା ପୂର୍ବରୁ ଏହି ନାଳର ଗାର୍ଡ଼ ୱାଲ ନିର୍ମାଣ କରିବା ପାଇଁ ଅଂଚଳର ଚାଷୀମାନେ ଦାବି କରିଛନ୍ତି ।

## ବ୍ୟବସାୟୀଙ୍କ ବେପାର ହେଉଛି ମାନ୍ଦା
## ବର୍ଷା ପାଣିରେ ଲହଡି ଭାଙ୍ଗୁଛି ଖାଙ୍କି ହାଟପିଣ୍ଡି ସାମ୍ନା

ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନରେ ଥିବା ଖାଙ୍କିହାଟପିଣ୍ଡି ସାମ୍ନା ବର୍ଷା ପାଣିରେ ଲହଡି ଭାଙ୍ଗିବା ସହିତ କୃତ୍ରିମ ପୋଖରୀ ପାଲଟିଛି । ଯାହାଫଳରେ ଗ୍ରାହକମାନେ ହାଟ ପିଣ୍ଡିକୁ ସଉଦାପତ୍ର ଓ ପନିପରିବା କିଣିବାକୁ ଯାଇପାରୁ ନାହାଁନ୍ତି । ଯେଉଁଥିପାଇଁ ବ୍ୟବସାୟ ମାନ୍ଦା ହୋଇଛି । ଏବେତ ଲଘୁଚାପଜନିତ ବର୍ଷାରେ ଏମିତି ପରିସ୍ଥିତି ଦେଖାଦେଲାଣି । ଆଗକୁ ମୌସୁମୀ ବର୍ଷାରେ ସମସ୍ୟା ଆହୁରି ଜଟିଳ ହେବ ବୋଲି ବ୍ୟବସାୟୀ ଓ ଗ୍ରାହକମାନେ କୁହାକୁହି ହେଉଛନ୍ତି । ତିହିଡି ବଜାରର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ଥିବା ବିଭିନ୍ନ ଉଠା ବ୍ୟବସାୟୀ ମାନଙ୍କୁ କିଛିମାସ ତଳେ ଉଚ୍ଛେଦ କରାଯାଇ ଥିଲା । ସେହି ବ୍ୟବସୟୀମାନଙ୍କ ମଧ୍ୟରୁ ଅନେକ ବ୍ୟବସାୟୀଙ୍କୁ ହାଟପିଣ୍ଡିରେ ଥଇଥାନ କରାଯାଇଛି । ବ୍ୟବସାୟୀମାନେ ମଧ୍ୟ ନିଜ ନିଜ ବ୍ୟବସାୟ ଚଳେଇଛନ୍ତି । ମାତ୍ର ବଜାରର ଦକ୍ଷିଣ ପାର୍ଶ୍ୱରେ ଅର୍ଥାତ ହାଟପିଣ୍ଡି ସମ୍ମୁଖରେଥିବା ବ୍ୟବସାୟୀ ମାନଙ୍କୁ ଉଚ୍ଛେଦ କରାଯିବାପରେ ହାଟପିଣ୍ଡି ସାମ୍ନା ଖାଲ ଓ ଅସମତଳ ହୋଇଯାଇଛି । ଗ୍ରାହକମାନେ ଖରାଦିନରେ ଯେହ୍ନେ କେହ୍ନେ ହାଟ ପିଣ୍ଡିକୁଯାଇ ପରିବା ଓ ସଉଦାପତ୍ର କିଣୁଥିଲେ । ଏବେ ବର୍ଷା ହେବାରୁ ଗ୍ରାହକ ହାଟପିଣ୍ଡିକୁ ସମ୍ନାପଟେ ଯିବା ଆଦୌ



ସମ୍ଭବ ହେଉନାହିଁ । ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ୨ଶହରୁ ଉର୍ଦ୍ଧ୍ୱ ବ୍ୟବସାୟୀଙ୍କ ସହଚୁକ୍ତି କରି ସେମାନଙ୍କୁ ହାଟପିଣ୍ଡିରେ ବ୍ୟବସାୟ କରିବାକୁ ଦେଇଛି । ବ୍ୟବସାୟୀମାନଙ୍କ ଠାରୁ ମଧ୍ୟ ନିୟନ୍ତ୍ରିତ ବଜାର କମିଟି ମାସିକ ଓ ସାପ୍ତାହିକ ଦେୟ ଆଦାୟକରି ନେଉଛି । ବ୍ୟବସାୟୀ ମାନଙ୍କର ବ୍ୟବସାୟ ବର୍ଷାଦିନରେ ମାନ୍ଦାରହେ ତାହାଲେ ସେମାନଙ୍କୁ ଦେୟ ଦେବା କଷ୍ଟକର ହୋଇପଡିବ । ବର୍ଷାଦିନରେ ଗ୍ରାହକ ମାନେ ବଜାର କରିବାକୁ ଯିବାପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେବେ । ମୌସୁମୀ ବର୍ଷା ପୂର୍ବରୁ ହାଟପିଣ୍ଡି ସାମ୍ନା ନିର୍ମାଣ କରାନଗଲେ ବ୍ୟବସାୟୀ ଓ ଗ୍ରାହକ ହଇରାଣ ହେବେ । ତେବେ ହାଟପିଣ୍ଡି ସମ୍ନା ତୁରନ୍ତ ନିର୍ମାଣ କରାଯିବାକୁ ବ୍ୟବସାୟୀ ଓ ଗ୍ରାହକମାନେ ଦାବି କରିଛନ୍ତି । ଏନେଇ ବ୍ୟବସାୟୀ ରାଜୀବ କୁମାର ନାୟକ, ବିଶ୍ୱଜିତ ବେହେରା,ରବୀନ୍ଦ୍ର ଦାସ, ନନ୍ଦକିଶୋର ପାଣିଗ୍ରାହୀ, ତୁଷାର ସ୍ୱାଇଁ, କମଳାକାନ୍ତ ଲେଙ୍କା, ତ୍ରିଲୋଚନ ବାରିକ, ସୁଧୀର ପାଣିଗ୍ରାହୀ, ଖୀରସିନ୍ଧୁ ପୃଷ୍ଟି, ସୀତାକାନ୍ତ ମହାରାଜ, କୃଷ୍ଣ ମୋହନ ପୃଷ୍ଟି, କାଳନ୍ଦୀ ଦଳେଇ, ବିଜୟ ବେହେରା କହନ୍ତି ପିଣ୍ଡି ସମ୍ନାନାରେ ବର୍ଷା ପାଣି ଜମିରହି ପୋଖରୀ ସଦୃଶ ହୋଇଯାଉଛି । ଯାହାଫଳରେ ଗ୍ରାହକ ମାନେ ଜିନିଷ କିଣିବାକୁ ବିମୁଖ ହେଉଛନ୍ତି । ସେଥିପାଇଁ ଆମ ବ୍ୟବସାୟୀ ମାନଙ୍କର ବ୍ୟବସାୟରେ ବାଧାସୃଷ୍ଟି ହେଉଛି । ଯେତିକି ବିକ୍ରିହେବା କଥା ହେଉନାହିଁ । ଫଳରେ ରୋଜଗାର କମିଯିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଇ ପଡୁଛି । ତୁରନ୍ତ ସମସ୍ୟାର ସମାଧାନ କରାଗଲେ ଆମେ ଉପକୃତ ହେବୁ । ଗ୍ରାହକ ଶୁଭେନ୍ଦୁ ଦାସ, ନିଳାମ୍ବର ସେଠୀ, ସୁଶାନ୍ତ ପଣ୍ଡା, ଦିଗମ୍ବର ରାଉଳ, ସୁନୀଲ ମହାଳିକ କହନ୍ତି ହାଟ ପିଣ୍ଡି ସମ୍ମୁଖରେ ବର୍ଷାପାଣି ଲହଡ଼ି ଖେଳୁ ଥିବାରୁ ଆମେ ଗ୍ରାହକ ମାନେ ଜିନିଷପତ୍ର କିଣିବାକୁ ପିଣ୍ଡି ପାଖକୁ ଯିବାକୁ ଆଗ୍ରହ ପ୍ରକାଶ କରୁନାହୁଁ । ସଉଦାପତ୍ର କିଣିବାରେ ଆବଶ୍ୟକତା ଥିଲେମଧ୍ୟ ପାଣି କାଦୁଅରେ ପିଣ୍ଡି ପାଖକୁ ଯିବାକୁ ଇଛା ହେଉନାହିଁ । ଅନ୍ୟଆଡୁ ଜିନିଷପତ୍ର କିଣିନେଇ ଆବଶ୍ୟକତା ମେଣ୍ଟାଉଛୁ । ପିଣ୍ଡିପାଖକୁ ଯିବାପାଇଁ ସୁବ୍ୟବସ୍ଥା କରାଗଲେ ସମସ୍ତ ଗ୍ରାହକ ପିଣ୍ଡିପାଖକୁଯାଇ ଜିନିଷପତ୍ର କିଣିପାରିବେ । ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା କହନ୍ତି ସମସ୍ୟା ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ଜାଣିବାପରେ ସେ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁସାରେ ପଦକ୍ଷେପ ନିଆଯିବ ।

## ଚିନ୍ତା ବଢ଼ାଉଛି ଅପମିଶ୍ରିତ ଖାଦ୍ୟ ସାମଗ୍ରୀ
## ଚିର ନିଦ୍ରାରେ ଖାଦ୍ୟ ଓ ଯୋଗାଣ ବିଭାଗ

ବୋଲଗଡ (ଭାସ୍କର ନ୍ୟୁଜ୍) : ଶରୀର ସୁସ୍ଥ ଓ ନିରୋଗ ରହିବା ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ରହିଛି ।ଦିନକୁ ଦିନ ବଜାରରେ ବିଭିନ୍ନ ଖାଦ୍ୟ ସାମଗ୍ରୀର ଅପମିଶ୍ରଣ ଫଳରେ ଶରୀର ପକ୍ଷେ ଖାଦ୍ୟ ସାମଗ୍ରୀର ମାନ କମିବା ଯୋଗୁଁ ବିଭିନ୍ନ ପ୍ରକାର ର ରୋଗ ଯଥା - ମଧୁମେହ( ଡାଇବେଟିସ ),ଉଚ୍ଚ ରକ୍ତଚାପ ଭଳି ଗୁରୁତର ରୋଗ ସଂଖ୍ୟା ଦୃତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟ ରେ ବିଭିନ୍ନ ସ୍ଥାନରୁ ଅପ୍ରମିଶ୍ରିତ କେମିକାଲ ଦ୍ୱାରା ଟମାଟ ସସ, ଅମୁଲ, ପନିର, ଖା ଇ ବା ତେଲ ଭଳି ସାମଗ୍ରୀ ପ୍ରସ୍ତୁତ କର୍ତା ଧାରା ପଡି ଅଛନ୍ତି । ସରକାର ତାଙ୍କ ଉପରେ ଦୃଢ଼ ଆଇନ ଗତ କାର୍ଯ୍ୟାନୁଷ୍ଠାନ କରୁଅଛନ୍ତି । ଅର୍ଥ ଲୋଭରେ ଦିନକୁ ଦିନ ଖାଦ୍ୟ ସାମଗ୍ରୀରେ ପ୍ରଚୁର ଅପମିଶ୍ରଣ ଚିନ୍ତା ବଢ଼ାଉଛି । ବୋଲଗଡ଼ ବ୍ଲକ ଅଞ୍ଚଳରେ ଖୋଲା ବଜାରରେ ନିତ୍ୟ ବ୍ୟବହାର ଭଳି ସାମଗ୍ରୀ ଯଥା - ଚାଉଳ ,ଡାଲି, ମଇଦା , ଅଟା ,ତେଲ ବେସନ ଆଦି ସାମଗ୍ରୀରେ ଅପମିଶ୍ରଣ ଘଟିବା ଫଳରେ ଖାଦ୍ୟ ଉପଯୁକ୍ତ ସ୍ୱାଦ ହିନ ହେବା ସହିତ ଖାଦ୍ୟ ସାମଗ୍ରୀର ମାନ ନେଇ ଲୋକ ମାନେ ମତ ପ୍ରକାଶ କରିଅଛନ୍ତି ।ଏହି ଖାଦ୍ୟ ସାମଗ୍ରୀ ରେ ଅପମିଶ୍ରଣ କରୁଥିବା ଲୋକ ମାନେ ବ୍ୟାପକ ଅର୍ଥ ରାଶି ଲାଭ ଉଠାଇବାରେ ସଫଳ ହୋଇଅଛନ୍ତି । ଏଥି ପ୍ରତି ଖୋର୍ଦ୍ଧା ଜିଲ୍ଲାପାଳ ଓ ଜିଲ୍ଲା ଖାଦ୍ୟ ଓ ଯୋଗାଣ ଅଧିକାରୀ ସ୍ୱତନ୍ତ୍ର କମିଟି ମାଧ୍ୟମରେ ଖାଦ୍ୟ ସାମଗ୍ରୀ ର ଯାଞ୍ଚ କରି ଅପମିଶ୍ରଣ ପ୍ରସ୍ତୁତ କର୍ତା ଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୋଲଗଡ ବ୍ଲକ ଅଞ୍ଚଳର ଜନ ସାଧରଣ ମାନେ ଅନୁରୋଧ କରିଅଛନ୍ତି ।

## ଅସ୍ତରଙ୍ଗରେ ସଶକ୍ତ ଓ ସୁଦୃଢ଼ ହେଉଛି ବିଜେପି

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ ସଶକ୍ତ ହେଉଛି ବିଜେପି । ଏହି ମିଶ୍ରଣ ପର୍ବରେ ପଦ୍ମ ଧରିଲେ ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ରେ ସାମିଲ ହୋଇଛନ୍ତି । ଅସ୍ତରଙ୍ଗ ବ୍ଲକର କୋରଣା ପଂଚାୟତର ବିଭିନ୍ନ ଦଳର କର୍ମୀ ମାନେ ।ବୁଧବାର ଦିନ ରାମଚଣ୍ଡୀ ନିକଟରେ ରେ ଆୟୋଜିତ ସମ୍ବର୍ଦ୍ଧନା ସଭା ସହ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ରେ ଯୁବ ନେତା ତଥା ଅସ୍ତରଙ୍ଗ ରାଜିନୀତି ଚାଣକ୍ୟ, ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ ଓ ଅସ୍ତରଙ୍ଗ ମଣ୍ଡଳ ୧ର ସଭାପତି ଇନ୍ଦ୍ରମଣି ଜେନା ଙ୍କ ନେତୃତ୍ୱ ରେ ଅସ୍ତରଙ୍ଗ ବିଜେପି ର ଶତାଧିକ କର୍ମୀ ଙ୍କ ଉପସ୍ଥିତ ରେ ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ ଙ୍କୁ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା କରାଯାଇଥିଲା । ପରେ ମିଶ୍ରଣ ପର୍ବ ରେ ଉପସ୍ଥିତ କାର୍ଯ୍ୟକ୍ରମ ରେ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଅସ୍ତରଙ୍ଗ ମଣ୍ଡଳ ୧ର ସଭାପତି ଇନ୍ଦ୍ରମଣି ଜେନା, ଅଧିକାରୀ ବେହେରା ଙ୍କ ସହ ପୂର୍ବରୁ ଥିବା ମଣ୍ଡଳ ସଭାପତି ଙ୍କ ଉପସ୍ଥିତ ରେ ନୂତନ ଭାବେ ମନୋନୀତ ହୋଇଥିବା ଅସ୍ତରଙ୍ଗ ବ୍ଲକ ସାଂସଦ ଙ୍କ ପ୍ରତିନିଧି ଦିବାକର ଛାଟୋଇ ଙ୍କୁ ପୁଷ୍ପମାଲ୍ୟ ସହ ଉପଢ଼ୌକନ ପ୍ରଦାନ କରାଯାଇଥିଲା । ଦଳ ଦୃଢ଼ ସଂଗଠକ ନେତୃତ୍ୱ କାନ୍ଧରେ ସଂଗଠନର ଭାର ଦେବା ଉପରେ ଗୁରୁତ୍ୱ ଦେଇଥିବା ବେଳେ ଅସ୍ତରଙ୍ଗ ମଣ୍ଡଳ ନୂତନ ସଭାପତି ଇନ୍ଦ୍ରମଣି ଜେନା ଙ୍କ ପରିଚାଳିତ ରେ ଅସ୍ତରଙ୍ଗ ରେ ବିଜେପି ଆଗାମୀ ଦିନରେ ରଣନୀତି ପ୍ରସ୍ତୁତ କରିବା ପାଇଁ ସଂକେତ ଦେଇଛନ୍ତି । ସଂଗଠନର ବିଭିନ୍ନ ପଦ ପଦବୀରେ ପୂର୍ବରୁ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଥିବା ଇନ୍ଦ୍ରମଣି ଜେନା ଓ ଦିବାକର ଛାଟୋଇ ଙ୍କ ତତ୍ତ୍ୱାବଧାନ ରେ ଆଗାମୀ ଦିନରେ ବିଜେପି ସଶକ୍ତ ହେବ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ ।ଏହି ମିଶ୍ରଣ କାର୍ଯ୍ୟକ୍ରମ ରେ କୋରଣା ପଂଚାୟତ ର ୬୦ପରିବାର ବିଭିନ୍ନ ଦଳ ପରିତ୍ୟାଗ କରି ଶତାଧିକ ଲୋକ ବିଜେପି ରେ ମିଶିଥିଲେ । ଉପସ୍ଥିତ ଅତିଥି ଦଳୀୟ ଉତ୍ତରୀୟ ପକାଇ ଦଳରେ ସାମିଲ କରିଥିଲେ । ଯାହାକି ଏହି ମିଶ୍ରଣ ଦ୍ୱାରା ବିଜେପି ସଶକ୍ତ ଓ ସୁଦୃଢ଼ ହୋଇଛି ।

## ଜିଲ୍ଲା ଅଭିଯୋଜକଙ୍କ ଦାୟିତ୍ୱ ଗ୍ରହଣ

କନ୍ଧମାଳ (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଗୃହ ବିଭାଗ ର ବିଜ୍ଞପ୍ତି ଅନୁଯାୟୀ ଆଜି କନ୍ଧମାଳ ଜିଲ୍ଲାର ଅଭିଯୋଜକ ପୂର୍ଣ୍ଣ ଚନ୍ଦ୍ର ନାଗ୍ ଆଜି ସ୍ୱତନ୍ତ୍ର ଅଭିଯୋଜକ ସୌମେନ୍ଦ୍ର ସାହୁଙ୍କ ଠାରୁ ଦାୟୀତ୍ୱ ଗ୍ରହଣ କରିଛନ୍ତି । ସୂଚନା ଯୋଗ୍ୟ ଗତ ୨୧.୦୫.୨୦୨୫ ତାରିଖରେ ରାଜ୍ୟରେ କାର୍ଯ୍ୟରତ ୨୨ ଜଣ ଅତିରିକ୍ତ ଅଭିଯୋଜକଙ୍କୁ ରାଜ୍ୟ ସରକାର ପବ୍ଲିକ ପ୍ରୋସିକ୍ୟୁଟର୍ ଭାବେ ପଦୋନ୍ନତି ଦେଇଛନ୍ତି । ଝକ୍ତ୍ରକ୍ଷ କ୍ତ୍ରକ୍ତ ଶ୍ରୀ ସୌମେନ୍ଦ୍ର ସାହୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ଓ ଅତିରିକ୍ତ ଅଭିଯୋଜକ ଶ୍ରୀ ଶିବ ତ୍ରିପାଠୀ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରତାପ ପାତ୍ର, ଅସିମ୍ ପ୍ରହରାଜ, ବିଜୟ ପଟ୍ଟନାୟକ, ବନମାଳୀ ବେହେରା , ସୁଶାନ୍ତ ମହାନ୍ତି,କମଳ ବେହେରା, ବିରୁପାକ୍ଷ ପଣ୍ଡା, ପଙ୍କଜ ବେହେରା,ପ୍ରତାପ ବେହେରା ଉଗ୍ରସେନ ନାୟକ , କ୍ୟାଡ଼ର ଏପିପି ଦିପାଞ୍ଜଳି ମହାପାତ୍ର ଓ କ୍ୟାଡ଼ର ଏପିପି ଦୀପକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଘଡଚଝ କେଶ୍ ରେ ଦଣ୍ଡ ହାର ବଢ଼ାଇବା ଓ ଦୋଷୀ କୁ କଠୋର ଦଣ୍ଡ ଦେବା ନିମନ୍ତେ କାର୍ଯ୍ୟ କରିବେ ବୋଲି ଶ୍ରୀ ନାଗ୍ କହିଛନ୍ତି ।

## ଜାତୀୟ ରାଜପଥ-୨୦ର ବସ୍‌ଷ୍ଟପ୍ ନିର୍ମାଣ ଧର୍ମକୁ ଆଖିଠାର




କେନ୍ଦୁଝର(ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାର ସଡକ ଓ ପରିବହନ ବିଭାଗ ଅଧିନରେ ଥିବା ଏନ୍‌ଏଚ୍‌ଏଆଇର ମନମୁଖୀ କାମ ସାଧାରଣ ଯାତ୍ରୀଙ୍କୁ ଅସୁବିଧାରେ ପକାଉଛି । ଜନସାଧାରଣଙ୍କ ସମସ୍ୟାକୁ ଉପେକ୍ଷା କରି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପାଣି କୋଇଲି ଠାରୁ ରିମୁଳି ପର୍ଯ୍ୟନ୍ତ ୨୦ ନମ୍ବର ରାଜପଥ ନିର୍ମାଣ କରିଛନ୍ତି । ତେଣୁ ଲୋକଙ୍କର ଅନେକ ସମସ୍ୟାର ସମାଧାନ କରି ପାରିନାହାଁନ୍ତି । ବିଶେଷ କରି ରାସ୍ତା ସାରା କେଉଁଠାରେ ମଧ୍ୟ ଯାତ୍ରୀଙ୍କର ସୁବିଧାକୁ ଧ୍ୟାନ ଦିଆଯାଇଥିବା ଭଳି ମନେ କରାଯାଉନାହିଁ । କେବଳ ମାତ୍ର ଧର୍ମକୁ ଆଖିଠାର ଭଳି କାମ କରାଯାଇ ହସନପୁର, ଖଣ୍ଡଘର,ବନାଯୋଡି ପ୍ରଭୃତି ସ୍ଥାନରେ ଗେଟ କରି ଟୋଲ ଆଦାୟ ଚାଲିଛି । ପାଣିକୋଇଲି ଠାରୁ ରିମୁଳି ପର୍ଯ୍ୟନ୍ତ ରାଜପଥ କଡରେ ଯାତ୍ରୀ ସୁବିଧା ନିମନ୍ତେ ଭଲ ବସଷ୍ଟପ ଗୋଟିଏ ଲେଖାଁଏ ହୋଇପାରିଲା ନାହିଁ । ରାସ୍ତା କାମ ହେବାର ୭/୮ ବର୍ଷ ବିତିଗଲାଣି । ବସଷ୍ଟପ ଫ୍ରେମ ଗୋଟିଏ ଲେଖାଁଏ ଥୋଇ କାମ ଚଳାଉଥିଲେ । ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଏଇ କିଛିଦିନ ପୂର୍ବରୁ ରାସ୍ତାର ଅନେକ ସ୍ଥାନରେ ଥିବା ପରିତ୍ୟକ୍ତ ଫ୍ରେମ ଗୁଡିକ ଉପରେ ଛାଉଣି ହୋଇଛି ଏବଂ ବସଷ୍ଟପ ବୋଲି ଲେଖାଯାଇଛି । କିନ୍ତୁ ସେଗୁଡିକ ତିଆରି ହେବା ସମୟରେ ଯାତ୍ରୀ ମାନଙ୍କର ସମସ୍ୟା ପ୍ରତି ଧ୍ୟାନ ନଦେଇ କରାଯାଇଥିବାରୁ ଗାଁର ୧/୨ କିଲୋମିଟର ଲେଖାଁଏ ଦୂରରେ ସେଗୁଡିକ ତିଆରି ହୋଇଛି । ତେଣୁ ଲୋକେ କିମ୍ବା ଯାତ୍ରୀ ସେଠାକୁ କେବେ ହେଲେ ଯାଉ ନାହାଁନ୍ତି । ଯିବେ ବା କାହିଁକି ସେଠାରେ ବସଗୁଡିକ ମଧ୍ୟ ରହନ୍ତି ନାହିଁ । କାରଣ ଯାତ୍ରୀ ମାନେ ସାଧାରଣତଃ ଛକ ବଜାର ସ୍ଥାନରେ ଓହ୍ଲାଇଥାନ୍ତି । ଗାଁ ବାହାରେ ଅନ୍ଧାରିଆ ସ୍ଥାନରେ ତିଆରି ବସଷ୍ଟପ ଗୁଡିକ ସେଥିପାଇଁ କାମରେ ଆସୁନାହିଁ । କାହା କଥାରେ ଏବଂ କେଉଁ ଯଥାର୍ଥତାରେ ବସ ଷ୍ଟପ ଗୁଡିକ ଗାଁ ଠାରୁ ଏତେ ଦୂରତାରେ ତିଆରି ହୋଇଛି ଏନ୍‌ଏଚ୍‌ଏଆଇ କୁ ଜଣା । ମାତ୍ର ଏଗୁଡିକ ଜନସାଧାରଣଙ୍କ କାମରେ ଆସୁନାହିଁ । ବସଷ୍ଟପ ଗୁଡିକରେ ଆଲୋକ ବ୍ୟବସ୍ଥା କରାଯାଇନଥିବାବେଳେ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ନାହିଁ । ତେଣୁ ରାତ୍ରୀ କାଳୀନ ବସ ରହଣି ସ୍ଥାନ ପାଇଁ ମଧ୍ୟ ଏଗୁଡିକ ଆଦୌ ପ୍ରଯୁଜ୍ୟ ନୁହେଁ । ଉଦାହରଣ ସ୍ୱରୁପ ଜାତୀୟ ରାଜପଥର ରାଇସୁଆଁ ଠାରେ ତିଆରି ଦୁଇଟି ଯାକ ବସଷ୍ଟପ ଗାଁ ବାହାରେ । ପଦ୍ମପୁର ଆଡୁ କେନ୍ଦୁଝର ଆଡକୁ ଆସିବାବେଳେ ବସଷ୍ଟପଟି ଗାଁ ବାହାରେ ମୁଖ୍ୟ ଛକଠାରୁ ୧ କିଲୋମିଟର ଦୂରରେ ଜେନେରାଲ ଟ୍ରେଡର୍ସ ପାଖରେ ହୋଇଛି । ଏହା ଜଣଙ୍କର ମଧ୍ୟ କାମରେ ଆସୁନାହିଁ । ସେହିଭଳି କେନ୍ଦୁଝର ପଟୁ ଗଲାବେଳେ ରାଇସୁଆଁର ମୁଖ୍ୟ ଛକଠାରୁ ୧ କିଲୋମିଟର ପଛରେ ମହିମା ମଠ ନିକଟରେ ବସଷ୍ଟପ ରହିଛି । ଯାହାକି କେବେ ମଧ୍ୟ ଯାତ୍ରୀଙ୍କର କାମରେ ଆସୁନାହିଁ । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଭଳି ସମସ୍ୟାକୁ ଉପଲବ୍ଧି କରି ବସଷ୍ଟପ ଗୁଡିକୁ ସଠିକ ସ୍ଥାନକୁ ସ୍ଥାନାନ୍ତର କଲେ ଯାତ୍ରୀଙ୍କ କାମରେ ଲାଗି ପାରନ୍ତା ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ଦାବୀ ହେଉଛି ।

## ଓଭରବ୍ରିଜର ଆଲୋକୀକରଣକୁ ନେଇ ଆନ୍ଦୋଳନ ଚେତାବନୀ



ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ନୂଆ ବଜାର ରେଳ ଓଭରବ୍ରିଜ ଲୋକାର୍ପିତ ହେବାର ବର୍ଷାଧିକ କାଳ ବିତିଯାଇ ଥିଲେ ମଧ୍ୟ ଏଯାବତ ପୋଲ ଆଲୋକୀକରଣ ନ ହୋଇ ଚରମ ଅବ୍ୟବସ୍ଥତା ମଧ୍ୟରେ ଯାତାୟତ ହେବା ବାସ୍ତବିକ ଘୋର ପରିତାପର ବିଷୟ ।ରାତ୍ରିର ଅନ୍ଧକାରରେ ଦୀର୍ଘ ପୋଲ ଉପରେ ବାରମ୍ବାର ଦୁର୍ଘଟଣା ସହ ବହୁ ଅସାମାଜିକ କାର୍ଯ୍ୟ ଘଟୁଥିଲେ ମଧ୍ୟ ଏକ ଜନମଙ୍ଗଳକାରୀ ସରକାରଙ୍କ ଆଲୋକୀକରଣ ନିମେନ୍ତ ଘୋର ଉଦାସୀନତା ଦୁର୍ଭାଗ୍ୟଜନକ । ଉକ୍ତ ପୋଲକୁ ଯଥାଶୀଘ୍ର ଆଲୋକୀକରଣ କରିବା ନିମେନ୍ତ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବାରମ୍ବାର ଦାବିପତ୍ର ପ୍ରଦାନ କରିବା ସହ ଧାରଣ-ଧର୍ମଘଟ କରିବା ଫଳରେ ଟେଣ୍ଡର ପ୍ରକ୍ରିୟାକରଣ ଶେଷ ହୋଇଛି ବୋଲି ବାଲେଶ୍ୱର ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ ଶ୍ରୀଯୁକ୍ତ ପିନାକ ପ୍ରସାଦ ସ୍ୱାଇଁ ବରିଷ୍ଠ ନାଗରିକ ମଞ୍ଚକୁ ଦୁଇ ମାସ ପୂର୍ବରୁ ଅବଗତ କରି ଥିଲେ ମଧ୍ୟ ଏଯାବତ କାର୍ଯ୍ୟ ଆରମ୍ଭ ହୋଇ ନ ପାରିବା ଘୋର ନୈରାଶ୍ୟ ସୃଷ୍ଟି କରିଛି ।କର୍ତ୍ତୃପକ୍ଷଙ୍କର ଏତାଦୃଶ ଚରମ ଅବହେଳାକୁ ଗୁରୁତ୍ୱର ସହ ବିଚାର କରି ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଡକ୍ଟର ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଉଛି ।ଜୁନ ମାସ ୧୫ ତାରିଖ ସୁଦ୍ଧା ଅର୍ଥାତ୍ ରଜ ପର୍ବ ପୂର୍ବରୁ ଆଲୋକ ବ୍ୟବସ୍ଥା ନ ହେଲେ ଜୁନ ୧୫ ତାରିଖ ପରେ ମଞ୍ଚ ପକ୍ଷରୁ ଗଣ-ଆନ୍ଦୋଳନ କରାଯିବାର ଦୃଢ଼ ନିଷ୍ପତ୍ତି ଗ୍ରହଣ କରାଯାଇଛି ।ମଞ୍ଚର ଉକ୍ତ ନିଷ୍ପତ୍ତି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚରମ ଚେତାବନୀ ସହ ଦାବିପତ୍ର ପ୍ରଦାନ କରିବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଛି ।ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବୈଠକରେ ସମ୍ପାଦକ ଡଃ ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ଉପ ସଭାପତି କପିଳେଶ୍ୱର ମହାନ୍ତି, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି, ସିତାଂଶୁ ରଞ୍ଜନ ସେନାପତି, ଶିକ୍ଷାବିତ ଜିତାରାମ ଦେ, ସୁନିଲ କୁମାର ନାୟକ, ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀ, ବରିଷ୍ଠ ସଦସ୍ୟ ସୁବ୍ରତ ବେରା, ସିଦ୍ଧେଶ୍ୱର ତ୍ରିପାଠୀ, ବିକାଶ କୁମାର ଧର, ଅବଦୁଲ ସମ୍ମତ ଖାଁ, ବିଶିଷ୍ଟ ସମାଜସେବୀ କମଳ କୁମାର ଚକ୍ରବର୍ତ୍ତୀ, ଅଜିତ କୁମାର ଦାସ, ରବିନ୍ଦ୍ର କୁମାର ବାରିକ ଓ ଜ୍ଞାନେନ୍ଦ୍ର ନାଥ ଜେନା ପ୍ରମୁଖ ଉପସ୍ଥିତ ଥାଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବୋଡ଼କ-ଓରାଳି ରାସ୍ତା ଶୋଚନୀୟ: ଲୋକେ ହନ୍ତସନ୍ତ

ତିହିଡ଼ି (ଭାସ୍କର ନ୍ୟୁଜ୍) : ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତିହିଡ଼ି ବ୍ଲକର ବୋଡ଼କ-ଓରାଳି ରାସ୍ତା ଶୋଚନୀୟ ହୋଇପଡ଼ିଛି । ରାସ୍ତାର ମରାମତି ହୋଇ ପାରୁନଥିବାରୁ ଲୋକମାନଙ୍କର ଯାତାୟରେ ବାଧା ଉପୁଜିବା ସହ ଦୁର୍ଦ୍ଦଶା ଭୋଗୁଛନ୍ତି । ଏହି ରାସ୍ତା ବର୍ଷବର୍ଷ ଧରି ଶୋଚନୀୟ ହୋଇପଡ଼ିଥିଲେ ବି ଏଥିପ୍ରତି ବିଭାଗ ଦୃଷ୍ଟି ନଦେବା ପରିତାପର ବିଷୟ ହୋଇଛି । ତେବେ ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ରାସ୍ତା ନିର୍ମାଣ ନିମନ୍ତେ ଅନୁଦାନ ପାଇଁ ସରକାରଙ୍କୁ ଜଣାଇବାକୁ ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ବୋଡ଼କ -ଓରାଳି ରାସ୍ତା ତିହିଡ଼ି ସହ ଧାମନଗରକୁ ସଂଯୋଗ କରୁଛି । ରାସ୍ତାରେ ପ୍ରତିଦିନ ଶତାଧିକ



ଛାତ୍ରୀଛାତ୍ର ଅସୁରାଳି କଲେଜକୁ ଯାତାୟତ କରିଥାନ୍ତି । ଏହାଛଡ଼ା ଶୈବ ପୀଠ ଆରଡ଼ିକୁ ମଧ୍ୟ ଲୋକମାନେ ଏହି ରାସ୍ତାରେ ଯାଇଥାନ୍ତି । ରାସ୍ତା ରେବ ନଈ କୂଳେକୂଳେ ଯାଇଥିବା ବେଳେ ଓରାଳି, ହଟ୍ଟନଗର ସମେତ ବିଭିନ୍ନ ଗ୍ରାମର ଲୋକେ ରାସ୍ତା ଉପରେ ଯାତାୟତ ପାଇଁ ନିର୍ଭର କରିଥାନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ ହୋଇଥିଲା । ତେବେ ବିଭାଗ ପକ୍ଷରୁ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାଟି ବିପଦସଙ୍କୁଳ ହୋଇପଡ଼ିଛି । ହଟ୍ଟନଗର ପାଖରେ ରାସ୍ତା ବିଚ୍ଛିନ୍ନ ହୋଇ ନଦୀ ସ୍ତରକୁ ଚାଲିଆସିଛି । ଯାହାଫଳରେ ବର୍ଷା ହେଲେ ରାସ୍ତା ଉପରେ ପାଣିର ସ୍ରୋତ ଛୁଟି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଉଛି । ଆଗକୁ ବର୍ଷାଦିନ ଆସୁଥିବାରୁ ପରିସ୍ଥିତି ଜଟିଳ ହେବାର ସମ୍ଭାବନା ଥିବାରୁ ଏହା ସ୍ଥାନୀୟ ଅଧିବାସୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ତେବେ ଅ□ଳବାସୀ ବିଭିନ୍ନ ସମୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ କୌଣସି ସୁଫଳ ପାଇନଥିଲେ । ପରେ ସେମାନେ ମନ୍ତ୍ରୀ ସୁରଜଙ୍କ ନିକଟରେ ଏନେଇ ଅଭିଯୋଗ କରିବାରୁ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିଥିବା ଜଣାଯାଇଛି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ କୃତ୍ତିବାସ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ରାସ୍ତା ପାଇଁ ଅର୍ଥ ମଂଜୁର କରିବାକୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଛନ୍ତି । ଏ ସମ୍ପର୍କରେ ସମିତିସଭ୍ୟ ଜୟପ୍ରକାଶ ମଲିକ କୁହନ୍ତି- ଏହି ରାସ୍ତାଟି ଆମ ଅଞ୍ଚଳବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଆଖଣ୍ଡଳମଣି ପୀଠ, ଦପାନାୟକାଣୀ ପୀଠ ସମେତ ଅସୁରାଳି କଲେଜକୁ ଏହି ରାସ୍ତା ଛୁଇଁଛି । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ, ଛାତ୍ରଛାତ୍ରୀଙ୍କ ସମେତ ଧାମନଗର ଓ ତିହିଡ଼ି ବ୍ଲକର ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ଇରିଗେସନ ବିଭାଗ ପକ୍ଷରୁ ରେବ ନଦୀ କୂଳରେ ପଥର ପ୍ୟାକିଂ କରିବା ସମୟରେ ଉକ୍ତ ରାସ୍ତାକୁ ଖୋଳି ଦିଆଯାଇଥିବାରୁ ରାସ୍ତାର ଏପରି ଦୁରବସ୍ଥା ହୋଇଛି ।



କଟକ (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ୟୁନିଅନ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ବିଭିନ୍ନ ଦାବି ପତ୍ର ନେଇ ବିଜେପି ଉପସଭାପତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଚିଠି ଲେଖାଯାଇଛି। ଚିଠିରେ ଉଲ୍ଲେଖ ରହିଛି ଯେ, ସରକାର ଆସନ୍ତା ମାସରେ ତା'ର ପ୍ରଥମ ବାର୍ଷିକ ପୂର୍ତ୍ତି ପାଳନ କରିବ। କିନ୍ତୁ ପରିତାପର ବିଷୟ ଆପଣଙ୍କ ସରକାର ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏପର୍ଯ୍ୟନ୍ତ କୌଣସି କଲ୍ୟାଣକାରୀ ଯୋଜନା ପ୍ରଣୟନ କରି ନାହାନ୍ତି। ବିଶେଷ କରି ଦେଶର ପ୍ରାୟ ୧୭/୧୮ଟି ରାଜ୍ୟରେ ସରକାର ସାମ୍ବାଦିକ ମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା ସହ ଅନ୍ୟାନ୍ୟ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟକାରୀ କରିସାରିଲେଣି। ବିଡ଼ମ୍ବନାର ବିଷୟ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନେ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରୁଥିବା ବେଳେ କେତେବେଳେ ପ୍ରଶାସନ ତ ଆଉ କେତେବେଳେ ମାଫିଆ ମାନଙ୍କର ଆକ୍ରୋଶ ଶିକାର ହେଉଛନ୍ତି।

## ମହିଳା ଓ ଶିଶୁ ବିକାଶ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନସ୍ଥିତ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କର କାର୍ଯ୍ୟାଳୟରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଆୟୋଗର ନୂତନ ୱେବସାଇଟର ଢାଂଚା ପ୍ରସ୍ତୁତିର ସମୀକ୍ଷା କରିବା ସହ ମହିଳା ଆୟୋଗର ନ୍ୟୁଜ୍ ଲେଟରର ଉନ୍ମୋଚନ କରିଛନ୍ତି। ଯେପରି ଗ୍ରାମାଂଚଳର ଲୋକମାନେ ୱେବସାଇଟକୁ ସହଜରେ ବ୍ୟବହାର କରିପାରିବେ ସେହିପରି ଭାବେ ୱେବସାଇଟକୁ ସରଳ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଗୁରୁତ୍ୱ ଦେଇଛନ୍ତି । ଏହାସହ ସୁଭଦ୍ରା ସମବେଦନା ଯୋଜନାର ରୂପରେଖ ପ୍ରସ୍ତୁତି ସମ୍ପର୍କରେ ମଧ ଶ୍ରୀମତୀ ପରିଡା ସମୀକ୍ଷା କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଆତ୍ମରକ୍ଷା କୌଶଳ, ମାନସିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ବ୍ୟାପକ ଜନସଚେତନତା ଉପରେ ଶ୍ରୀମତୀ ପରିଡା ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ନିର୍ଭୟା ପାଣ୍ଠିକୁ ବ୍ୟବହାର କରି ମହିଳା ହିଂସା ରୋକିବା ଉପରେ ସେ ଆଲୋକପାତ କରିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅଙ୍ଗନବାଡି କର୍ମୀ ଓ ସହାୟିକା ମାନଙ୍କୁ ସ୍ମାର୍ଟ ତାଲିମ ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଥିଲା । ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ କାର୍ଯ୍ୟ କରିବା ନିମନ୍ତେ ତାଲିମ ଦେଇ ସ୍ମାର୍ଟ ଅଙ୍ଗନବାଡି କର୍ମୀ ସୃଷ୍ଟି କରାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଛି । ସମାଜ କଲ୍ୟାଣ ବୋର୍ଡରେ ଏନଜିଓ ମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଆପ୍ଲିକେସନ ଢାଞ୍ଚା ପ୍ରସ୍ତୁତି ଉପରେ ମଧ ଆଲୋଚନା କରାଯାଇଥିଲା । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## କୋଭିଡରେ ଅସ୍ୱାଭାବିକ ବୃଦ୍ଧି ଦେଖିବାକୁ ମିଳିନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ରାଜ୍ୟରେ କୋଭିଡ ସ୍ଥିତି ନିୟନ୍ତ୍ରଣରେ ଅଛି। କୋଭିଡରେ ଅସ୍ୱାଭାବିକ ବୃଦ୍ଧି ଦେଖିବାକୁ ମିଳିନାହିଁ । ତେଣୁ ଲୋକମାନେ ବ୍ୟସ୍ତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯଦି କେଉଁଠି ରିପୋର୍ଟ ଆସେ ଆରଟିପିସିଆର କରିବୁ, ଦରକାର ହେଲେ ଜିନମ ସିକ୍ୱେନ୍ସିଂ କରାଯିବ। ପ୍ରଥମ ରୋଗୀର ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ତାଙ୍କର ଜିନମ୍ ସିକ୍ୱେନ୍ସିଂରୁ ଓମିକ୍ରନ ର ସବ୍ ଭାରିଆଂଟ ଜେଏନ ୧ ଚିହ୍ନଟ ହୋଇଛି । ଏଯାଏଁ କେନ୍ଦ୍ର ସରକାରଙ୍କ ଠାରୁ କୌଣସି ନୂଆ ଗାଇଡ ଲାଇନ୍ ଆସିନାହିଁ। ପୂର୍ବରୁ ଥିବା ୨୦୨୨ ମସିହା ଗାଇଡ ଲାଇନ୍ ଅନୁସାରେ ହସ୍ପିଟାଲମାନେ କାମ କରୁଛନ୍ତି ।

## ଓଡ଼ିଶା ଆରମ୍ଭ କଲା ଅଙ୍କୁର: ୨୦୩୬ ସୁଦ୍ଧା ସ୍ଥିର ଏବଂ ନାଗରିକ-କୈନ୍ଦ୍ରିକ ସହର ନିର୍ମାଣ ପାଇଁ ବୁଝାମଣା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ସହର ବିକାଶର ଭବିଷ୍ୟତକୁ ପୁନଃ ପରିଭାଷିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଆଜି ଅଙ୍କୁର-ଅଟଳ ନେଟୱାର୍କ ଫର ନଲେଜ୍, ସହରୀକରଣ ଏବଂ ସଂସ୍କାର ଆରମ୍ଭ କରିଛି। ଏହା ରାଜ୍ୟ ସାରା ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ଅଭିନବ ସହର ବିକାଶକୁ ଗଢି ତୋଳିବା ପାଇଁ ଏକ ରଣନୈତିକ ପଦକ୍ଷେପ। ଗୃହ ଓ ନଗର ଉନ୍ନୟନ ବିଭାଗ ବିଭାଗ ଏବଂ ସହର ବିକାଶ ଇକୋସିଷ୍ଟମରେ କାର୍ଯ୍ୟ କରୁଥିବା ଛଅଟି ପ୍ରମୁଖ ଅନୁଷ୍ଠାନ ଏବଂ ସଂଗଠନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ ସ୍ୱାଗତ ଭାଷଣରେ ଆଜି ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଅଙ୍କୁରର ଉତ୍ପତ୍ତି ଗୋଟିଏ ମୁହୂର୍ତ୍ତ ନୁହେଁ, ବରଂ ପ୍ରତିଫଳନ, ଆଲୋଚନା ଏବଂ ସହଯୋଗର ଏକ ଶୃଙ୍ଖଳା ଥିଲା। ଏହା ଆମ ବିଭାଗ ମଧ୍ୟରେ ଏକ ବର୍ଦ୍ଧିତ ଅନୁଭବରୁ ଜନ୍ମ ନେଇଛି - ଯେ ଓଡ଼ିଶାରେ ସହରୀକରଣର ଗତି ଏବଂ ଜଟିଳତା ପାଇଁ ନୂତନ ଚିନ୍ତାଧାରା, ନୂତନ ସହଭାଗୀତା ଏବଂ ନୂତନ ପ୍ଲାଟଫର୍ମ ଆବଶ୍ୟକ। ଗତ ବର୍ଷ ଧରି, ଦେଶ ଏବଂ ବାହାରର ବିଶେଷଜ୍ଞ, ଅଭ୍ୟାସକାରୀ ଏବଂ ସଂସ୍ଥା ସହିତ ଆଭ୍ୟନ୍ତରୀଣ ପରାମର୍ଶ ଏବଂ ସମ୍ପର୍କ ମାଧ୍ୟମରେ, ଏକ ଦୃଷ୍ଟିକୋଣ ରୂପ ନେବା ଆରମ୍ଭ କରିଛି। ଯେହେତୁ ୨୦୩୬ ସୁଦ୍ଧା ଓଡ଼ିଶାର ସହରାଞ୍ଚଳ ଜନସଂଖ୍ୟା ତିନିଗୁଣ ବୃଦ୍ଧି ପାଇବାର ଆକଳନ କରାଯାଇଛି । ଅଙ୍କୁରକୁ ସ୍ଥିର, ବାସଯୋଗ୍ୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହରଗୁଡ଼ିକୁ ସହ-ସୃଷ୍ଟି କରିବା ପାଇଁ ଏକ ପରିବର୍ତ୍ତନକାରୀ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି। ସହଯୋଗୀ ଶାସନର ମୂଲ୍ୟବୋଧରେ ଆବଦ୍ଧ, ଅଙ୍କୁର ବିକଶିତ ଭାରତର ଜାତୀୟ ଆକାଂକ୍ଷା ସହିତ ସମନ୍ୱିତ।

## ମନ୍ତ୍ରୀ ଓ ଅଧିକାରୀଙ୍କ ଗାଡ଼ି ଖର୍ଚ୍ଚ ବୃଦ୍ଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଢିଲା ମନ୍ତ୍ରୀ ଓ ଅଧିକାରୀଙ୍କ ଗାଡ଼ି ଖର୍ଚ୍ଚ । ମନ୍ତ୍ରୀ, ଉଚ୍ଚ ପଦସ୍ଥ ଅଫିସର ପାଇଁ ମାସିକ ଗାଡ଼ି ଖର୍ଚ୍ଚ ୫୦ ହଜାର ୪ ଶହ ଟଙ୍କା ମିଳିବ । ମନ୍ତ୍ରୀ, ଅଫିସର ଓ ଭିଭିଆଇପି ବ୍ୟବହାର କରୁଥିବା ଘରୋଇ ଗାଡ଼ିର ମାସିକ ଭଡ଼ା ଖର୍ଚ୍ଚ ବଢ଼ାଇଛନ୍ତି ରାଜ୍ୟ ସରକାର। ପୂର୍ବରୁ ନିର୍ଦ୍ଧାରିତ ଖର୍ଚ୍ଚ ସୀମାରେ ସଂଶୋଧନ କରାଯାଇଛି। ପ୍ରାୟ ୬ ବର୍ଷ ପରେ ଏହି ଭଡ଼ା ସଂଶାଧନ କରାଯାଇଥିବା ନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି ।

## ପ୍ରେସ୍ କାଉନସିଲ ନାମ ବ୍ୟବହାର ଉପରେ ନିଷେଧାଦେଶ

କଟକ(ଭାସ୍କର ନ୍ୟୁଜ୍): 'ପ୍ରେସ କାଉନସିଲ ଅଫ ଇଣ୍ଡିଆ' ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା 'ପ୍ରେସ କାଉନସିଲ' ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି । ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପିକରଣ ସମୟରେ ପ୍ରେସ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କଲେ ଏହା ଆଇନ୍ ଅନୁଯାୟୀ ଗ୍ରହଣୀୟ ନୁହେଁ । ତେଣୁ ଜିଲ୍ଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ କାଉନସିଲ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଉଛି ।

## ବୃଦ୍ଧଙ୍କ ଉପରେ ମାଡ଼ିଗଲା 'ଆମ ବସ୍'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆମ ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ପାଇଁ ବୁଧବାର ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ଏହିପରି ଏକ ଅଭାବନୀୟ ଘଟଣା ଖଣ୍ଡଗିରି ଛକରେ ଦେଖିବାକୁ ମିଳିଛି। ବୃଦ୍ଧ ଜଣଙ୍କ ଭୀମଟାଙ୍ଗୀ ଅଞ୍ଚଳର ତ୍ରିନାଥ ବାରିକ ବୋଲି ଜଣାପଡିଛି। ସେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ସନ୍ଧ୍ୟା ସମୟରେଖଣ୍ଡଗିରି ନିକଟରେ ରାସ୍ତା ପାର ହେଉଥିବା ବେଳେ ଦ୍ରୁତ ଗତିରେ ଆସି ଆମ ବସ୍ ତାଙ୍କ ଉପରେ ଚଢ଼ାଇ ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହକୁ ସ୍ଥାନୀୟ ପୋଲି ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ରୋକ ଆନ୍ଦୋଳନ କରିବା ସହ ୩ଟି ଆମ ବସ୍ ଓ ୨ଟି ଘରୋଇ ବସ୍‌କୁ ଅଟକାଇ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ପୋଲିସ ଦୁର୍ଘଟଣା ଘଟାଇଥିବା ଆମ ବସ୍ ଡ୍ରାଇଭରକୁ ଅଟକ ରଖିବା ସହ ବସ୍‌କୁ ଜବତ କରିଛି।

## ଖରିଫ୍ ଫସଲ ୨୦୨୫ ନେଇ ସରକାରଙ୍କ ରଣନୀତି ପ୍ରସ୍ତୁତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଖରିଫ୍ ୨୦୨୫ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି । ସମୃଦ୍ଧ କୃଷକ ହେଲ୍ପଲାଇନ ଯୋଗେ ନିୟମିତ ଭାବେ ଚାଷୀଙ୍କୁ ସୂଚନା ମଧ ପ୍ରଦାନ କରାଯାଉଛି ।ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ ଯାହା ଚାଷୀଙ୍କ ପାଇଁ ବେଶ୍ ସୁହାଇବ। ରିପୋର୍ଟ ଅନୁଯାୟୀ, ଖରିଫ ୨୦୨୫ରେ ବିଭିନ୍ନ ଫସଲ ଅଧୀନରେ ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମି ଅନ୍ତର୍ଭୁକ୍ତ ହେବ। ତନ୍ମଧ୍ୟରେ ୩୫.୯୫ ଲକ୍ଷ ହେକ୍ଟର ଧାନ, ୬.୧୦ ଲକ୍ଷ ହେକ୍ଟର ଡାଲିଜାତୀୟ ଫସଲ, ୨.୨୫ ଲକ୍ଷ ହେକ୍ଟର ତୈଳବୀଜ, ୨.୬୦ ଲକ୍ଷ ମାଣ୍ଡିଆ ଜାତୀୟ ଶସ୍ୟ, ୨.୭୦ ଲକ୍ଷ ହେକ୍ଟର ମକା, ୨.୫୪ ଲକ୍ଷ ହେକ୍ଟର କପା ଓ ଅନ୍ୟାନ୍ୟ ତନ୍ତୁ ଜାତୀୟ ଫସଲ, ୧.୧୫ ଲକ୍ଷ ହେକ୍ଟର ମସଲା, ୫ ଲକ୍ଷ ହେକ୍ଟର ପନିପରିବା ଏବଂ ଅନ୍ୟାନ୍ୟ ଫସଲ ସାମିଲ ରହିଛି। ଖରିଫ ୨୦୨୫ ରେ ପ୍ରମୁଖ-ମଧ୍ୟମ, କ୍ଷୁଦ୍ର, କ୍ଷୁଦ୍ର ଉଠା, ବୃହତ ଉଠ ଜଳସେଚନ ଇତ୍ୟାଦି ସହିତ ୩୭.୬୬ ଲକ୍ଷ ହେକ୍ଟରକୁ ସାମିଲ୍ କରି ଜଳସେଚନ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଉଛି। କୃଷକ ବନ୍ଧୁମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟର ପରିଚାଳନା, ସମୃଦ୍ଧ କୃଷକ ଯୋଜନାରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଇନପୁଟ୍ ସହାୟତା ରାଶି, ଏଗ୍ରୀ ଷ୍ଟାକ, କୃଷକ ରେଜିଷ୍ଟ୍ରି ଭଳି ଡିଜିଟାଲ ସେବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ଉଠାଇବାକୁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି ।

## ଆକାଶ ଅମ୍ବାନୀଙ୍କ ଓଡ଼ିଶା ଗସ୍ତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ଓଡିଶା ଆସିବେ ଆକାଶ ଅମ୍ବାନୀ । ରିଲାଏନ୍ସ ଜିଓର ଚେୟାରମ୍ୟାନ ଆକାଶ । ତାଙ୍କ ଗସ୍ତ ପାଇଁ ସୁରକ୍ଷା ଦୃଷ୍ଟିରୁ ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି । ବୈଠକରେ ପୋଲିସ କମିଶନର ଭୁବନେଶ୍ୱର, ଡିସିପି, ଏୟାରପୋର୍ଟ ଅଥରିଟି, ସିଆଇଏସଏଫ କମାଣ୍ଡାଣ୍ଟଙ୍କ ସମେତ ଜୋନ ୨ ଏସିପି, ଏୟାରପୋର୍ଟ ଆଇଆଇସି ଉପସ୍ଥିତ ଅଛନ୍ତି । ଆକାଶ ରାତି ୧୧ ଟାରେ ଭୁବନେଶ୍ୱର ଏୟାରପୋର୍ଟରେ ତାଙ୍କ ନିଜସ୍ୱ ଚାଟାର୍ଡ ଫ୍ଲାଇଟରେ ପହଁଚି ପୁରୀ ଯାଇ ଜଗନ୍ନାଥଙ୍କ ଦର୍ଶନ କରି ଭୁବନେଶ୍ୱର ଫେରିବେ । ଆକାଶଙ୍କ ସୁରକ୍ଷା ଦାୟିତ୍ୱରେ ଜେଡ ସିକ୍ୟୁରୀଟି ଅଛନ୍ତି ।

## କୃଷକଙ୍କୁ ସଶକ୍ତ କରୁଛନ୍ତି ମୋଦି ସରକାର: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୋଦି ସରକାରଙ୍କ ୧୧ ବର୍ଷର ଶାସନ ଭିତରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ କ୍ରମାଗତ ଭାବେ ବୃଦ୍ଧି କରାଯାଇ କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ଟଙ୍କା ଓ ଗ୍ରେଡ୍ ଏ ଧାନର ମୂଲ୍ୟ ୨୩୮୯ କରାଯିବା ନିଷ୍ପତି ଚାଷୀକୁଳ ପାଇଁ ଆଶ୍ୱସ୍ତି ଆଣିଦେଇଛି। ସେହିପରି ଆଜି କେନ୍ଦ୍ରୀୟ କ୍ୟାବିନେଟ ବୈଠକରେ ଚାଷୀଙ୍କ ପାଇଁ ସୁଧ ରିହାତି ବଜାୟ ରଖିବା ପାଇଁ ନିଷ୍ପତି ନିଆଯାଇଛି। ଦେଶରେ ୭.୭୫ କୋଟିରୁ ଅଧିକ ଚାଷୀ କିଷାନ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳ ଥିବାବେଳେ ସେମାନଙ୍କୁ ବିନା କୌଣସି ଗ୍ୟାରେଂଟିରେ ମାତ୍ର ୪ପ୍ରତିଶତ ସୁଧରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏହା କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀଙ୍କ ପାଇଁ ଏକ ବଡ ଲାଭ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଆଜି କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତି ଅନୁଯାୟୀ ଧାନ ସମେତ ଅନ୍ୟାନ୍ୟ ୧୭ଗୋଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରାଯାଇଛି। କୃଷକଙ୍କୁ ସଶକ୍ତ କରୁଛନ୍ତି ମୋଦି ସରକାର। ଆଜିର ଏହି ନିଷ୍ପତିକୁ ସ୍ୱାଗତ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଅନ୍ୟାନ୍ୟ ଫସଲ ଏବଂ ଡାଲି ଜାତୀୟ ଶସ୍ୟ ପାଇଁ ଏମଏସପି ବୃଦ୍ଧି କରାଯିବା ଫଳରେ ଆମ ରାଜ୍ୟର ଚାଷୀମାନେ ଅନ୍ୟାନ୍ୟ ଫସଲ ଚାଷ କରିବା ପାଇଁ ଅଧିକ ପ୍ରୋତ୍ସାହିତ ହେବେ ବୋଲି ଶ୍ରୀ ସାମଲ କହିଛନ୍ତି।

## ଆଇନଜୀବୀ ସୀତାଂଶୁ ଦ୍ୱିବେଦୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବିରୋଧରେ ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଦ୍ୱାରା ଗଣମାଧ୍ୟମରେ ମିଥ୍ୟା ଅଭିଯୋଗ କରାଯାଇଛି। ଏନେଇ ଆଇନଜୀବୀ ଶ୍ରୀ ଦ୍ୱିବେଦୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ବାର କାଉନ୍‌ସିଲରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଅନୁରୋଧ କରିଛନ୍ତି। ରାଜ୍ୟ ସଭାପତି ଶ୍ରୀ ସାମଲ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୦୩/୦୪/୨୦୨୫ରେ ଆଇନଜୀବୀ ଦ୍ୱିବେଦୀ ଗଣାମଧ୍ୟମ ଆଗରେ କହିଥିଲେ ଯେ, ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଶପଥ ସମାରୋହ ୧୨ ଜୁନ ୨୦୨୪ରେ ହେବାର ଥିଲା। ଉକ୍ତ ଶପଥ ସମାରୋହ ଉତ୍ସବ ପାଇଁ ବିଜେପିର ସ୍ଥାନୀୟ ନେତାମାନେ ଶ୍ରୀ ଦ୍ୱିବେଦୀଙ୍କ ମହକିଲ ରାଜା ଚକ୍ରଙ୍କଠାରୁ ବିପୁଳ ଟଙ୍କା ଚାନ୍ଦା ଆକାରରେ ଦାବି କରୁଛନ୍ତି। ନଦେଲେ ଓପିଆଇଡି କୋର୍ଟରେ ଶ୍ରୀ ଦ୍ୱିବେଦୀଙ୍କ ଦ୍ୱାରା ଜାମିନ ପାଇଁ ଆବେଦନ ହୋଇଥିବା ଆର୍ଥିକ ମାମଲାର ଅଭିଯୁକ୍ତ ରାଜା ଚକ୍ରଙ୍କ କମ୍ପାନୀ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିକୁ ବନ୍ଦ କରି ଦିଆଯିବ। ଏଥି ଯୋଗୁ ସିଧାସଳଖ ଭାବେ ବିଜେପିର ରାଜ୍ୟ ମୁଖ୍ୟଙ୍କ ସଂଚୟ ବ୍ୟାଙ୍କ ଆକାଉଣ୍ଟକୁ ୫୩ ଲକ୍ଷ ଟଙ୍କା ଏବଂ ଆରଟିଜିଏସ୍ ମାଧ୍ୟମରେ ତାଙ୍କ ଆକାଉଂଟକୁ ୫୦ ଲକ୍ଷ ଟଙ୍କା ସ୍ଥାନାନ୍ତର କରାଯାଇଥିଲା। ଗଣମାଧ୍ୟମରେ ଏପରି ମିଥ୍ୟା ଖବର ପ୍ରସାରଣ କରି ଶ୍ରୀ ସାମଲଙ୍କୁ ବଦ୍‌ନାମ କରିବାକୁ ଉଦ୍ୟମ କରାଯାଇଛି। ଶ୍ରୀ ସାମଲ ଏବେ ରାଜ୍ୟ ବିଜେପିର ସଭାପତି ଥିଲାବେଳେ ଏହା ପୂର୍ବରୁ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି। ସେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ହେବା ସହ ରାଜ୍ୟରେ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ନେତୃତ୍ୱରେ ବିଜେପି ରାଜ୍ୟରେ ଏବେ ସରକାର ଗଠନ କରିଛି। ସେ ଜଣେ ପ୍ରତିଷ୍ଠିତ ବ୍ୟକିତ୍ୱ ହୋଇଥିବାବେଳେ ତାଙ୍କ ସାଧୁତା ବିଷୟରେ ସଭିଏଁ ଅବଗତ। ଏଭିଳି ସ୍ଥିତିରେ ଜାଣିଶୁଣି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ଚରିତ୍ର ହନନ କରିବାକୁ ଉଦ୍ୟମ କରାଯାଇଛି। ଅପରପକ୍ଷେ ଶ୍ରୀ ଦ୍ୱିବେଦୀ ଭୁବନେଶ୍ୱରରେ ଜଣେ ଓକିଲ ଏବଂ ଓଡ଼ିଶା ରାଜ୍ୟ ବାର୍ ପରିଷଦର ଅଧକ୍ଷ। ରାଜ୍ୟ ବାର ପରିଷଦର ଅଧକ୍ଷ ଭାବେ ଦ୍ୱିବେଦୀ ଆଇନଗତ ବୃତି ଦୃଷ୍ଟିରୁ ଏକ ଉଚ୍ଚ ପଦବୀରେ ଅଛନ୍ତି। ଭିନ୍ନ ଭାବରେ କହିବାକୁ ଗଲେ, ଶ୍ରୀ ଦ୍ୱିବେଦୀ ରାଜ୍ୟର ଓକିଲମାନଙ୍କ ନେତା। ଏଭଳି ସ୍ଥିତିରେ କୌଣସି ଯଥାର୍ଥ କାରଣ ବିନା ଶ୍ରୀ ସାମଲଙ୍କ ବିରୋଧରେ ଅପମାନଜନକ ଅଭିବ୍ୟକ୍ତି କରିବାର ଶ୍ରୀ ଦ୍ୱିବେଦୀ କୌଣସି ଅଧିକାର ନାହିଁ। ତାଙ୍କ ଦ୍ୱାରା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଏପରି ମିଥ୍ୟା ଖବର ପ୍ରସାରଣ ଦ୍ୱାରା ତାଙ୍କ ପ୍ରତିଷ୍ଠାକୁ ଆଂଚ ଆଣିବାକୁ ପ୍ରୟାସ କରାଯାଇଛି । ଆଇନଜୀବି ଶ୍ରୀ ଦ୍ୱିବେଦୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ବାର କାଉନସିଲକୁ ଶ୍ରୀ ସାମଲ ଅନୁରୋଧ କରିଛନ୍ତି।

## ଦିବ୍ୟାଙ୍ଗ ଦମ୍ପତିଙ୍କୁ ୭ ଦିନ ଭିତରେ ବିବାହ ସହାୟତା ରାଶି ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦିବ୍ୟାଙ୍ଗ ଦମ୍ପତିଙ୍କୁ ୭ ଦିନ ଭିତରେ ବିବାହ ସହାୟତା ରାଶି ଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ । ଅବହେଳା କଲେ ହେବ ଆକ୍ସନ ବୋଲି ସାମାଜିକ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଦିବ୍ୟାଙ୍ଗ ଯୁବକ ଯୁବତୀ ଏବ ସାଧାରଣ ବ୍ୟକ୍ତି ଭାବେ ବିବାହକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ସହାୟତା ଦେଉଛନ୍ତି । ତେଣୁ ପ୍ରୋତ୍ସାହନ ରାଶି ଦେବାରେ ଅବହେଳା ନ କରିବାକୁ ନିର୍ଦ୍ଦେଶ । ଅନେକ ଆବେଦନ କାରି ସହାୟତା ରାଶି ପାଇଁ ଅପେକ୍ଷାରତ ଥିବା ସମୀକ୍ଷା ବେଳେ ସାମ୍ନାକୁ ଆସିଛି । ଆଗକୁ ଯଦି ଏଭଳି ଘଟଣା ସାମ୍ନାକୁ ଆସେ ଉତ୍ତର ଦାୟୀ କର୍ତ୍ତୃପକ୍ଷ ରହିବେ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

## ବିଏମ୍‌ସି ମେୟରଙ୍କ ବିରୋଧରେ ଏତଲା ଦେଲା ମହିଳା ମୋର୍ଚ୍ଚା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହିଳା ଥାନା ସମ୍ମୁଖରେ ଗର୍ଜିଲେ ବିଜେପି ଭୁବନେଶ୍ୱର। ମେୟର ବାଂଲାଦେଶ ସପକ୍ଷରେ ଦେଇଥିବା ବୟାନକୁ ନେଇ ମହିଳା ମୋର୍ଚ୍ଚା ମେୟରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଥାନାରେ ଏତଲା ଦେଇଛି। ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁବାଶିନୀ ପୃଷ୍ଟି କହିଛନ୍ତି ଜଣେ ଉଚ୍ଚ ପଦବୀରେ ରହି କିଭଳି ଦେଶ ବିରୋଧି ବୟାନ୍ ଦେଲେ। ଏମିତିକି ମେୟର ନିଜର ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଏଭଳି ମତ ଦେଇଛନ୍ତି। ମେୟର ଏ ବାବଦରେ କ୍ଷମା ପ୍ରାର୍ଥନା କରିବା ସହ ତୁରନ୍ତ ଇସ୍ତଫା ଦାବି କରିଛି ମହିଳା ମୋର୍ଚ୍ଚା।

## ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଚାକିରୀରୁ ବରଖାସ୍ତ କଲେ ଜିଲ୍ଲାପାଳ

କଟକ(ଭାସ୍କର ନ୍ୟୁଜ୍): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା ବାରଙ୍ଗ ତହସିଲ ଅଧୀନସ୍ଥ ରାମଦାସପୁର ରାଜସ୍ୱ ଅଂଚଳର ପୂର୍ବତନ ସହକାରୀ ରାଜସ୍ୱ ନିରୀକ୍ଷକ ତଥା ବର୍ତ୍ତମାନ ଡମପଡା ତହସିଲର ସହକାରୀ ରାଜସ୍ୱ ନିରୀକ୍ଷକ (ନିଲମ୍ବନ ହୋଇଥିବା) ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ କଟକ ଜିଲ୍ଲାପାଳ ସରକାରୀ ଚାକିରୀରୁ ବରଖାସ୍ତ କରିଛନ୍ତି । ୨୦୧୬ ମସିହାରେ ଜନୈକ ବ୍ୟକ୍ତିଙ୍କଠାରୁ ୨୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନସ ଅଧିକାରୀମାନେ ଶ୍ରୀ ପ୍ରଧାନଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲେ । ଏହି ପରିପ୍ରେକ୍ଷୀରେ ସେ ୨୧.୦୩.୨୦୧୬ରେ ଜେଲରେ ରହିଥିଲେ । ତା ୦୭.୦୪.୨୦୧୬ରିଖରେ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଭିଜିଲାନସ ବିଭାଗ କଟକ ଆରକ୍ଷୀ ଅଧିକ୍ଷକଙ୍କ ରିପୋର୍ଟ ଅନୁସାରେ ଓଡ଼ିଶା ପ୍ରଶାସନିକ ସେବା (କ୍ଲାସିଫିକେସନ, କଣ୍ଟ୍ରୋଲ ଆଣ୍ଡ ଆପିଲ) ନିୟମ ୧୯୬୨ ଅଧୀନରେ ୦୪.୧୦.୨୦୧୬ରେ ଶ୍ରୀ ପ୍ରଧାନଙ୍କ ବିପକ୍ଷରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା । ପରେ ଶ୍ରୀ ପ୍ରଧାନଙ୍କ ବିପକ୍ଷରେ ଅଣାଯାଇଥିବା ଦଫାର ତଦନ୍ତ କରିବା ନିମନ୍ତେ କଟକ ସଦର ଉପଜିଲ୍ଲାପାଳଙ୍କୁ ତଦନ୍ତକାରୀ ଅଧିକାରୀ ଏବଂ ବାରଙ୍ଗ ତହସିଲଦାରଙ୍କୁ ମାର୍ଶାଲ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା । ପରେ ଗତ ୪ ତାରିଖରେ ତଦନ୍ତକାରୀ ଅଧିକାରୀ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ ଯେଉଁଥିରେ ସେ ଶ୍ରୀ ପ୍ରଧାନଙ୍କ ଉପରେ ଦଣ୍ଡବିଧାନ କରିବା ପାଇଁ ସୁପାରିଶ କରିଥିଲେ । ଗତ ଏପ୍ରିଲ୍ ୨୧ ତାରିଖରେ ଭିଜିଲାନସ୍ ବିଭାଗର ଉପ ସଚିବ କଟକ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ଯେ ଶ୍ରୀ ପ୍ରଧାନ ଦୋଷୀ ସାବ୍ୟସ୍ତ ହେବା ସହ ତାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦୦୦ ଟଙ୍କାର ଜରିମାନା ଦଣ୍ଡବିଧାନ କରାଯାଇଛି ଏବଂ ଜରିମାନା ଅନାଦେୟ ଆଉ ତିନି ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭିଜିଲାନସ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପ୍ରିଲ୍ ୨୫ ତାରିଖରେ ଶ୍ରୀ ପ୍ରଧାନଙ୍କୁ ସରକାରୀ ଚାକିରୀରୁ କାହିଁକି ବରଖାସ୍ତ କରାଯିବ ନାହିଁ ସେ ସମ୍ପର୍କରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । ତେବେ ମଇ ୧୪ ତାରିଖ ସୁଦ୍ଧା ସେ ଜିଲ୍ଲାପାଳଙ୍କ କୋର୍ଟରେ ହାଜିର ହୋଇନଥିଲେ କିମ୍ବା କୌଣସି ଲିଖିତ କାରଣ ଦର୍ଶାଅ ଉତର ଦାଖଲ କରିନଥିଲେ । ଅନ୍ୟପକ୍ଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଶ୍ରୀ ପ୍ରଧାନ ଏକ ପତ୍ର ଲେଖିଥିଲେ ଯେଉଁଥିରେ ଶାରିରୀକ ଅସୁସ୍ଥତା କାରଣରୁ ଲିଖିତ ଭାବେ କାରଣ ଦର୍ଶାଅ ଉତର ଦାଖଲ କରିବାକୁ ଅସମର୍ଥ ବୋଲି ଦର୍ଶାଇଥିଲେ । ଏହା ଆଇନ୍ ଅନୁମୋଦିତ ହୋଇ ନଥିବାରୁ ଜିଲ୍ଲାପାଳ ଭାରତୀୟ ସମ୍ବିଧାନର ଧାରା ୩୧୧ ଅନୁଯାୟୀ ତାଙ୍କୁ ସରକାରୀ ଚାକିରୀରୁ ବରଖାସ୍ତ କରିଛନ୍ତି ।

## ବର୍ଷ ପୂର୍ତ୍ତି ଅବସରରେ ୭ ନୂଆ ଏନ୍‌ଏସି ଘୋଷଣା କରିପାରନ୍ତି ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ନୂଆ ଏନଏସି ଘୋଷଣା ହୋଇପାରେ। ପ୍ରାରମ୍ଭିକ ଭାବେ ୭ ନୂଆ ଏନଏସି ଘୋଷଣା କରିପାରନ୍ତି ରାଜ୍ୟ ସରକାର। ଏ ନେଇ ସଂକେତ ଦେଇଛନ୍ତି ଗୃହ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି ୩୦ ଜିଲ୍ଲାରୁ ପ୍ରସ୍ତାବ ପହଂଚିଥିବା ବେଳେ ଏହାର ତର୍ଜମା ପାଇଁ ପଂଚାୟତିରାଜ ବିଭାଗକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପଠାଇଥିଲା। ଏଥିରୁ କିଛି ତର୍ଜମା କରି ପୁନର୍ବାର ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଇଛି ପଂଚାୟତିରାଜ ବିଭାଗ। ମନ୍ତ୍ରୀ କହିଛନ୍ତି ଖୁବ୍ ଶୀଘ୍ର ନୂଆ ଏନଏସି ନେଇ ଘୋଷଣା କରିବେ ମୁଖ୍ୟମନ୍ତ୍ରୀ। ଗତକାଲି ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ବି କହିଥିଲେ ୭ ଟି ପ୍ରସ୍ତାବ ତର୍ଜମା କରି ଗୃହ ନଗର ଉନ୍ନୟନ ବିଭାଗକୁ ପଠା ଯାଇଛି।


### ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟାପକ ଦୁର୍ନିତି

## ଅସାଧୁ କର୍ମଚାରୀଙ୍କ କବ୍‌ଜାରେ ସ୍ୱାସ୍ଥ୍ୟକେନ୍ଦ୍ର

କଟକ(ଭାସ୍କର ନ୍ୟୁଜ୍): କଟକ ସଦର ବ୍ଲକ୍ ଅଧିନସ୍ଥ ବେଂଟକାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ତମାନ ବହୁବିଧ ସମସ୍ୟା ରହିଥିବାବେଳେ ସରକାରୀ ଅର୍ଥକୁ ଏଠାରେ ହରିଲୁଟ୍ କରାଯାଉଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, କର୍ମଚାରୀ ଓ ଷ୍ଟାଫ୍ ନର୍ସ୍‌ଙ୍କ ଅଭାବ କାରଣରୁ ଚିକିତ୍ସା ପାଇଁ ଏହାକୁ ଆସୁଥିବା ଲୋକମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କେତେବେଳେ ଡାକ୍ତର ନାହାଁନ୍ତି ତ କେତେବେଳେ ରୋଗୀଙ୍କୁ ଇନ୍‌ଜେକ୍‌ସନ୍ ଦେବାକୁ ଷ୍ଟାଫ୍ ନର୍ସ୍ ନାହଁନ୍ତି । ସେହିପରି ରକ୍ତ ପରୀକ୍ଷା କେନ୍ଦ୍ର ୯ଟା ପରେ ଖୋଲୁଛି । ଏହି କାରଣରୁ ମଧୁମେହ ରୋଗୀମାନେ ସରକାରୀ ଡାକ୍ତରଖାନା ବଦଳରେ ପ୍ରାଇଭେଟ୍ କ୍ଲିନିକ୍‌ରେ ରକ୍ତ ପରୀକ୍ଷା କରୁଛନ୍ତି । ଏହି ଡାକ୍ତରଖାନାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ଆସୁଥିବା ଅନୁଦାନ ରାଶିକୁ କିଛି ଅସାଧୁ କର୍ମଚାରୀ ଚଳୁ କରି ଦେଉଛନ୍ତି । ଫଳରେ ଏଠାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ରୋଗୀ କଲ୍ୟାଣ ଓ ଡାକ୍ତରଖାନାର ବିକାଶ ବହୁଳ ଭାବେ ବାଧାପ୍ରାପ୍ତ ହେଉଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟରତ କିଛି କର୍ମଚାରୀ ରୋଗୀ କଲ୍ୟାଣ ଓ ଡାକ୍ତରଖାନା ବିକାଶ ନିମନ୍ତେ ଆସୁଥିବା ଅର୍ଥକୁ ହରିଲୁଟ୍ କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ଏଠାରେ ଦୀର୍ଘଦିନ ଧରି ଅଧିକ୍ଷକ ପଦବୀ ଫାଙ୍କା ପଡିଥିବାରୁ କିଛି ନିର୍ଦ୍ଧିଷ୍ଟ କର୍ମଚାରୀ ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଜ କବ୍‌ଜାରେ ରଖିଛନ୍ତି । ଏପରିସ୍ଥଳେ ଅର୍ଥ ହରିଲୁଟ୍ କରୁଥିବା ଉକ୍ତ କର୍ମଚାରୀଙ୍କ ବିରୋଧରେ ଭିଜିଲାନସ୍ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକମାନେ ଦାବୀ କରିଛନ୍ତି ।

### ଶ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ 'ନୃତ୍ୟବିଳାସ'

## ଓଡ଼ିଶୀ ଓ ପାରମ୍ପରିକ ଲୋକନୃତ୍ୟରେ ଦର୍ଶକ ବିଭୋର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶୀ ନୃତ୍ୟ ଗୁରୁ ନମିତା ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ନୃତ୍ୟବିଳାସ ଭଞ୍ଜ କଳା ମଣ୍ଡପରେ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶ୍ରୀ ଡ୍ୟାନ୍ସ ଏକାଡେମୀର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଓଡିଶାର ଶାସ୍ତ୍ରୀୟ ନୃତ୍ୟ ଓଡିଶୀ ତଥା ଅନ୍ୟାନ୍ୟ ପାରମ୍ପାରିକ ନୃତ୍ୟକୁ ଲୋକଲୋଚନକୁ ଆଣିବା ଏବଂ ତାହାର ପ୍ରଚାର ଓ ପ୍ରସାର କରିବା । ସନ୍ଧ୍ୟାରେ ପ୍ରଥମେ ଶ୍ରୀ ଡ୍ୟାନ୍ସ ଏକାଡେମୀର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣରେ ଶଙ୍କରାଭରଣ ପଲ୍ଲବୀ ଏବଂ ପରେ ପରେ ଚଳିତ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଲୀଳାବତୀ ପ୍ରସଙ୍ଗ । ଏହି ମୋନରମ ଦଳଗତ ନୃତ୍ୟାଭିନୟ ଓଡିଶାର ଲୋକଗଳ୍ପ ଉପରେ ଆଧାରିତ ଥିଲା । ନମିତା ରାୟଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ସଂରଚିତ ଏହି ନୃତ୍ୟାଭିନୟ ଦର୍ଶକମାନଙ୍କ ଭିତରେ ଅଦ୍ଭୁତ ଭାବାବେଗ ସୃଷ୍ଟି କରିଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଓଡିଶୀ ଅଭିନୟ ଛୋଟ ସ୍ଥାୟୀ, ମଙ୍ଗଳାଚରଣ ଓ ଶିବାଷ୍ଟକ । ପରେ ପରେ ଶ୍ରୀ ଡ୍ୟାନ୍ସ ଏକାଡେମୀ ପୁରୀର ଶିକ୍ଷାର୍ଥୀମାନେ ଓଡିଶୀ ଅଭିନୟରେ ମାନ ଉଦ୍ଧାରଣ ପ୍ରଦର୍ଶନ କରିଥିଲେ । ପରେ ସମ୍ବଲପୁରୀ, ଝୁମର ଓ ନବରଙ୍ଗପୁରର ଲୋକନୃତ୍ୟ ପର୍ଯ୍ୟାୟକ୍ରମେ ପରିବେଷଣ କରିଥିଲେ ଶ୍ରୀ ଡ୍ୟାନ୍ସ ଏକାଡେମୀର ଶିକ୍ଷାର୍ଥୀମାନେ । ଏହି ଦଳଗତ ଓଡିଶୀ ନୃତ୍ୟ ସହିତ ଲୋକନୃତ୍ୟକୁ ଦର୍ଶକ ଆଗ୍ରହ ସହକାରେ ଶେଷ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ଉପସ୍ଥିତ ରହି ଉପଭୋଗ କରିଥିଲେ । ଅନିଷ୍ଠାନର କନିଷ୍ଠରୁ ବରିଷ୍ଠ ପର୍ଯ୍ୟନ୍ତ ସମୁଦାୟ ୭୦ ଜଣ ଶିଳ୍ପୀ ଏହି ବାର୍ଷିକ ଉତ୍ସବ ନୃତ୍ୟବିଳସରେ ଅଂଶ ଗ୍ରହଣ କରିଥିଲେ । ନୃତ୍ୟ ନିର୍ଦ୍ଦେଶନାରେ ସହଯୋଗ କରିଥିଲେ ମଧୁସ୍ମିତା ମହାନ୍ତି, ଗାୟତ୍ରୀ ବେହେରା ଓ ସମ୍ଭାବୀ ନାୟକ । ସନ୍ଧ୍ୟାରେ ଅତିଥି ଭାବରେ ସଙ୍ଗୀତ ନାଟକ ଏକାଡେମିର ସଚିବ ଡକ୍ଟର ଚନ୍ଦ୍ର ଶେଖର ହୋତା, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ହରିହର ମହାନ୍ତି, ନାଲକୋର ପୂର୍ବତନ ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର, ଶ୍ରୀ ଡ୍ୟାନ୍ସ ଏକାଡେମୀର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ଶ୍ରୀ ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ନମିତା ରାୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ବିଶ୍ୱଜିତ ବଳିୟାରସିଂହ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀ ଡ୍ୟାନ୍ସ ଏକାଡେମୀର କୋଷାଧକ୍ଷ ରାଜେନ୍ଦ୍ର ନାରାୟଣ ରାୟ ।



# ଆମ କଳାହାଣ୍ଡି





# ଖୋଲୁଛି ବେଆଇନ ରେଜିଷ୍ଟ୍ରେସନ ପଛର ଗୁମର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ଜମି ଜମାର 'ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ' ବେନିୟମ ଥିଲାବେଳେ ନୂତନ ସରକାର ଏବେ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ନିୟମ ଲାଗୁ କରିବା ପ୍ରଚେଷ୍ଟା ଚଳାଇଥିବା ଜଣାପଡିଛି। ହେଲେ କଳାହାଣ୍ଡି ଜିଲ୍ଲାରେ ଥିବା ଜୟପାଟଣା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଠାରେ ଏହି ବେନିୟମ ରେଜିଷ୍ଟ୍ରେସନ ଆଇନକୁ ବହୁ ପୂର୍ବରୁ ଲାଗୁ କରାଇ ଦିଆଯାଇଥିବା ଭଳି ଏକ ଚାଞ୍ଚଲ୍ୟକର ଘଟଣା ଦେଖିବାକୁ ମିଳିଛି। ଜମିରେ ଘର ଥିବାବେଳେ ଏହାକୁ ଖାଲି ଜାଗା ଦେଖାଇ ଷଡଯନ୍ତ୍ର ରଚି ଜମି ରେଜିଷ୍ଟ୍ରେସନ କରାଯାଇଥିବା ଭଳି ଗୁରୁତର ଅଭିଯୋଗ ମାମଲା ଥାନାରେ ପହଞ୍ଚିଛି। ମିଳିଥିବା ସୂଚନାରୁ ଜଣାପଡିଛି ଯେ, କଳାହାଣ୍ଡି ଜିଲ୍ଲା ଜୟପାଟଣା ମୌଜାର ଖାତା ନଂ.୨୫୫/୫୩୩ର ପ୍ଲଟ ନଂ.୩୨୯/୩୬୧୪ରେ ଏକ ଏକର ୨୬ ଡେସିମିଲ୍ ଜାଗାରୁ ୯୦ ଡେସିମିଲ୍, ପ୍ଲଟ ନଂ ୩୩ରେ ୪ ଡେସିମିଲ୍, ପ୍ଲଟ ନଂ ୩୩୨ରେ ୬ ଡେସିମିଲ୍, ପ୍ଲଟ ନଂ ୩୨୯ରେ ୧ ଏକର ପାର୍ଟ ପ୍ଲଟ ଗତ ଫେବୃଆରୀ ୨୮ ତାରିଖ ଦିନ ରେଜିଷ୍ଟ୍ରେସନ

**ଘରଥିବା ଜାଗାକୁ ଖାଲି ଦର୍ଶାଇ ହୋଇଥିଲା ରେଜିଷ୍ଟ୍ରେସନ**

ହୋଇଛି। ଜୟପାଟଣା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଠାରେ ରଞ୍ଜନ କୁମାର ଦାସ, ମମତା ମହାନ୍ତି ଓ ବନିତା ଦାସ କୋକସରା ବାସିନ୍ଦା ବିକ୍ରମ କୁମାର ଗୁପ୍ତାଙ୍କୁ ସମୁଦାୟ ୨ ଏକର ଜାଗା ବିକ୍ରି କରିଛନ୍ତି। ପ୍ଲଟ ନଂ ୩୩୧ ର ୪ ଡେସିମିଲ୍ ଓ ପ୍ଲଟ ନଂ ୩୩୨ ର ୬ ଡେସିମିଲ୍ ଉପରେ ଆଦୌ କୌଣସି ଘର ନାହିଁ ବୋଲି ଦର୍ଶାଇ ରେଜିଷ୍ଟ୍ରେସନ କରାଯାଇଛି। ସଂପ୍ରତି ଜେସିବି ଲଗେଇ ଘର ଭାଙ୍ଗିବାକୁ ଯାଇଥିଲା ବେଳେ ଏହି ଷଡଯନ୍ତ୍ରର ପର୍ଦ୍ଦାଫାସ ହୋଇଛି ଓ ଘରଲୋକ ଏହି ଘଟଣାର ତୀବ୍ର ବିରୋଧ କରି ଜୟପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜୟପାଟଣା ଥାନାରେ କେସ୍ ନଂ୧୧୨/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ସୂଚନା ମିଳିଛି। ଗୋଟିଏ ପଟେ ବେଆଇନ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ଓ ଅନ୍ୟପଟେ ଘରଥିବା ଜାଗାକୁ ଖାଲି ଜାଗା ଥିବା ଦେଖାଇ କି ଭଳି ରେଜିଷ୍ଟ୍ରେସନ ହୋଇପାରିଲା ତାହା ଏବେ ଜରୁରୀକାଳୀନ ଭିତ୍ତିରେ ତଦନ୍ତ ସାପେକ୍ଷ ହୋଇପଡିଛି। ଅନ୍ୟପକ୍ଷରେ ଏହି ପ୍ଲଟ ଉପରେ କୋର୍ଟରେ ମାମଲା ଥିଲାବେଳେ ତରବରିଆ ଭାବେ ରେଜିଷ୍ଟ୍ରେସନ ହୋଇଥିବା ନେଇ ଜୟପାଟଣା ତହସିଲ କାର୍ଯ୍ୟାଳୟର ଭୂମିକା ଉପରେ କିଛି ବୁଦ୍ଧିଜୀବୀ ଆଙ୍ଗୁଠି ନିର୍ଦ୍ଦେଶ କରିଛନ୍ତି। ଏହି ଘଟଣା ନେଇ ଜୟପାଟଣା ତହସିଲଦାର ରଘୁନାଥ ମୁଣ୍ଡାରୀ କହିଛନ୍ତି ଯେ ସହରାଞ୍ଚଳରେ ପାର୍ଟପ୍ଲଟ ରେଜିଷ୍ଟ୍ରେସନକୁ ବନ୍ଦ କରାଯାଇଛି ମାତ୍ର ଗ୍ରାମାଞ୍ଚଳରେ ଏହି ଅସୁବିଧା ନାହିଁ। ଜୟପାଟଣା ତହସିଲ ଗ୍ରାମାଞ୍ଚଳରେ ରହିଥିବାରୁ ଏଥିରେ କୌଣସି ବାଧା ନାହିଁ। ତେବେ ଆର୍‌ଆଇଙ୍କ 'ଖାଲିଜାଗା' ରିପୋର୍ଟ ଅନୁସାରେ ଜାଗା ରେଜିଷ୍ଟ୍ରେସନ ହୋଇଛି। ଏ ଜାଗା ସଂକ୍ରାନ୍ତରେ ମାମଲା କୋର୍ଟରେ ଅଛି ବୋଲି ଆମ ପାଖରେ କୌଣସି ତଥ୍ୟ ନାହିଁ ବୋଲି ତହସିଲଦାର ଶ୍ରୀ ମୁଣ୍ଡାରୀ ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୮୯ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୫୨ ଗୋଟି ଓ ସାମୂହିକ ୩୪ ଗୋଟି ରହିଥିବା ବେଳେ ୧୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା, ମୂଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଯୁଗ୍ମ ଜନଶୁଣାଣି ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ବ୍ୟାଙ୍କ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ



ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ଧର୍ମଗଡ଼, ଧୀମାନ ଚକମା, ପ୍ରବେସନ ରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ଅନିମେଶ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ, ତହସିଲଦାର, ଚନ୍ଦନ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ପିଏଆଇଟିଡିଏ, ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ମୁଜୀବୁନ ନିଶା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଗୁଣିଗାରେଡି ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଗୁଣିଗାରେଡି ସନ୍ଦେହରେ କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଦେପୁର ଗାଁରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଯାଇଛି। ପୋଲିସ ଆଜି ଦେପୁର ଗାଁର ଏକ ପୋଖରୀରୁ ଗଣ୍ଡି ଜବତ କରିଥିବା ବେଳେ ମୁଣ୍ଡ ଖୋଜା ଜାରି ରଖିଛି। ଗତ ୧୮ତାରିଖ ଦିନ ଉକ୍ତ ଗ୍ରାମର ୨୨ବର୍ଷର ଯୁବକ ଗ୍ରାମର ୬୫ ବର୍ଷ ର ବୃଦ୍ଧା ରୂପ ସିଂ ମାଝୀଙ୍କୁ ପଞ୍ଚାୟତ ଗୃହଠାରେ ହତ୍ୟା ହୋଇଥିଲା। ପରେ ଶବକୁ କାନ୍ଧରେ ବୋହି ଗାଁ ପୋଖରୀକୁ ନେଇ ମୁଣ୍ଡ ଓ ଗଣ୍ଡି ଅଲଗା କରି ପୋଖରୀରେ ପୋତି ଫେରାର ହୋଇଯାଇଥିଲା ଯୁବକ। ମୃତକଙ୍କ ପରିବାର ଲୋକେ କଲମପୁର ଥାନାରେ ଏତଲା ଦେବାପରେ ପୋଲିସ ମାମଲା ରୁଜୁ କରି ଲିଙ୍ଗରାଜ ଉପରେ ସନ୍ଦେହ କରି ଗୋଆରୁ ଗିରଫ କରିଥିଲା। ପରେ ସେ ସତ ସ୍ୱିକାର କରି କ୍ରାଇମ ରିକ୍ରିଏସନ ସମୟରେ ଘଟଣା ସ୍ଥଳକୁ ଯାଇ ଗୋଟି ଗୋଟି କରି ସତ ଓଗାଳିଥିଲା। ଜୁନାଗଡ଼, ଜୟପାଟଣା, କଲମପୁର ଥାନା ପୋଲିସ ସମେତ ବଲାଙ୍ଗୀର ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବାହିନୀ ପୋଖରୀ ମଧ୍ୟରେ ମୃତକ ରୂପସିଂର ଗଣ୍ଡିକୁ ଉଦ୍ଧାର କରିଛି। ପୋଲିସ ଟିମ୍ ସହାୟତାରେ ମୁଣ୍ଡ ଖୋଜା ବର୍ତ୍ତମାନ ଜାରି ରହିଛି।

## ଗୁରୁଦେବ ଶ୍ରୀରାମ ଚନ୍ଦ୍ର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା : ସ୍ୱନ୍ଦନ-ସୁମିତ ଯୁଗ୍ମ ଟପ୍ପର

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡ଼ବରା ପଞ୍ଚାୟତ ଶିଶାଖାଲସ୍ଥିତ ଗୁରୁଦେବ ଶ୍ରୀରାମ ଚନ୍ଦ୍ର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ପାସ୍ ହାର ଶତ ପ୍ରତିଶତ ରହିଛି। ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଆର ସ୍ୱନ୍ଦନ ଓ ସୁମିତ କୁମ୍ଭାର ୫୦୭ ମାର୍କ ରଖି ବିଦ୍ୟାଳୟର ଯୁଗ୍ମ ଟପ୍ପର ହୋଇଛନ୍ତି। ସେହିପରି ରାହୁଲ କୁମାର ୪୮୬, ପୀୟୂଷ ବାଗ ୪୮୨, ସିମନ୍ତନୀ ଭୋଇ ୪୬୮, ଜୟନ୍ତ ଭୋଇ ୪୬୫, ପ୍ରଜ୍ଞାମୈତ୍ରୀ ନାଗ ୪୪୬, ଚେଷ୍ଟିତା ପ୍ରଜ୍ଞା ସାହୁ ୪୩୭, ଶୋଭିତ ନାଗ ୪୩୨, ନିକିତା ପଧାନ ୪୩୦ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ସଭାପତି ଦୈତାରୀ ସାହୁ, ସମ୍ପାଦକ ହେମନ୍ତ ସାହୁ, ଅଧ୍ୟକ୍ଷ ଶ୍ୟାମ କୁମାର ବାଗ, ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ସାହୁ, ଅନୁଷ୍ଠାନର ସେବକ ପୀତାମ୍ବର ସାହୁ ତଥା ଗୁରୁଦେବ ଶ୍ରୀ ରାମଚନ୍ଦ୍ର ଜୀ ମହାରାଜ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ, ରାସ୍ତାରେ ଲହଡ଼ି ମାରୁଛି ବର୍ଷା ଜଳ

ଧର୍ମଗଡ (ଭାସ୍କର ନ୍ୟୁଜ) ମାଷ୍ଟର ପ୍ଲାନ୍ ବିନା ସହରର ବିକାଶ ନକ୍ସା ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ପ୍ରତି ୨୦ ବର୍ଷରେ ଏହି ମାଷ୍ଟର ପ୍ଲାନ୍ ବା ଯୋଜନା ପ୍ରସ୍ତୁତ କରିଥାଏ ରାଜ୍ୟ ପ୍ଲାନିଂ ନିର୍ଦ୍ଦେଶାଳୟ। ହେଲେ ଦୀର୍ଘ ବର୍ଷ ପରେ ବି ଧର୍ମଗଡ ସହରରେ ମାଷ୍ଟର ପ୍ଲାନ୍ କାର୍ଯ୍ୟକାରୀ ନହେବା ସହରର ଜନଜୀବନକୁ ପ୍ରଭାବିତ କରୁଛି। ଡ୍ରେନେଜ ଅବ୍ୟବସ୍ଥା ଯୋଗୁଁ ଲୋକ ମାନେ ନାକେଦମ ହୋଇ ପଡିଛନ୍ତି। ସହରରେ ସାମାନ୍ୟ ବର୍ଷାରେ ଡ୍ରେନ୍ ପାଣି ନିଷ୍କାସନ ହୋଇ ନପାରି ବହୁ ଅଞ୍ଚଳ ଅସରାଏ ବର୍ଷାରେ ଜଳବନ୍ଦୀ ସମସ୍ୟା ଉପୁଜୁଛି। ଘର ଓ ଜନସଂଖ୍ୟା, ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବୃଦ୍ଧି ଫଳରେ ଏବେ ସହରର ଡ୍ରେନେଜ ବ୍ୟବସ୍ଥା ବି ବିଗଡ଼ି ଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥାପନ ପରେ ଦୁଇଟି ନିର୍ବାଚନ ମଧ ଲୋକେ ଦେଖିଲେଣି ହେଲେ କେବେ ଟ୍ରାଫିକ କିମ୍ବା ଡ୍ରେନେଜ





ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁ ନାହି। ଧୀରେ ଧୀରେ ସହରର ବିଭିନ୍ନ ପାର୍ଶ୍ୱରେ ୨୦ରୁ ଅଧିକ ନୂଆ ନୂଆ ବସ୍ତି ମଧ୍ୟ ଗଢ଼ିଉଠିଛି। ତେବେ ସହର ଗଠନ ମୂଳରେ ମାଷ୍ଟର ପ୍ଲାନ ଅଭାବ ଯୋଗୁଁ ଜଳ ନିଷ୍କାସନ ଏବେ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଆଗାମୀ ଦିନରେ ଧର୍ମଗଡ ସହର ଏକ ଜିଲ୍ଲା ମାନ୍ୟତା ପାଇବା ସମ୍ଭାବନା ଢେର ରହିଛି। ଏବେଠୁ ସହର ମାଷ୍ଟର ପ୍ଲାନ କଳ୍ପନା କରା ନ ଗଲେ ଆଗକୁ ସହରବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବା ବିଷୟକୁ ଏଡାଇ ଦିଆ ଯାଇନପାରେ। ମାଷ୍ଟର ପ୍ଲାନ୍ ପାଇଁ ଜିପିଆର୍‌ଏସ୍ ଓ ଜିଓ ଇନଫରମେଟିକ ସିଷ୍ଟମରେ ସର୍ଭେ କରି ସ୍ଥାୟୀ ମାଷ୍ଟର ପ୍ଲାନ କରିବା ନିୟମ ଥିଲେ ବି ଏବେ ଯାଏ କରାଯାଇ ନାହି। ଫଳରେ ବର୍ଷା ହେଲେ ଲୋକଙ୍କ ସମସ୍ୟା ବଢି ଯାଉଛି। ଅସରାଏ ବର୍ଷା ହେଲେ ଜାତୀୟ ରାଜପଥରେ ବର୍ଷା ପାଣି ଲହଡ଼ି ଭାଙ୍ଗିବା ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଓ ବାସଗୃହକୁ ବର୍ଷା ପାଣି ପଶିଯାଇ କ୍ଷୟ କ୍ଷତି ହେବା ନଜର ରହିଛି। ଗତ ୨୦୨୨ରେ ଧର୍ମଗଡର ମାଷ୍ଟର ପ୍ଲାନ କରିବାକୁ ଭୁବନେଶ୍ୱରରୁ ଏକ ଆର୍କିଟେକ ଟିମ ଆସି ସହରର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ। ହେଲେ ଆଜି ଯାଏ ମାଷ୍ଟର ପ୍ଲାନିଂ ହୋଇ ପାରି ନାହିଁ। ସହରର ବିକାଶ ନକ୍ସା ପରିକଳ୍ପନା କରିବାକୁ ହେଲେ ନିହାତି ଭାବେ ମାଷ୍ଟର ପ୍ଲାନିଂର ଆବଶ୍ୟକ ଥିବା ସାଧାରଣ ରେ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଏ। ଏ ଦିଗ ପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସହରବାସୀଙ୍କ ଦାବି ହୁଏ।

# ରାଣୀ ଅହଲ୍ୟବାଇ ହୋଲକରଙ୍କ ଜୟନ୍ତୀ ପାଳିତ



ଜୁନାଗଡ଼, ( ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର୍ ସ୍ଥିତ ଟାଉନ୍ ହଲ୍ ଠାରେ ରାଣୀ ଅହଲ୍ୟା ବାଇ ହୋଲକରଙ୍କ ୩୦୦ ତମ ଜନ୍ମ ଜୟନ୍ତୀ କଳାହାଣ୍ଡି ଜିଲ୍ଲା ବିଜେପି ପକ୍ଷରୁ ପାଳିତ ହୋଇଯାଇଛି। ବିଜେପିର ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ୍ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଧର୍ମଗଡ ବିଧାୟକ୍ ସୁଧୀର ପାଟଯୋଷୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଭବେନ୍ଦ୍ର ପଣ୍ଡା ଯୋଗଦେଇଥିବା ବେଳେ ଅନ୍ୟ ମାନଙ୍କ୍ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଯୁଗଳ ପୋଢ଼ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ବିଜେପି ବିଧାୟକ ପାର୍ଥ ମନୋଜ ମେହେର, ଜୁନାଗଡ଼ର ପୂର୍ବତନ ନଗର ପାଳ ମୁକେଶ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ତୁଲସୀ ପାଲି ସରପଞ୍ଚ ଦିବ୍ୟ ଦୀପ, ବରିଷ୍ଠ ସଦସ୍ୟ ହିମାଂଶୁ ବରାଡ଼, ଅଜୟ ପାଣିଗ୍ରାହୀ, ଅଂଶୁମାନ ଯୋଶୀ, ଟଙ୍କଧର ନାଏକ, ବିକ୍ରାନ୍ତ ପଟ୍ଟନାୟକ, ରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏହି ଜନ୍ମ ଜୟନ୍ତୀରେ ବିଜେପିର ବହୁ ସଦସ୍ୟ ଯୋଗ ଦେଇଥିଲେ।

# ମଣ୍ଡିରେ ପଡ଼ିଛି ୨୬୬କ୍ୟୁଣ୍ଟାଲ ଧାନ: ବର୍ଷା ଆଶଙ୍କାରେ ଚିନ୍ତାରେ ଚାଷୀ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଜିଲ୍ଲାରେ ରବି ଧାନ କ୍ରୟ ପାଇଁ ବିଭିନ୍ନ ସ୍ଥାନରେ ମଣ୍ଡି ଆରମ୍ଭ ହୋଇଛି। ଗତ ୨୦ତାରିଖ ଦିନ ଧର୍ମଗଡ ବ୍ଲକ ପର୍ଲା ସ୍ଥିତ ଧାନ ମଣ୍ଡିର ବିଧିବଦ୍ଧ ଭାବେ ଶୁଭ ଉଦ୍‌ଘାଟନ ହୋଇଯାଇଛି। ମୋଟ ୪୫୬ ଜଣ ଚାଷୀଙ୍କ ପଞ୍ଜିକୃତ ହୋଇଛି। ସେଥିମଧ୍ୟରୁ ବୋଢ଼େନ ପଞ୍ଚାୟତ ଅଇଲାଜୋରର ୫୨ଚାଷୀ ରହିଥିବା ବେଳେ ଛିଲିପା ପଂଚାୟତ ରାଜମଟେର ଗ୍ରାମର ୮୭ଜଣ, ବଡ଼ ଘୁମର -୧୬୬ଜଣ, ପର୍ଲା -୨୬ଜଣ ଗୋଡ଼ିଆଯୋର ଆମ୍ବଗୁଡା-୧୦୯ଜଣ ଓ ଛନ୍‌ଜାଣବାହେଲି ପଞ୍ଚାୟତର ୧୬ଜଣ ଚାଷୀଙ୍କ ପଞ୍ଜିକୃତ ହୋଇଥିବା ଜଣାପଡିଛି। ପର୍ଲା ମଣ୍ଡି ପାଇଁ ସରକାର ପ୍ରଥମ ପର୍ଯ୍ୟାୟରେ ୧୫,୫୦୦କୁଇଣ୍ଟାଲ ଧାନ କ୍ରୟ ଟାର୍ଗେଟ ରଖିଛନ୍ତି। ଏଥିପାଇଁ ଟି ମିଲର୍ସକୁ ମୁତୟନ କରାଯାଇଛି। ମିଲର୍ସଙ୍କ ମଧ୍ୟରେ ଭଣ୍ଡାର ଘରୁଆଣି ପ୍ରଥମ ପର୍ଯ୍ୟାୟରେ ୩ହଜାର କୁଇଣ୍ଟାଲ ଟାର୍ଗେଟ ଥିବା ବେଳେ



ଗୋପାଳ ଏଗ୍ରୋ -୩୧୦୦, ଜଗଦମ୍ବା ଏଗ୍ରୋ-୩୦୦୦,ଏସ୍‌କେଏସ-୧୦୦୦, ସମଲେଶ୍ୱରୀ ୩୪୦୦ ଓ ଜିନ ମାତା ମିଲର୍ସକୁ ୨ହଜାର କୁଇଣ୍ଟାଲର ଟାର୍ଗେଟ ଥିବା ଜଣାପଡିଛି। ବର୍ତ୍ତମାନ ୪ଜଣ ଚାଷୀଙ୍କ ୨୬୬କୁଇଣ୍ଟାଲ ଧାନ ମଣ୍ଡିରେ ପଡିଛି। ରାଜମଟେରର ଜଣେ ଚାଷୀ, ଆମ୍ବଗୁଡା ୨ଜଣ ଓ ପର୍ଲା ଜଣେ ଚାଷୀଙ୍କ ଧାନ ବର୍ତ୍ତମାନ ମଣ୍ଡିରେ ପଡିଥିବା ବେଳେ ଆଜି ଧାନ ଉଠିବା ସମ୍ଭାବନା ଥିବା ଫ୍ୟାକ୍ ପରିଚାଳକ ସୂଚନା ଦେଇଛନ୍ତି। ଚଳିତ ରବି ଚାଷ ଧାନ କ୍ରୟ ସୁରୁଖୁରୁରେ ପରିଚାଳନା ହେବା ଆଶା ବାନ୍ଧିଥିବା ଫ୍ୟାକ୍ କର୍ତ୍ତୃପକ୍ଷ ହେମନ୍ତ କୁମାର ନାଏକ ପ୍ରକାଶ କରିଛନ୍ତି। ମଣ୍ଡି ପରିଚାଳନା ରେ ଧବଳେଶ୍ୱର ସୁନାନୀ, ନୋଡାଲ ଅଫିସର -ସୁଷମା ନାଏକ, ପେଡି ଏନାଲିସର ଆକାଶ କୁମାର ପଣ୍ଡା, ବିରେନ ବୋଡ଼କିଆ, କୃଷ୍ଣଚନ୍ଦ୍ର ଗୋପାଳ ପ୍ରମୁଖ ନିୟୋଜିତ ହୋଇଛନ୍ତି।


# ଜିଲ୍ଲାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଶିକ୍ଷାବିଭାଗ, ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ, ମୁଣ୍ଡୁରାଗୁଡ଼ା ଓ ରୋଟାରୀ କ୍ଲବ୍ ଭବାନୀପାଟଣାଙ୍କ ମିଳିତ ସହଯୋଗରେ ଜିଲ୍ଲାରେ ଚଳିତ ଶିକ୍ଷାବର୍ଷରେ ସିବିଏସଇ, ଆଇସିଏସଇ ଓ ସିଏଚ୍‌ଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର କୃତି ଛାତ୍ରଛାତ୍ରୀଙ୍କ ' ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୫' ସ୍ଥାନୀୟ ଟାଉନ ହଲ ଠାରେ ୨୭ତାରିଖ ମଙ୍ଗଳବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ରୋଟାରି କ୍ଲବ୍ ଅଧ୍ୟକ୍ଷ ଜୟରାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମାଆ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ,ସରକାରୀ ପଲିଟେକନିକ୍ ଭବାନୀପାଟଣା ଅଧ୍ୟକ୍ଷ ଅମୂଲ୍ୟ କୁମାର ପଣ୍ଡା, ସହକାରୀ କମିଶନର, ଜିଏସଟି, ସ୍ମୃତିରେଖା ବାଗ, ଶିକ୍ଷାବିତ୍ ଡ.ଉମେଶ କୁମାର ଶତପଥୀ, ସମାଜସେବୀ ଚିନ୍ମୟ ବେହେରା, ଓ ସଂଗଠନ ସଭାପତି ଗିରିଜା ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ମିଳିତ ସହଯୋଗରେ ଏଭଳି ଆୟୋଜନକୁ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ବୋଲି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମକୁ କବି ବିରଞ୍ଚି ନାରାୟଣ ମୁଣ୍ଡ ସଂଯୋଜନା କରିଥିଲେ ଓ ସମାଜସ୍ୱେୀ ହେମନ୍ତ କୁମାର ମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା କଳାହାଣ୍ଡି ଜିଲ୍ଲାର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ ନର୍ଲା, କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ପ୍ରଗତି ଶିକ୍ଷା ଅନୁଷ୍ଠାନ, ବିମଳା କନଭେଣ୍ଟ, ବିକାଶ ଶିକ୍ଷାନୁଷ୍ଠାନ ତଥା ଜିଲ୍ଲାର ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ପ୍ରଗତି ଶିକ୍ଷା ଅନୁଷ୍ଠାନର ସମ୍ପାଦକ ଅଜୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ଷ୍ଟେଟବ୍ୟାଙ୍କ, ମୁଖ୍ୟ ଶାଖା ଭବାନୀପାଟଣା, ବ୍ୟାଙ୍କ୍ ଅଫ ଇଣ୍ଡିଆ, ବନ୍ଧନ ବ୍ୟାଙ୍କ୍, ଲକ୍ଷ୍ମୀ ପ୍ରିୟା ଜ୍ୱେଲରସ୍ କୃତୀ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ପୁରସ୍କାର ଯୋଗାଇ ଦେଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଡିପିଇଓ ରୂପ ସିଂ ରାଉତ, ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା, ମୋହନ ଚରଣ ବିଶି, ଶିକ୍ଷକ ସୋମନାଥ ସାହୁ, ବିରେନ୍ଦ୍ର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ, ଯୁବ ସଂଗଠକ ଲଳିତ କୁମାର ବିଶି, ବେଦ ପ୍ରକାଶ ପଣ୍ଡା ଓ ଦୁଷ୍ମନ୍ତ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ, କୃତୀ ଛାତ୍ରଛାତ୍ରୀଙ୍କ ଅଭିଭାବକ, ବହୁ ଶିକ୍ଷାପ୍ରେମୀ, ବୁଦ୍ଧିଜୀବୀ , ସ୍ୱେଚ୍ଛାସେବୀ ତଥା ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




## ରାଶିଫଳ


ଗୁରୁବାର, ୨୯ ମଇ ୨୦୨୫



**ମେଷ:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। କାର୍ଯ୍ୟ ସହିତ କଠିନ ପରିଶ୍ରମ ପରେ ଭଲ ଫଳାଫଳ ହାସଲ ହେବ।




**ବୃଷ:** ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ। ଅଧ୍ୟୟନରେ ଅସୁବିଧା ହେବ।



**ମିଥୁନ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ।



**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ । ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ।




**କନ୍ୟା:** ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ।



**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ। ଭାଗ୍ୟ ଉପରେ ନିର୍ଭର କର ନାହିଁ।




**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।




**ମକର:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ, ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ। ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ।



**ମୀନ:** ଆୟ ସ୍ୱାଭାବିକ ହେବ। ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ। ପ୍ରେମ ଜୀବନ ଶକ୍ତିଶାଳୀ ହେବ।



ଶ୍ରୀ ଗଣେଶ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯